ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 22/2025 | Page 14 | ₹ 7.00
୫୧ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 237 | ମୂଲ୍ୟ ₹୭/-



**ପଦାର୍ପଣରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହେଲେ ଓଓ୍ୱେନ**
ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟି୨୦ରେ ଅନ୍ତର୍ଜାତୀୟ ପଦାର୍ପଣ କରି ପ୍ଲେୟର ଅଫ୍ ମ୍ୟାଚ୍ ହୋଇଛନ୍ତି ଅଷ୍ଟ୍ରେଲିଆର ମିଚେଲ ଓଓ୍ୱେନ। **୧୪**

**୦୨** **୧୦୦ କୋଟି କ୍ଲବ୍‌ରେ 'ସୈୟାରା'**
ରିଲିଜ୍ ହେବାର ୩ ଦିନ ମଧ୍ୟରେ ନବାଗତ ଅହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ ଅଭିନୀତ 'ସୈୟାରା' ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି।





ଟିଏମ୍‌ସି ସମର୍ଥକମାନେ ସୋମବାର ଦଳର ଶହୀଦ ଦିବସ ପାଳନ ଅବସରରେ କୋଲକାତାର ହାଓ୍ୱଡ଼ା ବ୍ରିଜ୍ ନିକଟ ଦେଇ ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଉଛନ୍ତି।

# ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର

## ଯାଜପୁରରେ ୨ କୋଚ୍‌ଙ୍କ ଜଘନ୍ୟକାଣ୍ଡ

**ରାଜ୍ୟରେ ଗୁରୁଶିଷ୍ୟ ପରମ୍ପରାକୁ କଳୁଷିତ କରିଦେବା ଭଳି ଆଉ ଏକ ଘଟଣା ଘଟିଛି ଯାଜପୁର ସହରରେ। ହକି ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକା (୧୫)ଙ୍କୁ ତାଙ୍କର ୨ କୋଚ୍‌ଙ୍କ ସମେତ ୩ଜଣ ଗଣବଳାତ୍କାର କରିଛନ୍ତି। ଅଭିଯୁକ୍ତମାନଙ୍କ ଧମକ ଏବଂ ଲୋକଲଜ୍ଜା ଭୟରେ ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଥିବା ପୀଡ଼ିତା ଘଟଣାର ୧୭ ଦିନ ପରେ ରବିବାର ରାତି ୧୧ଟାରେ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନ ପାଇ ଆତ୍ମାହୁତି ଦେବା ଘଟଣା ସାରା ଦେଶରେ ଚହଳ ପକାଇଛି। ଏ ଘଟଣାରେ ସରକାରୀ ଉଦାସୀନତା ଅଭିଯୋଗ ଆଣି ବିରୋଧୀ ସରକାରଙ୍କୁ ଘେରିଚାଲିଛନ୍ତି। ଏଭଳିସ୍ଥଳେ ଯାଜପୁରରେ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀ କୋଚ୍‌ମାନଙ୍କ ଦ୍ୱାରା ଗଣବଳାତ୍କାର ଶିକାର ହୋଇଛନ୍ତି। ଏସବୁ ଘଟଣାରୁ ଶିକ୍ଷାନୁଷ୍ଠାନ ଏବଂ ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରୀଙ୍କ ପାଇଁ ସୁରକ୍ଷିତ ପରିବେଶ ନ ଥିବା ସ୍ପଷ୍ଟ ହେଉଛି।**

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହର ମାନସାପୋଲ ନିକଟରେ ରହୁଥିବା ଜଣେ ନାବାଳିକା ହକି ଖେଳାଳିଙ୍କୁ ୨ ଜଣ କୋଚ୍ ଓ ସେମାନଙ୍କ ଜଣେ ସହଯୋଗୀ ଉପହାର ଦେବା ବାହାନାରେ ଏକ ହୋଟେଲକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ନାବାଳିକା ଜଣକ ରବିବାର ରାତି ୧୧ଟାରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବିଏନ୍‌ଏସ୍ ଦଫା ୭୦(୨), ୩୫୧(୨), ୭୪, ୩(୫) ଏବଂ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆକ୍ଟ-୨୦୧୨ ଅନୁଯାୟୀ ଏକ ମାମଲା(ନଂ. ୩୪୧/୨୦୨୫) ରୁଜୁ ହୋଇଛି। ସୋମବାର ଯାଜପୁର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାରେ ୪ ଜଣଙ୍କୁ ପୋଲିସ ଅଟକ ରଖିଥିବାବେଳେ ଅନ୍ୟ ଜଣେ ଫେରାର ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ ପୀଡ଼ିତା ଗତ ୭ ବର୍ଷ ହେଲା ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଥିଲେ। ☞ପୃଷ୍ଠା-୪

## ଜଗତ୍‌ସିଂହପୁରରେ ଯୁବତୀଙ୍କୁ ଗଣବଳାତ୍କାର

**ସାଙ୍ଗ ଜନ୍ମଦିନରେ ଯୋଗଦେବାକୁ ଯାଉଥିଲେ ପୀଡ଼ିତା**


ବାଲିକୁଦା,୨୧।୭(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ସଦର ଥାନା ଅଞ୍ଚଳରେ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ସୋମବାର ରାତିରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଯୁବତୀ ଜଣକ ଘରୁ ଚାଲିଚାଲି ସାଙ୍ଗ ଜନ୍ମଦିନରେ ଯୋଗଦେବାକୁ ଯାଉଥିବାବେଳେ ବାଟରେ ୩ ଜଣ ଯୁବକ ତାଙ୍କୁ ଏକ ବଣ ଭିତରକୁ ଉଠେଇ ନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ବାପା ସଦର ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ସହଯୋଗ କରିଥିବା ଅନ୍ୟ ଜଣେ ଯୁବତୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଉପରାଷ୍ଟ୍ରପତିଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୧।୭

ଉପରାଷ୍ଟ୍ରପତି ଜଗଦୀପ ଧନକର ସୋମବାର ରାତିରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ଧନକର ସ୍ୱାସ୍ଥ୍ୟଗତ କାରଣରୁ ପଦ ଛାଡ଼ିଥିବା ଦର୍ଶାଇଛନ୍ତି। ଧନକର ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟଗତ କାରଣରୁ ଓ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସମ୍ବିଧାନ ଅନୁଚ୍ଛେଦ ୬୭(ଏ) ଅନୁସାରେ ଭାରତର ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଛନ୍ତି। ୨୦୨୨ ଅଗଷ୍ଟ ୧୧ରେ ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧନକରଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ଶେଷ ହୋଇଥାନ୍ତା। ତେବେ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରିବା ପରେ ସେ ହଠାତ୍ କାହିଁକି ଇସ୍ତଫା ଦେଲେ ସେନେଇ କିଛି ଜଣାପଡ଼ିନାହିଁ। (ଅଧିକ ରିପୋର୍ଟ: ପୃଷ୍ଠା-୨)



ଜଗଦୀପ ଧନକର

## ଇଡି ସବୁ ସୀମା ଟପୁଛି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୧।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଟପୁଛି ବୋଲି ସୋମବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ତଦନ୍ତ ବେଳେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲମାନଙ୍କୁ ଇଡି ସମନ୍ କରୁଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ଗମ୍ଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି କହିଛନ୍ତି।

ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦତାର ଓ ପ୍ରତାପ ବେଣୁଗୋପାଳଙ୍କୁ ଇଡି ପକ୍ଷରୁ ସମନ କରାଯିବା ପରେ ଲିଗାଲ ପ୍ରଫେଶନର ସ୍ୱାଧୀନତା ଉପରେ ଏପରି କାର୍ଯ୍ୟାନୁଷ୍ଠାନର ପ୍ରଭାବ ସମ୍ପର୍କରେ ସୁପ୍ରିମକୋର୍ଟ ନିଜ ଆଡୁ ଏକ ମାମଲାର ଶୁଣାଣି କରୁଛନ୍ତି। ସିଜେଆଇ ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ଜଣେ ଆଇନଜୀବୀ ଓ ତାଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଏହା ଇତିହାସ ନୁହେଁ**


# ଥାନାରେ ବିଷ ପିଇଲେ ଯୁବତୀ

- **କୋହଳ ଦଫା ଲଗାଇ ପ୍ରେମିକଙ୍କୁ ପୋଲିସ ଖସାଇବାର ପ୍ରତିବାଦ**
- **ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ପ୍ରତାରଣା**

ନୟାଗଡ଼,୨୧।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଇଟାମାଟି ଥାନାରେ ସୋମବାର ପୂର୍ବାହ୍ନରେ ନ୍ୟାୟ ନ ମିଳିବାରୁ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରି ଜେଲ ଯାଇଥିବା ପ୍ରେମିକଙ୍କୁ ଜାମିନ ମିଳିଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇଥିବାରୁ ତାଙ୍କୁ ଜାମିନ ମିଳିଥିବା ଅଭିଯୋଗ କରି ଯୁବତୀ ଜଣକ ତାହାର ପ୍ରତିବାଦରେ ଥାନାରେ ବିଷ ପିଇ ଦେଇଛନ୍ତି। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପରିବାର ପକ୍ଷରୁ ଭୁବନେଶ୍ୱର ରେଫର କରିବାକୁ କୁହାଯାଉଥିବାବେଳେ ପୀଡିତାଙ୍କ ଅବସ୍ଥା ନିୟନ୍ତ୍ରଣାଧୀନ ରହିଥିବା ଡାକ୍ତର କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁ ପହଞ୍ଚି ମାଜିଷ୍ଟ୍ରେଟ ଭାବେ ଯୁବତୀଙ୍କ ବୟାନ ରେକର୍ଡ କରିଛନ୍ତି।

ଅଭିଯୋଗ ଅନୁସାରେ, ଇଟାମାଟି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଶରଧାପୁର ଗାଁର ସିଆର୍‌ପିଏଫ୍ ସିପାହି ଚାକିରି କରିଥିବା ଆଲୋକ ସ୍ୱାଇଁ ଭଲ ପାଇଥିଲେ। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଆଲୋକ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ରାଜି ହୋଇ ନ ଥିଲେ। ବାରମ୍ବାର ବୁଝାଇବା ପରେ ଅସଫଳ ହେବାରୁ ଗତ ଫେବୃଆରୀରେ ଇଟାମାଟି ଥାନାରେ ଯୁବତୀ ଜଣକ ଅଭିଯୋଗ କରିଥିଲେ। ପୋଲିସ ବିଏନ୍‌ଏସ୍ ଦଫା ୬୯ ଏବଂ ୩୫୧(୨) ଅନୁଯାୟୀ ମାମଲା (୪୨/୨୦୨୫) ରୁଜୁକରି ଆଲୋକଙ୍କୁ କୋର୍ଟ ଚାଲାଣ କରିଥିଲା। ଇତିମଧ୍ୟରେ ଆଲୋକ ଜାମିନରେ ମୁକୁଳିଥିବାବେଳେ ତାଙ୍କ ପରିବାର ପକ୍ଷରୁ ପୀଡ଼ିତାଙ୍କ ପରିବାର ଉପରେ ନିର୍ଯାତନା ବଢ଼ିଯାଇଥିଲା। ରବିବାର ଆଲୋକ ଓ ପୀଡ଼ିତାଙ୍କ ପରିବାର ମଧ୍ୟରେ ବିବାହ ପ୍ରସଙ୍ଗକୁ ନେଇ ଗଣ୍ଡଗୋଳ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ସୋମବାର ପୋଲିସ ପୀଡ଼ିତାଙ୍କୁ ଥାନାକୁ ଡକାଇ ☞ପୃଷ୍ଠା-୪




# ସ୍କୁଲ ଉପରେ ଖସିପଡ଼ିଲା ପ୍ରଶିକ୍ଷଣ ବିମାନ

## ବାଂଲାଦେଶ: ଦୁର୍ଘଟଣାରେ ୨୦ ମୃତ, ୧୭୧ ଆହତ

ଢାକା,୨୧।୭

ବାଂଲାଦେଶ ବାୟୁସେନାର ଏଫ୍-୭ ବିଜିଆଇ ପ୍ରଶିକ୍ଷଣ ବିମାନ ସୋମବାର ସ୍ଥାନୀୟ ସମୟ ଦ୍ୱିପହର ୧.୩୦ ସମୟରେ ଉତ୍ତର ଢାକାର ଦିଆବାରି ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସ୍ଥାନୀୟ ମାଇଲଷ୍ଟୋନ ସ୍କୁଲ ଆଣ୍ଡ କଲେଜ କ୍ୟାମ୍ପସର ୪ ମହଲା କୋଠାରେ ବିମାନଟି ଖସିପଡ଼ିଛି, ଫଳରେ ସ୍କୁଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭୧ ଜଣ ଆହତ ହୋଇଛନ୍ତି। ଏହି ପ୍ଲେନ୍ କ୍ରାଶର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସ୍କୁଲ ଛାତ୍ରୀଛାତ୍ରମାନେ ଜୀବନ ବିକଳରେ ଏଣେତେଣେ ଦୌଡୁଥିବାର ଦେଖିବାକୁ ମିଳିଛି।

ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏଫ୍-୭ ଟ୍ରେନର ବିମାନ ସୋମବାର ଦ୍ୱିପହର ୧.୦୬ରେ ଉଡ଼ାଣ ଆରମ୍ଭ କରିଥିଲା। ଏହାର ୨୪ ମିନିଟ୍ ପରେ ଏହା କ୍ରାଶ ହୋଇଯାଇଥିଲା। ତେବେ ଦୁର୍ଘଟଣାର କାରଣ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏଫ୍-୭ ଏକ ଚାଇନିଜ୍ ବିମାନ ହୋଇଥିବା ନେଇ ଢାକାସ୍ଥିତ ହାଜରତ ଶାହଜଲାଲ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ଜଣେ ବରିଷ୍ଠ ଅଧିକାରୀ ☞ପୃଷ୍ଠା-୪



ମାଇଲଷ୍ଟୋନ ସ୍କୁଲର କ୍ୟାମ୍ପସ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଧନକର: ଇସ୍ତଫା ନା ବିଦା

**ଭି.ଭି. ଗିରି ଏବଂ ଆର୍. ଭେଙ୍କଟରମଣଙ୍କ ପରେ ଜଗଦୀପ ଧନକର ତୃତୀୟ ଉପରାଷ୍ଟ୍ରପତି, ଯିଏକି ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ଦେଇଛନ୍ତି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭରୁ ଧନକରଙ୍କ ଅଚାନକ ଇସ୍ତଫା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଉପରାଷ୍ଟ୍ରପତି ରାଜ୍ୟ ସଭା ଅଧ୍ୟକ୍ଷ ହୋଇଥିବାରୁ ଗୃହରେ ଧନକରଙ୍କ ଆସନରେ ଶାସକ ମେଣ୍ଟ କାହାକୁ ବସାଇବାକୁ ଯାଉଛି, ତା'ଉପରେ ସମସ୍ତଙ୍କ ନଜର ରହିଛି।**

ନୂଆଦିଲ୍ଲୀ,୨୧।୭

ବରିଷ୍ଠ ନେତାମାନଙ୍କ ସ୍ୱାଭାବିକ ଅବସର ବୟସ ୭୫ ବର୍ଷ ହେବା ଉଚିତ ବୋଲି ଜୁଲାଇ ୯ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଥିଲେ। ମହାରାଷ୍ଟ୍ରର ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତକରି ସେ ଦେଇଥିବା ଏହି ମନ୍ତବ୍ୟକୁନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ୨୦୨୫ ସେପ୍ଟେମ୍ବରରେ ଭାଗବତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୫ ବର୍ଷ ପୂରିବାକୁ ଯାଉଛି। ମୋଦି ୨ ମାସ ମଧ୍ୟରେ ୭୫ ବର୍ଷରେ ପଦାର୍ପଣ କରିବାକୁ ଥିବାରୁ ଭାଗବତ ତାଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେଇଥିବା କଂଗ୍ରେସ ଓ ଶିବସେନା ୟୁବିଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅନୁମାନ ଲଗାଇଲେ। ସେହି ୯ ତାରିଖ ରାତିରେ ଅହମଦାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ନିଜ ଅବସର ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଶାହା କହିଥିଲେ, ରାଜନୀତିରୁ ସନ୍ନ୍ୟାସ ନେବା ପରେ ସେ ଗୁଜରାଟ ଯାଇ ନିଜ ସମ୍ପୂର୍ଣ୍ଣ ଜୀବନ ବେଦ, ଉପନିଷଦ ଓ ନାଚୁରାଲ ଫାର୍ମିଂ (ପ୍ରାକୃତିକ ଉପାୟରେ କୃଷି) କ୍ଷେତ୍ରରେ ଉତ୍ସର୍ଗ କରିଦେବେ। ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି କୃଷିରୁ ଉତ୍ପାଦନ ବୃଦ୍ଧି ଓ ରୋଗମୁକ୍ତ ଜୀବନ ଭଳି ଅନେକ ଲାଭ ମିଳିଥାଏ। ଏହାର ଦିନକ ପରେ ଅର୍ଥାତ୍ ଜୁଲାଇ ୧୦ରେ ଉପରାଷ୍ଟ୍ରପତି ଜଗଦୀପ ଧନକର ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ସବୁକିଛି ଠିକ୍‌ଠାକ୍ ଚାଲିଲେ ସେ ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇସାରିବା ପରେ ୨୦୨୭ ଅଗଷ୍ଟ ୧୦ରେ ଅବସର ନେବେ। ନିଜକୁ ଜଣେ 'କୃଷକ ପୁତ୍ର' ଭାବେ ଅଭିହିତ କରି ଅନେକ ସମୟରେ ଚାଷୀମାନଙ୍କ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଆସିଥିବା ଧନକର ଏଭଳି ମନ୍ତବ୍ୟ ଦେବା ପରେ ସେ ମଧ୍ୟ ପରବର୍ତ୍ତୀ ଜୀବନକାଳରେ ଚାଷକାର୍ଯ୍ୟରେ ମନୋନିବେଶ କରିପାରନ୍ତି ବୋଲି ଅନେକେ ଧରିନେଇଥିଲେ। ତେବେ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନ ସୋମବାର ଧନକର ରାଜ୍ୟ ସଭାକୁ ଯାଇ ସଭାକାର୍ଯ୍ୟ ତୁଲାଇଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ଧନକର ଉଚ୍ଚ ସଦନରେ ଦିନସାରା ରହିବା ଭିତରେ ଅବସର ସମ୍ପର୍କରେ ଘୋଷଣା କରିପାରି ଥାଆନ୍ତେ। କିନ୍ତୁ ଦୀର୍ଘ ସମୟ କାର୍ଯ୍ୟ ତୁଲାଇବା ପରେ ମଧ୍ୟ ସେ ସେପରି କରି ନ ଥିଲେ। ପାର୍ଲାମେଣ୍ଟରୁ ନିଜ ସରକାରୀ ବାସଭବନକୁ ଯିବା ପରେ ରାତିରେ ହଠାତ୍ ନିଜ 'X' ହ୍ୟାଣ୍ଡଲରେ ସେ ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଥିବା ଘୋଷଣା କଲେ। ଏଥିସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରକୁ ସୋସିଆଲ ମିଡିଆରେ ଶେୟାର କଲେ। ଅର୍ଥାତ୍ ଧନକର ସୋମବାର ରାତିରେ ହିଁ ଇସ୍ତଫା ଦେବେ ବୋଲି ଦିନବେଳା ତାଙ୍କ ମନରେ ନ ଥିଲା କିମ୍ବା ଏ ସମ୍ପର୍କରେ ସେ ଆଦୌ ଅବଗତ ନ ଥିଲେ। ଘରକୁ ଯିବା ପରେ କୌଣସି ଆଡୁ ତାଙ୍କ ଉପରେ ପଦ ଛାଡ଼ିବାକୁ ଚାପ ପଡ଼ିଥାଇପାରେ ବୋଲି ଦିଲ୍ଲୀ ମହଲରେ କୌତୂହଳର ସହ ଚିନ୍ତା କରାଯାଉଛି। ଏହା ପୂର୍ବରୁ ଭାଜପା ଲାଲକୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀଙ୍କ ଭଳି ବରିଷ୍ଠ ନେତାଙ୍କୁ ୭୫ ବର୍ଷ ବୟସରେ ଅଣାନୁଷ୍ଠାନିକ ଭାବେ ଅବସର ଦେଇଥିଲା। ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ଏହି ବରିଷ୍ଠ ନେତାମାନଙ୍କୁ ମାର୍ଗଦର୍ଶକ ମଣ୍ଡଳକୁ ହଟାଇ ଦିଆଯାଇଥିଲା। ତେଣୁ ଭାଗବତ ଓ ଶାହାଙ୍କ ମନ୍ତବ୍ୟ ପରେ ୭୪ ବର୍ଷୀୟ ଧନକରଙ୍କୁ ବିଦା କରାଯାଇଥାଇପାରେ ଏବଂ ହଠାତ୍ କୌଣସି ଆଡୁ ଚାପର ବଶବର୍ତ୍ତୀ ହୋଇ ପଦତ୍ୟାଗ କରିବାକୁ ବାଧ ହୋଇଥାଇପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ଅନୁମାନ କଲେଣି।

୧୯୫୧ ମେ' ୧୮ରେ ରାଜସ୍ଥାନର ଝୁନ୍‌ଝୁନ୍‌ୱାଲା ଜିଲା କିଥାନା ଗ୍ରାମର ଏକ ଜାଟ୍ ପରିବାରରେ ଜନ୍ମିତ ଧନକର ପେସାରେ ଜଣେ ଆଇନଜୀବୀ। ଜନତା ଦଳରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ। ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଝୁନ୍‌ଝୁନ୍‌ୱାଲା ସଂସଦୀୟ ଆସନରୁ ସେ ଲୋକ ସଭାରେ ପ୍ରତିନିଧିତ୍ୱ କରିଥିଲେ। ଧନକର ୧୯୯୧ରେ କଂଗ୍ରେସ ଓ ୨୦୦୩ରେ ଭାଜପାରେ ଯୋଗଦେଇଥିଲେ। ୨୦୧୯ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ରୂପେ ନିଯୁକ୍ତ କରିଥିଲେ। ରାଜ୍ୟପାଳ ହେବା ପରେ ଧନକର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଅନେକ ପ୍ରସଙ୍ଗରେ ମୁହାଁମୁହିଁ ହୋଇ ବିବାଦୀୟ ହୋଇଥିଲେ। ସେତେବେଳେ ତାଙ୍କ ଆଚରଣ ଏପରି ଥିଲା ଯେ, ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଧନକରଙ୍କୁ 'ବାସ୍ତବ ବିରୋଧୀ ଦଳ ନେତା'ର ଆଖ୍ୟା ଦେଇଥିଲା। ୨୦୨୨ ଜୁଲାଇ ୧୬ରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଧନକରଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିଥିଲା। ନିର୍ବାଚନରେ ବିଜୟୀ ହୋଇ ଅଗଷ୍ଟ ୧୧ରେ ଉପରାଷ୍ଟ୍ରପତି ହୋଇଥିବା ଏହି ବର୍ଷୀୟାନ ନେତା ଇତିମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତାମତ ରଖି ବିବାଦୀୟ ହୋଇଥିଲେ। ନ୍ୟାୟିକ ନିଯୁକ୍ତିକୁ ମୋଦି ସରକାର ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୁପ୍ରିମକୋର୍ଟ ଏଥିରେ ରୋକ ଲଗାଇଥିଲେ। ସେହିପରି ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ପାରିତ ୧୨ ବିଲ୍ ଅଟକାଇବା ଏବଂ ରାଷ୍ଟ୍ରପତି ସେଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୋହର ନ ଦେବା ଆଦି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପକୁ ମଧ୍ୟ ଧନକର ସମାଲୋଚନା କରି ଅଦାଲତଙ୍କୁ ନିଜ ନ୍ୟାୟିକ ପରିସୀମା ଦେଖାଇବାକୁ ଉଦ୍ୟମ କରିଥିଲେ। ଧନକର ୨୦୨୭ ଅଗଷ୍ଟ ୧୦ରେ ଅବସର ନେଇଥାଆନ୍ତେ। କିନ୍ତୁ ଅବସରକୁ ୨ ବର୍ଷରୁ ଅଧିକ ସମୟ ବାକି ଥିବାବେଳେ ଧନକର ଇସ୍ତଫା ଦେଇ ରାଜନୈତିକ ମହଲରେ ଅନେକ କଳ୍ପନାଜଳ୍ପନାକୁ ଜନ୍ମ ଦେଇଛନ୍ତି।


ଜଗଦୀପ ଧନକର

## ସଂକ୍ଷେପରେ

### ଷ୍ଟାଲିନ୍ ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି



ଚେନ୍ନାଇ,୨୧।୭(ପି.ଟି.)

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଷ୍ଟାଲିନ୍ ସବୁଦିନ ଭଳି ସୋମବାର ସକାଳେ ପ୍ରାତଃଭ୍ରମଣ କରୁଥିବାବେଳେ ଦୁର୍ବଳ ଅନୁଭବ କରିଥିଲେ। ପରେ ତାଙ୍କୁ ଆପୋଲୋ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିବା ଓ ଆରୋଗ୍ୟ ଲାଭ କରୁଥିବା ନେଇ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଦୁରାଇମୁରୁଗାନ୍ ସୂଚନା ଦେଇଛନ୍ତି।

### ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା: ୧୨ ଦୋଷମୁକ୍ତ

ମୁମ୍ବାଇ, ୨୧।୭

୨୦୦୭ରେ ହୋଇଥିବା ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣାରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ମୁମ୍ବାଇ ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ୧୩ ଜଣଙ୍କୁ ଅଭିଯୁକ୍ତ କରିଥିବାବେଳେ ୨୦୧୫ରେ ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ୍ କ୍ରାଇମ୍ ଆକ୍ଟ (ଏମ୍‌ସିଓସିଏ) କୋର୍ଟ ସେଥିମଧ୍ୟରୁ ୧୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରଥିଲେ ଏବଂ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଏମ୍‌ସିଓସିଏ କୋର୍ଟ ୫ ଜଣଙ୍କୁ ଫାଶୀ ଏବଂ ୭ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ସୋମବାର ଦୁର୍ବଳ ସାକ୍ଷୀ ଏବଂ ପ୍ରମାଣ ଅଭାବରୁ ବମ୍ବେ ହାଇକୋର୍ଟ ସମସ୍ତ ୧୨ ଦୋଷୀଙ୍କୁ ଦୋଷ ମୁକ୍ତ କରିଛନ୍ତି। ଦୋଷୀଙ୍କ ବିରୋଧରେ ପ୍ରମାଣ ଦାଖଲ କରିବାରେ ସରକାରୀ ପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ହାଇକୋର୍ଟ କହିଛନ୍ତି।

### ଅନ୍‌ଲାଇନ ବେଟିଂ ଆପ୍ ତଦନ୍ତ: ଗୁଗୁଲ, ମେଟାକୁ ଇଡି ସମନ

**ନୂଆଦିଲ୍ଲୀ, ୨୧।୭:** ଏକ ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ଅର୍ଥ ହେରଫେର ମାମଲାର ତଦନ୍ତ ପାଇଁ ଇଡି ଗୁଗଲ ଏବଂ ମେଟାକୁ ପୁଣିଥରେ ସମନ କରିଛି। ୨୮ରେ ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ ଉଭୟ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ସୋମବାର ହାଜର ହେବା ପାଇଁ ଉଭୟ କମ୍ପାନୀକୁ ସମନ କରାଯାଇଥିଲେ ମଧ୍ୟ ଜରୁରୀ କାଗଜପତ୍ର ସହ ଗୁଗଲ ଏବଂ ମେଟାର ପ୍ରତିନିଧି ହାଜର ହୋଇ ନ ଥିଲେ।

### ୟୁଏଇରେ ସ୍ତ୍ରୀଙ୍କୁ ହତ୍ୟାକଲେ ଭାରତୀୟ


ଅତୁଲ୍ୟା ଶେଖର

ଶାରଜା, ୨୧।୭

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଜଣେ ଭାରତୀୟ ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ମହିଳା ହେଉଛନ୍ତି କେରଳର ଅତୁଲ୍ୟା ଶେଖର। ରବିବାର ଶାରଜାସ୍ଥିତ ନିଜ ଆପାର୍ଟମେଣ୍ଟରୁ ତାଙ୍କ ମୃତଦେହ ଜବତ ହୋଇଛି। ଅତୁଲ୍ୟାଙ୍କ ଗଳା ଚିପି ସ୍ୱାମୀ ସତୀଶ ହତ୍ୟା କରିଥିବା ନେଇ କେରଳରେ ଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କେରଳ ପୋଲିସ ଅତୁଲ୍ୟାଙ୍କ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଭି.ଏସ୍. ଅଚ୍ୟୁତାନନ୍ଦନଙ୍କ ପରଲୋକ

ଥିରୁଭାନନ୍ତପୁରମ, ୨୧।୭

ବିଶିଷ୍ଟ ବାମପନ୍ଥୀ ନେତା ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନଙ୍କ (୧୦୧) ସୋମବାର ପରଲୋକ ହୋଇଯାଇଛି। ଥିରୁଭାନନ୍ତପୁରମର ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ଜୁନ୍ ୨୩ରେ ପୁଅଙ୍କ ଘରେ ଥିବାବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଏହାପରଠାରୁ ସେ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ଥିଲେ। କେରଳ ରାଜନୀତିରେ ତାଙ୍କର ବହୁ ପ୍ରଭାବ ରହିଥିଲା। ୨୦୦୬ରେ ତାଙ୍କ ନେତୃତ୍ୱରେ କେରଳରେ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଲ୍‌ଡିଏଫ୍) ସରକାର ଗଠନ କରିଥିଲା। ୨୦୦୬ରୁ ୨୦୧୧ ଯାଏ ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୧ରେ ତାଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଅଳ୍ପ ବ୍ୟବଧାନରେ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ(ୟୁଡିଏଫ୍)ଠାରୁ ପରାସ୍ତ ହୋଇଥିଲା।



### ଜଷ୍ଟିସ୍ ବର୍ମାଙ୍କୁ ହଟାଇବା ପ୍ରକ୍ରିୟା ସଂସଦରେ ଆରମ୍ଭ

**ନୂଆଦିଲ୍ଲୀ, ୨୧।୭:** ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ୟଶୱନ୍ତ ବର୍ମାଙ୍କୁ ହଟାଇବା ପ୍ରକ୍ରିୟା ସୋମବାର ପାର୍ଲାମେଣ୍ଟରେ ଆରମ୍ଭ ହୋଇଛି। ସାଂସଦମାନେ ଉଭୟ ଗୃହରେ ଏସମ୍ପର୍କିତ ନୋଟିସ ଦେବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଓ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକରଙ୍କୁ ଆବଶ୍ୟକ ପଦକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ନୋଟିସରେ ୬୩ ସଦସ୍ୟଙ୍କ ସ୍ୱାକ୍ଷର ରହିଥିବାବେଳେ ଲୋକ ସଭା ବାଚସ୍ପତିଙ୍କ ନିକଟରେ ଦାଖଲ ନୋଟିସରେ ଉଭୟ ଶାସକ ଓ ବିରୋଧୀ ପକ୍ଷରୁ ମୋଟ ୧୫୨ ସଦସ୍ୟଙ୍କ ଦସ୍ତଖତ ରହିଛି।


ସିରିଆର ଶହବା ସହର ଛାଡ଼ି ନହତାହ ଗ୍ରାମର ଏକ ସ୍କୁଲରେ ଆଶ୍ରୟ ନେଇଥିବା ବେଦୁଇନ୍ ପରିବାରର ଜଣେ ଶିଶୁକନ୍ୟା।

## ସିବିଏସ୍‌ଇ ସ୍କୁଲରେ ସିସିଟିଭି ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୧।୭

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସିସିଟିଭି କ୍ୟାମେରା ସଂଯୋଗକୁ ବାଧ୍ୟତାମୂଳକ କରିଛି। ବୋର୍ଡ ପକ୍ଷରୁ ଏହାର ଆଫିଲିଏଶନ୍ ବାଇଲଜ୍-୨୦୧୮ରେ ଥିବା ଚାପ୍ଟର ୪ (ଫିଜିକାଲ ଇନ୍‌ଫ୍ରାଷ୍ଟ୍ରକ୍ଚର)ରେ ସଂଶୋଧନ ଅଣାଯାଇଛି। ସ୍କୁଲଗୁଡ଼ିକରେ ପିଲାଙ୍କ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏନ୍‌ସିପିସିଆର୍ ମାନୁଆଲ କ୍ଲଜ୍ ୧(୫) ଅନୁସାରେ ବିଦ୍ୟାଳୟଗୁଡ଼ିକରେ ସିସିଟିଭି ସଂଲଗ୍ନ ସହ ଏହାକୁ ନିୟମିତ ଭାବେ ପରିଚାଳନା ଓ ଅନୁଧ୍ୟାନ କରାଯିବ। ଏହି ଆଧାରରେ ସିବିଏସ୍‌ଇ ସମସ୍ତ ସହଅନୁବନ୍ଧିତ ସ୍କୁଲରେ ହାଇ-ରେଜୋଲ୍ୟୁଶନ୍ ସିସିଟିଭି କ୍ୟାମେରା ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଛି। ସିସିଟିଭି କ୍ୟାମେରାଗୁଡ଼ିକ ଜରିଆରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ରିଅଲ୍-ଟାଇମ୍ ଅଡିଓ-ଭିଜୁଆଲ ରେକର୍ଡିଂ ରହିବ। ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ଲବି ଓ କରିଡର, ଶିଡି, ଶ୍ରେଣୀଗୃହ, ଲାଇବ୍ରେରି, ଲାବରେଟୋରି, କ୍ୟାଣ୍ଟିନ୍, ଷ୍ଟୋର ରୁମ୍, ଖେଳପଡ଼ିଆ ଏବଂ ଅନ୍ୟ କମନ୍ ଏରିଆରେ ସିସିଟିଭି କ୍ୟାମେରା ରହିବା ଜରୁରୀ। ତେବେ ଟଏଲେଟ୍, ୱାଶ୍‌ରୁମ୍ ଭଳି ସ୍ଥାନକୁ ଏଥିରୁ ବାଦ୍ ଦିଆଯାଇଛି। ପ୍ରତ୍ୟେକ ସିସିଟିଭି ସିଷ୍ଟମ୍‌ରେ ଅନ୍ୟୂନ ୧୫ ଦିନ ଧରି ଫୁଟେଜ୍ ମହଜୁଦ ରହିବା ଭଳି ସାମର୍ଥ୍ୟ ଥିବା ଜରୁରୀ, ଯାହାକୁ ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଯାଞ୍ଚ କରିପାରିବେ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଆଫିଲିଏଟେଡ୍ ସ୍କୁଲ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ବୋର୍ଡ ଗୁରୁତ୍ୱାରୋପ କରିଛି।

## ପରିବା ବିକାଳିଙ୍କୁ ୨୯ ଲକ୍ଷର ଜିଏସ୍‌ଟି ନୋଟିସ

ହାଭେରୀ, ୨୧।୭

ଜିଏସ୍‌ଟି ଅଧିକାରୀଙ୍କ ପକ୍ଷରୁ କର୍ଣ୍ଣାଟକରେ ପରିବା ବିକ୍ରେତା ଶଙ୍କରଗୌଡ଼ା ହଦିମନିଙ୍କ ନିକଟକୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ୍ ପଠାଯାଇଛି। ହାଭେରି ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ତାଙ୍କର ଏକ ପନିପରିବା ଦୋକାନ ରହିଛି। ସେହି ଦୋକାନରେ ସେ ଗତ ୪ ବର୍ଷ ଧରି ପନିପରିବା ବିକ୍ରି କରି ଜୀବିକା ନିର୍ବାହ କରୁଛନ୍ତି। ତାଙ୍କର ଅଧିକାଂଶ ଗ୍ରାହକ ୟୁପିଆଇ କିମ୍ବା ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପେମେଣ୍ଟ କରୁଥିବାରୁ ସମସ୍ୟା ହେଉଛି। ଜିଏସ୍‌ଟି ନୋଟିସରେ କୁହାଯାଇଛି, ୪ ବର୍ଷ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧.୬୩ କୋଟି ଟଙ୍କାର କାରବାର ହୋଇଛି। ତାଙ୍କୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ଦେବାକୁ ପଡ଼ିବ। ନୋଟିସ ପାଇ ଶଙ୍କରଗୌଡ଼ା କହିଛନ୍ତି, ସେ କୃଷକଙ୍କଠାରୁ ସତେଜ ପରିବା କିଣି ବିକ୍ରି କରିଥାନ୍ତି। ଅଧିକାଂଶ ଗ୍ରାହକ କିଣିଥିବା ପନିପରିବାର ପେମେଣ୍ଟ ୟୁପିଆଇ ଜରିଆରେ କରିଥାନ୍ତି। ସମ୍ପ୍ରତି ନଗଦ ଟଙ୍କା କାରବାର କମ୍ ହୋଇଛି ଏବଂ ଅଧିକାଂଶ କାରବାର ଡିଜିଟାଲ ମାଧ୍ୟମରେ ହେଉଥିବା ସେ ସ୍ୱୀକାର କରିଛନ୍ତି। ପ୍ରତିବର୍ଷ ସେ ଆୟକର ରିଟର୍ନ ଫାଇଲ କରନ୍ତି ଏବଂ ଏହାର ରେକର୍ଡ ମଧ୍ୟ ରଖନ୍ତି ବୋଲି ଶଙ୍କରଗୌଡ଼ା କହିଛନ୍ତି। ୨୯ ଲକ୍ଷ ଟଙ୍କା ଭରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି ସେ କହିଛନ୍ତି। କର୍ଣ୍ଣାଟକରେ ଏହି ମାମଲା ସାମ୍ନାକୁ ଆସିବା ପରେ କିଛି ଛୋଟ ବିକ୍ରେତା ଗ୍ରାହକଙ୍କଠାରୁ ୟୁପିଆଇ ପେମେଣ୍ଟ ସ୍ୱୀକାର କରିବା ବନ୍ଦ କରିବା ସହ କେବଳ ନଗଦ କାରବାର କରୁଛନ୍ତି।

## ମୋଦିଙ୍କ ବିବୃତି ଦାବିରେ ବିରୋଧୀ ଅଟଳ

ନୂଆଦିଲ୍ଲୀ,୨୧।୭


ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ଅପରେଶନ ସିନ୍ଦୂର ଉପରେ ଲୋକ ସଭାରେ ୧୬ ଘଣ୍ଟା ଆଲୋଚନା ପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ଚଳିତ ସପ୍ତାହରେ ଆଲୋଚନା କରାଯାଉ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବିବୃତି ରଖନ୍ତୁ ବୋଲି ଦାବି କରିଥିବାବେଳେ ଆସନ୍ତା ସପ୍ତାହରେ ଏନେଇ ଆଲୋଚନା ହୋଇପାରେ।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି (ବିଏସି)ର ଏକ ବୈଠକରେ ବିଭିନ୍ନ ଦଳ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଚଳିତ ସପ୍ତାହରେ ବିଦେଶ ଗସ୍ତ କରିବାକୁ ଥିବାରୁ ଆସନ୍ତା ସପ୍ତାହରେ ସେ ଫେରିବା ପରେ ଏହା ଉପରେ ବିତର୍କ ହେଉ ବୋଲି ସରକାରଙ୍କ ପ୍ରତିନିଧିମାନେ ମତ ଦେଇଥିଲେ। ତେବେ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ରଖିବେ କି ବୋଲି ପ୍ରଶ୍ନ କରାଯିବାରୁ ଏନେଇ ନିଷ୍ପତ୍ତି ହୋଇ ନ ଥିବା ସରକାରୀ ସୂତ୍ରରୁ ପ୍ରକାଶ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ କ୍ୟାବିନେଟ୍‌ର ବରିଷ୍ଠ ସହଯୋଗୀମାନଙ୍କୁ ଭେଟିଛନ୍ତି। ସେମାନେ ଶାସକ ମେଣ୍ଟର ରଣନୀତି ଉପରେ ନିଜ ନିଜ ମଧ୍ୟରେ ଆଲୋଚନା କରିଛନ୍ତି। ତେବେ ବିରୋଧୀ ସଦସ୍ୟମାନେ ସେମାନଙ୍କ ଦାବି ମୁତାବକ ଏହି ପ୍ରସଙ୍ଗ ବିତର୍କ ଚଳିତ ସପ୍ତାହରେ ସରକାରଙ୍କ କାର୍ଯ୍ୟସୂଚୀରେ ସ୍ଥାନ ପାଇ ନ ଥିବାରୁ ବିଏସି ବୈଠକରେ ପ୍ରତିବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ବିବୃତି ରଖିବେ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଉପସ୍ଥିତ ରହିବା ଉଚିତ ବୋଲି ସେମାନେ କହିଛନ୍ତି। ଏପରି କି କେତେଜଣ ବିରୋଧୀ ସଦସ୍ୟ ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ଏବଂ ମଣିପୁର ସ୍ଥିତି ଉପରେ ମଧ୍ୟ ଆଲୋଚନା ପାଇଁ ଦାବି କରିଛନ୍ତି। ଲୋକ ସଭା ଓ ରାଜ୍ୟ ସଭାରେ ଅଧିବେଶନ ଆରମ୍ଭରୁ ବିରୋଧୀଙ୍କ ହଇଗୋଳ ଯୋଗୁ ସଂସଦୀୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଅଚଳାବସ୍ଥା ସୃଷ୍ଟିହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରାଯାଇଥିଲା। ଶେଷରେ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ କରାଯାଇଛି।

ଅଧିବେଶନ ଆରମ୍ଭ ହେବା ମାତ୍ରେ ଅପରେଶନ ସିନ୍ଦୂର ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଲୋକ ସଭାରେ ବିରୋଧୀ ବିତର୍କ ଦାବିକରି ହଙ୍ଗାମା କରିଥିଲେ। ଅପରାହ୍ନ ୪ଟା ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବାରୁ ବିରୋଧୀ ସଦସ୍ୟ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସରକାର ଏହି ପ୍ରସଙ୍ଗରେ ଦୀର୍ଘ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଶ୍ୱାସନା ଦେଇଥିଲେ। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଥିଲେ। ଅପରେଶନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ଉପରେ ଚାପ ପକାଇ ଅସ୍ତ୍ରବିରତି କରାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ପ୍ରସଙ୍ଗ ସେ ଉଠାଇଥିଲେ। ଖାର୍ଗେ କହିଥିଲେ, ଟ୍ରମ୍ପଙ୍କ ବାରମ୍ବାର ମଧ୍ୟସ୍ଥତା ଦାବି ଭାରତ ପାଇଁ ଅପମାନଜନକ। ସରକାର ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ଖାର୍ଗେଙ୍କ ସହ କଂଗ୍ରେସର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଦାବି କରିଥିଲେ। ଅନେକ ବିରୋଧୀ ସଦସ୍ୟ ପହଲଗାମ୍ ଓ ଅପରେଶନ ସିନ୍ଦୂର ଉପରେ ଆଲୋଚନା ପାଇଁ ରୁଲ୍ ୨୬୭ ଅଧୀନରେ ମୁଲତବୀ ନୋଟିସ ଦେଇଛନ୍ତି।

### ଅଧିବେଶନ ଆରମ୍ଭରୁ ସଂସଦରେ ହଇଗୋଳ


ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ।

### ପହଲଗାମ୍, ଅପରେଶନ ସିନ୍ଦୂର ଉପରେ ୧୬ ଘଣ୍ଟା ଆଲୋଚନା ପାଇଁ ସରକାର ରାଜି

## ୧୦୦ କୋଟି କ୍ଲବ୍‌ରେ 'ସୈୟାରା'



**ମୁମ୍ବାଇ:** ମୋହିତ ସୁରୀଙ୍କ ନିର୍ଦ୍ଦେଶିତ 'ସୈୟାରା' ଫିଲ୍ମ ନବାଗତ ଅହାନ ପାଣ୍ଡେ ଏବଂ ଅଭିନେତ୍ରୀ ଅନୀତ ପଡ୍ଡା ଲଭ୍ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି। ରିଲିଜ୍‌ର ପ୍ରଥମ ୩ ଦିନରେ 'ସୈୟାରା' ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି। ସାକ୍‌ନିଲ୍କର ରିପୋର୍ଟ ଅନୁଯାୟୀ, ରବିବାର ମଧ୍ୟରାତ୍ରି ସୁଦ୍ଧା ଏହି ଫିଲ୍ମ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ୮୩ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ବିଶ୍ୱବ୍ୟାପୀ ଏହା ୧୧୫ କୋଟିର ବ୍ୟବସାୟ କରିଛି। ଏହି ଫିଲ୍ମ କେବଳ ରବିବାର ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ୩୭ କୋଟିର ବ୍ୟବସାୟ କରିଛି।

**ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟାକଲେ ମାଓବାଦୀ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ବିଜାପୁର ଜିଲା ଛଟୁବାଇ ଓ ତୋରେମ ଗାଁର ୨ଜଣ ବ୍ୟକ୍ତିଙ୍କୁ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ରବିବାର ରାତିରେ ହତ୍ୟାକରି ଗାଁ ଦାଣ୍ଡରେ ଫୋପାଡି ଚାଲି ଯାଇଛନ୍ତି। ମୃତକ ହେଲେ କବାସୀ ଜେମା ଓ ମଙ୍ଗଳ କର୍ସମ। ସୂଚନା ଅନୁଯାୟୀ, ଛଟୁବାଇ ଓ ତୋରେମ ଗାଁର ୨ଜଣ ବ୍ୟକ୍ତିଙ୍କୁ ରବିବାର ରାତିରେ ୧୫ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ତାଙ୍କ ଘରୁ ଅପହରଣକରି ନେଇ ହତ୍ୟା କରିଥିଲେ। ପରେ ଗାଁ ଦାଣ୍ଡରେ ମୃତଦେହ ଫିଙ୍ଗି ଚାଲିଯାଇଥିଲେ। ମୃତଦେହ ନିକଟରୁ ମିଳିଥିବା ପୋଷ୍ଟରରେ ଉଲ୍ଲେଖ କରିଥିଲେ, ଏହି ୨ଜଣ ପୋଲିସ ସୂଚନାଦାତା ଥିବାରୁ ଏମାନଙ୍କୁ ହତ୍ୟା କରାଯାଇଛି।




# ଲିଜ୍ ଜମିରୁ ହଟିବ ସ୍ଥିତିବାନ୍

ଭୁବନେଶ୍ୱର,୨୧।୭
(ରବିନାରାୟଣ ଜେନା)

- ଅଣଚାଷ ଲିଜ୍ ଜମିର ସ୍ୱତ୍ୱରେ ଲେଖାଯିବ 'ପଟ୍ଟାଦାର'
- ସରକାରୀ ଜମି ସୁରକ୍ଷା ଲାଗି ସବୁ ଜିଲାପାଳଙ୍କୁ ଏସିଏସ୍‌ଙ୍କ ନିର୍ଦ୍ଦେଶ

ରାଜସ୍ୱ କ୍ଷେତ୍ରରେ କିଭଳି ଅଧିକ ସଂସ୍କାର ଆସିବ ସେନେଇ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ସରକାରୀ ଜମିକୁ ସୁରକ୍ଷାଦେବା ପାଇଁ ଲିଜ୍ ଜମିରେ କେତେକ ପରିବର୍ତ୍ତନ ଅଣାଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ଅଣଚାଷ ଲାଗି ପ୍ରଦାନ କରାଯିବା ଲିଜ୍ ଜମିରେ 'ପଟ୍ଟାଦାର' ବୋଲି ସ୍ୱତ୍ୱରେ ଉଲ୍ଲେଖ ରହିବ। ଅଣଚାଷ ଜମି ପାଇଁ ଆଉ ସ୍ଥିତିବାନ୍ ଲେଖାଯିବ ନାହିଁ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ନିକଟରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂ ସବୁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଏସିଏସ୍ ଜିଲାପାଳମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ବିଭିନ୍ନ କ୍ଷେତ୍ରରେ ସରକାରୀ ଜମି ବିଭିନ୍ନ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଶିଳ୍ପ, ବାଣିଜ୍ୟ, ନିଗମ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଉଦ୍ୟୋକ୍ତା ମଧ୍ୟ ରହିଛନ୍ତି। ତେବେ ଅଣଚାଷ, ବାଣିଜ୍ୟ ଓ ଶିଳ୍ପ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଜମି ସ୍ୱତ୍ୱରେ ଭୁଲ୍‌ବଶତଃ ସ୍ଥିତିବାନ୍ ବୋଲି ଉଲ୍ଲେଖ ରହିଛି। ଏହି ବେଆଇନ ଓ ଅନିୟମିତ କାର୍ଯ୍ୟ ଯୋଗୁ ସରକାରଙ୍କୁ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସରକାରୀ ଜମି ରେକର୍ଡ କରିବା ପ୍ରଣାଳୀକୁ ଅନୁସରଣ କରିବାକୁ ପଡ଼ିବ। ସରକାରଙ୍କ ପକ୍ଷରୁ ଯଦି ଚାଷକ୍ଷେତ୍ରରେ ଜମି ପ୍ରଦାନ କରାଯାଇଛି କିମ୍ବା କରାଯିବ, ସେକ୍ଷେତ୍ରରେ ସ୍ୱତ୍ୱରେ ସ୍ଥିତିବାନ୍/ରୟତି ଉଲ୍ଲେଖ କରାଯିବ। କିନ୍ତୁ ଅଣଚାଷ ଉଦ୍ଦେଶ୍ୟରେ ଜମି ଦିଆଗଲେ ତା'ର ସ୍ୱତ୍ୱରେ ଆଉ ସ୍ଥିତିବାନ୍ ଉଲ୍ଲେଖ ରହିବ ନାହିଁ। ଏହି କ୍ଷେତ୍ରରେ ବିଧିବଦ୍ଧ ଭାବେ ସରକାରୀ ଜମି ଲିଜ୍ ପ୍ରଦାନବେଳେ ସଂପୃକ୍ତ ପଟ୍ଟାଦାରଙ୍କ ନାମରେ ଏକ ସ୍ୱତନ୍ତ୍ର ଖାତା ପ୍ରସ୍ତୁତ ହେବ। ଜମିର ସ୍ୱତ୍ୱରେ 'ପଟ୍ଟାଦାର' ବୋଲି ଉଲ୍ଲେଖ ରହିବ। ପଟ୍ଟାର ଶେଷ ଅବଧି ମଧ୍ୟ ସେଥିରେ ଉଲ୍ଲେଖ କରିବାକୁ ଏସିଏସ୍ ଦର୍ଶାଇଛନ୍ତି।

ଏଥିସହ ବିଭିନ୍ନ କ୍ଷେତ୍ରରେ ସରକାରୀ ଜମି ଲିଜ୍ ପ୍ରଦାନ ବେଳେ ଭୁଲ୍‌ବଶତଃ ସ୍ଥିତିବାନ୍ ଉଲ୍ଲେଖ ରହିଛି। ସେସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇ ସଂଶୋଧନ କରାଯିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ତହସିଲଦାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରନ୍ତୁ, ଯେଉଁଥିରେ ବେଆଇନ ଭାବେ ଉଲ୍ଲେଖଥିବା ସ୍ଥିତିବାନ୍ ସ୍ୱତ୍ୱକୁ ପଟ୍ଟାଦାରରେ ପରିବର୍ତ୍ତନ କରିବା ଦିଗରେ ପଦକ୍ଷେପ ନେବେ। ଏହିସବୁ କାର୍ଯ୍ୟକୁ ଅତିରିକ୍ତ ଜିଲାପାଳ ତଦାରଖ କରିବେ ଏବଂ ନିଜେ କାଉଣ୍ଟର ଦସ୍ତଖତ କରିବେ। ଏ କ୍ଷେତ୍ରରେ ଜିଲାପାଳଙ୍କ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତା'ର ରିପୋର୍ଟ ମାସକ ମଧ୍ୟରେ ପ୍ରଦାନ କରିବାକୁ ଏସିଏସ୍ ଦର୍ଶାଇଛନ୍ତି।

## ୭ ସାଇକେଲକୁ ନେଇ ତନାଘନା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର,୨୧।୭(ବାଞ୍ଛାନିଧି ଦେ)

କ୍ରାଇମବ୍ରାଞ୍ଚର ସିଏଡବ୍ଲୁ ଆଣ୍ଡ ସିଡବ୍ଲୁ ଶାଖା ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳି ରାଉତ ସୋମବାର ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପହଞ୍ଚି ୨ଘଣ୍ଟା ଧରି ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀ, ଆଇସିସି ସଦସ୍ୟା ଓ କେତେଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। କଲେଜ ଷ୍ଟୋର୍ ରୁମ୍‌ରେ ଥିବା ୭ଟି ସାଇକେଲକୁ ନେଇ ସନ୍ଦେହ ଦେଖାଦେଇଛି। ଘଟଣା ଘଟିବା ଦିନ ଠାରୁ ଛାତ୍ରୀଛାତ୍ର ଏହି ୭ଟି ସାଇକେଲ କଲେଜରୁ ନ ନେଇ ପଳାଇଥିବା ଦେଖିବାକୁ ମିଳିଥିଲା। ଏହାପରେ କଲେଜ କର୍ତ୍ତୃପକ୍ଷ ଷ୍ଟୋର ରୁମ୍‌ରେ ସାଇକେଲଗୁଡ଼ିକୁ ନେଇ ରଖିଥିଲେ। ସେବେଠାରୁ ସାଇକେଲଗୁଡ଼ିକ କାହାର, କାହିଁକି ନେଉ ନାହାନ୍ତି, ହୁଏତ ସେମାନେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥାଇପାରନ୍ତି ବୋଲି ଆଶା କରାଯାଉଛି।

# ଆମେ ଲଜ୍ଜିତ: ବଳଙ୍ଗା ନାବାଳିକା ପୋଡ଼ି ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ, ୨୧।୭




ଓଡ଼ିଶାର ପୁରୀ ଜିଲା ବଳଙ୍ଗାରେ ଗତ ଶନିବାର ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ଉପରେ ୩ ଜଣ ବ୍ୟକ୍ତି କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ଫଳରେ ନାବାଳିକା ଜଣକ ୭୦% ଜଳିଯାଇଥିବା ବେଳେ ଏବେ ଗୁରୁତର ଅବସ୍ଥାରେ ସେ ଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ହୋଇଥିବା ଏକ ପିଟିଶନର ଶୁଣାଣି କରି ସୋମବାର ସୁପ୍ରିମକୋର୍ଟ ପୂରା ଘଟଣାକୁ ଲଜ୍ଜାଜନକ ଏବଂ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଇବାର ଆବଶ୍ୟକତା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ସ୍କୁଲରେ ଛାତ୍ରୀ, ଗୃହିଣୀ ଏବଂ ଗ୍ରାମାଞ୍ଚଳରେ ଝିଅମାନଙ୍କ ସ୍ୱର ଅପେକ୍ଷାକୃତ ଦୁର୍ବଳ ରହିଛି। ସେମାନଙ୍କୁ ସଶକ୍ତ କରିବା ପାଇଁ ଠୋସ୍ ପଦକ୍ଷେପ ନିଆଯାଇପାରିବ। ଏଥିପାଇଁ ଆମକୁ ସମସ୍ତଙ୍କଠାରୁ ପରାମର୍ଶ ଆବଶ୍ୟକ। ଗ୍ରାମୀଣ ଅଞ୍ଚଳରେ ରହୁଥିବା ମହିଳାଙ୍କୁ ସଚେତନ ଏବଂ ସଶକ୍ତ କରିବା ପାଇଁ ତୁରନ୍ତ କିଛି କ୍ଷଣସ୍ଥାୟୀ ଏବଂ ଦୀର୍ଘକାଳୀନ ନିର୍ଦ୍ଦେଶାବଳୀ ଜାରି କରାଯିବାର ଆବଶ୍ୟକତା ରହିଛି। ମହିଳା ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇ ସବ୍‌ଡିଭିଜନ ସ୍ତରରେ ନିଯୁକ୍ତ କରାଯାଇ ପାରିବ ଏବଂ ଗ୍ରାମୀଣ ମହିଳାମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ସାହାଯ୍ୟ ମଧ୍ୟ ନିଆଯାଇ ପାରିବ। ପୂର୍ବରୁ ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ଏପରି ଘଟଣା ଘଟିଥିବାର ନଜିର ରହିଛି। ଏହା କେତେ ଦିନ ଧରି ଚାଲିବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ବଳଙ୍ଗା ଘଟଣା ଆମ ସମସ୍ତଙ୍କୁ ଲଜ୍ଜିତ କରିଛି। ଏପରି ଘଟଣା ଭାରତରେ ଏବେ ମଧ୍ୟ ଘଟୁଛି, ତାହା ଦୁର୍ଭାଗ୍ୟଜନକ। ଏଥିପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଏବଂ ଅନ୍ୟ ସମସ୍ତ ଦଳଗୁଡ଼ିକର ପରାମର୍ଶ ଆବଶ୍ୟକ କରୁଛନ୍ତି। ଶୁଣାଣି ବେଳେ କେନ୍ଦ୍ରର ପକ୍ଷ ରଖୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଛନ୍ତି, ଯୌନ ଅପରାଧୀଙ୍କୁ ଚିହ୍ନଟ କରିବା ସହ ମହିଳା ବିରୋଧୀ ଅପରାଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାର୍ବଜନୀନ ସ୍ଥାନରେ ସିସିଟିଭି କ୍ୟାମେରା ଏବଂ ଫେସ୍ ସ୍କାନ ସିଷ୍ଟମ ସ୍ଥାପନ କରିବା ଦିଗରେ କେନ୍ଦ୍ର ସରକାର ବିଚାର କରୁଛନ୍ତି।

# ଶପଥ ନେଲେ ହାଇକୋର୍ଟ ନୂଆ ବିଚାରପତି


ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଶପଥ ପାଠ କରାଉଛନ୍ତି।

କଟକ,୨୧।୭(କାର୍ତ୍ତିକ ସାହୁ)

ଗୁଆହାଟୀ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଥିବା ବିଚାରପତି ମାନସ ରଞ୍ଜନ ପାଠକ ସୋମବାର ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପୁରୁଣା ବିଲ୍ଡିଂର ନିଉ କନ୍‌ଫରେନ୍ସ ହଲ୍‌ରେ ସୋମବାର ପୂର୍ବାହ୍ନ ୧୦ଟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଭବନରୁ ଆସିଥିବା ବିଚାରପତି ପାଠକଙ୍କ ବଦଳି ସମ୍ପର୍କିତ ପତ୍ର ପ୍ରଥମେ ପାଠ କରାଯିବା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ପାଠକଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ହାଇକୋର୍ଟ ସମସ୍ତ କାର୍ଯ୍ୟରତ ବିଚାରପତି, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ହାଇକୋର୍ଟ ବାର୍ ଆସୋସିଏଶନ୍ କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ରେଜିଷ୍ଟ୍ରାର, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ବଢ଼ିଲା ଚର୍ଚ୍ଚା

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟପାଳଙ୍କ ସହ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ସେ ଆଲୋଚନା କରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର୍ ଧରିବା ଆରମ୍ଭ ହୋଇଛି। ରାଜ୍ୟରେ ଭାଜପା ଶାସନକୁ ଆସିବା ପରେ ମନ୍ତ୍ରିମଣ୍ଡଳର ୬ଟି ପଦବୀ ଖାଲି ପଡ଼ିଥିଲା। ସରକାର ଗଠନକୁ ବର୍ଷେ ପୂରଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ୬ ମନ୍ତ୍ରୀ ପଦ ଖାଲି ରହିଛି। ଅନ୍ୟପଟେ ମନ୍ତ୍ରୀମଣ୍ଡଳରେ କିଛି ପରିବର୍ତ୍ତନ କରାଯାଇପାରେ ବୋଲି ମଧ୍ୟ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ତେଣୁ ରାଜ୍ୟପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଏହି ଭେଟଘାଟ ଉକ୍ତ ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଏହି ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥାଇପାରେ ବୋଲି ରାଜନୈତିକ ମହଲରୁ ଶୁଣିବାକୁ ମିଳୁଛି। ସେହିପରି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବାପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ତାଙ୍କର ପ୍ରତିକ୍ରିୟା ରଖିଥିଲେ। ପୂର୍ବରୁ ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଦଳର ରାଜ୍ୟ ସଭାପତି ଚୟନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି କହିଥିଲେ। ତେଣୁ ମନମୋହନ ୪ର୍ଥ ଥର ଲାଗି ସଭାପତି ହେବାପରେ ଲିଙ୍ଗରାଜ ମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନା ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବଶୀଘ୍ର ହେବ ବୋଲି କହିଥିଲେ।

**ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ**


ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ପ୍ରକାଶ ପାଇଲା ଯୁକ୍ତ୨ ଦ୍ୱିତୀୟ ମେଧା ତାଲିକା

ଭୁବନେଶ୍ୱର,୨୧।୭
(ସୁଚିସ୍ମିତା ସାହୁ)

**୨ଲକ୍ଷ ୧୩ହଜାର ୫୪୭ଟି ସିଟ୍ ଖାଲି**

ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଦ୍ୱିତୀୟ ଚୟନ ମେଧା ତାଲିକା ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟ ନାମଲେଖା ପାଇଁ ୫୨ହଜାର ୯୫୫ ଜଣ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ଚୟନରେ ସ୍ଲାଇଡ୍ ଅପ୍ କରିଥିବା ୨୮ହଜାର ୩୧୩ ଛାତ୍ରୀଛାତ୍ର ରହିଛନ୍ତି। କଳାରେ ସର୍ବାଧିକ ୩୮ହଜାର ୧୬୫ ଛାତ୍ରୀଛାତ୍ର ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧ ହଜାର ୮୭୭ଜଣ ଚୟନ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨ହଜାର ୪୦୩, ସଂସ୍କୃତରେ ୧୭୧ ଏବଂ ଧନ୍ଦାମୂଳକରେ ୩୩୯ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୬ ହଜାର ୮୬୧ ଛାତ୍ରୀ ଓ ୨୬ ହଜାର ୯୨ ଜଣ ଛାତ୍ର ଓ ୨ଜଣ ଅନ୍ୟ ଜେଣ୍ଡର ରହିଥିବା ଗଣଶିକ୍ଷା ବିଭାଗ ତଥ୍ୟରୁ ଜଣାଯାଇଛି। ସୂଚନାଯୋଗ୍ୟ, ୫ଲକ୍ଷ ୬୮ହଜାର ୬୧୫ ସିଟ୍‌ରେ ନାମଲେଖାଇବାକୁ ପ୍ରଥମ ପର୍ଯ୍ୟାୟ ପ୍ରଥମ ଚୟନରେ ୩ଲକ୍ଷ ୫୫ହଜାର ୬୮ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ପ୍ରଥମ ଚୟରେ ମୋଟ ୬୨.୪୫% ସିଟ୍ ପୂରଣ ହୋଇଥିବାବେଳେ ୨ଲକ୍ଷ ୧୩ହଜାର ୫୪୭ଟି ସିଟ୍ ଫାଙ୍କା ପଡିଛି।

# ଆଇନମନ୍ତ୍ରୀଙ୍କ ଘରକୁ ଗଲେ ରାଜ୍ୟପାଳ

ଭୁବନେଶ୍ୱର, ୨୧।୭(ସୁନୀତ ମିଶ୍ର)

ରାଜ୍ୟପାଳ ହରିବାବୁ କମ୍ଭମପାଟି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସୋମବାର ତାଙ୍କ ସରକାରୀ ବାସଭବନଠାରେ ଭେଟିଛନ୍ତି। ତେବେ ରାଜ୍ୟପାଳ ଆଇନମନ୍ତ୍ରୀଙ୍କୁ ଭେଟିବା ପାଇଁ ତାଙ୍କ ସରକାରୀ ବାସଭବନକୁ ଯିବା ବିଷୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟପାଳ ସେଠାରୁ ଫେରିବା ପରେ ପୃଥ୍ୱୀରାଜ ତାଙ୍କ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ଯେ, ରାଜ୍ୟପାଳ ବ୍ୟକ୍ତିଗତ ଭାବେ ପରିଦର୍ଶନରେ ତାଙ୍କ ସରକାରୀ ବାସଭବନକୁ ଆସିଥିଲେ। ଏହି ଅବସରରେ ଭାଜପା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ରାଜ୍ୟପାଳ ଆଲୋଚନା କରିଥିଲେ। ଆଇନ, ନିର୍ମାଣ ଏବଂ ଅବକାରୀ ବିଭାଗକୁ ଆହୁରି ଉତ୍କୃଷ୍ଟତାର ସହ ପରିଚାଳନା କରିବା ଏବଂ ବିକାଶ ମାର୍ଗରେ ଚଳାଇବା ପାଇଁ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଆଇନମନ୍ତ୍ରୀଙ୍କ ଘରକୁ ରାଜ୍ୟପାଳଙ୍କ ଏଭଳି ଗସ୍ତକୁ ନେଇ ବିଭିନ୍ନ ରାଜନୈତିକ ଦଳ ଭିତରେ ଆଲୋଚନା ହେଉଛି। ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟିବାକୁ ଅନେକ ସମୟରେ ରାଜଭବନ ଗସ୍ତ କରିଥାନ୍ତି। ହେଲେ ବିଭାଗର ପ୍ରଦର୍ଶନ ଭଲ କରିବାକୁ ମନ୍ତ୍ରୀଙ୍କ ଘରକୁ ରାଜ୍ୟପାଳ ଯିବା ବିଷୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଚର୍ଚ୍ଚାର ଖୋରାକ ଯୋଗାଇଛି।



## ରନ୍ଧନ ଗ୍ୟାସ୍ ନିଆଁରେ ପୋଡ଼ିଗଲେ ମହିଳା

ବ୍ରହ୍ମପୁର,୨୧।୭
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଞ୍ଚଳ ନଗର ୫ମ ଲାଇନ୍‌ରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ ରନ୍ଧନ ଗ୍ୟାସ୍ ନିଆଁରେ ପୋଡ଼ିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଶଙ୍କର ରଥଙ୍କ ସ୍ତ୍ରୀ ନମିତା(୫୫)। ସେ ଘରେ ଏକା ଥିବାବେଳେ ଏହି ଅଘଟଣ ଘଟିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମାନସିକ ଅନଗ୍ରସର ନମିତା ଗ୍ୟାସ୍ ଲଗାଇ କିଛି ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ ଅସାବଧାନତାରୁ ନିଆଁ ଲାଗି ଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ପୋଲିସ କହିଛି।

# କାଚ, ଷ୍ଟିଲ୍ ଜାର୍‌ରେ ମିଳିବ ପେଟ୍ରୋଲ୍

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

**ବିନା ଲାଇସେନ୍ସରେ ଖୋଲାରେ ବିକିଲେ ଚଢ଼ଉ**

କୌଣସି ପେଟ୍ରୋଲ ପମ୍ପ ପକ୍ଷରୁ ଏଣିକି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କିମ୍ବା ଡିଜେଲ ଦିଆଯିବ ନାହିଁ। ପେଟ୍ରୋଲିୟମ ଆଇନ ଅନୁଯାୟୀ କୌଣସି ତେଲଟାଙ୍କି ପ୍ଲାଷ୍ଟିକ ବୋତଲରେ ତେଲ ବିକିବାର ପ୍ରାବଧାନ ମଧ୍ୟ ନାହିଁ। ଏହି ନିୟମକୁ ଅଧିକ କଡ଼ାକଡ଼ି କରାଯିବ। ହେଲେ ଗ୍ରାହକଙ୍କ ସମସ୍ୟାକୁ ଦେଖି ଏହି ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉ ନ ଥିଲା। ହେଲେ ଏଣିକି ଏହା ଉପରେ ରୋକ ଲାଗିବ। ପେଟ୍ରୋଲିୟମ ଆଇନ ଅନୁଯାୟୀ ଗ୍ରାହକମାନେ ଚାହିଁଲେ କାଚ ବୋତଲରେ ପେଟ୍ରୋଲ ନେଇପାରିବେ। ଯେଉଁମାନେ ୨୦ରୁ ୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କିମ୍ବା ଡିଜେଲ ନେବାକୁ ଚାହୁଁଛନ୍ତି ସେମାନେ ଆଲୁମିନିୟମ କିମ୍ବା ଷ୍ଟିଲ୍ ପାତ୍ର ଯେଉଁଥିରେ ମୁହଁ ବନ୍ଦ କରିବାର ଠିକ୍ ବ୍ୟବସ୍ଥା ରହିଥିବ ସେଥିରେ ନେଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେଉଁମାନେ ରାସ୍ତାକଡ଼ରେ ଖୋଲାରେ ବିନା ଲାଇସେନ୍ସରେ ପେଟ୍ରୋଲ ଓ ଡିଜେଲ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତାକଡ଼ରେ ଆଉ ଯେପରି ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ ହେବ ସେଥିପ୍ରତି ଚଢ଼ାଉ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ରାଜ୍ୟର ୩ ପ୍ରମୁଖ ତୈଳ କମ୍ପାନୀର ଅଧିକାରୀ ଏବଂ ଡିଲର ସଂଘର ସଦସ୍ୟ ଉପସ୍ଥିତ ରହି ଏହା ଉପରେ ଆଲୋଚନା ହୋଇଛି। ସୂଚନାଯୋଗ୍ୟ, ଏଫ୍‌ଏମ୍ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳିହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ପରେ ଏନେଇ ଯାଞ୍ଚ ଆରମ୍ଭ ହୋଇଛି। ଏକ ପମ୍ପରୁ ପେଟ୍ରୋଲ ଆଣିଥିବା ଜଣାପଡିବା ପରେ ଏହି ନିୟମକୁ କଡ଼ାକଡ଼ି କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ସସ୍ତ୍ରାଣୀ ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"



ଆବିର୍ଭାବ
୧୯୩୦

ତିରୋଧାନ
୧୨.୦୭.୨୦୨୫

୰ ସୀତା ଆପଟ
ଗୁଆଲି, ବଡ଼ବିଲ, କେନ୍ଦୁଝର

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ । ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ

ହତଭାଗ୍ୟ ପୁତ୍ର/ପୁତ୍ରବଧୂ:ଭୀମସେନ, ରଙ୍ଗ, ନବ, ରସାନନ୍ଦିନୀ, କୁଶ, ଆଦ୍ରମଣୀ,
ଝିଅ/ଜ୍ୱାଇଁ: ରାଧା, ଦୁଃଖୀ, ସୁରେନ୍ଦ୍ର
ନାତିନାତୁଣୀ:ମିଟୁ, ଜିତୁ, ଗୁରୁ, ବ୍ରହ୍ମା, ଅମିତ, ସ୍ୱପ୍ନା, ମୀନାକ୍ଷୀ ଏବଂ ଆପଟ ପରିବାରବର୍ଗ ।

## ୩୦ରେ ଇସ୍ରୋର ମିଶନ ନିସାର

ବେଙ୍ଗାଲୁରୁ,୨୧।୭: ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ନିସାର ମିଶନ ଆସନ୍ତା ୩୦ ତାରିଖ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଲଞ୍ଚ ହେବ। ଶକ୍ତିଶାଳୀ ଉପଗ୍ରହ ନିସାରକୁ ଜିଏସ୍ଏଲ୍ଭି-ଏଫ୍୧୬ ରକେଟ ଜରିଆରେ ଲଞ୍ଚ କରାଯିବ। ଜିଏସ୍ଏଲ୍ଭି-ଏଫ୍୧୬ ରକେଟ ଏହି ଉପଗ୍ରହକୁ ୭୪୩ କି.ମି. ଉଚ୍ଚ ସୂର୍ଯ୍ୟ ସମକାଳୀନ କକ୍ଷପଥରେ ସ୍ଥାପନ କରିବ। ଉକ୍ତ ସାଟେଲାଇଟକୁ ଇସ୍ରୋ ଏବଂ ନାସା ମିଳିତ ଭାବେ ନିର୍ମାଣ କରିଛନ୍ତି। ଡୁଆଲ ଫ୍ରିକ୍ୱେନ୍ସି ସିନ୍ଥେଟିକ ଆପାର୍ଚର ରାଡାର ସାହାଯ୍ୟରେ ନିସାର ସାଟେଲାଇଟ ପୃଥିବୀ ପର୍ଯ୍ୟବେକ୍ଷଣ କରିବା ସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଆଗୁଆ ସୂଚନା ଦେଇପାରିବ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସାହିତ୍ୟ ଏକାଡେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମି ପକ୍ଷରୁ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ(ଭଞ୍ଜକଳା ମଣ୍ଡପ ପଛପଟ), ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଅଭିଲେଖାଗାର ପକ୍ଷରୁ ଷୋଡ଼ଶ ମାସିକ ଆଲୋଚନାଚକ୍ର, ସ୍ଥାନ: କନ୍ଫରେନ୍ସ ହଲ୍, ସମୟ: ଅପରାହ୍ନ ୫ଟା

### ବାଲେଶ୍ୱର
- ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ସ୍ମୃତିଚାରଣ ସଭା,ସ୍ଥାନ: ବାଇତପୁର ଗଣ୍ଡ ଯାତ୍ରା ପଡ଼ିଆ, ଭୋଗରାଇ,
- ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ରମା ଦେବୀଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଭଦ୍ରକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ମୟୂରଭଞ୍ଜ
- ରକ୍ତଦାନ ଶିବିର, ସ୍ଥାନ: ପିଆର୍ଏମ୍ ମେଡିକାଲ କଲେଜ, ରଙ୍ଗାମାଟିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।

### ବ୍ରହ୍ମପୁର
- ବିଏମ୍ସି କର୍ପୋରେଶନ ବୈଠକ, ସ୍ଥାନ: ବିଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଅଙ୍ଗଦାନ କରିଥିବା ଯୁବକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।

### ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସୌଣ୍ଡିକ ଭବନ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ଜିଲା ପରିଷଦର ବିଭିନ୍ନ ଯୋଜନା ଉପରେ ସମୀକ୍ଷା, ସ୍ଥାନ:ସଦ୍ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଅଧିକାର ସମ୍ପର୍କିତ ବୈଠକ, ସ୍ଥାନ: ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ,
- ସମୟ: ପୂର୍ବାହ୍ନ ୧୧ଟା ୩୦।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।

### ବଲାଙ୍ଗୀର
- ଉପମୁଖ୍ୟମନ୍ତ୍ରୀଙ୍କ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।

### ବରଗଡ଼
- ସଂଯୁକ୍ତ କୃଷକ ସଂଗଠନର ଦାବିପତ୍ର ପ୍ରଦାନ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।

### କଳାହାଣ୍ଡି
- ପିସିସି ସଭାପତିଙ୍କ ବିରୋଧରେ ଭାଜପାର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନଶିକ୍ଷକ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍ଭାବନା ସଭାଗୃହ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲର ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମ କରିବା ସକାଶେ ଚିନ୍ତା କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁ ଓ ପଡ଼ୋଶୀଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନାରେ ସମୟ କଟାଇପାରନ୍ତି।

**ବୃଷ** ଆଜିର ଯାତ୍ରା ଖର୍ଚ୍ଚ ସକାଶେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ଲାଭକରି ଖୁସି ହେବେ। କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ପରିସ୍ଥିତିକୁ ଲକ୍ଷ୍ୟକରି ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁଙ୍କ ସାହାଯ୍ୟରେ ନୂତନ କର୍ମାରମ୍ଭକରି ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଦୂରଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ନିଜର ସ୍ୱାର୍ଥ କିମ୍ବା ସମ୍ମାନହାନି କାରଣରୁ ବନ୍ଧୁଙ୍କ ଉପରେ ଖପ୍ପା ହୋଇପାରନ୍ତି।

**କର୍କଟ** କୌଣସି ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟିକରିବ। ତଥାପି ଅପରାହ୍ନରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ସାମାଜିକ ସ୍ତରରେ ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି।

**ସିଂହ** ରବିଙ୍କ ପ୍ରଭାବରୁ ଆରୋଗ୍ୟ, ସରକାରୀ ଅନୁକମ୍ପା, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପ୍ରାପ୍ତ ହେବ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟହେବେ। ବକେୟା ଅର୍ଥ ଆଦାୟ କରିବାରେ ବନ୍ଧୁଙ୍କ ସହ ଉଚ୍ଚବାଚ ଘଟିପାରେ । ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା** ଆଜି ଯାହା ମନକୁ ଆସୁଛି କଲେ କୌଣସି ଅସୁବିଧା ହେବନାହିଁ। ଆଲୋଚନା ପରିସରରେ, ବନ୍ଧୁଗହଣରେ, ଯାତ୍ରା କାଳରେ ସୁସମ୍ପର୍କ ଓ ସହାନୁଭୂତି ଲାଭକରିବେ। ପାରିବାରିକ କ୍ଷେତ୍ରକୁ ଶନିଙ୍କ ଦୃଷ୍ଟି ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ କଳହ ସୃଷ୍ଟିକରିବ। ଯାନବାହନରେ ଯାନ୍ତ୍ରିକ ତ୍ରୁଟି ଆପଣଙ୍କ ଯାତ୍ରାକୁ ବିଳମ୍ବିତ କିମ୍ବା ସ୍ଥଗିତ କରିଦେଇପାରେ।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ଆଜିର କାମ ସକାଶେ ଅସୁବିଧା ହେବନାହିଁ। ଶିଳ୍ପ, ବ୍ୟବସାୟରେ ସଫଳତା ମିଳିବ। ଯାତ୍ରା, ଆନୁଷ୍ଠାନିକ କାମ ଓ ଆଲୋଚନା ପରିସରରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କ୍ରୀଡ଼ା, ସାହିତ୍ୟାଦି କ୍ଷେତ୍ର ଶୁକ୍ରଙ୍କ ବିଳାସ ସ୍ଥାନାରୋହଣରୁ ଭଲ ରହିବ।

**ବିଛା** ଭାଗ୍ୟସ୍ଥାନରେ ଏକାଧିକ ଗ୍ରହ ରହି ଆପଣଙ୍କୁ ଦେହରେ ବଳ ଓ ମନରେ ଧୈର୍ଯ୍ୟ ପ୍ରଦାନ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହେବ। ପାଖ ଲୋକ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି ।

**ଧନୁ** କେନ୍ଦ୍ରରେ ବୃହସ୍ପତିଙ୍କ ସ୍ଥିତି ହେତୁ ସମସ୍ୟା ଆସିଲେ ମଧ୍ୟ ଅସୁବିଧା ହେବନାହିଁ। କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣକରି ଦୂରେଇ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** ପାରିବାରିକ ସ୍ତରରେ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ସାମାଜିକ ସ୍ତରରେ ସମ୍ମାନ ପ୍ରଶଂସାରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଆତ୍ମୀୟଙ୍କ ସହଯୋଗରେ ଯାତ୍ରା, ନୂତନ ସମ୍ପର୍କ ଓ ଅର୍ଥପ୍ରାପ୍ତି ସୂଚନା ରହିଛି। ବୁଝାମଣାର ଅଭାବଜନିତ ଛୋଟ କଥାକୁ ନେଇ କଳହ ସୃଷ୍ଟି ହୋଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ଆବଶ୍ୟକତା କିମ୍ବା ଇଚ୍ଛା ପୂରଣ ଅଭାବରୁ ଚିନ୍ତିତ ରହିପାରନ୍ତି।

**ମୀନ** ପୂର୍ବର ସମସ୍ୟା ଧୀରେ ଧୀରେ ଦୂରେଇଯାଉଥିବା ଅନୁଭବକରି ଉତ୍ସାହିତ ହେବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ମଧ୍ୟ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଜୁଲାଇ ୨୨ତାରିଖ,ଶ୍ରାବଣ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ. ୦୮।୧୫ ମି. ଗତେ ମିଥୁନ ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଘ.୦୮।୩୭ ଗତେ, ଘ. ୧୦।୩୪ ମଧ୍ୟେ, ଘ.୦୧।୧୧ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୫ ମଧ୍ୟେ ରାହୁକାଳ।

## ସ୍ୱଚ୍ଛ ସହର ସର୍ଭେରେ ମିଳିଥିବା ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରଦର୍ଶିତ

**ସ୍ୱଚ୍ଛ ସହର ସର୍ଭେରେ ଆସ୍କା ବିଜ୍ଞାପିତ ଅଞ୍ଚଳ ଦେଶରେ ୨ୟ**

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ୨ୟ ସ୍ଥାନ ହାସଲ କରିଛି। ଗତ ୧୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଛନ୍ତି। ସୋମବାର ଲୋକସେବା ଭବନଠାରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଅଧକ୍ଷା ବିନୀତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ଖୁସିବ୍ୟକ୍ତ କରିବା ସହିତ ଉଭୟ ବିଧାୟକ ଓ ଅଧକ୍ଷାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ୧ମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ୟାଟେଗୋରିରେ ଗଞ୍ଜାମ ଜିଲାର ଆସ୍କା ଦେଶରେ ସ୍ୱଚ୍ଛ ସହର ଭାବେ ୨ୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇଛି।

## ଟ୍ରକ୍କୁ ପିଟିଲା ବସ୍: ମହିଳା ମୃତ, ୯ ଆହତ

ଭଦ୍ରକ,୨୧।୭(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ ନିକଟରେ ସୋମବାର ଅପରାହ୍ନ ୩ଟାରେ ୧୬ନଂ. ଜାତୀୟ ରାଜପଥରେ ଠିଆହୋଇଥିବା ଏକ ଟ୍ରକ୍କୁ ପଛରୁ ପିଟିଲା ବସ୍। ଏହି ଦୁର୍ଘଟଣାରେ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୯ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ମୃତ ମହିଳା ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ବଡ଼ଓସ୍ତିଆ ଗ୍ରାମର ସବିତା ପଢ଼ିଆରୀ(୫୦)। ଆହତଙ୍କ ମଧ୍ୟରେ ଅଧିକାଂଶ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ବସ୍ର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶାଗ ଭିତରେ ମଦରଙ୍ଗା**
**ନଈ ଭିତରେ ଗଙ୍ଗା**
**ପର୍ବତ ଭିତରେ ହିମାଳୟ**
**ଲୟ ଭିତରେ ଜୟ।**

ଶାଗ ଭିତରେ ମଦରଙ୍ଗା ଶାଗ ଶ୍ରେଷ୍ଠ ହୋଇଥିବା ବେଳେ ନଈ ଭିତରେ ଗଙ୍ଗା ଓ ପର୍ବତ ଭିତରେ ହିମାଳୟ ନିଜ ନିଜର ଶୀର୍ଷତ୍ୱ ପ୍ରତିପାଦନ କରିଥାନ୍ତି। ସେହିପରି ଏକାନ୍ତ ଚିତ୍ତରେ କୌଣସି କାର୍ଯ୍ୟ କଲେ ସେଥିରେ ସଫଳତା ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଷୋଳ ଚାଷେ ମୂଳା,**
**ତା'ର ଅର୍ଦ୍ଧେକ ତୁଳା,**
**ତା'ର ଅର୍ଦ୍ଧେକ ଧାନ,**
**ବିନା ଚାଷେ ପାନ।**

ଚାଷ ପାଇଁ ପରିଶ୍ରମ ଲୋଡ଼ା। ଏଠାରେ ମୂଳା, ତୁଳା, ଧାନ ଓ ପାନ ଚାଷର ବିଧି ବର୍ଣ୍ଣନା କରାଯିବା ସହ ପାନ ଏକ ଲାଭଜନକ ବ୍ୟବସାୟ ହୋଇଥାଏ ବୋଲି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଂଗ୍ରେସକୁ ଉଦିତ୍ ଝଟକା

ଭୁବନେଶ୍ୱର,୨୧।୭(ରବିନାରାୟଣ ଜେନା)

ଓଡ଼ିଶାରେ ଏବେ ହୁ ହୁ ହୋଇ ନିଆଁ ଜଳୁଛି। କେଉଁଠି ନାରୀକୁ ନ୍ୟାୟ ପାଇଁ ତ ଆଉ କେଉଁଠି ପ୍ରତିବାଦ ବିରୋଧରେ ପ୍ରତିଶୋଧର ବହ୍ନି। ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସିନା ନ୍ୟାୟ ନ ପାଇ ନିଆଁରେ ଜଳିଗଲେ, ହେଲେ ସାରା ମଣିଷସମାଜ ପାଇଁ ସେ ଅନେକଗୁଡ଼ିଏ ପ୍ରଶ୍ନ ଛାଡ଼ିଯାଇଛନ୍ତି, ଯାହା ଏବେ ବିରୋଧୀଙ୍କୁ ସୁହାଇଛି। ଏହାକୁ ନେଇ ରାସ୍ତାଘାଟଠାରୁ ଆରମ୍ଭକରି ଗାନ୍ଧୀମାର୍ଗ ପର୍ଯ୍ୟନ୍ତ ନିଆଁ ଜଳୁଛି। ଏହାକୁ ଅସ୍ତ୍ରକରି କଂଗ୍ରେସ ଏବେ ରାଜ୍ୟରେ ଚର୍ଚ୍ଚାର ପରିଧି ଭିତରକୁ ଆସିଥିବାବେଳେ ଏଥିରେ ବଳଙ୍ଗା ଝିଅ ପୋଡ଼ି ଘଟଣା ରାଜ୍ୟ ରାଜନୀତିକୁ ତତେଇ ଦେଇଛି। ଏହାକୁ ନେଇ ବିରୋଧୀ କଂଗ୍ରେସ ସରକାରକୁ ନାକେଦମ୍ କରିସାରିଲାଣି। ଏତିକିବେଳେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ରବିବାର ବିଳମ୍ବିତ ରାତିରେ ଗିରଫ ହୋଇଛନ୍ତି। ଏହା ଏବେ କଂଗ୍ରେସ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଅତୀତରେ କଂଗ୍ରେସ ନେତା ଇତିଶ ପ୍ରଧାନ ଗିରଫ ହୋଇଥିବାବେଳେ ରବିବାର ଉଦିତଙ୍କ ଗିରଫ କଂଗ୍ରେସକୁ ଶକ୍ତ ଝଟ୍କା ଦେଇଛି।

ନାରୀଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଯେଉଁଭଳି 'ଭଟିକାଲ' ଗତିରେ ଆଗକୁ ବଢୁଥିଲା ଏବେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ଙ୍କ ଗିରଫ ଘଟଣା ସେଥିରେ ଭଙ୍ଗା ପକାଇଛି। ଘଟଣାକୁ ନେଇ ଏବିଭିପି ଏବଂ ଭାଜପା ପକ୍ଷରୁ କଂଗ୍ରେସକୁ ଟାର୍ଗେଟ କରାଯାଇଛି। ଏପରିକି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ କୁଶପୁତ୍ତଳିକା ଦାହ ମଧ୍ୟ କରାଯାଇଛି।

ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କଂଗ୍ରେସ ବିରୋଧରେ ଅଭିଯୋଗ ଆଣି ବର୍ଷିଛନ୍ତି। ସେ କହିଛନ୍ତି, କଂଗ୍ରେସ ନାରୀଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ତାଙ୍କ ଦଳର ଛାତ୍ର ନେତା ଯୁବତୀଙ୍କ ପ୍ରତି ଅସଦାଚରଣ କରି ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସମ୍ପୃକ୍ତା ଯୁବତୀଙ୍କ ଅଭିଯୋଗ ହେଉଛି, ଛାତ୍ର କଂଗ୍ରେସ ସଭାପତି ଉଦିତ୍ ଜଣେ ସାଙ୍ଗ ସହିତ ଆସି ମୋ ସହ ମିଶିଲେ। ପରେ ମୃଦୁପାନୀୟରେ ନିଶା ଦେଇ ମୋତେ ବେହୋସ୍ କରାଯାଇଛି। ଅଧଘଣ୍ଟା ପରେ ମୁଁ ନିଦରୁ ଉଠି ଦେଖିବା ବେଳକୁ ଉଦିତ ମୋ ଉପରେ ହାତ ପକାଇ ଶୋଇଛନ୍ତି। ଏହି ସମୟ ଭିତରେ ସେ ଖରାପ ବ୍ୟବହାର କରିଥିବା ଯୁବତୀ ଜଣକ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ମାର୍ଚ୍ଚ ୧୮ରେ ଘଟିଥିଲା ବୋଲି ଯୁବତୀ ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ନେଇ ଉଦିତ ସୋମବାର ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ, ମେଡିକାଲ ରିପୋର୍ଟ ଆସିଲେ ସବୁ ସତ ଜଣାପଡ଼ିବ। ଆଗକୁ ନିର୍ବାଚନ ଥିବାରୁ ମୋତେ ଫସେଇ ଦିଆଯାଇଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଅନ୍ୟପକ୍ଷେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଥିବା ଯୁବତୀଙ୍କ ଅନେକ ଫଟୋ ଭାଇରାଲ ହେଉଛି। ଗତ ୩ ମାସର ଏହି ଘଟଣାକୁ ରବିବାର ସନ୍ଧ୍ୟାରେ କାହିଁକି ସେ ପୋଲିସ ନିକଟରେ ଅଭିଯୋଗ କଲେ ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ଗୁରୁତ୍ୱର ଭାବେ କଂଗ୍ରେସ ଗ୍ରହଣ କରିଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ୬ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଏହି ୬ ଜଣିଆ କମିଟି ତଦନ୍ତକରି ରାଜ୍ୟ ସଭାପତିଙ୍କୁ ରିପୋର୍ଟ ଦେବ। ଏହି ଅଭିଯୋଗ ଯଦି ସତ୍ୟ ହୁଏ, ତେବେ ଉଦିତଙ୍କ ରାଜନୈତିକ କ୍ୟାରିୟରରେ ଆଞ୍ଚ ଆସିବ, ନଚେତ୍ ବିରୋଧୀଙ୍କ ସ୍ୱରକୁ ଚପାଇଦେବାକୁ ଏହା ଏକ ପ୍ରୟାସ ହୋଇଥାଇପାରେ ବୋଲି କଂଗ୍ରେସର ବରିଷ୍ଠ ନେତାମାନେ କହୁଛନ୍ତି।

## ନାବାଳିକା ହକି...

ପ୍ରଥମ ପୃଷ୍ଠାରୁ...

ସେ ୩।୭।୨୦୨୫ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ହକି କୋଚ୍ ସାର୍ଥକ ଓ ସନ୍ଦୀପ ସ୍ୱାଇଁ ତାଙ୍କୁ ଫୋନ କରି ଏକ ଉପହାର ଅଛି ଆସି ନେଇଯିବାକୁ କହିଥିଲେ। କିନ୍ତୁ ବିଳମ୍ବ ହୋଇ ଯାଇଥିବାରୁ ନାବାଳିକା ଆଉ ଉପହାର ନେବାକୁ ଯାଇ ନ ଥିଲେ। ହେଲେ ଯାଜପୁର ଗାନ୍ଧୀ ଛକ ନିକଟରେ ନାବାଳିକା ଅନ୍ୟ ସାଙ୍ଗମାନଙ୍କ ସହ ଠିଆ ହୋଇ କଥା ହେଉଥିଲେ। ଏହାକୁ କୋଚ୍ ସାର୍ଥକ ଓ ସନ୍ଦୀପ ନିରୀକ୍ଷଣ କରିଥିଲେ। ସେଠାରୁ ନାବାଳିକା ଘରକୁ ଯିବା ବାଟରେ ତାଙ୍କୁ ସାର୍ଥକ, ସନ୍ଦୀପ ଓ ସେମାନଙ୍କ ସହଯୋଗୀ ସାଗର ଅଟକାଇ ଜବରଦସ୍ତ ବାଇକରେ ବସାଇ ସହରର ଜ୍ୟୋତି ହୋଟେଲକୁ ନେଇ ଯାଇଥିଲେ। ସେଠାରେ ୩ ଜଣ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ଏହାପରେ ନାବାଳିକା କାନ୍ଦି କାନ୍ଦି ଲଜ୍ର କବାଟ ବାଡ଼େଇ ଥିଲେ। ଏହା ଶୁଣି ଲଜ୍ର ଜଣେ କର୍ମଚାରୀ ରୁମ୍ ଭିତରପଟୁ କବାଟ ଖୋଲିବାକୁ କହିଥିଲେ। ନାବାଳିକାଙ୍କ ହାତ ନ ପାଇବାରୁ ସାଗର କବାଟ ଖୋଲିଥିଲେ। ଏହାପରେ ଯେଉଁଠୁ ଉଠେଇଥିଲ ସେଠାରେ ଛାଡି ଦେବାକୁ ନାବାଳିକା ଅନୁରୋଧ କରିବାରୁ ଦୁଇ ଜଣ ନେଇ ତାଙ୍କୁ ଛାଡ଼ିଥିଲେ। ଏହି ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବୁ ବୋଲି ଅଭିଯୁକ୍ତମାନେ ନାବାଳିକାଙ୍କୁ ଧମକ ଦେଇଥିଲେ। ଏନେଇ ନାବାଳିକା ସମସ୍ତ ବିଷୟ ତାଙ୍କ ମା'ଙ୍କୁ କହିଥିଲେ। ଘଟଣାର ପ୍ରାୟ ୧୭ ଦିନ ଅତିକ୍ରାନ୍ତ ହେବା ପରେ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯାଜପୁର ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଅନୁସାରେ ତଦନ୍ତ ଚାଲିଛି। ଏଯାଏ କାହାରିକୁ ଗିରଫ କରାଯାଇନାହିଁ। ଖୁବ୍ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ପୋଲିସ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତାଙ୍କ ବୟାନ ରେକର୍ଡ଼ କରାଯାଇଛି।

### ନୀରବ ରହିଥିଲେ ଜିଲା କ୍ରୀଡ଼ାଧିକାରୀ

ନାବାଳିକାଙ୍କୁ ଗଣବଳାତ୍କାର ସମ୍ପର୍କରେ ତାଙ୍କ ମା' ଗତ ୧୪ ତାରିଖରେ ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁଙ୍କୁ ସାକ୍ଷାତ୍ କରି ଜଣାଇଥିଲେ। ଜିଲା କ୍ରୀଡ଼ାଧିକାରୀ ଲିଖିତ ଭାବେ ଜଣାଇବାକୁ ତାଙ୍କୁ କହିଥିଲେ। ଏହାପରେ ନାବାଳିକାଙ୍କ ମା' ଗତ ୧୬ ତାରିଖରେ ଲିଖିତ ଭାବେ ଟୁଡୁଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନୁଯାୟୀ ୩ ଦିନ ମଧ୍ୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଟୁଡୁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଜିଲା କ୍ରୀଡ଼ାଧିକାରୀ କୌଣସି ପ୍ରକାର ପଦକ୍ଷେପ ନ ନେଇ ନୀରବି ଯାଇଥିଲେ। ଏପରିକି ପୀଡ଼ିତା ଏକାଧିକ ଥର ଟୁଡୁଙ୍କୁ ଫୋନ୍ କରିଥିଲେ ବି ସେ କଲ୍ ଗ୍ରହଣ କରି ନ ଥିଲେ ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ାଧିକାରୀ ଟୁଡୁଙ୍କ ମତାମତ ନେବାକୁ ସୋମବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ଇଡି ସବୁ ସୀମା...

ମହକିଲଙ୍କ ମଧ୍ୟରେ ଯୋଗାଯୋଗ ଏକ ଅଗ୍ରାଧିକାର। ସେମାନଙ୍କ ବିରୋଧରେ ନୋଟିସ କିପରି ଜାରି କରାଯାଇପାରିବ? ଏଥିପାଇଁ କେତେକ ଗାଇଡ୍ଲାଇନ୍ ରହିବା ଉଚିତ। ଇଡି ସବୁ ସୀମା ଲଙ୍ଘୁଛି। ବରିଷ୍ଠ ଆଇନଜୀବୀ ଦତାରଙ୍କ ଭଳି ଲିଗାଲ ପ୍ରଫେଶନାଲଙ୍କୁ ଇଡି ନୋଟିସ ପଠାଇବା ଦ୍ୱାରା ସେମାନଙ୍କ ବୃତ୍ତି ପ୍ରଭାବିତ ହୋଇପାରେ ବୋଲି ସିଜେଆଇ ଗବଇ କହିଛନ୍ତି। ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ସିଜେଆଇଙ୍କ ସହ ଏଥିରେ ସହମତି ପ୍ରକାଶ କରିଛନ୍ତି। ଆଇନଗତ ପରାମର୍ଶ ଦେଉଥିବା ଓକିଲଙ୍କୁ ସମନ କରାଯାଇପାରିବ ନାହିଁ ବୋଲି ଉଭୟେ କହିଛନ୍ତି।

## ଥାନାରେ ବିଷ...

ତାଙ୍କ ଭାଇଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଥିଲା। ଭାଇଙ୍କୁ ଗିରଫ କରାଯିବା କଥା ଶୁଣିବା ପରେ ପୀଡ଼ିତା ଥାନା ଭିତରେ ବିଷ ପିଇ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପୀଡ଼ିତା କହିଛନ୍ତି, ଆଲୋକ ତାଙ୍କୁ ପ୍ରତାରଣା କରିଛନ୍ତି। ପୋଲିସ ତାଙ୍କୁ ସହଯୋଗ ନ କରି ଆଲୋକଙ୍କୁ ଅନୁକମ୍ପା ଦେଖାଇ କୋହଳ ଦଫା ଲଗାଇଥିବାରୁ ସେ ଜାମିନରେ ଆସି ଅୟସ କରୁଛନ୍ତି। ହେଲେ ତାଙ୍କୁ ନର୍କ ଯନ୍ତ୍ରଣା ଭୋଗିବାକୁ ପଡୁଛି। ତାଙ୍କୁ ଏବେ କିଏ ବାହା ହେବ। ତାଙ୍କ ଇଜ୍ଜତ ସେ କ'ଣ ଫେରି ପାଇବେ କି ବୋଲି ପୀଡ଼ିତା କହିଛନ୍ତି। ଏହାସହିତ ଆଲୋକଙ୍କ ପରିବାର ସବୁବେଳେ ନିର୍ଯାତନା ଦେଉଛନ୍ତି। ରବିବାର ଆଲୋକଙ୍କ ପରିବାର ପକ୍ଷରୁ ତାଙ୍କ ଭାଇଙ୍କୁ ମାରପିଟକରି କେସ୍ ଦେଲେ। ତଦନୁଯାୟୀ ପୋଲିସ ମାମଲା ରୁଜୁ କରି ଭାଇଙ୍କ ଗିରଫ କରିବାକୁ କହିଲା। ପୋଲିସଠାରୁ ନିରାଶ ହେବା ପରେ ଜୀବନକୁ ତୁଚ୍ଛ ମନେ କରି ବିଷ ପିଇଦେଲି ବୋଲି ଯୁବତୀ କହିଛନ୍ତି।

ଏନେଇ ନୟାଗଡ଼ ଏସ୍ଡିପିଓ ଜ୍ୟୋତି ସାମନ୍ତରାୟ ଓ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତଙ୍କୁ ପଚାରିବାରେ ପୀଡିତାଙ୍କୁ ପୋଲିସ ଅବହେଳା କରିନାହିଁ। ଫେବୃଆରୀରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ନଂ.୪୨/୨୫ରେ ମାମଲା କରାଯାଇ ଆଲୋକଙ୍କୁ ରାୟପୁରରୁ ଗିରଫକରି ଜେଲ ପଠାଯାଇଛି। ରବିବାର ମାରପିଟ ଘଟଣାରେ ଆଲୋକଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ.୨୬୪/୨୫ରେ ମାମଲା ହୋଇଛି। ଏଥିରେ ପୀଡିତାଙ୍କ ଭାଇଙ୍କ ନାଁ ମୁଖ୍ୟ ଅଭିଯୁକ୍ତ ରହିଛି। ସେପଟେ ପୀଡ଼ିତାଙ୍କ ପରିବାର ଅଭିଯୋଗ କ୍ରମେ ୨୬୫/୨୫ ନମ୍ବରରେ ମାମଲା ହୋଇଛି। ବଳାତ୍କାର ମାମଲାରେ ପୋଲିସ ଚାର୍ଜସିଟ ଦାଖଲ କରିନାହିଁ। କୋର୍ଟରେ ମାମଲା ଥିବାବେଳେ ପୀଡ଼ିତା ବୋହୂ ହେବାକୁ ଜିଦ୍ କରିବା ପରେ ପୋଲିସ କିଭଳି ନ୍ୟାୟ ଦେବ। ଥାନାରେ ପୀଡ଼ିତା ବିଷ ପିଇବା ଘଟଣାକୁ ଆମେ ଅଣଦେଖା ମଧ୍ୟ କରିନାହୁଁ। ବିଷ ପିଇବାର ଦୃଶ୍ୟ ସିସିଟିଭି ଫୁଟେଜ୍ରେ ଅଛି ବୋଲି ସେମାନେ କହିଛନ୍ତି।

## ସ୍କୁଲ ଉପରେ...

ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭୧ ଜଣ ଆହତ ହୋଇଥିବା ନେଇ ଢାକାସ୍ଥିତ ଅଗ୍ନିଶମ ସେବା ଏବଂ ନାଗରିକ ପ୍ରତିରକ୍ଷାର ମହାନିର୍ଦ୍ଦେଶକ ବ୍ରିଗେଡିଅର ଜେନେରାଲ ଜାହେଦ କମଲ ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ଢାକାସ୍ଥିତ କମ୍ବାଇନଡ୍ ମିଲିଟାରୀ ହସ୍ପିଟାଲ (ସିଏମ୍ଏଚ୍) , ଢାକା ମେଡିକାଲ କଲେଜ ହସ୍ପିଟାଲ, ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବର୍ନ ଆଣ୍ଡ ପ୍ଲାଷ୍ଟିକ ସର୍ଜରି (ଏନ୍ଆଇବିପିଏସ୍)ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବାଂଲାଦେଶ ସେନା, ଅଗ୍ନିଶମ ବାହିନୀ,ସିଭିଲ ଡିଫେନ୍ସର ୮ଟି ୟୁନିଟ୍, ଏୟାରଫୋର୍ସ ହେଲିକପ୍ଟର ଆଦି ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଉଦ୍ଧାର କାର୍ଯ୍ୟ ତତ୍ପରତାର ସହ ଜାରି ରହିଛି ଏବଂ ଦୁର୍ଘଟଣାର ତଦନ୍ତ କରାଯିବ ବୋଲି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ କହିଛନ୍ତି। ସେହିପରି ସେ ଘଟଣାକୁ ନେଇ ଶୋକ ପ୍ରକଟ ମଧ୍ୟ କରିଛନ୍ତି। ଏହି ବିମାନ ଦୁର୍ଘଟଣା ପାଇଁ ବାଂଲାଦେଶରେ ଦିନକ ପାଇଁ ଶୋକ ଘୋଷଣା କରାଯାଇଛି। ମାଇଲଷ୍ଟୋନ ସ୍କୁଲ ଆଣ୍ଡ କଲେଜରେ କିଣ୍ଡରଗାର୍ଟେନଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ନେଇ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

## ଛାତ୍ରୀ ବଳାତ୍କାର ମାମଲା

# ଜେଲ ଗଲେ ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର,୨୧।୭ (ସତ୍ୟଜିତ୍ ରାଉତ)

ଜଣେ ଛାତ୍ରୀ(୧୯)ଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଭୁବନେଶ୍ୱର ଜେଏମ୍ଏଫ୍‌ସି-୨ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଦିତ୍‌ଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଘଟଣା ଘଟିଥିବା ହୋଟେଲକୁ ଯାଇ ତଦନ୍ତ କରିଛି। ଗତ ମାର୍ଚ୍ଚ ୧୮ ରାତିରେ ହୋଟେଲ ରୁମ୍‌ରେ ଉଦିତ୍‌ଙ୍କ ସମେତ ଆଉ କେଉଁମାନେ ଥିଲେ, କେତେବେଳେ ଯାଇଥିଲେ, ଫେରିଥିଲେ ଆଦି ତଥ୍ୟ ଯୋଗାଡ଼ କରିଛି। ପୋଲିସ ଟିମ୍ ହୋଟେଲର ରେଜିଷ୍ଟର ଓ ସିସିଟିଭି ଫୁଟେଜକୁ ଜବତ କରି ଛାନଭିନ୍ ଚଳାଇଛି। ଏଥିସହ କର୍ମଚାରୀଙ୍କୁ ଉକ୍ତ ଦିନର ଘଟଣା ବିଷୟରେ ପଚରାଉଚରା କରି ତଥ୍ୟ ହାସଲ କରିଛି।

ଏନେଇ ଖବରଦାତା ସମ୍ମିଳନୀରେ ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଉଦିତ୍‌ଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ଥିବାରୁ ତାଙ୍କୁ ଗିରଫ କରାଯାଇଛି। ଉଦିତଙ୍କ ସହ ଥିବା ଅନ୍ୟମାନଙ୍କୁ ପଚରାଉଚରା କରାଯିବ। ସମ୍ପୃକ୍ତି ଆସିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସିପି କହିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ହେଉଛନ୍ତି ଚନ୍ଦକା ଥାନା ଅଞ୍ଚଳର। ସେ ଓ ତାଙ୍କର ଜଣେ ସାଙ୍ଗ ଅନ୍ୟ ଜଣେ ଯୁବକଙ୍କ ସହ ଗତ ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲି ଯାଇଥିଲେ। ଏହାପରେ ସେଠାରେ ଉଦିତ୍ ସେମାନଙ୍କ ଗାଡ଼ିରେ ବସିବା ସହ ସମସ୍ତେ ମଞ୍ଚେଶ୍ୱରସ୍ଥିତ ଏକ ହୋଟେଲକୁ ଯାଇଥିଲେ। ସେଠାରେ ଉଦିତ୍ ଓ ଅନ୍ୟମାନେ


ଉଦିତ୍ ପ୍ରଧାନ

ମଦ୍ୟପାନ କରିଥିଲେ। ପୀଡ଼ିତା ମଦ୍ୟପାନ କରିବାକୁ ମନା କରିବାରୁ ଉଦିତ୍ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ଛାଡ଼ି ନ ଥିଲେ। ସେ ଚେତାଶୂନ୍ୟ ହୋଇଯିବା ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଏ ବିଷୟରେ ସେ ଜାଣିପାରିଥିଲେ। ଉଦିତ୍ ତାଙ୍କୁ ଧମକ ଦେବାରୁ ସେ ଏବିଷୟରେ ଚୁପ ରହିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ନାରୀକୁ ନ୍ୟାୟ ଦେବାକୁ ଅଭିଯାନ ଚାଲିଥିବା ବେଳେ ପୀଡ଼ିତା ସାହସ କରି ଅଭିଯୋଗ କରିଛନ୍ତି ବୋଲି ଏତଲାରେ ଦର୍ଶାଇଥିଲେ। ରବିବାର ରାତି ୮ଟା ୩୦ରେ ଅଭିଯୋଗ ପାଇ ପୋଲିସ ମାମଲା (ନଂ.୪୧୭/୨୦୨୫) ରୁଜୁ କରିବା ସହ ବିଳମ୍ବିତ ରାତିରେ ଉଦିତ୍‌ଙ୍କୁ ଗିରଫ କରିଥିଲା।

## କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର,୨୧।୭ (ରବିନାରାୟଣ ଜେନା)

ଜଣେ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କୁ କଂଗ୍ରେସ ନିଲମ୍ବନ କରିଛି। ସୋମବାର ଏନ୍ଏସ୍ୟୁଆଇର ଜାତୀୟ ସଭାପତି ବରୁଣ ଚୌଧାରୀ ଏନେଇ ଏକ ପ୍ରେସ୍ ବିବୃତିରେ ସୂଚିତ କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ

### ସତ୍ୟାସତ୍ୟ ପାଇଁ କମିଟି

କରାଯାଇଛି। ଉକ୍ତ କମିଟି ସଂପୃକ୍ତା ଛାତ୍ରୀଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ସହିତ ସଭାପତିଙ୍କୁ ଏ ନେଇ ଅବଗତ କରାଇବାକୁ କୁହାଯାଇଛି। ଏହି କମିଟିରେ ପିସିସି ଉପସଭାପତି ସସ୍ମିତା ବେହେରା ଅଧ୍ୟକ୍ଷା ରହିଥିବାବେଳେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ପାଦିକା ଡ. ଦେବସ୍ମିତା ଶର୍ମା, ବିଧାୟିକା ପ୍ରାର୍ଥୀ ସୋନାଲି ସାହୁ, ମୁଖପାତ୍ର ଜୟଶ୍ରୀ ପାତ୍ର ଓ ଡ. ମନୀଷା ଦାସ ପଟ୍ଟନାୟକ ସଦସ୍ୟା ରହିଛନ୍ତି।

# ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କଲା ବିଜେଡି

## ନାରୀ ସୁରକ୍ଷା, ଏଫ୍ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବି


କଟକରେ ବିଜୁ ଜନତା ଦଳ ପକ୍ଷରୁ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ,୨୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଅସୁରକ୍ଷିତ ନାରୀ ସମାଜ, ଓଡ଼ିଶାରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସୋମବାର କଟକରେ ବିଜୁ ଜନତା ଦଳ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛି। ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ କଟକ ରିଂରୋଡସ୍ଥିତ ସନସାଇନ ପଡିଆଠାରେ ସମାବେଶ କରାଯାଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରତାପ ଜେନା, ବରିଷ୍ଠ ନେତା ଅଶୋକ ପଣ୍ଡା, କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟାନ୍ୟ ନେତାମାନେ ଏକଜୁଟ ହୋଇ ମୁଖ୍ୟତଃ ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା, ପୁରୀ ବଳଙ୍ଗାରେ ଦୁର୍ବୃତ୍ତମାନେ ପୋଡିଦେଇଥିବା ନାବାଳିକା ଘଟଣା ଏବଂ ରାଜ୍ୟରେ ସବୁଦିନ ଘଟୁଥିବା ଆପରାଧିକ ଘଟଣାକୁ ବିରୋଧ କରି ସ୍ୱର ଉଠାଇଛନ୍ତି। ଭାଜପା ସରକାର ଯୋଗୁ ଓଡ଼ିଶା ଆଜି ସାରା ବିଶ୍ୱରେ ନିନ୍ଦିତ ହୋଇଛି। ଏହି ଦୁଇଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଏବଂ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦଳ ଦାବି କରିଛି। ସରକାର ଶାସନ କରିବାରେ ବିଫଳ ହୋଇଛନ୍ତି। ବିଜେଡି ସରକାର ସମୟରେ ଏଭଳି ଛାତ୍ରୀ କେବେ ଦେହରେ ନିଆଁ ଲଗାଇବା ଉଦ୍ୟମ କରିନାହିଁ। ହେଲେ ଭାଜପା ସରକାରର ୧ ବର୍ଷ ଶାସନରେ ଏଭଳି ଅଘଟଣ ଘଟିଛି। ଯଦି ଭାଜପା ସରକାର ଶାସନ କରି ପାରୁନାହାନ୍ତି ତେବେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି। ସନସାଇନ ପଡିଆଠାରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ଆର୍‌ଡିସି ବି. ପରମେଶ୍ୱରନଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ଭକ୍ତଙ୍କ ଇସ୍ତଫା ଦାବି କଲା ଯୁବମୋର୍ଚ୍ଚା

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଗିରଫ ହୋଇଛନ୍ତି। ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ ପ୍ରଧାନ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ, ଏହାସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରି କୁଶପୁତ୍ତଳିକା ଦାହ କରୁଥିଲେ। ରାଜରାସ୍ତା ବନ୍ଦ କରି ଜନସାଧାରଣଙ୍କୁ ହଇରାଣ କରୁଥିଲେ। ଏବେ ତାଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି। ଏହି ଘଟଣାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ବଳାତ୍କାରୀ ବୋଲି ଜଣାପଡ଼ିଛି। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ଉଦିତ୍‌ଙ୍କୁ ଖାଲି ସଭାପତି ପଦରୁ ନିଲମ୍ବିତ କରି ନିଜ କର୍ତ୍ତବ୍ୟ ଶେଷ କରିଦେଇଛି ବୋଲି ଭାବୁଛି। ଆଉ ତାଙ୍କ ଦଳ



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଉପରେ କେହି ଆଙ୍ଗୁଠି ଉଠାଇବେ ନାହିଁ ବୋଲି ସେମାନେ ଭାବିଛନ୍ତି। ଏହାକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଉଦିତ୍ ଛାତ୍ର କଂଗ୍ରେସ ସଭାପତି ହେବାର ବହୁ ପୂର୍ବରୁ ମଧ୍ୟ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ୨୭ ମେ ୨୦୨୪ରେ ଖଣ୍ଡଗିରି ଥାନାରେ ଉଦିତ୍‌ଙ୍କ ନାମରେ ଡକାୟତି ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ଟଙ୍କା ଠକେଇ, ଆପରାଧିକ ମାନସିକତା ରଖି ମାରଧର କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ଏସବୁ ଅପରାଧ ବିଷୟରେ ଜାଣିବା ସତ୍ତ୍ୱେ ଥାନାରେ ଏଫଆଇଆର୍ ହେବାର ମାତ୍ର ୩ ମାସ ପରେ ଅର୍ଥାତ୍ ୧୩ ଅଗଷ୍ଟ ୨୦୨୪ରେ କଂଗ୍ରେସ ତାଙ୍କୁ ପୁରସ୍କାର ଦେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଛି। ଏଭଳି ଅପରାଧୀଙ୍କୁ କାହିଁକି ନିଯୁକ୍ତି ଦିଆଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ପିସିସି ସଭାପତି ଭକ୍ତ ଦାସ ବାଲେଶ୍ୱର ଏଫ୍ଏମ୍ କଲେଜ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିଲେ। ଏବେ ତାଙ୍କ ଦଳର ନେତା ଯାହାଙ୍କ ନାଁରେ ବଳାତ୍କାରଠାରୁ ଆରମ୍ଭକରି ଅନ୍ୟାନ୍ୟ ଆପରାଧିକ ମାମଲା ରହିଛି, ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେଇଥିବାରୁ ନୈତିକତା ଦୃଷ୍ଟିରୁ ଭକ୍ତ ଦାସ ନିଜେ ଇସ୍ତଫା ଦିଅନ୍ତୁ। କଂଗ୍ରେସ ତାଙ୍କ ଦଳୀୟ ନେତାଙ୍କ କାର୍ଯ୍ୟକଳାପରେ କିଭଳି କାର୍ଯ୍ୟାନୁଷ୍ଠାନ ନେବ ତାକୁ ଦେଖିବା ବାକି ରହିଲା। ତେବେ ଏହି ଘଟଣାକୁ ନେଇ ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ କଂଗ୍ରେସ ବିରୋଧରେ ଆନ୍ଦୋଳନ କରାଯିବା ସହିତ ପିସିସି ସଭାପତିଙ୍କ ଇସ୍ତଫା ଦାବିରେ କୁଶପୁତ୍ତଳିକା ଦାହ କରାଯାଇଛି।

## ନିରପେକ୍ଷ ତଦନ୍ତ କରାନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫ ପ୍ରସଙ୍ଗରେ ବିଜେଡି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଛାତ୍ର କଂଗ୍ରେସ ସଭାପତି ଥିବା ଉଦିତ ପ୍ରଧାନଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ତାହା ଅତ୍ୟନ୍ତ ସଙ୍ଗିନ। ପୀଡ଼ିତା ମହିଳାଙ୍କ ଅଭିଯୋଗ ଆଧାରରେ ସରକାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାର ବ୍ୟବସ୍ଥା କରନ୍ତୁ। କେବଳ ଏହି ଘଟଣା ନୁହେଁ, ସମଗ୍ର ରାଜ୍ୟରେ ଯେଉଁଠି ନାରୀମାନଙ୍କ ଉପରେ ଅତ୍ୟାଚାର ହେଉଛି, ପ୍ରତ୍ୟେକ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ସହିତ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ନାରୀ ନିର୍ଯାତନା ପ୍ରସଙ୍ଗରେ ସାଲିସ୍‌ର ପ୍ରଶ୍ନ ଉଠୁନାହିଁ: ଭକ୍ତ

ଭୁବନେଶ୍ୱର,୨୧।୭ (ରବିନାରାୟଣ ଜେନା)

ନାରୀ ନିର୍ଯାତନା ପ୍ରସଙ୍ଗରେ କୌଣସି ପରିସ୍ଥିତିରେ ବି ସାଲିସ୍‌ର ପ୍ରଶ୍ନ ଉଠୁନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଏବଂ ବଳଙ୍ଗାରେ ଜଣେ ଝିଅକୁ ନିଆଁ ଲଗାଇ ପୋଡ଼ିବା ଘଟଣା ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ସ୍ପଷ୍ଟ କରୁଛି। ଏପର୍ଯ୍ୟନ୍ତ ପୋଲିସ ସୌମ୍ୟାଶ୍ରୀଙ୍କ ଘଟଣାର ନିର୍ଯାସରେ ପହଞ୍ଚିପାରି ନ ଥିବାବେଳେ ବଳଙ୍ଗା ଘଟଣାରେ ଅପରାଧୀ ଖୋଲାରେ


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟ ନେତୃବୃନ୍ଦ।

ବୁଲୁଛନ୍ତି। ସରକାରଙ୍କ ନିଷ୍କ୍ରିୟତାରୁ ଅପରାଧୀମାନେ ବଳ ପାଉଛନ୍ତି।

ଏହି ପରିପ୍ରେକ୍ଷୀରେ ଚଳିତ ମାସ ୨୪ରେ ସୌମ୍ୟାଶ୍ରୀଙ୍କ ଏକାଦଶାହକୁ ସମସ୍ତ ଓଡ଼ିଶାବାସୀ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ପାଳନ କରିବା ଲାଗି ଭକ୍ତ ନିବେଦନ କରିଛନ୍ତି। ଏହାସହ ନିମାପଡ଼ା ପୋଡ଼ି ଘଟଣାରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜରେ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଗୋଟିଏ ଦିନ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି।

ଏହି ଅବସରରେ ଭକ୍ତ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ କହିଥିଲେ, ନାରୀ ସମ୍ମାନ ହେଉଛି ସାମାଜିକ ନ୍ୟାୟ ଏବଂ ଆମର ଲଢ଼େଇ ନାରୀ ନ୍ୟାୟ ପାଇଁ। ସରକାର ଆଜିପର୍ଯ୍ୟନ୍ତ ରାଜ୍ୟ ମହିଳା କମିଶନ ନିଯୁକ୍ତ କରିପାରିନାହାନ୍ତି। ଯଦି ନିଜ ଦଳର ଏବିଭିପି ଛାତ୍ରୀଙ୍କୁ ନ୍ୟାୟ ଦେବାରେ ସରକାରଙ୍କ ପକ୍ଷେ ସମ୍ଭବ ହେଲାନାହିଁ ତେବେ ଏ ସରକାର କ୍ଷମତାରେ ରହିବା କୌଣସି ଅଧିକାର ନାହିଁ ବୋଲି ସେ କହିଥିଲେ। ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ମଧ୍ୟ ସୁରକ୍ଷା ଦେଇପାରିଲା ନାହିଁ। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ବୋଲି ଭକ୍ତ କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ତଥା ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଲେ ବିଜେଡି, ଭାଜପା ଏମ୍‌ପି

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଦିଲ୍ଲୀ ଏମ୍ସରେ ଚିକିତ୍ସିତ ପୁରୀ ଜିଲା ବଳଙ୍ଗା ନାବାଳିକାଙ୍କୁ ଭେଟିବା ପାଇଁ ରାଜ୍ୟ ନେତାମାନଙ୍କ ଭିଡ଼ ଆରମ୍ଭ ହୋଇଯାଇଛି। ଏବେ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଦିଲ୍ଲୀରେ ଥିବା ନେତାମାନେ ଏମ୍ସକୁ ଯାଇ ପୀଡ଼ିତାଙ୍କୁ ଭେଟୁଥିବା ଜଣାପଡ଼ିଛି। ସୋମବାର ପ୍ରଥମେ ବିଜେଡିର ୪ ଜଣ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି, ସୁଲତା ଦେଓ, ସସ୍ମିତ ପାତ୍ର ଏବଂ ମାନସ ମଙ୍ଗରାଜ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କଠାରୁ ପଚାରି ବୁଝିଥିବା ବେଳେ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ପରବର୍ତ୍ତୀ ସମୟରେ ଭାଜପାର ୭ ଜଣ ଏମ୍‌ପି ମଧ୍ୟ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଭାଜପା ଏମ୍‌ପି ବିଭୁ ତରାଇ କହିଛନ୍ତି, ପୀଡ଼ିତାଙ୍କ ସ୍କିନ୍ ଟ୍ରାନ୍ସପ୍ଲାଣ୍ଟ କରାଯାଇଛି। ପୀଡ଼ିତା ଏବେ ଭଲ ଅଛନ୍ତି ଲଗାତର ତାଙ୍କ ଚିକିତ୍ସା ଜାରି ରହିଥିବା ସେ କହିଛନ୍ତି।

# ବାହୁଙ୍ଗିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟ୍ୟାପ୍ ଲଗାଇବାକୁ ପରାମର୍ଶ

 କଟକ,୨୧।୭(କାର୍ତ୍ତିକ ସାହୁ)

## କାଉଡ଼ିଆଙ୍କ ପାଇଁ ସତର୍କ ସୂଚନା ଜାରି

ଶ୍ରାବଣ ମାସରେ ମହାଦେବଙ୍କୁ ଜଳଲାଗି ପାଇଁ କାଉଡ଼ିଆ (ଶ୍ରଦ୍ଧାଳୁ)ମାନେ ପାଣିଭାର ନେଇ ଶୈବପୀଠ ଅଭିମୁଖେ ଯାତ୍ରା କରୁଛନ୍ତି। ସେମାନେ ରାଜ୍ୟ ରାଜପଥ ଅଥବା ଜାତୀୟ ରାଜପଥରେ ଯିବା ବେଳେ ବିପଦର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଶୈବପୀଠକୁ ଜଳାଭିଷେକ ପାଇଁ ଯାଉଥିବା କାଉଡ଼ିଆ ଭକ୍ତଙ୍କ ସୁରକ୍ଷିତ ଯାତ୍ରା କାମନା କରି ଏସ୍‌ଟିଏ ପକ୍ଷରୁ ସୂଚନା ସର୍ବସାଧାରଣଙ୍କ ଗୋଚରାର୍ଥେ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଜଳ ଲାଗି ପାଇଁ ଯିବା ସମୟରେ ସୁରକ୍ଷିତ ଯାତ୍ରା ଉପରେ ଗୁରୁତ୍ୱ ଦିଅନ୍ତୁ। ରାସ୍ତାରେ ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାଟରେ ଯାଆନ୍ତୁ। ସୁରକ୍ଷିତ ଭାବେ ଏକଦମ ରାସ୍ତାକଡ଼ରେ ଚାଲନ୍ତୁ। ଅତ୍ୟନ୍ତ ସତର୍କତାର ସହ ରାସ୍ତା ପାର ହୁଅନ୍ତୁ। ଉଭୟ ପାର୍ଶ୍ୱ ରାସ୍ତା ଭଲ ଭାବେ ଦେଖି ଗାଡ଼ି ଚଳାଚଳ ହେଉ ନ ଥିବା ସମୟରେ ଆଗକୁ ବଢ଼ନ୍ତୁ। ବାହୁଙ୍ଗିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟ୍ୟାପ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଗ୍ରୁପ୍ ବା ଗୋଷ୍ଠୀରେ ପଛକୁ ପଛ ଧାଡ଼ିରେ ଚାଲନ୍ତୁ। ଏହାଦ୍ୱାରା ଗାଡ଼ି ଚାଳକ ଆପଣଙ୍କୁ ସହଜରେ ଦେଖିପାରିବେ। କୌଣସି ସମୟରେ ମଝି ରାସ୍ତାରେ ଚାଲନ୍ତୁ ନାହିଁ କିମ୍ବା ଅଟକନ୍ତୁ ନାହିଁ। ରାତିରେ ଚାଲିବା ବେଳେ ଟର୍ଚ୍ଚ ଲାଇଟ ବ୍ୟବହାର କରନ୍ତୁ। ଥକ୍କା ଲାଗିଲେ ବିଶ୍ରାମ ନିଅନ୍ତୁ। ସତେଜ ଅନୁଭବ କଲେ ସଡ଼କରେ ଯାତ୍ରା କରନ୍ତୁ। ମହାଦେବଙ୍କ କୃପାରୁ କାଉଡ଼ିଆମାନଙ୍କ ଯାତ୍ରା ନିରାପଦ ଓ ମଙ୍ଗଳମୟ ହେଉ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ନିକଟରେ ବୈଁପାରୀଗୁଡ଼ାରେ କାଉଡ଼ିଆମାନେ ସଡ଼କରେ ଚାଲିଚାଲି ପାଣିଭାର ନେଇ ଯାଉଥିବା ବେଳେ ଏକ ଦୁର୍ଘଟଣା ଘଟିଥିଲା, ଯଦ୍ୱାରା ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଏଭଳି ଅଘଟଣ ଆଗାମୀ ଦିନରେ ନ ଘଟିବା ପାଇଁ ଏସ୍‌ଟିଏ ପକ୍ଷରୁ ଏଭଳି ସତର୍କତା ସୂଚନା ଜାରି କରାଯାଇଥିବା ଜଣାଯାଇଛି।

## ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ: ଅଧ୍ୟକ୍ଷ, ଗଣିତ ଅଧ୍ୟାପକ ନିଲମ୍ବିତ

ରଘୁନାଥପୁର, ୨୧।୭ (ରାଜେନ୍ଦ୍ର ନାରାୟଣ ସିଂହ): ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ୍ କୃତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲାପାଳଙ୍କ ଜରିଆରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।



ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହଁ– ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡିଦିଅ । ଏବଂ ଅପେକ୍ଷା କରି ବସ– କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ । କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ । ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା– ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା । –ଶ୍ରୀମା

# ଏହା ଇତିହାସ ନୁହେଁ

କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ମୁଖ୍ୟତଃ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଅନୁବନ୍ଧିତ ସ୍କୁଲଗୁଡ଼ିକ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥାଏ । ଏହି କ୍ରମରେ ବିଶେଷକରି ସିଲାବସ ବଦଳାଯିବା ସହ ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକର ବିଷୟଗୁଡ଼ିକରେ ପରିବର୍ତ୍ତନ କିମ୍ବା ସଂଶୋଧନକୁ ନେଇ ଏହା ୭୦ ଦଶକରୁ ଅଧିକାଂଶ ସମୟରେ ବିବାଦରେ ରହିଆସିଛି । ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରେ ଏନ୍‌ସିଇଆର୍‌ଟି ଇଂଲିଶ ନାମ ଥିବା କେତେକ ବହିର ହିନ୍ଦୀ ନାମକରଣ କରିଥିଲା ଏବଂ ଏହାକୁ ନେଇ ଭାଷାବିତ୍‌ମାନେ ପ୍ରଶ୍ନ ଉଠାଇଥିଲେ । ଉଦାହରଣ ସ୍ୱରୂପ, ସିବିଏସ୍‌ଇ ଷଷ୍ଠ ଶ୍ରେଣୀର ଇଂଲିଶ ପୁସ୍ତକର ନାମ 'ହନିସକଲ୍'କୁ ବଦଳାଇ ହିନ୍ଦୀରେ ପୂର୍ବୀ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଇଂଲିଶ ପୁସ୍ତକ 'ମେରିଗୋଲ୍ଡ ୱାନ୍ ଆଣ୍ଡ୍ ଟୁ'ର ନାମ 'ମୃଦଙ୍ଗ' ଏବଂ ତୃତୀୟ ଶ୍ରେଣୀ ଇଂଲିଶ ବହି 'ମେରିଗୋଲ୍ଡ-ଥ୍ରି'ର ନାମ 'ସନ୍ତୁର' କରାଯାଇଥିଲା । ପୂର୍ବୀ ଶାସ୍ତ୍ରୀୟ ସଙ୍ଗୀତ ରାଗର ନାମ ହୋଇଥିବାବେଳେ ଓ ଅନ୍ୟସବୁ ବାଦ୍ୟଯନ୍ତ୍ରର ନାମ । ଏହାସହ ଅତୀତରେ ଦ୍ୱାଦଶ ଶ୍ରେଣୀର ଇତିହାସ ବହିର ଗୋଟିଏ ଅଧ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ବିଷୟରେ ଏବଂ ସପ୍ତମ ଶ୍ରେଣୀ ଇତିହାସ ବହିରେ ମୋଗଲ ସମ୍ରାଟଙ୍କ ସଫଳତାର କାହାଣୀରେ ପରିବର୍ତ୍ତନ କରାଯାଇଥିଲା । ଦଶମ ଶ୍ରେଣୀର ପାଠ୍ୟପୁସ୍ତକରୁ 'ଇଭୋଲ୍ୟୁଶନ' ବା କ୍ରମବିବର୍ତ୍ତନ ବିଷୟକୁ ବଦଳାଯାଇ ଇତିହାସର ବିକୃତୀକରଣ କରାଯାଇଥିଲା । ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ବହିରୁ ଗୁଜରାଟ ଦଙ୍ଗା ଓ ବାବ୍ରୀ ମସ୍‌ଜିଦ ଭଙ୍ଗ ବିଷୟକୁ ମଧ୍ୟ ବାଦ୍ ଦିଆଯାଇଥିଲା ।

ଏବେ ଏନ୍‌ସିଆରଟି ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀର ନୂଆ ଇତିହାସ ବହି 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିଅଣ୍ଡ୍'ରେ ଓଡ଼ିଶାର ପାଇକ ବିଦ୍ରୋହ ସମ୍ପର୍କିତ ଲେଖାକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି, ଯେଉଁଥିପାଇଁ ଭବିଷ୍ୟତ ପିଢ଼ି ଓଡ଼ିଆ ଜାତି ସମ୍ପର୍କରେ ଏକ ଭ୍ରମ ଧାରଣା ପାଇବେ । ସତେଯେମିତି ଏହି ଉପମହାଦେଶର ଇତିହାସରେ ଓଡ଼ିଆ ଜାତିର କୌଣସି ଅବଦାନ ନାହିଁ । ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହ ବିଷୟ ବାଦ୍ ପଡ଼ିବାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୨୧ ଜୁଲାଇ ୨୦୨୫ରେ ଏନ୍‌ସିଇଆର୍‌ଟି ସ୍ପଷ୍ଟୀକରଣ ଦେଇଛି । ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ସେପ୍ଟେମ୍ବର ଆଡ଼କୁ ଆସିବାକୁ ଥିବା 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିଅଣ୍ଡ୍'ର ଦ୍ୱିତୀୟ ଭାଗରେ ପାଇକ ବିଦ୍ରୋହକୁ ସ୍ଥାନିତ କରାଯିବ । ଉଲ୍ଲେଖଯୋଗ୍ୟ ଯେ, ଏନ୍‌ସିଇଆର୍‌ଟି ୨୦୧୭ରେ ଅଷ୍ଟମ ଶ୍ରେଣୀ ଇତିହାସ ବହିରେ ପାଇକ ବିଦ୍ରୋହକୁ ସ୍ଥାନିତ କରିଥିଲା । ଏବେ କ'ଣ ଏମିତି ହେଲା ଯେ, ଗତ ସପ୍ତାହରେ ପ୍ରକାଶ ପାଇଥିବା ଅଷ୍ଟମ ଶ୍ରେଣୀ ନୂଆ ଇତିହାସ ବହିରେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ ଓ ସାନ୍ତାଳ ବିଦ୍ରୋହ ଥିବାବେଳେ ଓଡ଼ିଶାର ପାଇକ ବିଦ୍ରୋହକୁ ବାଦ୍ ଦିଆଗଲା ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା ପାଇକଙ୍କ ବଳିଦାନ ପ୍ରତି ଚରମ ଉପହାସ ବୋଲି କେତେକେ କହୁଥିବା ବେଳେ ଆଉ କିଛି ଓଡ଼ିଆ ଅସ୍ମିତା କଥା ଉଠାଇଲେଣି । ୧୮୧୭ର ପାଇକ ବିଦ୍ରୋହରେ ଖୋର୍ଦ୍ଧାର ପାଇକମାନେ ଇଂରେଜ ବିରୋଧରେ ରକ୍ତାକ୍ତ ସଂଗ୍ରାମ କରିଥିଲେ । ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ଓଡ଼ିଶାରେ ବିଗତ ବର୍ଷଗୁଡ଼ିକରୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି ଲାଗି ଦାବି କରାଯାଇଆସୁଛି । କେବଳ ଏତିକି ନୁହେଁ, ୨୪ ଡିସେମ୍ବର ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇଆଇଟି ଭୁବନେଶ୍ୱର ଗସ୍ତ ବେଳେ ସେହିଠାରୁ ପାଇକ ବିଦ୍ରୋହ ସମ୍ପର୍କିତ ସ୍ମାରକ ଡାକ ଟିକେଟ ଓ ମୁଦ୍ରା ଉନ୍ମୋଚନ କରିଥିଲେ । ବିଦ୍ରୋହର ସ୍ମୃତି ଉଜାଗର କରିବା ସକାଶେ ଏଥିଲାଗି ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି । କେନ୍ଦ୍ର ସରକାର ଏଥିପାଇଁ ୧୦୦ କୋଟି ଟଙ୍କା ଓ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆଇଓସିଏଲ୍ ୯୦ କୋଟି ଟଙ୍କା ଦେଇଥିବା ବେଳେ ଓଡ଼ିଶା ସରକାର ପାଇକ ବିଦ୍ରୋହ ସ୍ମୃତି ସ୍ମାରକୀ ପ୍ରତିଷ୍ଠା ସକାଶେ ବରୁଣେଇ ପାଦଦେଶରେ ୧୦ ଏକର ଜାଗା ଦେଇଛନ୍ତି । ଏପରି କି ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଡିସେମ୍ବର ୨୦୧୯ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକୀର ଶିଳାନ୍ୟାସ କରିଥିଲେ । ପାଇକ ବିଦ୍ରୋହ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଆସୁଥିବା ବେଳେ ଏନ୍‌ସିଇଆର୍‌ଟି ପ୍ରସ୍ତୁତ ଅଷ୍ଟମ ଶ୍ରେଣୀ ଇତିହାସ ବହିରୁ ତାହାକୁ ବାଦ୍ ଦିଆଯିବା ଓ ବିରୋଧ ପରେ ତାହାକୁ ସାମିଲ କରିବା ନେଇ ଦିଆଯାଇଥିବା ସ୍ପଷ୍ଟୀକରଣ ସୂଚାଉଛି ଯେ, ସଂସ୍ଥାର ଏଭଳି ମାନସିକତା ବାସ୍ତବ ଇତିହାସକୁ ନିଶ୍ଚିହ୍ନ କରିବା ଲାଗି ଗୋଟେ ଷଡ଼ଯନ୍ତ୍ର ଚାଲିଛି । ମନେହେଉଛି ଯେପରି କିଛି ଲୋକଙ୍କ ଇଚ୍ଛା ଅନୁଯାୟୀ ଓଡ଼ିଶାର ଅତୀତକୁ ନୂତନ ଭାବେ ସୃଷ୍ଟି କରାଯିବାର ପ୍ରୟାସ ହେଉଛି । ପୁଣି ଯାହାକୁ ଯାହା ସୁହାଉଛି ସେହି ଅନୁଯାୟୀ ଇତିହାସର ବିକୃତୀକରଣ କରାଯାଉଛି । ଲାଗୁଛି ଯେମିତି ଏନ୍‌ସିଇଆର୍‌ଟି ଏସବୁ ପାଇଁ ମାଧ୍ୟମ ପାଲଟି ଯାଇଛି । ଓଡ଼ିଶାର ଏହି ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦାବି କରାଯାଉଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ଇତିହାସ ପୃଷ୍ଠାରୁ ନିଶ୍ଚିହ୍ନ କରିଦେବାର ପ୍ରୟାସ ଏକ ମନ୍ଦ ଉଦ୍ଦେଶ୍ୟର ପରିଚୟ ଦେଉଛି । ଯଦି ଜଣାଶୁଣା ଏବଂ ତଥ୍ୟ ଥିବା ଭଳି ପାଇକ ବିଦ୍ରୋହର ଇତିହାସକୁ ଏଭଳି କରାଯାଉଛି, ସେଥିରୁ ବୁଝିବାକୁ ହେବ ଦେଶବ୍ୟାପୀ ଅନେକ ବିଷୟକୁ ଏହିପରି ବିକୃତ କରାଯାଇଛି । ଏହା କରିକୁଲମ୍ ପ୍ରସ୍ତୁତକର୍ତ୍ତାଙ୍କ ମୂର୍ଖାମିର ପରିଚୟ ହୋଇପାରେ, ନଚେତ୍ ଦୁଷ୍ଟ ଓ କ୍ଷତିକାରକ ମାନସିକତାର ଲକ୍ଷଣ ଦର୍ଶାଉଛି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | 9 |
| | | | | 3 | 2 | | | |
| | | | 8 | | | | 1 | |
| 7 | | 2 | | | 8 | | | |
| | 1 | 6 | | | 9 | | 5 | |
| | | | | | 4 | | 6 | |
| | 2 | 1 | | | | 6 | | |
| | | | | 9 | | 2 | 7 | |
| | | 9 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 6 | 4 | 3 | 9 | 8 | 5 |
| 9 | 4 | 8 | 5 | 2 | 1 | 3 | 6 | 7 |
| 6 | 3 | 5 | 7 | 8 | 9 | 4 | 1 | 2 |
| 5 | 7 | 1 | 8 | 6 | 4 | 2 | 9 | 3 |
| 3 | 6 | 4 | 2 | 9 | 5 | 1 | 7 | 8 |
| 2 | 8 | 9 | 3 | 1 | 7 | 5 | 4 | 6 |
| 4 | 2 | 3 | 1 | 7 | 6 | 8 | 5 | 9 |
| 1 | 5 | 7 | 9 | 3 | 8 | 6 | 2 | 4 |
| 8 | 9 | 6 | 4 | 5 | 2 | 7 | 3 | 1 |

ଗତକାଲିର ଉତ୍ତର

# ଆଇନର ସାମ୍ପ୍ରତିକ ମୂଲ୍ୟବୋଧ



ହରେକୃଷ୍ଣ ପଣ୍ଡା

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ସରକାର କହୁଛନ୍ତି ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ, ପୋଲିସ କହୁଛି ନିରପେକ୍ଷ ତଦନ୍ତ ହେବ । ଏଇଭଳି ଲୋମହର୍ଷଣକାରୀ ଘଟଣା ଓଡ଼ିଶାରେ ନୂଆ ନୁହେଁ । ଅତୀତ ଛବିରାଣୀ, ଅଞ୍ଜନା, ପରୀ, ପିଙ୍କୁ, ମମିତା, ଇତିଶ୍ରୀ, ବେବିନା, ସସ୍ମିତା, ରୁଚିକା, ସ୍ମିତାରାଣୀ, ମାଧବୀଲତାଙ୍କ ମୃତ୍ୟୁ ଜନ ମାନସରୁ ଉଭେଇ ଯାଇଛି । ଏହିସବୁ ଘଟଣା ସାରା ଓଡ଼ିଶା କାହିଁକି ଭାରତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏବେ ସେହିଭଳି ଏକ ମର୍ମନ୍ତୁଦ ଘଟଣା ଆମ ହୃଦୟକୁ ବିଦାରିତ କରିପକାଉଛି । ସମ୍ବେଦନଶୀଳ ଗୋଷ୍ଠୀ ଚିନ୍ତା କରିବା କଥା ଜଣକ ମୃତ୍ୟୁ ପରେ ଆଉ ଏଭଳି ଘଟଣାର ପୁନରାବୃତ୍ତି ନ ହେଉ । କିନ୍ତୁ କାହିଁକି ଏକାଧିକ ସମ୍ଭବ ହୋଇପାରିଲା ? ଏହାର ନିରାକରଣ ଦିଗରେ ଯଦି ଚିନ୍ତା କରାଯାଇ ପାରିଥାଆନ୍ତା ତେବେ ଆଜି ଏଭଳି ମର୍ମନ୍ତୁଦ ଘଟଣା ଘଟି ନ ଥାଆନ୍ତା । ଆମ୍ଭେମାନେ ଗୋଟିଏ ପଟେ ଆଇନ ଓ ଆଇନର ରକ୍ଷକ, ଅନ୍ୟପଟେ ଆଜିର ସମାଜରେ ବଡ଼ପଣିଆ ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କଠାରେ ମଣିଷପଣିଆର ଅଭାବ । ଭାବ ଓ ସମ୍ବେଦନାରେ ପରିପୂର୍ଣ୍ଣ ବ୍ୟକ୍ତି ହିଁ ଏହି ରୀତିନୀତିକୁ ବୁଝନ୍ତି । ଆମ ସମାଜରେ ଉଦ୍ଦୀପ୍ତ ବାସନା, ଅନିୟନ୍ତ୍ରିତ ତୃଷ୍ଣା ବହନ କରିଚାଲୁଥିବା ଗୋଟିଏ ବଡ଼ମଣିଷ ସମାଜ ରହିଛି । ସେମାନେ ସବୁ କ୍ଷେତ୍ରରେ କିଛି ଶକ୍ତି ଆହରଣ କରି ଭଦ୍ରମୁଖା ତଳେ ବଞ୍ଚିଛନ୍ତି । ଏହିଭଳି ଗୋଟିଏ ଗୋଷ୍ଠୀ ଶିକ୍ଷା, ସ୍ୱାସ୍ଥ୍ୟ, ଶାସନ, ପ୍ରଶାସନ, ରାଜନୀତି ଓ ସାମାଜିକ ସ୍ତରରେ ବହୁ ଦିନରୁ ପ୍ରତିପତ୍ତି ବିସ୍ତାର କରିଆସିଛନ୍ତି । ଏମାନେ ସବୁପ୍ରକାର ବେଆଇନ କାର୍ଯ୍ୟ, ପ୍ରତିଶୋଧର ବାଟ ତିଆରି କରିଥାଆନ୍ତି । ଦୁର୍ନୀତି କିପରି କରାହୁଏ ଏମାନେ ତା'ର କୌଶଳ ତିଆରି କରି ଶୋଷକମାନଙ୍କୁ ବାଟ ବତାଇ ଦିଅନ୍ତି । ଏମାନେ ହେଉଛନ୍ତି ଅଦୃଶ୍ୟ ଇଲାକାର ଅଦୃଶ୍ୟ ରାଜା । ଅଦ୍ୟାବଧି ଏମାନଙ୍କ ପାଖକୁ ଆଇନ ଯାଇ ପାରିନାହିଁ, କି ସ୍ପର୍ଶ କରିପାରିନାହିଁ ।

ଦୁଃଖର କଥା ନିର୍ଦ୍ଦୋଷ ନାରୀ ସତ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବେଳେ ସମାଜରେ ନିର୍ଯାତନାର ଶିକାର ହେଉଛନ୍ତି । ଏଥିପାଇଁ ଆମ ବ୍ୟବସ୍ଥା ଦାୟୀ ନୁହେଁ ତ ? ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀକୁ ଧରିଦେଇ ପାରନ୍ତି । କିନ୍ତୁ ଏପରି ଯେ ଆଉ ନ ହେବ ସେଥିପାଇଁ ଗ୍ୟାରେଣ୍ଟି ଦେଇ ପାରିବେ କି ? ସବୁ କ୍ଷେତ୍ରରେ ଏକ ସତ୍ୟ ପ୍ରତିଷ୍ଠା କରିପାରିବେ କି ? ଆଜି ଆମ ସମାଜରେ ସତ୍ୟର ପ୍ରତିଷ୍ଠା ପାଇଁ ବିବେକୀମାନେ ଉଦ୍ୟମ କରୁଛନ୍ତି କିନ୍ତୁ ତାହା ପ୍ରତିଷ୍ଠା ହୋଇ ପାରୁ ନାହିଁ କାହିଁକି ?

ପ୍ରଥମେ ଦେଖିବା ଆମ ଆଇନଗତ ଦିଗ । ଆମ ଆଇନରେ ଅଛି "ହଜାରେ ଦୋଷୀ ବରଂ ଖସି ଯାଆନ୍ତୁ କିନ୍ତୁ ଜଣେ ହେଲେ ନିର୍ଦ୍ଦୋଷ ଦଣ୍ଡ ନ ପାଆନ୍ତୁ" । ତେବେ ଏହି ଆଇନର ପରିବର୍ତ୍ତନର ଆବଶ୍ୟକତା ରହିଛି । ଏଭଳି ଏକ ସନ୍ଦେହାତ୍ମକ ପ୍ରଶ୍ନବାଚୀ ଏବେ ଆଇନରେ ସୃଷ୍ଟି ନ ହେବା ପାଇଁ ଆଇନ ବିଶେଷଜ୍ଞମାନେ ନିଜ ଗବେଷଣା ଦ୍ୱାରା ସାବ୍ୟସ୍ତ କରି ଆଉ ଏକ ନୂତନ ଆଇନ ବା ଜନତାଙ୍କ ପାଇଁ ଆଶା ଭରସା ଯଦି ସୃଷ୍ଟି କରନ୍ତେ ତେବେ ସମାଜରେ ଠିକ୍ ନ୍ୟାୟ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରନ୍ତା । ଆଉ ଏକ ଆଇନଗତ ଦ୍ୱନ୍ଦ୍ୱ ରହିଛି, ତା'ହେଲା ହତ୍ୟା, ବଳାତ୍କାର କ୍ଷେତ୍ରରେ 'ଆଇ ୱିଟ୍‌ନେସ' ବା ସ୍ୱଚକ୍ଷୁରେ ଦେଖିଥିବା ସାକ୍ଷୀ ବିହୁନେ ଦଣ୍ଡ ବ୍ୟବସ୍ଥା ଆଇନରେ ନାହିଁ । ଏହା ବିଗତ ଶତାବ୍ଦୀରେ ଆବଶ୍ୟକ ଥିଲା । କିନ୍ତୁ ଏବେ ନାଗରିକମାନଙ୍କ ଚରିତ୍ର ଯେତେବେଳେ ବଦଳି ଯାଇଛି, ଯାବତୀୟ କୁକର୍ମକୁ ଚାପିଦିଆଯିବା ପାଇଁ ଶକ୍ତିଗୁଡ଼ିଏ ସୃଷ୍ଟି ହୋଇଗଲେଣି । ଏ କ୍ଷେତ୍ରରେ ରାଜନୀତି ଯେତେବେଳେ ନିଜ ଦଳ ଓ ଦଳୀୟ କର୍ମୀଙ୍କ ସୁରକ୍ଷା ପାଇଁ କାମ କରୁଥିବା ଦେଖାଗଲାଣି, ସେତେବେଳେ ଜଣେ ବଳାତ୍କାରୀ ଯଦି ତାଙ୍କ ଦଳର ହୋଇଥିବେ ତେବେ ସେମାନେ ତା' ପଛରେ ଏକ ଶକ୍ତିରୂପେ ଠିଆ ହେବେ ନାହିଁ କି ? ଏପରି କ'ଣ ଓଡ଼ିଶା କାହିଁକି ସାରା ଭାରତବର୍ଷରେ ଉଦାହରଣର ଅଭାବ ରହିଛି ? ଅତୀତରେ ଓଡ଼ିଶାରେ ମମିତା ମେହେରଙ୍କ ଭଳି ଲୋମଟାଙ୍କୁରା ଘଟଣାରେ ଅଦୃଶ୍ୟ ଶକ୍ତିମାନେ କ'ଣ କେହି ଦଣ୍ଡ ପାଇଲେ ? ଏଠାରେ ଅନୁଭୂତ ହେଲା ଯେ ନ୍ୟାୟିକ ବ୍ୟବସ୍ଥାରେ ଅଭାବନୀୟ ସ୍ଥିତି ଲାଗି ରହିଛି ।



ଆମେ ଜାଣୁ ଆମ ଦେଶରେ ବିଚାରପତିମାନେ ଆଇନରେ ବନ୍ଧା । ସେମାନେ ପ୍ରକୃତରେ ଦୋଷୀ କିଏ ଜାଣୁଥିଲେ ହେଁ ତାଙ୍କୁ ବିନା ସାକ୍ଷୀ ପ୍ରମାଣରେ କାଠଗଡ଼ାରେ ଠିଆ କରାଇବା କ୍ଷମତା ବା ସ୍ୱାଧୀନତା ସମ୍ବିଧାନରେ ଦିଆଯାଇ ନାହିଁ । ଏବେ ବେଳ ଆସିଛି ଭାରତ ସରକାର ୧୮୬୦ର ଆଇନକୁ ଯେଭଳି ଗୋଟିଏ ଗୋଟିଏ ପରିବର୍ତ୍ତନ କରି ଚାଲିଛନ୍ତି ସେହିଭଳି ସମ୍ବିଧାନରେ ଥିବା ନ୍ୟାୟିକ ବ୍ୟବସ୍ଥାକୁ ସୁଦୂରପ୍ରସାରୀ କରିବା ପାଇଁ ଅପରାଧ ଆଉ ବୃଦ୍ଧି ନ ଘଟିବା ଲାଗି ସମ୍ବିଧାନ ପରିବର୍ତ୍ତନ ନ କରି ଆଇନର ଧାରାରେ ଏଥିପାଇଁ ସଂଯୁକ୍ତ କରାଯାଇ ପାରିବ । ମୋଟ ଉପରେ କହିବାକୁ ଗଲେ ତାଟିତଳେ ରହି ଗୁଳି ମାରୁଥିବା, ହିଂସାକୁ ଭିଆଉଥିବା, ସମର୍ଥନ ଓ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିର ମୁଖା ଖୋଲିଦେବା ପାଇଁ ସିଏ ଯିଏ ହେଉନା କାହିଁକି ତାଙ୍କୁ ଯେତେବେଳେ ଆଇନର କାଠଗଡ଼ାକୁ ଅଣାଯାଇପାରିବ ସେତେବେଳେ ସବୁଠି ନ୍ୟାୟ ପ୍ରତିଷ୍ଠା ହୋଇପାରିବ । ଆମେ ଦେଖୁଛେ ଆମ ଦେଶରେ ନ୍ୟାୟ ପ୍ରତିଷ୍ଠା ପାଇଁ ବହୁ ମହିଳା, ଯୁବକ, ସାମ୍ବାଦିକ, ସାମାଜିକ କର୍ମୀ, ମାନବାଧିକାର କର୍ମୀ ରାଜନୈତିକ ଆକ୍ରୋଶର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି । କିନ୍ତୁ ସେମାନଙ୍କ ମୃତ୍ୟୁର କାରଣ ଜଣାପଡ଼େନି । ଏଭଳି ଏକ ବ୍ୟବସ୍ଥା ହୁଅନ୍ତା ଯେଉଁଥିରେ ହିଂସା ଭିଆଉଥିବା ଅଦୃଶ୍ୟ ଶକ୍ତିକୁ ସହଜରେ ଦୋଷୀ ବୋଲି ସାବ୍ୟସ୍ତ କରଯାଇ ପାରନ୍ତା । ଦେଖନ୍ତୁ ହିଂସା, ଅପରାଧ ଭଳି କାର୍ଯ୍ୟର ଅନୁସନ୍ଧାନ କରି ନ୍ୟାୟ ଦେବା ପାଇଁ ଆମ ଦେଶରେ ପୋଲିସ ବିଭାଗ, କ୍ରାଇମ ବ୍ରାଞ୍ଚ ବିଭାଗ, ଆହୁରି ଅନେକ ବିଭାଗ ଗଠନ କରାଯାଇଛି । କିନ୍ତୁ ଏମାନେ କ'ଣ ମାନବିକ ଦୃଷ୍ଟିକୋଣରୁ ବିଚାର କରି ନିରପେକ୍ଷ ନା ଅନୁରକ୍ତ ହୋଇ ଥାଆନ୍ତି ? କିନ୍ତୁ ତ୍ୱରିତ ଦଣ୍ଡଦେବା ବ୍ୟବସ୍ଥା ଦିଗରେ ଆଇନର ବାଟ ସିଧା ନ ଥାଏ । ତେବେ ଏକବିଂଶ ଶତାବ୍ଦୀରେ ଆଇନର ଉପଧାରାଗୁଡିକ ପରିବର୍ଦ୍ଧିତ ହେବା ଆବଶ୍ୟକ କରୁ ନାହିଁ କି ? ବର୍ତ୍ତମାନର ଆଇନ ସମ୍ପର୍କରେ ପଣ୍ଡିତ ମହେଶ୍ୱର କହିଛନ୍ତି ଯେ, ଆଇନ ବର୍ତ୍ତମାନ ବହୁରୂପୀ ଏଣ୍ଡୁଅରେ ରୂପାନ୍ତରିତ । ସାର୍ବଭୌମ ସାମାଜିକ ଜୀବନର ଅନ୍ତରାୟ । ରାଜା ମହାରାଜା ଦୁଇଟି ଆଇନ ପ୍ରଣୟନ କରିଥିଲେ ଗୋଟିଏ ହେଉଛି କଚ୍ଛିମାହାଲ ଓ ଅନ୍ୟଟି ହେଉଛି ପକ୍କିମାହାଲ । ପ୍ରଥମଟି ହେଉଛି ରାଜକର୍ମଚାରୀମାନେ ବିଚାର କରି ଦଣ୍ଡ ଦେବାର ବ୍ୟବସ୍ଥା ଓ ଅନ୍ୟଟି ହେଉଛି ରାଜା ନିଜେ ବିଚାର କରି ଦଣ୍ଡଦେବା । ବର୍ତ୍ତମାନ ଆଇନ ଦରବାରୀ ନଚେତ୍ ରାଜନୈତିକ ଦଳର ଇସ୍ତାହାର ବୋଲି ସେ ଆଖ୍ୟା ଦେଇଛନ୍ତି । ବାସ୍ତବରେ ଦେଖିବାକୁ ଗଲେ ଦଣ୍ଡ ବ୍ୟବସ୍ଥା ଦୃଷ୍ଟାନ୍ତମୂଳକ ହୋଇ ପାରୁ ନ ଥିବାରୁ ତାହା ଅପରାଧୀଙ୍କୁ ସଚେତନ କରି ପାରୁନାହିଁ । ଜନଚରିତ୍ର ଏଭଳି ହୋଇ ଯାଇଛି ଯେ ତାହା ବଦଳାଇବା ଖୁବ୍ କଷ୍ଟକର । ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରିଥିବା ସମସ୍ୟା, ଅବାଞ୍ଛନୀୟତା, ବିଡ଼ମ୍ବନା ଏଥିପାଇଁ ଦୋଷ କାହାକୁ ଦେବା ? ପ୍ରତ୍ୟକ୍ଷବାଦ ପୃଷ୍ଠଭୂମିରେ ଜନ୍ମ ନେଇଥିବା ଭୌତିକବାଦ ପ୍ରାୟ ସମସ୍ତ ନୈତିକ ମୂଲ୍ୟର ଉପଯୋଗିତା ଆବଶ୍ୟକତାକୁ ମାନିବା ପାଇଁ ରାଜି ନୁହେଁ । ଆଇନ ଅଛି କିନ୍ତୁ ସେ ଅଦୃଶ୍ୟ ଶକ୍ତିକୁ ଭେଦ କରି ସେମାନଙ୍କୁ ଦଣ୍ଡିତ କରି ପାରୁନାହିଁ । ଏଠି ବିଷକୁ ଅମୃତ ମାନ୍ୟତା, କ୍ଷତିକୁ ଲାଭ ବୋଲି ମନେକରି ତାକୁ ପାଇବା ପାଇଁ ସମସ୍ତେ ଲାଳାୟିତ । ଯାହାଫଳରେ ଆଇନ ଆଖିରେ ଲୁହ ନୁହେଁ ତା' ପରିବର୍ତ୍ତେ ଲହୁ ଝରୁଛି । ନ୍ୟାୟକୁ ଠିକ୍ ଏବଂ ଅଦୃଶ୍ୟ ଜାଗାରେ ପହଞ୍ଚାଇବା ପାଇଁ, ଆଇନ ବିଶାରଦ ଓ ଆଇନ ଗବେଷକମାନେ ଗବେଷଣା ଉପଲବ୍ଧ ଜ୍ଞାନକୁ ପ୍ରସାରିତ କରବା ଉଚିତ ।

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ଭୁଲ୍ ବୁଝାମଣା



ରାଧାଶ୍ୟାମ ରାଉଳ

କେତେକ କ୍ଷେତ୍ରରେ କୌଣସି ନା କୌଣସି କାରଣରୁ ତ କେତେକ କ୍ଷେତ୍ରରେ କୌଣସି କାରଣ ନ ଥାଇ ଭୁଲ୍ ବୁଝାମଣା ସୃଷ୍ଟି ହୁଏ । ତେବେ ଭୁଲ୍ ବୁଝାମଣା ସୃଷ୍ଟି ଓ ବଢ଼ିବା ହେବା ମୂଳରେ ରହୁଛି ଜଣେ ଅନ୍ୟଜଣଙ୍କୁ କିମ୍ବା ପରସ୍ପରକୁ ବୁଝି ନ ପାରିବାର ଅଦୂରଦର୍ଶୀ ମାନସିକତା । ଘୃଣା, ବିଦ୍ୱେଷ, ସନ୍ଦେହ, ଅସୂୟା, ଗର୍ବ, ଅହଂକାର, ଔଦ୍ଧତ୍ୟ ଭଳି ତତ୍ତ୍ୱ ଭୁଲ୍ ବୁଝାମଣା ଉତ୍ପତ୍ତିର ପ୍ରମୁଖ କାରଣ ।

ଭଲ କଥାବାର୍ତ୍ତା କରୁଥିବା, ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଟି ଅନ୍ୟର ପ୍ରରୋଚନାରେ ହେଉ କିମ୍ବା ନିଜର ଅହଂକାର ଯୋଗୁ ହେଉ, ହଠାତ୍ ଯଦି ଆପଣଙ୍କୁ ଭୁଲ୍ ବୁଝିବେ, ଆପଣଙ୍କ ସହ ଅବାନ୍ତର ଯୁକ୍ତିତର୍କ କରିବସିବେ, ଅସମ୍ମାନ ପ୍ରଦର୍ଶନ କରିବେ ତ ତାଙ୍କର ସେଭଳି ଅମାର୍ଜିତ ଆଚରଣରେ ଆପଣ ସ୍ତବ୍ଧ, ଚକିତ ହେବେ ହିଁ ହେବେ । କଥା ଆଉ ଆଗକୁ ନ ବଢ଼େଇ ସୃଷ୍ଟ ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆପଣ ନାନା ଚେଷ୍ଟାକରି ହୁଏତ ବିଫଳ ହେବେ । ସେଇଠୁ ଅନନ୍ୟୋପାୟ ହୋଇ ଅଗତ୍ୟା ନୀରବରେ ହେଜିବା ସାର ହେବ, 'ଓଃ ଥରେ ନୁହେଁ, ଦୁଇଥର ନୁହେଁ, ବାରମ୍ବାର ଜୀବନରେ ଏମିତି ମଣିଷ ଚିହ୍ନିବାରେ କେଉଁଠି ନା କେଉଁଠି ଭୁଲ ହୋଇଯାଉଛି, ସତରେ !'

ସବୁ ସମୟରେ, ସବୁକ୍ଷେତ୍ରରେ ଭୁଲ ବୁଝାମଣା ବିଗାଡ଼ିଦିଏ ସମ୍ପର୍କକୁ, ଉଜାଡ଼ିଦିଏ ସଂସାରକୁ ! ପ୍ରେମରେ, ଭକ୍ତିରେ, କର୍ମରେ, ଧର୍ମରେ, ଭାବ ବିନିମୟରେ, ନୀତିନିୟମ ବ୍ୟବସ୍ଥାରେ, କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କ୍ରୀଡ଼ା, ରାଜନୀତି ଇତ୍ୟାଦି ପ୍ରାୟ ସବୁକ୍ଷେତ୍ରକୁ ଭୁଲ ବୁଝାମଣା ଏମିତି ଆବୋରି ବସିଛି ଯେ ଯାହାର ପ୍ରଭାବରେ ବଢ଼ିଚାଲିଛି ସଂଘର୍ଷ, ସଂଘାତ, ସନ୍ତ୍ରାସ, ତିକ୍ତତା, ଶତ୍ରୁତା, ହିଂସ୍ରତା, ବିଶୃଙ୍ଖଳା, ବ୍ୟଭିଚାର, ଅରାଜକତା ।

ବାଲ୍ୟାବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ବିଭିନ୍ନ ପର୍ଯ୍ୟାୟ ଦେଇ ଆସିବା ଭିତରେ ବିଭିନ୍ନ ସମୟରେ କାହାର ନା କାହାର ଭୁଲ୍ ବୁଝାମଣାର ଶିକାର ହୋଇଆସୁଛୁ । ଘରେ, ବାହାରେ, ସାହିବସ୍ତିରେ, ରାସ୍ତାଘାଟରେ, ହାଟବଜାରରେ, ସଭାସମିତିରେ, ବୃତ୍ତିକ୍ଷେତ୍ରରେ, ପ୍ରବୃତ୍ତିକ୍ଷେତ୍ରରେ, ସାଙ୍ଗସାଥୀ, ବନ୍ଧୁମହଲରେ କେତେବେଳେ ନା କେତେବେଳେ ଭୁଲ ବୁଝାମଣା ସୃଷ୍ଟି ହେଉଛି । କେଉଁଠି ଏହାର ପ୍ରଭାବ ଓ ଭୋଗକାଳ କିଛିକ୍ଷଣ, କିଛିଦିନ, କିଛିବର୍ଷ । ତା'ପରେ ଭୁଲ୍ ବୁଝାମଣାର କୁଝଟିକା ଅପସରି ଯାଇ ସମ୍ପର୍କ ପୁଣି ସହଜ, ସ୍ୱଚ୍ଛନ୍ଦ ହୁଏ । କେଉଁଠି ପୁଣି ଏହାର ପ୍ରଭାବ ଭୟଙ୍କର ହୋଇ ଜୀବନଧାରାକୁ ଏମିତି ଆଚ୍ଛନ୍ନ, ଆକ୍ରାନ୍ତ କରିରଖେ ଯେ ସେଥିରୁ ମୁକ୍ତି ମିଳିବା ଅସମ୍ଭବ ସାବ୍ୟସ୍ତ ହୁଏ ।

ଜୀବନରେ ଦୈବାତ୍ ପ୍ରେମରେ ପଡ଼ିବା ବିଚିତ୍ର କଥା ନୁହେଁ । ହେଲେ ପ୍ରେମ ବ୍ୟାପାରରେ ଦୁଇ ଅଂଶୀଦାର ଅର୍ଥାତ୍ ପ୍ରେମିକ ଓ ପ୍ରେମିକା ମଧ୍ୟରେ ଉତ୍ତମ ବୁଝାମଣା ଯଦି ରହିଲା, ତେବେ ପ୍ରେମରେ ସଫଳତା ମିଳିବ । ଆଉ ଯଦି ଭୁଲ୍ ବୁଝାମଣା ମୁଣ୍ଡଟେକିଲା, ତେବେ ଅବସ୍ଥା ହେବ



ଅସମ୍ଭାଳ, ପରିସ୍ଥିତି ଅଣାୟତ୍ତ ହେବା ଥୟ । ପ୍ରେମ ପରି ବନ୍ଧୁତା ମଧ୍ୟ ପବିତ୍ର ସମ୍ପର୍କର ନମୁନା । ବନ୍ଧୁତା ଭିତରେ ଯଦି ଭୁଲ୍ ବୁଝାମଣା ପଶିବ, ତେବେ ତାହା ଶତ୍ରୁତାର ରୂପ ନେବ ନିଶ୍ଚୟ ।

ନିଜର କର୍ତ୍ତବ୍ୟନିଷ୍ଠା, ପରିଶ୍ରମ, ଅଧ୍ୟବସାୟ, ସାଧନା, ପରାକାଷ୍ଠା ଥିବା ସତ୍ତ୍ୱେ କର୍ମକ୍ଷେତ୍ରରେ ହେଉ ଅବା ସାଧନା କ୍ଷେତ୍ରରେ, ଯେଉଁମାନଙ୍କୁ ମୁଁ ଗ୍ରହଣ କରିଆସିଛି, ଯେଉଁମାନେ ମୋ ଦୈନନ୍ଦିନ କାର୍ଯ୍ୟଶୈଳୀ ଓ ଜୀବନଚର୍ଯ୍ୟାକୁ ଭୂୟସୀ ପ୍ରଶଂସା କରିଆସିଛନ୍ତି, ସେମାନେ କୌଣସି ନା କୌଣସି ଭିତ୍ତିହୀନ, ଅବାସ୍ତବ କାରଣ ପାଇଁ ମୋତେ ଭୁଲ୍ ବୁଝିଛନ୍ତି । ସେଇ ଦାୟରେ, ମୋ ଦୀର୍ଘ ଛତିଶବର୍ଷର କର୍ମମୟ ଜୀବନରେ ମୁଁ ସହକର୍ମୀଙ୍କର ଚୁଗୁଲି, ଷଡଯନ୍ତ୍ରର ଶିକାର ହୋଇଛି । କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଅନ୍ୟତ୍ର ବଦଳିହେବାର ମାନସିକ ଚାପ ଓ ଉତ୍ପୀଡ଼ନକୁ ନୀରବରେ ସହିଛି । ଜଣେ କର୍ତ୍ତୃପକ୍ଷ ନିଜ କ୍ଷମତାର ଅପପ୍ରୟୋଗ କରି ମୋର ପ୍ରାପ୍ୟ ଟଙ୍କାରୁ ମୋତେ ବଞ୍ଚିତ କରିଛନ୍ତି । ଅନୁରୂପ ଭାବେ ହାଇସ୍କୁଲ ପଢିବା ସମୟର ସାଙ୍ଗ ପ୍ରଦୀପ ମାତ୍ରାଧିକ ବାହାଦୁରିର ପ୍ରଭାବରେ ଏବେ ଏ ପରିଣତ ବୟସରେ ମୋତେ ହୃଦୟହୀନ କହିବା, ଯୁକ୍ତ୩ ପଢୁଥିବା ସମୟର ସାଙ୍ଗ ଅନିଲ ନିଜକୁ ମାନ୍ୟଗଣ୍ୟ ମନେକରି ମୋତେ ବଦରାଗୀ, ବେସରମ କହିବା, ସମବୟସ୍କ ସାହିତ୍ୟିକ ବନ୍ଧୁ ମକରନ୍ଦ ବାବୁ ଏକ ସମ୍ଭ୍ରାନ୍ତ ସାହିତ୍ୟାନୁଷ୍ଠାନରେ ଶୀର୍ଷ ପଦବୀରେ ରହିବା ପରେ ଆମ ଦୀର୍ଘବର୍ଷର ବନ୍ଧୁତାକୁ ଭୁଲିଯାଇ ମୋତେ ଅବଜ୍ଞା, ଅବହେଳା କରିବା, ନିଜ କଲୋନୀରେ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ୱରୋତ୍ତୋଳନ କରି ନ୍ୟସ୍ତସ୍ୱାର୍ଥଗୋଷ୍ଠୀର ଆହ୍ୱାନ, ଅଦଉତିକୁ ସାମ୍ନା କରିବା ଇତ୍ୟାଦି ବାସ୍ତବରେ ମୋ ଜୀବନରେ ଅତ୍ୟନ୍ତ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ଅନୁଭୂତି !

ମନରେ ସ୍ୱତଃ ପ୍ରଶ୍ନ ଆସିବା ସ୍ୱାଭାବିକ, ଭୁଲ ବୁଝାମଣା କ'ଣ ଏମିତି ଦୟନୀୟତା ଓ ଦୁର୍ଗତିପ୍ରାପ୍ତ ହୁଏ ସବୁବେଳେ ? ଏଇ ଯେମିତି ନୀତିଭ୍ରଷ୍ଟ, ଦୁର୍ନୀତିଗ୍ରସ୍ତଙ୍କୁ ସଦାଚାରୀ, ନୀତିନିଷ୍ଠ, ସତ୍ୟନିଷ୍ଠ ; ଅନାଡ଼ି, ଅକାଳକୁଷ୍ମାଣ୍ଡମାନଙ୍କୁ ମହାଜ୍ଞାନୀ ; ଅସାହିତ୍ୟିକଙ୍କୁ ବିଶିଷ୍ଟ ସାହିତ୍ୟିକ ; କର୍ମକୋଢ଼ି ବାହାଦୁରିଆଙ୍କୁ କର୍ମଯୋଗୀ ; ଭ୍ରଷ୍ଟାଚାରୀ, ଟାଉଟରଙ୍କୁ ସୁଧାରକ, ସଂସ୍କାରକ ଉପାଧିରେ ଭୂଷିତ କରିବା । ଆଉ ସବୁ ତ୍ରୁଟିବିଚ୍ୟୁତି, ବିଲକ୍ଷଣ, ବ୍ୟତିକ୍ରମ, ବିରୋଧାଭାସକୁ ବରଦାସ୍ତ କରୁଥିବା, ମୁଣ୍ଡପାତି ସହୁଥିବା ସହୃଦୟ ମଣିଷଙ୍କୁ ଇତର, ନଗଣ୍ୟ ମନେକରି ସେମାନଙ୍କ ସହ ଅନୁଚିତ ଆଚରଣ ଓ ବେପରୁଆ ବ୍ୟବହାର ପ୍ରଦର୍ଶନ କରିବା ?

ନିଜ ସପକ୍ଷରେ ନିଜର ଯୁକ୍ତି, 'ମୋର ଆଜ୍ଞା, କିଛି ଭୁଲ ନାହିଁ । ଦୟାକରି ମୋତେ ଭୁଲ ବୁଝନ୍ତୁନାହିଁ'ର ଭାବାର୍ଥ କି ଶବ୍ଦାର୍ଥ କିଏ ବୁଝୁଛି, ଆଜିର ସଙ୍କଟପୂର୍ଣ୍ଣ ସମୟରେ । ଭୁଲ ବୁଝାମଣା ଏକ ନକାରାତ୍ମକ ଅନୁଚିନ୍ତା । ଏହାର ପାର୍ଶ୍ୱପ୍ରତିକ୍ରିୟା ପ୍ରବଳ । ଏହାକୁ ପ୍ରତିହତ କରିବା ସାଧ୍ୟାତୀତ ନିଶ୍ଚୟ । ଆମେ ସେଇ ଭୁଲ୍ ବୁଝାମଣାର ପାପଚକ୍ର ଭିତରେ ଅହରହ ଧନ୍ଦିହେଉଛୁ ।

ବୀମାବିହାର, ମର୍କତନଗର,
ସେକ୍ଟର-୬, କଟକ
ମୋ:୯୪୩୭୦୯୦୯୮୫

# ପାଠକ ଶ୍ରେଷ୍ଠ ବିଚାରକ

## ଆୟକର ଲାଗୁ ହେଉ

ମହାଶୟ,

ରାଜ୍ୟରେ ଯାତ୍ରା କଳାକାରମାନେ ବାର୍ଷିକ ୬୦ରୁ ୭୦ ଲକ୍ଷ ଟଙ୍କା ଆୟ କରୁଥିବାରୁ ସେମାନେ ଆୟକର ଦେବାକୁ ବାଧ୍ୟ । ଯଦି ଦେଉ ନ ଥିବେ ତେବେ ସେମାନଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଉ । ସେହିପରି ଚଳଚ୍ଚିତ୍ରରେ ମଧ୍ୟ ବାର୍ଷିକ ଆୟ ଥାଇ ବି ଆୟକରରୁ ରିହାତି ପାଉଛନ୍ତି । କିନ୍ତୁ ଗାଡ଼ି ମାଲିକମାନେ ଆୟକର ପରିସରଭୁକ୍ତ । ଯାତ୍ରା ମାଲିକମାନଙ୍କୁ କଳାକାରଙ୍କ ତାଲିକା ମଗାଯାଉ । ସେମାନଙ୍କଠାରୁ ସରକାର ରାଜସ୍ୱ ପାଇପାରିବେ । ନିୟମ ସମସ୍ତଙ୍କ ପାଇଁ ସମାନ ହେଉ, ଯେପରି ଏହାକୁ କେହି ଖିଲାପ ନ କରନ୍ତି । ଏହା କଡ଼ାକଡ଼ି ପାଳନ କରାଯାଉ ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଭାରତ ସ୍ୱାଧୀନତା ପାଇବା ପରଠାରୁ ଏଯାବତ୍ ଅଧିକାଂଶ ଗାଁର ଇତିହାସକୁ ଖୋଜିଲେ ଜଣେ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ମିଳିବେ ନାହିଁ । ହେଲେ ଉତ୍ତରପ୍ରଦେଶର ମାଧପଟି ଗାଁ ଆଇଏଏସ୍ ଫ୍ୟାକ୍ଟ୍ରି ଭାବେ ଜଣାଶୁଣା । ଅର୍ଥାତ୍ ଏହି ଗାଁରୁ ଏଯାବତ୍ କେନ୍ଦ୍ର ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୪ ଆଇଏଏସ୍‌ଙ୍କ ସମେତ ମୋଟ ୫୦ ଜଣ ଆଇଏଏସ୍, ଆଇପିଏସ୍ ଓ ଆଇଆର୍‌ଏସ୍ ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି । କେବଳ ଏତିକି ନୁହେଁ, ଏହି ଗାଁରୁ ଅନେକେ ମଧ୍ୟ ମହାକାଶ ବିଜ୍ଞାନୀ, ଆଣବିକ ଗବେଷଣା, ନ୍ୟାୟିକ ସେବା ଏବଂ ବ୍ୟାଙ୍କିଙ୍ଗର ଉଚ୍ଚ ପଦପଦବୀରେ ଆସୀନ ହୋଇଛନ୍ତି । ଜଉନପୁର ଜିଲାର ଏହି ଗାଁରେ ୭୫ଟି ପରିବାର ରହୁଛନ୍ତି । ବଡ଼ କଥା ହେଉଛି, ଏଠାରେ କୌଣସି କୋଚିଂ ସେଣ୍ଟର ନାହିଁ । ତଥାପି ପ୍ରତିବର୍ଷ ଜଣଙ୍କ ପରେ ଜଣେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଚାଲିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୭୬

- ଭାରତ ଓ ପାକିସ୍ତାନ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ କରାଯାଇଥିବା ବେଳେ ପ୍ରଥମଥର ପାଇଁ ଭାରତର ଏକ ବିମାନରେ ପାକିସ୍ତାନ ପାଇଁ ମନୋନୀତ ଭାରତର ରାଷ୍ଟ୍ରଦୂତ କେ.ଏସ୍. ବାଜପେୟୀ ନୂଆଦିଲ୍ଲୀରୁ ଇସଲାମାବାଦ ଅଭିମୁଖେ ଲାହୋର ଯାତ୍ରା କରିଛନ୍ତି ।
- ଆମେରିକା ଦ୍ୱାରା ପ୍ରେରିତ ଅମାନବ ମହାକାଶଯାନ ଭାଇକିଂ-୧ ନିରାପଦରେ ମଙ୍ଗଳ ଗ୍ରହ ପୃଷ୍ଠରେ ଅବତରଣ କରିଛି ।

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ
ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆରଏସପିରେ ଦୁର୍ଘଟଣା, ଠିକା ଶ୍ରମିକ ମୃତ**

ରାଉରକେଲା,(ସଙ୍ଗୀତା ଜେନା): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ଶପ୍ (ଏସ୍‌ଏମ୍‌ଏସ୍)-୨ରେ ପାଇପ୍ ସଫେଇ କରୁଥିବାବେଳେ ଲୁହା ପିଣ୍ଡୁଳା ପଡ଼ିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶିଶ୍ରା ବ୍ଲକ ଭାଲୁଲତା ଜରେଇକେଲା ଗ୍ରାମର ଅଭିରାମ ମହତୋ(୫୧)। ଖବର ପାଇ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ମୃତକ ପରିବାରକୁ ଅନୁକମ୍ପାମୂଳକ ଚାକିରି ଏବଂ କ୍ଷତିପୂରଣ ଦାବି କରିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ଦାବି ପୂରଣ ହୋଇ ନ ଥିବାରୁ ମୃତଦେହକୁ ସେଲ୍ ପରିଚାଳିତ ଆଇଜିଏଚ୍ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି।

# ଭଲ୍ୟୁମ୍-୨ରେ ସ୍ଥାନ ପାଇବ 'ପାଇକ ବିଦ୍ରୋହ'

## ସ୍ପଷ୍ଟୀକରଣ ଦେଲା ଏନ୍‌ସିଇଆରଟି

ଭୁବନେଶ୍ୱର,୨୧।୭ (ସୁଚିସ୍ମିତା ସାହୁ)

ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର 'ପାଇକ ବିଦ୍ରୋହ'କୁ ନ୍ୟାସନାଲ କାଉନ୍ସିଲ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ପାଠ୍ୟପୁସ୍ତକରୁ ବାଦ୍ ଦିଆଯାଇଛି। ଏହା ଜଣାପଡିବା ପରେ ରାଜ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରିସ୍ଥିତିରେ ଏନ୍‌ସିଇଆରଟି ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତି ମାଧ୍ୟମରେ ସ୍ପଷ୍ଟୀକରଣ ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ୮ମ ଶ୍ରେଣୀର ସୋସିଆଲ ସାଇନ୍ସ ପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିଅଣ୍ଡ' ଭଲ୍ୟୁମ୍-୧ର ନୂତନ ସଂସ୍କରଣ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ର ପ୍ରସ୍ତୁତି ବର୍ତ୍ତମାନ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ସେଥିରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସଂକ୍ରାନ୍ତ ପାଠ୍ୟକ୍ରମ ରହିବ। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ ସହ ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ ବିଦ୍ରୋହ ଆଦି ବିଷୟଗୁଡ଼ିକ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଏନ୍‌ସିଇଆରଟି ପକ୍ଷରୁ ପ୍ରକାଶିତ ୮ମ ଶ୍ରେଣୀ ସୋସିଆଲ ସାଇନ୍ସ ବହିର ଭଲ୍ୟୁମ୍-୧ରୁ 'ପାଇକ ବିଦ୍ରୋହ' ବିଷୟକୁ ବାଦ୍ ଦିଆଯାଇ ଥିବାରୁ ଏହାକୁ ନେଇ ଅଭିଯୋଗ ଓ ପ୍ରତିବାଦ ଉଠିଥିଲା। ସେଥିରେ ବଙ୍ଗଳାର ସନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବାବଦରେ ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ମତପ୍ରକାଶ ପାଇଥିଲା। ଏହାକୁ ନେଇ ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ ଉଠାଇବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ପତ୍ର ଲେଖିଥିଲେ। ଅନ୍ୟ କେତେକ ସଙ୍ଗଠନ ଓ ବୁଦ୍ଧିଜୀବୀମାନେ ମଧ୍ୟ ରାଜ୍ୟ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଥିଲେ।

# ମନ୍ତ୍ରୀପଦ ପାଇଁ ୫୧ ବର୍ଷ ଅପେକ୍ଷାରେ କୋରେଇବାସୀ

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କୁ ଭେଟି ଆଲୋଚନା କରିବା ପରେ ରାଜ୍ୟରେ ମନ୍ତ୍ରୀପଦ ସମ୍ପ୍ରସାରଣ ଚର୍ଚ୍ଚା ଜୋର ଧରିଛି। ଯାଜପୁର ଜିଲାର ବ୍ୟାସନଗର ପୌର ପରିଷଦକୁ ନେଇ ୧୯୭୪ରେ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହେବା ଦିନଠାରୁ ଅର୍ଥାତ ୫୧ ବର୍ଷ ହେଲା କୋରେଇବାସୀ ମନ୍ତ୍ରୀ ପଦ ପାଉନାହାନ୍ତି। ଫଳରେ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହର ସମେତ କୋରେଇ ଗ୍ରାମାଞ୍ଚଳର ବିକାଶ ପ୍ରକ୍ରିୟା ପରାହତ ହୋଇଛି। ଚେଷ୍ଟା ଥରେ ନିର୍ବାଚନରେ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମା' ସଞ୍ଚୟାରାଣୀ ଦାସଙ୍କୁ ପରାଜିତ କରିଥିବା ଭାଜପା ନେତା ଆକାଶ ଦାସନାୟକଙ୍କୁ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

ଯାଜପୁର ଜିଲାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହି ଜିଲା ଅଗ୍ରଣୀ। କିନ୍ତୁ ନଗଡ଼ା ଅପପୁଷ୍ଟି ଭଳି ବଦନାମ ରହିଛି। ସେହିପରି ଅଧାପନ୍ତରିଆ ପୋଲ, ସ୍ଥାନୀୟ ଯୁବତୀଯୁବକଙ୍କୁ ଜିଲାରେ ନିଯୁକ୍ତି ନ ମିଳିବା, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ନ ମିଳିବା ଆଦି ସମସ୍ୟା ରହିଆସିଛି। ଏସବୁର ସମାଧାନ ଦିଗରେ ରାଜ୍ୟ ଶାସନରେ ପ୍ରତ୍ୟକ୍ଷ ଭାବେ ସାମିଲ ଥିବା ନେତା ଓ ପ୍ରଶାସକଙ୍କ ଆନ୍ତରିକତାର ଅଭାବକୁ ଲୋକେ ଅନୁଭବ କରି ଅନେକ ସମୟରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଆପଣାଉଛନ୍ତି। ବର୍ତ୍ତମାନ ଜିଲାରେ ୭ ବିଧାନସଭା ନିର୍ବାଚନମଣ୍ଡଳୀ(ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ ଓ ସୁକିନ୍ଦା) ରହିଛି। ଏଥିରୁ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ। ପୂର୍ବରୁ ଜିଲାରୁ ନିର୍ବାଚିତ ହେଉଥିବା ନେତା ରାଜସ୍ୱ, ଶକ୍ତି, ଅର୍ଥ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅବକାରୀ, ମହିଳା ଓ ଶିଶୁ ବିକାଶ, କ୍ରୀଡ଼ା, କୃଷି, ପର୍ଯ୍ୟଟନ, ଲୋକ ସମ୍ପର୍କ ଓ ସମବାୟ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ସମ୍ଭାଳିଛନ୍ତି। କିନ୍ତୁ ଏହିସବୁ ବିଭାଗ ଜରିଆରେ ଜିଲାରେ ସେଭଳି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିନାହିଁ ବୋଲି ଲୋକେ ମତପ୍ରକାଶ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସମୟରେ ଜିଲାକୁ ପ୍ରଥମ ମନ୍ତ୍ରୀପଦ ମିଳିଥିଲା। ଯାଜପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ଶାନ୍ତନୁ ଦାଶଙ୍କୁ ଏକ୍ସିଜ, ଏକ୍ସିଟ ଉନ୍ନୟନ ଏବଂ ଅବକାରୀ ମନ୍ତ୍ରୀ ପଦ ମିଳିଥିଲା। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଚିତ୍ତ ନାୟକ ବିଞ୍ଝାରପୁର ଆସନରୁ ବିଜୟୀ ହୋଇ ଡେପୁଟି ମନ୍ତ୍ରୀ ପଦବୀ ପାଇଥିଲେ। ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଧର୍ମଶାଳା ଆସନରୁ ବାଙ୍କବିହାରୀ ଦାସଙ୍କୁ ରାଜସ୍ୱ ମନ୍ତ୍ରୀ ପଦ ମିଳିଥିଲା। ଏହାପରେ ଯାଜପୁର ଆସନରୁ ଜଗନ୍ନାଥ ମଲ୍ଲିକ କୃଷି, ସୁକିନ୍ଦା ଆସନରୁ ଶରତ ରାଉତ ପର୍ଯ୍ୟଟନ ଓ ଲୋକ ସମ୍ପର୍କ, ବଡ଼ଚଣା ଆସନରୁ ସୀତାକାନ୍ତ ମହାପାତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଧର୍ମଶାଳା ଆସନରୁ କଳ୍ପତରୁ ଦାଶ ପଞ୍ଚାୟତିରାଜ, ବରୀ ଆସନରୁ ଦେବାଶିଷ ନାୟକ କ୍ରୀଡ଼ା, ବଡ଼ଚଣା ଆସନରୁ ଅମର ପ୍ରସାଦ ଶତପଥୀ କୃଷି, ବିଞ୍ଝାରପୁର ଆସନରୁ ପ୍ରମିଳା ମଲ୍ଲିକ ମହିଳା ଓ ଶିଶୁ ବିକାଶ, ଯାଜପୁର ଆସନରୁ ପ୍ରଣବ ପ୍ରକାଶ ଦାସ ଶକ୍ତିମନ୍ତ୍ରୀ ହୋଇଛନ୍ତି। ତେବେ ପ୍ରଫୁଲ୍ଲ ଘଡ଼ାଇ ଜିଲାରୁ ୪ ଥର ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇପାରିଥିଲେ। ଅର୍ଥ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅବକାରୀ ମନ୍ତ୍ରୀ ଭାବେ ତାଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବ୍ୟାହତି ଦେଇଥିଲେ। ଏକାବେଳେ ଭାଜପା ସରକାର ସମୟରେ ସୁକିନ୍ଦା ଆସନରୁ ନିର୍ବାଚିତ ହୋଇ ବିଧାୟକ ହୋଇଥିବା ପ୍ରଦୀପ ବଳସାମନ୍ତ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ହୋଇଛନ୍ତି। ତେବେ କୋରେଇବାସୀଙ୍କ ପାଇଁ ମନ୍ତ୍ରୀପଦ ଏଯାଏ ସପନ ହୋଇଛି। ଗତ ଦୁଇ ଦଶନ୍ଧି ହେଲା ଜଣେ ନେତା ଦ୍ୱିତୀୟ ଥର ବିଧାୟକ ହୋଇ ନ ଥିବାବେଳେ ଆକାଶ ୨୦୧୪ ଓ ୨୦୨୪ରେ ନିର୍ବାଚିତ ହୋଇପାରିଛନ୍ତି। ଏକ୍ସକ୍ଲୁସିଭରେ କୋରେଇ ନିର୍ବାଚନମଣ୍ଡଳୀରେ ପ୍ରସ୍ତାବିତ ନୂତନ ଆଧୁନିକ ବସଷ୍ଟାଣ୍ଡ, ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା, ପାଟଣା ଓ ତରଡ଼ ପଞ୍ଚାୟତରେ କଲ୍ୟାଣ ମଣ୍ଡପ, ଶ୍ରମିକ ଆଶ୍ରୟସ୍ଥଳୀ, ରେଲୱେ ଓଭରବ୍ରିଜ୍, କୋରେଇ ଭବନ, ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ, ଛୋଟରାୟପୁର ମିନି ଷ୍ଟାଡିୟମ୍, ଏନ୍‌ସି କଲେଜ ପଡ଼ିଆକୁ ଷ୍ଟାଡିୟମ କରାଯିବା ଭଳି ପ୍ରକଳ୍ପ ନିର୍ମାଣ ଆକାଶଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



ଆକାଶ ଦାସନାୟକ

# ଓଡ଼ିଶା ସରକାର

## ଜଙ୍ଗଲ ଏବଂ ପରିବେଶ ବିଭାଗ

### ଏନ୍‌ଟିପିସି ଲିଃ, ଦର୍ଲିପାଲି ଏସ୍‌ଟିପିପି ଦ୍ୱାରା ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଏବଂ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ୍ ଲାଇନ୍‌ର ପର୍ଯ୍ୟାୟ-୧/୨ ଜଙ୍ଗଲ ଜମିର ପରିବର୍ତ୍ତନ ମଞ୍ଜୁରୀ

**ପରିଶିଷ୍ଟ-୧**

Government of India/ଭାରତ ସରକାର
Ministry of Environment, Forest & Climate Change/
ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
Eastern Regional Office/ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ
A/3, Chandrasekharpur/ଏ/୩, ଚନ୍ଦ୍ରଶେଖରପୁର
Bhubaneswar-751023/ଭୁବନେଶ୍ୱର-୭୫୧୦୨୩
ଟେଲିଫୋନ୍: ୦୬୭୪-୨୩୦୧୨୧୩, ୨୩୦୧୨୪୮, ୨୩୦୨୪୫୨, ୨୩୦୨୪୫୩
ଫାକ୍ସ: ୦୬୭୪-୨୩୦୨୪୩୨, ଇ-ମେଲ୍: roez.bsr-mef@nic.in

ନଂ. ୫-ଓଆର୍‌ସି୨୭୯/୨୦୧୬-ବିଏଚ୍‌ୟୁ ୧ ନଭେମ୍ବର, ୨୦୧୬

ପ୍ରାପ୍ତେଷୁ,
ପ୍ରଧାନ ସଚିବ,
ଜଙ୍ଗଲ ଏବଂ ପରିବେଶ ବିଭାଗ,
ଓଡ଼ିଶା ସରକାର,
ଭୁବନେଶ୍ୱର

ବିଷୟ:-ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ।

ମହାଶୟ,

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୦ର ଧାରା ୨ ଅଧୀନରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ଲୋଡ଼ିବା ପାଇଁ ଉପରବର୍ଣ୍ଣିତ ବିଷୟରେ ରାଜ୍ୟ ସରକାରଙ୍କ ଚିଠି ସଂ.୧୦ଏଫ(ସିଓଏନ୍ଏସ୍)୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ ୨୩.୦୫.୨୦୧୬ ଏବଂ ସଂ.୧୭୮୧୭/ଏଫ୍ ଆଣ୍ଡ ଇ, ତାରିଖ: ୨୪.୦୯.୨୦୧୬କୁ ସନ୍ଦର୍ଭକୁ ନେବା ପାଇଁ ମୋତେ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟ ସରକାରଙ୍କ ପ୍ରସ୍ତାବ ଉପରେ ଯଥେଷ୍ଟ ବିଚାର କରିବା ପରେ ଏବଂ ୨୫.୧୦.୨୦୧୬ରେ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାସମ୍ପନ୍ନ କମିଟିର ନିଷ୍ପତ୍ତି ଆଧାରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି ଏତଦ୍ୱାରା 'ସୈଦ୍ଧାନ୍ତିକ ରୂପେ' ଅନୁମୋଦନ ପ୍ରଦାନ କରୁଅଛି, ଯାହା ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ ଉପରେ ନିର୍ଭର କରିବ:

(i) ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ।
(ii) ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ପିଟିସନ (ସିଭିଲ) ନଂ.୨୦୨/୧୯୯୫ରେ ତା୨୮.୦୩.୨୦୦୮, ୨୪.୦୪.୨୦୦୮ ଏବଂ ୦୯.୦୫.୨୦୦୮ ରିଖର ଆଦେଶ ଏବଂ ଏ ବାବଦରେ ମନ୍ତ୍ରଣାଳୟ ଦ୍ୱାରା ଏହାର ଚିଠି ସଂ. ୫-୩/୨୦୦୭-ଏଫ୍‌ସି, ତାରିଖ ୦୫.୦୨.୨୦୦୯ ଜରିଆରେ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ସରକାର ୟୁଜର ଏଜେନ୍ସିଠାରୁ ଏହି ପ୍ରସ୍ତାବ ଅଧୀନରେ ପରିବର୍ତ୍ତିତ ହେବା ଲାଗି ପ୍ରସ୍ତାବିତ ଜଙ୍ଗଲ କ୍ଷେତ୍ରର ନେଟ୍ ପ୍ରେଜେଣ୍ଟ ମୂଲ୍ୟ (ଏନ୍‌ପିଭି) ଆଦାୟ କରିବେ । ଏହି ସର୍ତ୍ତର ଅନୁପାଳନ ସମ୍ପର୍କରେ ଅବଗତ କରାଇବା ସମୟରେ ଯେଉଁ ଜଙ୍ଗଲ ପାଇଁ ଏନ୍‌ପିଭି ଆଦାୟ କରାଯାଉଛି ତାହାର ଜୈବ-ଶ୍ରେଣୀ ଏବଂ ଘନତ୍ୱକୁ ଦର୍ଶାଯିବ ।
(iii) ବର୍ତ୍ତମାନ ଦରରେ ନେଟ୍ ପ୍ରେଜେଣ୍ଟ ମୂଲ୍ୟ (ଏନ୍‌ପିଭି) ପରିଶୋଧ କରିବା ସମୟରେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ଯଦି ଏନ୍‌ପିଭି ଲାଗି ଅତିରିକ୍ତ ଅର୍ଥରାଶି ପୈଠ କରିବାର ଆବଶ୍ୟକତା ପଡ଼େ ତେବେ ତାହାକୁ ପୈଠ କରିବା ପାଇଁ ୟୁଜର ଏଜେନ୍ସି ଏକ ପ୍ରତିଜ୍ଞାପତ୍ର ଦାଖଲ କରିବ ।
(iv) ପରିବର୍ତ୍ତିତ ହେବା ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି କ୍ଷେତ୍ର ଅର୍ଥାତ୍ ୨୫.୫୬ ହେକ୍ଟର ବଦଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ଅବକ୍ଷୟିତ ଜଙ୍ଗଲ ଜମିରେ ଦୁଇଗୁଣା କ୍ଷତିପୂରଣମୂଳକ ବନୀକରଣ କରିବେ ଓ ତାହାର ରକ୍ଷଣାବେକ୍ଷଣ କରିବେ, ଯାହାର ଖର୍ଚ୍ଚ ୟୁଜର ଏଜେନ୍ସି ବହନ କରିବ ।
(v) ୟୁଜର ଏଜେନ୍ସି ସାମ୍ପ୍ରତିକ ମଜୁରି ଦରରେ ୧୦ ବର୍ଷ ଲାଗି କ୍ଷତିପୂରଣମୂଳକ ବନୀକରଣ ଲାଗି ବନୀକରଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ରାଜ୍ୟ ଜଙ୍ଗଲ ବିଭାଗକୁ ସ୍ଥାନାନ୍ତର କରିବ ।
(vi) ପ୍ରକଳ୍ପ ଅଧୀନରେ ୟୁଜର ଏଜେନ୍ସିଠାରୁ ପ୍ରାପ୍ତ ହୋଇଥିବା ସମସ୍ତ ପାଣ୍ଠିକୁ ଅସ୍ଥାୟୀ ସିଏଏମ୍‌ପିଏକୁ ସ୍ଥାନାନ୍ତର କରାଯିବ, ଯାହାକୁ କର୍ପୋରେଶନ ବ୍ୟାଙ୍କ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ରେ ଅସ୍ଥାୟୀ ସିଏଏମ୍‌ପିଏର ସଞ୍ଚୟ ବ୍ୟାଙ୍କ ଖାତାରେ ଜମା କରାଯିବ ।
(vii) ୟୁଜର ଏଜେନ୍ସି ରାଜ୍ୟ ସରକାରଙ୍କ ଦ୍ୱାରା ଚିଠି ସଂ. ୧୦(ସିଓଏନ୍ଏସ୍)୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ: ୨୩.୦୫.୨୦୧୬ ରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅନୁପାଳନ କରିବ ।
(viii) ୟୁଜର ଏଜେନ୍ସି ମନ୍ତ୍ରଣାଳୟ ଦ୍ୱାରା ଚିଠି ସଂ. ୭-୨୫/୨୦୧୨-ଏଫ୍‌ସି, ତାରିଖ: ୦୫.୦୫.୨୦୧୪ ଏବଂ ୧୯.୧୧.୨୦୧୪ରେ ଜାରି ଜଙ୍ଗଲ ଅଞ୍ଚଳ ମଧ୍ୟ ଦେଇ ଟ୍ରାନ୍ସମିଶନ୍ ଲାଇନ ବିଛାଇବା ପାଇଁ ନିର୍ଦ୍ଦେଶାବଳୀର ଅନୁପାଳନ କରିବ ।
(ix) ୟୁଜର ଏଜେନ୍ସି ରାଜ୍ୟ ଜଙ୍ଗଲ ବିଭାଗର ପରାମର୍ଶ ସହ ଟ୍ରାନ୍ସମିଶନ୍ ଲାଇନ୍ ତଳେ ପ୍ରଥମ ଅଧିକାରରେ ଛୋଟ ପ୍ରଜାତି (ସମ୍ଭବତଃ ଔଷଧୀୟ ଜାତୀୟ ବୃକ୍ଷ)ର ରୋପଣ ପାଇଁ ଏକ ସବିଶେଷ ସୃଜନ ଓ ରକ୍ଷଣାବେକ୍ଷଣ ଯୋଜନା ପ୍ରସ୍ତୁତ କରିବ ଏବଂ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପାଣ୍ଠି ପ୍ରଦାନ କରିବ ।
(x) ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମିର ପରିସୀମାକୁ ପ୍ରକଳ୍ପ ଖର୍ଚ୍ଚରେ ଚାରି ଫୁଟ ଉଚ୍ଚ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ଉଠାଯାଇ ଚିହ୍ନିତ କରାଯିବ, ପ୍ରତ୍ୟେକ ସ୍ତମ୍ଭରେ ତାହାର କ୍ରମିକ ସଂଖ୍ୟା, ଡିଜିପିଏସ୍ ନିର୍ଦ୍ଦେଶାଙ୍କ, ଫରୱାର୍ଡ ଓ ବ୍ୟାକ୍ ବିୟରିଂ ଏବଂ ସ୍ତମ୍ଭରୁ ସ୍ତମ୍ଭ ମଧ୍ୟରେ ଦୂରତା ଖୋଦିତ କରାଯିବ ଏବଂ ଡିଜିପିଏସ୍ ନକ୍ସା ସହ ସଫ୍ଟ କପି ଶେପ୍ ଫାଇଲରେ ଦାଖଲ କରାଯିବ ।
(xi) ରାଜ୍ୟ ଜଙ୍ଗଲ ବିଭାଗ/ୟୁଏ ସିଏ ନିମନ୍ତେ ପ୍ରସ୍ତାବିତ ହୋଇଥିବା ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ପତିତ ଜଙ୍ଗଲ ଜମିର ଡିଜିପିଏସ୍ ନକ୍ସା ସହିତ ଶେପ୍ ଫାଇଲ୍‌ରେ ସଫ୍ଟ କପି ଦାଖଲ କରିବେ, ଯେଉଁଥିରେ ପ୍ରତ୍ୟେକ ସୀମା ସ୍ତମ୍ଭର ଫରୱାର୍ଡ ଓ ବ୍ୟାକୱାର୍ଡ ବିୟରିଂ ଏବଂ ସେଗୁଡ଼ିକ ମଧ୍ୟରେ ଦୂରତା ଦର୍ଶାଯାଇଥିବ ।
(xii) ପ୍ରକଳ୍ପର ଭୂତଳ ପାଇପଲାଇନ ସମ୍ବନ୍ଧୀୟ ବସ୍ତୁଗତ ପ୍ରଭାବକୁ ନିୟମିତ ଭାବେ ତଦାରଖ କରାଯିବ ଏବଂ ଅଞ୍ଚଳ ଉପରେ କୌଣସି ପ୍ରତିକୂଳ ପ୍ରଭାବ ସମ୍ପର୍କରେ ତୁରନ୍ତ ସୂଚନା ଦିଆଯିବ ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ଗତିବିଧିକୁ ତୁରନ୍ତ ବନ୍ଦ କରାଯିବ ।
(xiii) ଜଙ୍ଗଲ ଜମିରେ କୌଣସି ଶ୍ରମ ଶିବିର ପ୍ରତିଷ୍ଠା କରାଯିବ ନାହିଁ ।
(xiv) ୟୁଜର ଏଜେନ୍ସି ଉକ୍ତ ସ୍ଥାନରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କୁ ବିକଳ୍ପ ଇନ୍ଧନ ଯୋଗାଇଦେବ ଯାହାଦ୍ୱାରା ଆଖପାଖ ଜଙ୍ଗଲ ଅଞ୍ଚଳରେ କୌଣସି କ୍ଷୟକ୍ଷତି ଏବଂ ଚାପକୁ ଏଡ଼ାଇ ହେବ ।
(xv) ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ପାଇଁ ଜଙ୍ଗଲ ଭିତରେ କୌଣସି ଅତିରିକ୍ତ କିମ୍ବା ନୂତନ ପଥ ନିର୍ମାଣ କରାଯିବ ନାହିଁ ।
(xvi) ୟୁଜର ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରୁ ମାଟି କିମ୍ବା କୌଣସି ପଦାର୍ଥ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଆବର୍ଜନାକୁ ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ନିଷ୍କାସନ କରାଯିବ ନାହିଁ ।
(xvii) ଉପଭୋକ୍ତା ଏଜେନ୍ସି କାର୍ଯ୍ୟ ସମ୍ପାଦନ କରିବା ସମୟରେ ଆଖପାଖ ଜଙ୍ଗଲ ଅଞ୍ଚଳରେ କୌଣସି ପ୍ରକାର ଗଛ କାଟିବେ ନାହିଁ କିମ୍ବା ଜଙ୍ଗଲ ବୃଦ୍ଧିକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଇବେ ନାହିଁ ।
(xviii) ଜଙ୍ଗଲ ଜମି ପ୍ରସ୍ତାବରେ ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହେବ ନାହିଁ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ବିନା କୌଣସି ପରିସ୍ଥିତିରେ ଅନ୍ୟ କୌଣସି ଉପଭୋକ୍ତା ଏଜେନ୍ସି, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ ନାହିଁ ।
(xix) ଅନୁସୂଚିତ ଜନଜାତି ଓ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬ ଅନୁଯାୟୀ ରାଜ୍ୟ ସରକାର ଜମିର ଅଧିକାରର ବନ୍ଦୋବସ୍ତକୁ ସମ୍ପୂର୍ଣ୍ଣ କରିବେ ଏବଂ ତା' ସପକ୍ଷରେ ଏହି ମନ୍ତ୍ରଣାଳୟର ଚିଠି ସଂ. ୧୧-୯/୧୯୯୮-ଏଫ୍‌ସି (ଅଂଶ), ତାରିଖ: ୦୩.୦୮.୨୦୦୯ ସହିତ ପଠନପୂର୍ବକ ଚିଠି ସଂ. ୧୧-୯/୧୯୯୮-ଏଫ୍‌ସି (ଅଂଶ), ତାରିଖ: ୦୫.୦୨.୨୦୧୩ରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ପ୍ରାମାଣିକ ତଥ୍ୟ ଦାଖଲ କରିବେ ।
(xx) ଜଙ୍ଗଲ ଓ ବନ୍ୟପ୍ରାଣୀ ସଂରକ୍ଷଣ, ସୁରକ୍ଷା ଓ ବିକାଶ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମୟ ସମୟରେ ଧାର୍ଯ୍ୟ କରିଥିବା ଅନ୍ୟ କୌଣସି ସର୍ତ୍ତକୁ ୟୁଜର ଏଜେନ୍ସି ଦ୍ୱାରା ପାଳନ କରାଯିବ ।
(xxi) ୟୁଜର ଏଜେନ୍ସି ଏବଂ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ସମ୍ପ୍ରତି ବଳବତ୍ତର ଥିବା ପ୍ରଯୁଜ୍ୟ ସମସ୍ତ ଆଇନ, ନିୟମାବଳୀ, ବିନିୟମ ଏବଂ ମାର୍ଗଦର୍ଶିକାର ବ୍ୟବସ୍ଥାର ଅନୁପାଳନକୁ ସୁନିଶ୍ଚିତ କରିବେ ।

ଉପରୋକ୍ତ ସର୍ତ୍ତାବଳୀ ପାଳନ ସମ୍ପର୍କିତ ରିପୋର୍ଟ ଓଡ଼ିଶା ସରକାରଙ୍କଠାରୁ ମିଳିବା ପରେ ଏହି ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ର ଧାରା ୨ ଅଧୀନରେ ଉକ୍ତ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଚୂଡ଼ାନ୍ତ/ପର୍ଯ୍ୟାୟ-II ଅନୁମୋଦନ ପ୍ରଦାନ କରାଯିବ। **ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଜଙ୍ଗଲ ଜମି ହସ୍ତାନ୍ତର ପାଇଁ ଚୂଡ଼ାନ୍ତ/ପର୍ଯ୍ୟାୟ-୨ ଅନୁମୋଦନ ନ ମିଳିବା ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସରକାର ଏହାକୁ ୟୁଜର ଏଜେନ୍ସିକୁ ହସ୍ତାନ୍ତର କରିପାରିବେ ନାହିଁ ।** ତଥାପି, ରାଜ୍ୟ ସରକାର ଚାହିଁଲେ ଚିଠି ସଂ. ୧୧-୩୦୬/୨୦୧୪-ଏଫ୍‌ସି, ତାରିଖ: ୨୮.୦୮.୨୦୧୫ ଜରିଆରେ ଜାରି ହୋଇଥିବା ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ୟୁଜର ଏଜେନ୍ସିକୁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦେଇପାରିବେ ।

ଆପଣଙ୍କର ବିଶ୍ୱସ୍ତ,
(ଆର୍.କେ. ସାମଲ)
ଜଙ୍ଗଲ ସଂରକ୍ଷକ (କେନ୍ଦ୍ରୀୟ)
ତାରିଖ: ୧.୧୧.୨୦୧୬

ନିମ୍ନଲିଖିତଙ୍କୁ ନକଲ:-
୧. ଜଙ୍ଗଲ ମହାନିରୀକ୍ଷକ (ଏଫ୍‌ସି), ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଆଲିଗଞ୍ଜ, ଜୋରବାଗ ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩ ।
୨. ଉପସଚିବ, ଆର୍‌ଓଏଚ୍‌କ୍ୟୁ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଅଗ୍ନି ବ୍ଲକ୍, ଆଲିଗଞ୍ଜ, ଜୋରବାଗ ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩ ।
୩. ପ୍ରଧାନ ମୁଖ୍ୟ ଜଙ୍ଗଲ ସଂରକ୍ଷକ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩ ।
୪. ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ ଅଧିକାରୀ (ଏଫ୍‌ସି), ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩ ।
୫. ବନଖଣ୍ଡ ଅଧିକାରୀ, ସୁନ୍ଦରଗଡ଼/ଝାରସୁଗୁଡ଼ା, ଜିଲ୍ଲା: ସୁନ୍ଦରଗଡ଼/ଝାରସୁଗୁଡ଼ା, ଓଡ଼ିଶା ।
୬. ମହାପ୍ରବନ୍ଧକ (ଭାରପ୍ରାପ୍ତ), ଦର୍ଲିପାଲି ଏସଟିପିପି, ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେଶନ୍ ଲିଃ, ସ୍ଥାନ/ପୋଷ୍ଟ: ଦର୍ଲିପାଲି, ଜିଲ୍ଲା: ସୁନ୍ଦରଗଡ଼ - ୭୭୦୦୭୨, ଓଡ଼ିଶା ।
୭. ଗାର୍ଡ ଫାଇଲ୍

ଜଙ୍ଗଲ ସଂରକ୍ଷକ (କେନ୍ଦ୍ରୀୟ)

**ପରିଶିଷ୍ଟ-୨**

Government of India/ଭାରତ ସରକାର
Ministry of Environment, Forest & Climate Change/ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
Eastern Regional Office/ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ
A/3, Chandrasekharpur/ଏ/୩, ଚନ୍ଦ୍ରଶେଖରପୁର
Bhubaneswar-751023/ଭୁବନେଶ୍ୱର-୭୫୧୦୨୩

ନଂ. ୫-ଓଆର୍‌ସି୨୭୯/୨୦୧୬-ବିଏଚ୍‌ୟୁ ୨୪ ଏପ୍ରିଲ, ୨୦୨୫

ପ୍ରାପ୍ତେଷୁ,
ଅତିରିକ୍ତ ମୁଖ୍ୟ ସଚିବ,
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ,
ଓଡ଼ିଶା ସରକାର,
ଭୁବନେଶ୍ୱର - ୭୫୧୦୦୧

ବିଷୟ:- ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ।

ମହାଶୟ,

ମୋତେ ରାଜ୍ୟ ସରକାରଙ୍କ ଚିଠି ସଂ.୧୦ଏଫ୍(ସିଓଏନ୍ଏସ୍) ୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ: ୨୩.୦୫.୨୦୧୬ ଏବଂ ସଂ. ୧୭୮୧୭/ଏଫ୍ ଆଣ୍ଡ ଇ, ତାରିଖ: ୨୪.୦୯.୨୦୧୬କୁ ସନ୍ଦର୍ଭିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଧାରା-୨ ଅନୁଯାୟୀ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ଲୋଡ଼ାଯାଇଥିଲା । ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବର ବିହିତ ବିଚାର ପରେ ଏବଂ ୨୫.୧୦.୨୦୧୬ରେ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାସମ୍ପନ୍ନ କମିଟି ବୈଠକର ନିଷ୍ପତ୍ତି ଆଧାରରେ ମନ୍ତ୍ରଣାଳୟ ଦ୍ୱାରା ଏହି କାର୍ଯ୍ୟାଳୟର ୦୧.୧୧.୨୦୧୬ର ସମାନ ସଂଖ୍ୟକ ଚିଠି ଜରିଆରେ ଉକ୍ତ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ସୈଦ୍ଧାନ୍ତିକ ଅନୁମୋଦନ ଦିଆଯାଇଛି, ଯାହା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ପୂରଣ ଉପରେ ନିର୍ଭର କରିବ । ସୈଦ୍ଧାନ୍ତିକ ଅନୁମୋଦନରେ ନିର୍ଦ୍ଧାରିତ ସର୍ତ୍ତାବଳୀ ସଂକ୍ରାନ୍ତରେ ରାଜ୍ୟ ସରକାର ଅନୁପାଳନ ରିପୋର୍ଟ ଦାଖଲ କରିଛନ୍ତି ଏବଂ ପ୍ରସ୍ତାବର ଚୂଡ଼ାନ୍ତ ଅନୁମୋଦନକୁ ମଞ୍ଜୁର କରିବା ପାଇଁ ଅନୁରୋଧ କରିଛନ୍ତି ।

୨. ଏହି ପରିପ୍ରେକ୍ଷୀରେ, ମୋତେ ଏହା ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ ଅଧିକାରୀ (ଏଫ୍‌ସିଏ), ଓଡ଼ିଶାଙ୍କ ଦ୍ୱାରା ସେମାନଙ୍କର ଚିଠି ସଂ.୭୫୩୫/୯ଏଫ୍ (ଇଟି)-୦୪/୨୦୧୬ ତାରିଖ: ୦୨.୦୪.୨୦୨୫ ଜରିଆରେ ଦାଖଲ କରାଯାଇଥିବା ଅନୁପାଳନ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ୨୨.୦୪.୨୦୨୫ରେ ପରିବେଶ ୱେବ୍ ପୋର୍ଟାଲରେ ଅନୁପାଳନ ରିପୋର୍ଟ ଅପଲୋଡ୍ କରାଯିବା ଆଧାରରେ ଏତଦ୍ୱାରା ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଧାରା ୨ ଅଧୀନରେ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି **ପର୍ଯ୍ୟାୟ-୨/ଚୂଡ଼ାନ୍ତ** ଅନୁମୋଦନ ଦିଆଯାଉଛି, ଯାହା ନିମ୍ନଲିଖିତ ସର୍ତ୍ତାବଳୀର ପୂରଣ ଉପରେ ନିର୍ଭର କରିବ:

**କ: ଜଙ୍ଗଲ ଜମିକୁ ହସ୍ତାନ୍ତର କରାଯିବା ପୂର୍ବରୁ ଅନୁପାଳନ କରାଯିବାକୁ ଥିବା ସର୍ତ୍ତାବଳୀ ।**

i) ରାଜ୍ୟ ସରକାର ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଏଫ୍‌ଆର୍‌ଏ, ୨୦୦୬ର ସମ୍ପୂର୍ଣ୍ଣ ଅନୁପାଳନକୁ ସୁନିଶ୍ଚିତ କରିବେ ।
ii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମୟ ସମୟରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଉପରୋକ୍ତ ପ୍ରସ୍ତାବ ପାଇଁ ଏନ୍‌ପିଭି ଆଦାୟ କରାଯାଇଛି ।
iii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ପରିବେଶୀୟ (ସୁରକ୍ଷା) ଅଧିନିୟମ, ୧୯୮୬ର ବ୍ୟବସ୍ଥା ଅନୁଯାୟୀ ପରିବେଶୀୟ ମଞ୍ଜୁରୀ ପ୍ରାପ୍ତ କରିବ ।
iv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସିକୁ ପରିବର୍ତ୍ତିତ ଜଙ୍ଗଲ ଜମି ହସ୍ତାନ୍ତର କରାଯିବା ପୂର୍ବରୁ ଅଞ୍ଚଳର କେଏମ୍‌ଏଲ୍ ଫାଇଲଗୁଡ଼ିକ ପରିବର୍ତ୍ତିତ ହେବ ଏବଂ ସିଏ ଅଞ୍ଚଳକୁ ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ସମସ୍ତ ଆବଶ୍ୟକୀୟ ବିବରଣୀ ସହ ଅପଲୋଡ୍ ହେବ ।
v) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପରିବର୍ତ୍ତିତ ଜଙ୍ଗଲ ଜମିକୁ ପ୍ରକଳ୍ପ ଖର୍ଚ୍ଚରେ ଚାରି ଫୁଟ ଉଚ୍ଚ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ଦ୍ୱାରା ଭୂମିରେ ସୀମାଙ୍କିତ କରାଯିବ, ପ୍ରତ୍ୟେକ ସ୍ତମ୍ଭରେ ତାହାର କ୍ରମିକ ସଂଖ୍ୟା, ସ୍ତମ୍ଭରୁ ସ୍ତମ୍ଭ ମଧ୍ୟରେ ଦୂରତା ଏବଂ ଜିପିଏସ୍ ନିର୍ଦ୍ଦେଶାଙ୍କ ରହିବ ।

**ଖ: ଜମିକୁ ୟୁଜର ଏଜେନ୍ସିକୁ ହସ୍ତାନ୍ତର କରିବା ପରେ ଅନୁପାଳନ କରାଯିବା ପାଇଁ ଜରୁରୀ ସର୍ତ୍ତାବଳୀ ।**

i) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପରିବର୍ତ୍ତିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ।
ii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପର୍ଯ୍ୟାୟ-୨ ମଞ୍ଜୁରୀ ତାରିଖଠାରୁ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ଜଙ୍ଗଲ ବିଭାଗ ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ପତିତ ଜଙ୍ଗଲ ଜମିରେ କ୍ଷତିପୂରଣମୂଳକ ଭାବେ ବନୀକରଣ କରାଯିବ ଏବଂ ତତ୍‌ପଶ୍ଚାତ୍ ୟୁଜର ଏଜେନ୍ସିର ବ୍ୟୟରେ ତାହାର ରକ୍ଷଣାବେକ୍ଷଣ କରାଯିବ । ସିଏ ଯୋଜନାରେ ସମ୍ପୃକ୍ତ ଅଞ୍ଚଳର ସ୍ୱଜାତୀୟ ପ୍ରଜାତିର ଉଦ୍ଭିଦ ରୋପଣ କରାଯିବ । ଅତି କମ୍‌ରେ ୧୮ ମାସ ପୁରୁଣା ବିହନ ରୋପଣ କରାଯିବ । ବୃକ୍ଷରୋପଣ କାର୍ଯ୍ୟକୁ ଗହନ ଭାବେ ତଦାରଖ ଓ ଜିଓ ଟ୍ୟାଗିଂ ବ୍ୟବହାର କରି ତଥ୍ୟଭୁକ୍ତ କରାଯିବା ଆବଶ୍ୟକ, ଯାହାଦ୍ୱାରା ନିୟମିତ ବ୍ୟବଧାନରେ ବୃକ୍ଷଗୁଡ଼ିକର କାନୋପି ଘନତ୍ୱ ଓ ଜୀବିତତା ତଥା ବୃଦ୍ଧିର ମୂଲ୍ୟାୟନ କରାଯାଇପାରିବ ।
(iii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ରାଜ୍ୟ ଜଙ୍ଗଲ ବିଭାଗ ଅନୁମୋଦିତ ପ୍ଲାନ/ଯୋଜନା ଅନୁଯାୟୀ ପର୍ଯ୍ୟାୟ-୨ ମଞ୍ଜୁରୀ ତାରିଖଠାରୁ ଦୁଇ ବର୍ଷ ଅବଧି ମଧ୍ୟରେ ଟ୍ରାନ୍ସମିଶନ୍ ଲାଇନ୍ ତଳେ ପ୍ରଥମ ଅଧିକାର ଭାବେ ଛୋଟ ପ୍ରଜାତି (ଔଷଧୀୟ ଉଦ୍ଭିଦ ବାଞ୍ଛନୀୟ)ର ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦନ କରିବ ଏବଂ ତା'ପରେ ୟୁଜର ଏଜେନ୍ସି ଦ୍ୱାରା ସିଏଏମ୍‌ପିଏ ଖାତାରେ ଜମା କରାଯାଇଥିବା ପାଣ୍ଠିକୁ ବ୍ୟବହାର କରି ତାହାର ରକ୍ଷଣାବେକ୍ଷଣ କରିବ ।
(iv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ମନ୍ତ୍ରଣାଳୟ ଦ୍ୱାରା ଜାରି ଚିଠି ସଂ. ୭-୨୫/୨୦୧୨-ଏଫ୍‌ସି, ତାରିଖ: ୦୫.୦୫.୨୦୧୪ ଓ ୧୯.୧୧.୨୦୧୪ ଜରିଆରେ ଜଙ୍ଗଲ ଅଞ୍ଚଳରେ ଟ୍ରାନ୍ସମିଶନ୍ ଲାଇନ୍ ବିଛାଇବା ସଂକ୍ରାନ୍ତୀୟ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବ ।
(v) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ବନ୍ୟପ୍ରାଣୀଙ୍କର ବିଜୁଳି ଆଘାତଜନିତ ମୃତ୍ୟୁକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକୀୟ ଗ୍ରାଉଣ୍ଡ କ୍ଲିୟରାନ୍ସ ସମେତ ଉପଯୁକ୍ତ ସ୍ଥାନଗୁଡ଼ିକରେ ସର୍କିଟ୍ ବ୍ରେକର୍ ସ୍ଥାପନ କରିବ ।
(vi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ହାତୀ କରିଡର୍ ପାଇଁ ସିଇଏ ମାନଦଣ୍ଡ ଅନୁଯାୟୀ ଜଙ୍ଗଲ/ଅଣ-ଜଙ୍ଗଲ ଜମିରେ ଟାୱାର ଓ ଟ୍ରାନ୍ସମିଶନ୍ ଲାଇନର ସୁଦୃଢ଼ୀକରଣ/ରକ୍ଷଣାବେକ୍ଷଣ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବ ଏବଂ ବନ୍ୟପ୍ରାଣୀଙ୍କର ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ନ ହେବାକୁ ସୁନିଶ୍ଚିତ କରିବା ଲାଗି ସିଡବ୍ଲ୍ୟୁଏଲଡବ୍ଲ୍ୟୁ, ଓଡ଼ିଶାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ଏପରି ଅନ୍ୟାନ୍ୟ ସର୍ତ୍ତାବଳୀର ଅନୁପାଳନ କରିବ ।
(vii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ନିଜ ଖର୍ଚ୍ଚରେ ବାର୍ଡ ଡିଫ୍ଲେକ୍ଟର ଯୋଗାଇବ, ପକ୍ଷୀଙ୍କ ହତାହତକୁ ଏଡ଼ାଇବା ପାଇଁ ଯାହାକୁ ଉପଯୁକ୍ତ ବ୍ୟବଧାନର ଦୂରତାରେ ଟ୍ରାନ୍ସମିଶନର ଉପରିସ୍ଥ କଣ୍ଡକ୍ଟରରେ ସ୍ଥାପନ କରାଯିବ ।
(viii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପାହାଡ଼ିଆ ତଥା ଢାଲୁ ଅଞ୍ଚଳରେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ତାରିଖ: ୦୫.୦୫.୨୦୧୪ ଓ ୧୯.୧୧.୨୦୧୪ର ବିଦ୍ୟମାନ ନିର୍ଦ୍ଦେଶାବଳୀ ଅନୁଯାୟୀ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁର ଦୁର୍ଭାଗ୍ୟଜନକ ଘଟଣାକୁ ବନ୍ଦ କରିବା ପାଇଁ ତାରଗୁଡ଼ିକର ନୁଆଁଣ ଓ ଦୋଳନକୁ ବିଚାରକୁ ନେଇ ଟାୱାରଗୁଡ଼ିକର ଅତିରିକ୍ତ ଉଚ୍ଚତା ସହିତ ପର୍ଯ୍ୟାପ୍ତ ଗ୍ରାଉଣ୍ଡ କ୍ଲିୟରାନ୍ସର ରକ୍ଷଣାବେକ୍ଷଣ କରାଯିବ ।
(ix) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି କଟାଯିବା ପାଇଁ ଚିହ୍ନଟ ହୋଇଥିବା ସର୍ବାଧିକ ବୃକ୍ଷଗୁଡ଼ିକୁ ସଫଳ ଭାବେ ପ୍ରତିରୋପଣ କରିବା ଲାଗି ଯଥାସମ୍ଭବ ପ୍ରୟାସ କରିବ ଏବଂ ଏହା ନିଶ୍ଚିତ କରିବ ଯେ କେବଳ ଅପରିହାର୍ଯ୍ୟ ହୋଇଥିବା ସ୍ଥଳରେ ହିଁ ବୃକ୍ଷଗୁଡ଼ିକୁ କଟାଯିବ ଓ ତାହା ମଧ୍ୟ କେବଳ ରାଜ୍ୟ ଜଙ୍ଗଲ ବିଭାଗର କଡ଼ାକଡ଼ି ତତ୍ତ୍ୱାବଧାନ ଅଧୀନରେ କରାଯିବ ।
x) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପାଇପଲାଇନ୍‌କୁ ଭୂସ୍ତରର ୧.୫ ମିଟର ଗଭୀରତାରେ ବିଛାଯିବ ଏବଂ ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ସୁଡ଼ଙ୍ଗର ପ୍ରସ୍ଥ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ୩.୫୩୦ ମିଟରରୁ ୭.୧୮୬ ମିଟର ମଧ୍ୟରେ ରହିବ ଏବଂ ପାଇପଲାଇନ୍ ବିଛାଯିବା ପରେ ତୁରନ୍ତ ଭୂମିକୁ ସମତଳ କରାଯିବ ।
xi) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପର ଭୂତଳ ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ସଂକ୍ରାନ୍ତୀୟ ବସ୍ତୁଗତ ପ୍ରଭାବକୁ ନିୟମିତ ଭାବେ ତତ୍ତ୍ୱାବଧାନ କରାଯିବ ଏବଂ ସମ୍ପୃକ୍ତ ଅଞ୍ଚଳ ଉପରେ କୌଣସି ପ୍ରତିକୂଳ ପ୍ରଭାବକୁ ତୁରନ୍ତ ରିପୋର୍ଟ କରାଯିବ ଏବଂ କେବଳ ପ୍ରକଳ୍ପ ସମ୍ବନ୍ଧିତ ଗତିବିଧିଗୁଡ଼ିକୁ ତୁରନ୍ତ ବନ୍ଦ କରାଯିବ ।
xii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ଅପ୍ରତ୍ୟାଶିତ ଲିକେଜ୍ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବ ।
xiii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଯଦି ଆବଶ୍ୟକ ହୁଏ ତେବେ ୟୁଜର ଏଜେନ୍ସି ଏନ୍‌ପିଭିର ଅତିରିକ୍ତ ରାଶି ପୈଠ କରିବ ।
xiv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ସମ୍ପୃକ୍ତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତ ସମ୍ଭବ ପଦକ୍ଷେପ ଗ୍ରହଣ କରିବ ।
xv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ଅଞ୍ଚଳରେ ବଣୁଆ ହାତୀଙ୍କ ଚଳପ୍ରଚଳ ସମୟରେ ୟୁଜର ଏଜେନ୍ସି ନିଜର ସମସ୍ତ ନିର୍ମାଣ ଗତିବିଧି ଅର୍ଥାତ୍ ସୁଡ଼ଙ୍ଗ ଖନନ ଓ ପାଇପଲାଇନ୍ ବିଛାଇବା କାର୍ଯ୍ୟକୁ ବନ୍ଦ ରଖିବ । ୟୁଜର ବନ୍ୟପ୍ରାଣୀ, ବିଶେଷକରି ସମ୍ପୃକ୍ତ ଅଞ୍ଚଳର ବଣୁଆ ହାତୀଙ୍କୁ ବିଚଳିତ ନ କରିବା ପାଇଁ ପ୍ରାକ୍-ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବ ।
xvi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମି ଉପରେ କୌଣସି ଶ୍ରମ ଶିବିର ସ୍ଥାପନ କରାଯିବ ନାହିଁ ଏବଂ ଆଖପାଖ ଜଙ୍ଗଲ ଅଞ୍ଚଳ ପ୍ରତି କୌଣସି କ୍ଷୟକ୍ଷତି ଓ ଚାପକୁ ଏଡ଼ାଇବା ପାଇଁ ୟୁଜର ଏଜେନ୍ସି ସାଇଟରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ବୈକଳ୍ପିକ ଇନ୍ଧନ ଯୋଗାଇବା ବାଞ୍ଛନୀୟ ।
xvii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ କୌଣସି ଗତିବିଧି ପାଇଁ ଜଙ୍ଗଲ ଅଞ୍ଚଳ ମଧ୍ୟରେ କୌଣସି ଅତିରିକ୍ତ କିମ୍ବା ନୂଆ ପଥ ନିର୍ମାଣ କରାଯିବ ନାହିଁ ।
xviii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, କାର୍ଯ୍ୟ ସମ୍ପାଦନ ସମୟରେ ୟୁଜର ଏଜେନ୍ସି ଆଖପାଖର ଜଙ୍ଗଲ ଅଞ୍ଚଳରେ କୌଣସି ବୃକ୍ଷ କାଟିବ ନାହିଁ କିମ୍ବା ଜଙ୍ଗଲ ବୃଦ୍ଧିକୁ କୌଣସି ଉପାୟରେ କ୍ଷତିଗ୍ରସ୍ତ କରିବ ନାହିଁ ।
xix) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ବିନା ପ୍ରସ୍ତାବର ଲେ'ଆଉଟ୍ ପ୍ଲାନକୁ ପରିବର୍ତ୍ତନ କରାଯିବ ନାହିଁ ।
xx) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରୁ ମାଟି କିମ୍ବା କୌଣସି ପଦାର୍ଥ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଆବର୍ଜନାକୁ ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ନିଷ୍କାସନ କରାଯିବ ନାହିଁ ।
xxi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମିକୁ ପ୍ରସ୍ତାବରେ ବିନିର୍ଦ୍ଦିଷ୍ଟ ହୋଇଥିବା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବ ନାହିଁ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ବିନା ତାହାକୁ ଅନ୍ୟ କୌଣସି ୟୁଜର ଏଜେନ୍ସି, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ ।
xxii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମୀପବର୍ତ୍ତୀ ଅଞ୍ଚଳର ବୃକ୍ଷରାଜି ଓ ଜୀବଜନ୍ତୁଙ୍କ ପ୍ରତି କୌଣସି କ୍ଷତି କରାଯିବ ନାହିଁ ।
xxiii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ଆଖପାଖ ଅଞ୍ଚଳରେ ଜଙ୍ଗଲ ଉପରେ ଯେପରି କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼େ ତାହା ନିଶ୍ଚିତ କରିବା ପାଇଁ ତତ୍ତ୍ୱାବଧାନ କରିବେ ଓ ଆବଶ୍ୟକୀୟ ପ୍ରଶମନ ପଦକ୍ଷେପ ଗ୍ରହଣ କରିବେ ।
xxiv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ନିୟମିତ ଭାବେ ପ୍ରତିବର୍ଷ ମାର୍ଚ୍ଚ ଶେଷରେ ରାଜ୍ୟର ନୋଡାଲ୍ ଅଧିକାରୀ (ଏଫ୍‌ସିଏ) ଏବଂ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁପାଳନର ଆତ୍ମ-ତତ୍ତ୍ୱାବଧାନ ରିପୋର୍ଟ ଦାଖଲ କରିବ ।
xxv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ଅଞ୍ଚଳରେ ବନୀକରଣ, ଉଦ୍ଭିଦ ଓ ବନ୍ୟଜୀବଙ୍କ ସଂରକ୍ଷଣ ଏବଂ ପ୍ରବନ୍ଧନ ସ୍ୱାର୍ଥରେ ସମୟ ସମୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟ ଯେକୌଣସି ସର୍ତ୍ତାବଳୀକୁ ୟୁଜର ଏଜେନ୍ସି ଦ୍ୱାରା ଅନୁପାଳନ କରାଯିବ ।
xxvi) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶର ପରିଣତିସ୍ୱରୂପ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଅନ୍ୟ କୌଣସି ନିର୍ଦ୍ଦେଶ ଏହି ଅନୁମୋଦନକୁ ପ୍ରଭାବିତ କରିବ ।
xxvii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଏବଂ ଏହି ପ୍ରକଳ୍ପ ସଂକ୍ରାନ୍ତରେ ସମ୍ପୃକ୍ତ ସମୟରେ ବଳବତ୍ତର ରହିଥିବା ସମସ୍ତ ଅଧିନିୟମ, ନିୟମାବଳୀ, ନିୟାମକ, ନିର୍ଦ୍ଦେଶାବଳୀ, ଏନ୍‌ଜିଟି ଆଦେଶ(ମାନ) ଏବଂ ମାନ୍ୟବର ଅଦାଲତଙ୍କ ଆଦେଶ(ମାନ)ର ବ୍ୟବସ୍ଥାବଳୀର ଅନୁପାଳନ କରାଯିବ ।
xxviii) ଉପରୋକ୍ତ ଯେକୌଣସି ସର୍ତ୍ତାବଳୀର ଉଲ୍ଲଂଘନ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଉଲ୍ଲଂଘନ ଭାବେ ପରିଗଣିତ ହେବ ଏବଂ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଅଧିନିୟମ), ୧୯୮୦ ତଥା ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ନିୟମାବଳୀ, ୨୦୨୩ ଅଧୀନରେ ମନ୍ତ୍ରଣାଳୟର ୨୯.୧୨.୨୦୨୩ ତାରିଖର ଚିଠି ଜରିଆରେ ଜାରି ଏକୀକୃତ ନିର୍ଦ୍ଦେଶାବଳୀ ଓ ସ୍ପଷ୍ଟୀକରଣର ପରିଚ୍ଛେଦ ୧.୧୬ରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆପଣଙ୍କର ବିଶ୍ୱସ୍ତ,
ପଦ୍ମା ମହାନ୍ତି
(ଡା. ପଦ୍ମା ମହାନ୍ତି)
ଜଙ୍ଗଲ ଉପ ମହାନିରୀକ୍ଷକ (ସି)

ନିମ୍ନଲିଖିତଙ୍କୁ ନକଲ:-
୧. ଜଙ୍ଗଲ ମହାନିରୀକ୍ଷକ (ଆର୍‌ଓଏଚ୍‌କ୍ୟୁ), ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ ରୋଡ୍, ଆଲିଗଞ୍ଜ, ନୂଆଦିଲ୍ଲୀ - ୧୧୦୦୦୩ ।
୨. ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ୍ ଅଧିକାରୀ (ଏଫ୍‌ସିଏ), ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ।
୩. ଅତିରିକ୍ତ ମହାପ୍ରବନ୍ଧକ (ଏଚ୍‌ଆର୍), ଦର୍ଲିପାଲି ଏସ୍‌ଟିପିପି, ନ୍ୟାଶନାଲ୍ ଥର୍ମାଲ ପାୱାର କର୍ପୋରେଶନ ଲିଃ, ସ୍ଥାନ/ପୋଷ୍ଟ: ଦର୍ଲିପାଲି, ଜିଲ୍ଲା: ସୁନ୍ଦରଗଡ଼ - ୭୭୦୦୨୫, ଓଡ଼ିଶା ।

ଜଙ୍ଗଲ ଉପ ମହାନିରୀକ୍ଷକ (ସି)

**ପ୍ରକଳ୍ପ: ମେସର୍ସ ଏନ୍‌ଟିପିସି ଲିଃ ଦ୍ୱାରା ମେକ୍ ଅପ୍ ୱାଟର୍ (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଏବଂ ୧୩୨ କେଭି ଟ୍ରାନ୍ସମିଶନ୍ ଲାଇନ୍**

**ଜଙ୍ଗଲ ଜମି ଅନୁସୂଚୀ - ଝାରସୁଗୁଡ଼ା ଜିଲ୍ଲା - ୨୨.୭୬ ହେକ୍ଟର**

| କ୍ର. ସଂ. | ଗ୍ରାମର ନାମ | ତହସିଲର ନାମ | ଖାତା ସଂ. | ପ୍ଲଟ୍ ସଂ. | ରକବା ଏକରରେ | ରକବା ହେକ୍ଟରରେ | କିସମ |
|---|---|---|---|---|---|---|---|
| ୧ | କେନ୍ଦୋବାହାଲ | ଝାରସୁଗୁଡ଼ା | ୧୦୩/୨୦ | ୧୬୪୨ | ୩.୯୦୩ | ୧.୫୭୯ | ଜଙ୍ଗଲ |
| ୨ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୩ | ୦.୦୧୪ | ୦.୦୦୬ | ଗ୍ରାମ୍ୟ ଜଙ୍ଗଲ |
| ୩ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୫୨ | ୦.୦୧୫ | ୦.୦୦୬ | ଗ୍ରାମ୍ୟ ଜଙ୍ଗଲ |
| ୪ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୬୯ | ୨.୫୬୯ | ୧.୦୪୦ | ଗ୍ରାମ୍ୟ ଜଙ୍ଗଲ |
| ୫ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୬/୧୩୫୮ | ୦.୦୨୫ | ୦.୦୧୦ | ଗ୍ରାମ୍ୟ ଜଙ୍ଗଲ |
| ୬ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୨୫ | ୦.୧୭୧ | ୦.୦୬୯ | ଗ୍ରାମ୍ୟ ଜଙ୍ଗଲ |
| ୭ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୫/୧୩୦୬ | ୦.୦୭୦ | ୦.୦୨୮ | ଗ୍ରାମ୍ୟ ଜଙ୍ଗଲ |
| ୮ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୫ | ୦.୦୦୩ | ୦.୦୦୧ | ଗ୍ରାମ୍ୟ ଜଙ୍ଗଲ |
| ୯ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୭୦/୧୩୦୭ | ୦.୦୧୭ | ୦.୦୦୭ | ଗ୍ରାମ୍ୟ ଜଙ୍ଗଲ |
| ୧୦ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୭ | ୦.୧୭୬ | ୦.୦୭୧ | ଗ୍ରାମ୍ୟ ଜଙ୍ଗଲ |
| ୧୧ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୬ | ୩.୯୬୦ | ୧.୬୦୩ | ଗ୍ରାମ୍ୟ ଜଙ୍ଗଲ |
| ୧୨ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୪୨ | ୦.୮୪୮ | ୦.୩୪୩ | ଗ୍ରାମ୍ୟ ଜଙ୍ଗଲ |
| ୧୩ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୪୩ | ୦.୪୧୩ | ୦.୧୬୭ | ଗ୍ରାମ୍ୟ ଜଙ୍ଗଲ |
| ୧୪ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୫୪ | ୦.୦୩୨ | ୦.୦୧୩ | ଗ୍ରାମ୍ୟ ଜଙ୍ଗଲ |
| ୧୫ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୫୫ | ୦.୨୪୪ | ୦.୦୯୯ | ଗ୍ରାମ୍ୟ ଜଙ୍ଗଲ |
| ୧୬ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୫୯ | ୦.୨୫୯ | ୦.୧୦୫ | ଗ୍ରାମ୍ୟ ଜଙ୍ଗଲ |
| ୧୭ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୧ | ୦.୦୭୩ | ୦.୦୩୦ | ଗ୍ରାମ୍ୟ ଜଙ୍ଗଲ |
| ୧୮ | ଗୌଡମାଳ | ଝାରସୁଗୁଡ଼ା | ୭୨ | ୩୯୦ | ୧.୧୮୯ | ୦.୪୮୧ | ବଡ଼ ଜଙ୍ଗଲ |
| ୧୯ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୩୮୬୮ | ୩.୪୮୦ | ୧.୪୦୮ | ଜଙ୍ଗଲ |
| ୨୦ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୩୪ | ୨.୪୨୩ | ୦.୯୮୧ | ଜଙ୍ଗଲ |
| ୨୧ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୬୪ | ୧.୬୬୫ | ୦.୬୭୪ | ଜଙ୍ଗଲ |
| ୨୨ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୪୭ | ୩.୯୮୨ | ୧.୬୧୧ | ଜଙ୍ଗଲ |
| ୨୩ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୪୩ | ୦.୧୧୦ | ୦.୦୪୫ | ଜଙ୍ଗଲ |
| ୨୪ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୬୫ | ୩.୧୮୧ | ୧.୨୮୭ | ଜଙ୍ଗଲ |
| ୨୫ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୬୦୭ | ୦.୩୧୬ | ୦.୧୨୮ | ଗ୍ରାମ୍ୟ ଜଙ୍ଗଲ |
| ୨୬ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୨୩୨ | ୦.୭୩୨ | ୦.୨୯୬ | ଗ୍ରାମ୍ୟ ଜଙ୍ଗଲ |
| ୨୭ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୬୦୮ | ୦.୫୯୩ | ୦.୨୪୦ | ଗ୍ରାମ୍ୟ ଜଙ୍ଗଲ |
| ୨୮ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୨୩୮ | ୦.୦୦୫ | ୦.୦୦୨ | ଗ୍ରାମ୍ୟ ଜଙ୍ଗଲ |
| ୨୯ | ବୁନ୍ଦିଆ | ଝାରସୁଗୁଡ଼ା | ୮୧ | ୧୬୭ | ୯.୯୫୮ | ୪.୦୩୦ | ଗ୍ରାମ୍ୟ ଜଙ୍ଗଲ |
| ୩୦ | ବୁନ୍ଦିଆ | ଝାରସୁଗୁଡ଼ା | ୮୩ | ୧୭୦ | ୫.୩୦୦ | ୨.୧୪୫ | ପତ୍ରା ଜଙ୍ଗଲ |
| ୩୧ | ବୁନ୍ଦିଆ | ଝାରସୁଗୁଡ଼ା | ୮୩ | ୧୬୯ | ୧.୧୧୦ | ୦.୪୪୯ | ପତ୍ରା ଜଙ୍ଗଲ |
| ୩୨ | ବାଲିପୁଟ | ଝାରସୁଗୁଡ଼ା | ୩୬ | ୧୫୪ | ୧.୫୯୧ | ୦.୬୪୪ | ପତ୍ରା ଜଙ୍ଗଲ |
| ୩୩ | କିରାରମା | ଲଖନପୁର | ୧୧୧ | ୭୩୩ | ୪.୭୦୯ | ୧.୯୦୬ | ଗ୍ରାମ୍ୟ ଜଙ୍ଗଲ |
| ୩୪ | ବନହରପାଲି | ଲଖନପୁର | ୭୯ | ୬୨୪ | ୧.୨୩୧ | ୦.୪୯୮ | ଗ୍ରାମ୍ୟ ଜଙ୍ଗଲ |
| ୩୫ | ବନହରପାଲି | ଲଖନପୁର | ୮୧ | ୮୦୪ | ୦.୯୮୮ | ୦.୪୦୦ | ଜଙ୍ଗଲ |
| ୩୬ | ବନହରପାଲି | ଲଖନପୁର | ୮୧ | ୬୪୪ | ୦.୩୮୫ | ୦.୧୫୬ | ଜଙ୍ଗଲ |
| ୩୭ | ବନହରପାଲି | ଲଖନପୁର | ୮୧ | ୬୧୮ | ୦.୧୩୫ | ୦.୦୫୫ | ଜଙ୍ଗଲ |
| ୩୮ | ବନହରପାଲି | ଲଖନପୁର | ୮୧ | ୬୦୮ | ୦.୦୮୫ | ୦.୦୩୪ | ଜଙ୍ଗଲ |
| ୩୯ | ବନହରପାଲି | ଲଖନପୁର | ୮୧ | ୬୦୬ | ୦.୨୮୪ | ୦.୧୧୫ | ଜଙ୍ଗଲ |
| | | | | **ମୋଟ** | **୫୬.୨୪୪** | **୨୨.୭୬** | |

**ଜଙ୍ଗଲ ଜମି ଅନୁସୂଚୀ - ସୁନ୍ଦରଗଡ଼ ଜିଲ୍ଲା - ୨.୮୦ ହେକ୍ଟର**

| କ୍ର. ସଂ. | ଗ୍ରାମର ନାମ | ତହସିଲର ନାମ | ଖାତା ସଂ. | ପ୍ଲଟ୍ ସଂ. | ରକବା ଏକରରେ | ରକବା ହେକ୍ଟରରେ | କିସମ |
|---|---|---|---|---|---|---|---|
| ୧ | ଦର୍ଲିପାଲି | ଲେଫ୍ରିପଡ଼ା | ୫୭୧/୧୫୯ | ୩୫୮୪/୬୫୮୮ | ୦.୩୭୦ | ୦.୧୫୦ | ଗୋଡା - II |
| ୨ | କନକତୋରା | ହେମଗିର | ୧୯୯ | ୧୯୩୭/୨୩୯୩ | ୦.୦୩୦ | ୦.୦୧୨ | ମା.ସା |
| ୩ | କନକତୋରା | ହେମଗିର | ୨୦୧ | ୮୬୭ | ୧.୧୪୨ | ୦.୪୬୨ | ଜଙ୍ଗଲ |
| ୪ | କନକତୋରା | ହେମଗିର | ୨୦୧ | ୮୬୫ | ୦.୪୪୦ | ୦.୧୭୮ | ଜଙ୍ଗଲ |
| ୫ | କନକତୋରା | ହେମଗିର | ୨୦୧ | ୮୬୬ | ୦.୯୯୬ | ୦.୪୦୩ | ଜଙ୍ଗଲ |
| ୬ | କନକତୋରା | ହେମଗିର | ୨୦୧ | ୮୨୨ | ୦.୨୯୦ | ୦.୧୧୭ | ଜଙ୍ଗଲ |
| ୭ | କନକତୋରା | ହେମଗିର | ୨୦୧ | ୭୫୬ | ୦.୩୨୪ | ୦.୧୩୧ | ଜଙ୍ଗଲ |
| ୮ | କନକତୋରା | ହେମଗିର | ୨୦୧ | ୭୪୮ | ୦.୦୪୪୬ | ୦.୦୧୯ | ଜଙ୍ଗଲ |
| ୯ | କନକତୋରା | ହେମଗିର | ୨୦୧ | ୧୦୦୧ | ୦.୫୫୦ | ୦.୨୨୩ | ଜଙ୍ଗଲ |
| ୧୦ | କନକତୋରା | ହେମଗିର | ୨୦୧ | ୧୯୮୧ | ୦.୨୫୨ | ୦.୧୦୨ | ଜଙ୍ଗଲ |
| ୧୧ | କନକତୋରା | ହେମଗିର | ୨୦୧ | ୮୪୫ | ୦.୦୧୪ | ୦.୦୦୬ | ବଡ଼ ଜଙ୍ଗଲ |
| ୧୨ | କନକତୋରା | ହେମଗିର | ୨୦୧ | ୯୭୮ | ୦.୦୨୭ | ୦.୦୧୧ | ପତ୍ରା ଜଙ୍ଗଲ |
| ୧୩ | କନକତୋରା | ହେମଗିର | ୨୦୧ | ୯୮୦ | ୨.୦୨୨ | ୦.୮୧୮ | ପତ୍ରା ଜଙ୍ଗଲ |
| ୧୪ | କନକତୋରା | ହେମଗିର | ୨୦୧ | ୧୮୯୩/୨୩୮୫ | ୦.୦୭୮ | ୦.୦୩୨ | ବଡ଼ ଜଙ୍ଗଲ |
| ୧୫ | କନକତୋରା | ହେମଗିର | ୨୦୧ | ୧୮୯୫ | ୦.୧୮୪ | ୦.୦୭୪ | ବଡ଼ ଜଙ୍ଗଲ |
| ୧୬ | କନକତୋରା | ହେମଗିର | ୨୦୧ | ୭୪୯ | ୦.୦୪୫ | ୦.୦୧୮ | ପତ୍ରା ଜଙ୍ଗଲ |
| ୧୭ | କନକତୋରା | ହେମଗିର | ୨୦୦ | ୮୯୯ | ୦.୧୨୮ | ୦.୦୫୨ | ବଡ଼ ଜଙ୍ଗଲ |
| | | | | **ମୋଟ** | **୬.୯୩୮** | **୨.୮୦** | |

# ପାଣ୍ଡରାରେ ୨.୬୦୦ ଏକର ସରକାରୀ ଜମି କବ୍‌ଜା କରିଛନ୍ତି ପ୍ରଭାବଶାଳୀ

**ଭୁବନେଶ୍ୱର, ୨୧।୭(ବନ୍ଦନା ସେଠୀ)**

## ଉଚ୍ଛେଦ ଆରମ୍ଭ

### ପ୍ରଥମ ଦିନରେ ୧୭ ଘର, ପାଚେରି ଭଙ୍ଗାଗଲା

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ମୌଜାରେ ହୋଇଥିବା ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ୨ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ମାଡ଼ିବସି ଘର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ କରିଥିଲେ। ସୋମବାର ବିଡିଏର ମିଳିତ ଟିମ୍ ପକ୍ଷରୁ ଏହି ଅଞ୍ଚଳରୁ ଉଚ୍ଛେଦ ଆରମ୍ଭ ହୋଇଛି।

ପାଣ୍ଡରା ମୌଜା ଅନ୍ତର୍ଗତ ପ୍ଲଟ ନଂ. ୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଓ ୩୯୯୯ରେ ଥିବା ୨ ଏକର ୬୦୦ ଡିସିମିଲ ଜମି ସାଧାରଣ ପ୍ରାଶସନ ବିଭାଗ ଅଧୀନରେ ରହିଛି। ଏହି ସରକାରୀ ପ୍ଲଟ୍ ଉପରେ କେତେଜଣ ବ୍ୟକ୍ତି ଜୋରଜବରଦସ୍ତ ବେଆଇନ ଭାବେ ଘର ତିଆରି କରି ଭଡ଼ା ସୂତ୍ରରେ ଦେଉଥିଲେ। ତେବେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ମିଳିବା ପରେ ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୪, ୫ ଓ ୬ ସମ୍ପୃକ୍ତ ସ୍ଥାନରେ ପହଞ୍ଚି ଜବରଦଖଲ ଉଚ୍ଛେଦ ଆରମ୍ଭ କରିଥିଲା। ପ୍ରଥମ ଦିନର ଏହି ଉଚ୍ଛେଦରେ ୩୦୦ବର୍ଗ ଫୁଟର ପାଚେରୀ, ୯ଟି ଆଜବେଷ୍ଟସ୍ ଘର, ଦୁଇଟି ଶୌଚାଳୟ, ୫ଟି ଲୁହା ଗେଟ, ଗୋଟିଏ ଟିଣ ଘରର ସଂପ୍ରାସରଣ ଅଂଶ, ୫ଟି ଟିଣ ନିର୍ମିତ ଘର, ୩ଟି ଛାତ ଘର ଏବଂ ୧୦୦ବର୍ଗଫୁଟର ବାଉଁଶ ନିର୍ମିତ ବାଡ଼କୁ ମାଟିରେ ମିଶାଇ ଦିଆଯାଇଛି। ପ୍ରାୟ ୨୦୦ ଡିସିମିଲ ଜମିରୁ ଉଚ୍ଛେଦ ହୋଇଥିବା ବେଳେ ବାକି ଜମିରୁ ମଙ୍ଗଳବାର ଉଚ୍ଛେଦ କରାଯିବ ବୋଲି ସୂଚନା ଦିଆଯାଇଛି। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ ଜିଏର ଆରଆଇ ଓ ଅମିନ ପ୍ରମୁଖ ଉପସ୍ଥିତ ଥିଲେ।


ସରକାରୀ ଜମିକୁ କବ୍‌ଜା କରି ଗଢ଼ିଉଠିଥିବା କୋଠାକୁ ଭଙ୍ଗାଯାଉଛି।

# ଏନ୍‌ସିଇଆର୍‌ଟି ପୁସ୍ତକରେ ପାଇକ ବିଦ୍ରୋହ ପୁନର୍ବାର ସାମିଲ ଦାବି

**ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ କାଉନସିଲ୍ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଦ୍ୱାରା ସଦ୍ୟ ପ୍ରକାଶିତ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ (ଇତିହାସ) ପୁସ୍ତକରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଓଡିଶାର ପାଇକ ବିଦ୍ରାହ-୧୮୧୭କୁ ହଟାଇଦେବା ଦୁର୍ଭାଗ୍ୟଜନକ। ତୁରନ୍ତ ଏହି ପାଠ୍ୟକ୍ରମକୁ ପୁଣି ସାମିଲ କରାଯାଉ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। ୨୦୧୭ ଜୁଲାଇରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯୋଗଦେଇ ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ପାଇକ ବିଦ୍ରୋହ ହୋଇଥିଲା ବୋଲି କହିଥିଲେ। ଗବେଷକମାନେ ଇତିହାସ ରଚନା କରିବା ସମୟରେ ତଥ୍ୟକୁ ଆଧାର ନ କରି ପିଢି ପରେ ପିଢି ଚଳିଆସିଥିବା କଥା, କାହାଣୀ ଓ କିମ୍ବଦନ୍ତୀକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ରଖିଥିଲେ। ସେହିଭଳି ୨୦୧୯ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧା ବରୁଣେଇ ପାହାଡ ଅଞ୍ଚଳରେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ଶୁଭ ଦେବା ସମୟରେ ପାଇକ ବିଦ୍ରୋହର ୨୦୦ବର୍ଷ ଅବସରରେ ଡାକ ଟିକେଟ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ପୁନର୍ବାର ଏନ୍‌ସିଇଆର୍‌ଟି ପାଠ୍ୟ ପୁସ୍ତକରେ ପାଇକ ବିଦ୍ରାହକୁ ସ୍ଥାନିତ କରିବା ପାଇଁ ସମ୍ମିଳନୀ ଦାବି କରିଛି।

# ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କୁ ଭେଟିଲେ ସୁନୀତି ମୁଣ୍ଡ


**ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)**

ଦିଲ୍ଲୀ ଏମ୍‌ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲା ବଳଙ୍ଗା ଅଞ୍ଚଳର ନାବାଳିକାଙ୍କୁ ସୋମବାର ସୁନୀତି ମୁଣ୍ଡ ଭେଟିଛନ୍ତି। ଏଥିସହ ପୀଡିତାଙ୍କ ପିତାଙ୍କ ସହ କଥାହୋଇ ଝିଅର ଚିକିତ୍ସା ସମ୍ପର୍କରେ ବୁଝିଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିବା ଦୁର୍ବୃତ୍ତମାନଙ୍କୁ ସରକାର ଶୀଘ୍ର ଠାବ କରି ଉପଯୁକ୍ତ ଦଣ୍ଡ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଏଭଳି ଏକ ସମ୍ବେଦନଶୀଳ ଓ ଅଭାବନୀୟ ଘଟଣା ପ୍ରତି ସୁନୀତି ଦୁଃଖ ପ୍ରକାଶ କରିବା ସହିତ ଅତ୍ୟନ୍ତ ମର୍ମାହତ ଥିବା ବ୍ୟକ୍ତ କରିଛନ୍ତି। ପୀଡିତାଙ୍କ ଶରୀର ଉପର ଭାଗରେ ବିଶେଷ କ୍ଷତି ନାହିଁ, କିନ୍ତୁ ପେଟଠାରୁ ତଳକୁ ପାଦ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି।

# ଭି.ଏସ୍. ଅଚ୍ୟୁତାନନ୍ଦନଙ୍କ ମୃତ୍ୟୁରେ ୩ଦିନିଆ ଶୋକ ପାଳିବ ସିପିଆଇ(ଏମ୍)

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ) - କମ୍ୟୁନିଷ୍ଟ ନେତା, ସିପିଆଇ(ଏମ)ର ପୂର୍ବତନ ପଲଟିବ୍ୟୁରୋ ସଦସ୍ୟ ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ କମ୍ରେଡ ଭି. ଏସ୍. ଅଚ୍ୟୁତାନନ୍ଦନଙ୍କର ସୋମବାର ପରଲୋକ ହୋଇଯାଇଛି। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ଏଥିସହ ପାର୍ଟି ପଲିଟି-ବ୍ୟୁରୋର ଆହ୍ୱାନ କ୍ରମେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ୩ଦିନ ଧରି ରାଜ୍ୟରେ ଶୋକ ପାଳନ କରିବ ଏବଂ ପାର୍ଟିର ଲାଲ ପତାକାକୁ ଅର୍ଦ୍ଧନମିତ ରଖିବ ବୋଲି ସୂଚନା ଦିଆଯାଇଛି।

# ଅଜଗର ସାପ ପାଇଁ ରାସ୍ତା ଜାମ୍


ବାରଙ୍ଗ-ନନ୍ଦନକାନନ ନୂଆ ରାସ୍ତାକୁ ଏକ ବଡ଼ ଅଜଗର ଅତିକ୍ରମ କରୁଛି।

**ବାରଙ୍ଗ, ୨୧।୭(ଲିଙ୍ଗରାଜ ରାଉତ)**

ବାରଙ୍ଗ ମେଡିକାଲ ଛକରୁ ନନ୍ଦନକାନନକୁ ସଂଯୋଗ କରୁଥିବା ନୂଆରାସ୍ତାରେ ସୋମବାର ଏକ ୧୦ ଫୁଟିଆ ଅଜଗର ସାପ ଦେଖିବାକୁ ମିଳିଛି। ରାସ୍ତା ପାର ହେଉଥିବା ସାପଟିକୁ ଦେଖି ଯାତାୟାତ କରୁଥିବା ଲୋକେ ଅଟକିଥିଲେ। ଫଳରେ ରାସ୍ତା ଜାମ୍ ହୋଇଥିଲା। ପରେ କେତେଜଣ ସ୍ନେକ୍ ଉଦ୍ଧାରକାରୀ ସ୍ନେକ୍ ଉଦ୍ଧାରକାରୀଙ୍କ ଦ୍ୱାରା ସାପଟିକୁ ଉଦ୍ଧାର ପରେ ଜଙ୍ଗଲରେ ଛଡ଼ାଯାଇଛି।

ସୂଚନାଯୋଗ୍ୟ, ଅଜଗରଟି ରାସ୍ତାକଡ଼ରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖୁଥିଲେ। ଧୀରେ ଧୀରେ ସାପଟି ମୁଖ୍ୟରାସ୍ତାକୁ ଚାଲି ଆସିଥିଲା। ସାପକୁ ଦେଖିବା ପାଇଁ ଦେଖଣାହାରିଙ୍କ ଭିଡ଼ ଜମିଥିଲା। ସଦସ୍ୟଙ୍କୁ ସୂଚନା ଦେଇଥିଲେ। ଧୀରେ ଧୀରେ ରାସ୍ତା ଜାମ୍ କମିଥିଲା। ଘଟଣାସ୍ଥଳରେ ସ୍ନେକ୍ ଉଦ୍ଧାରକାରୀ ପହଞ୍ଚି ସୁରକ୍ଷିତ ଭାବେ ଅଜଗରକୁ ଉଦ୍ଧାର କରି ନିକଟ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ତେବେ ଖାଦ୍ୟ ଅନ୍ୱେଷଣରେ ଏହି ବିଶାଳ ଅଜଗରଟି ଜଙ୍ଗଲରୁ ରାସ୍ତା ଉପରକୁ ଚାଲିଆସିଥିବା ଅନୁମାନ କରାଯାଉଛି।

# ଜମ୍ବେଶ୍ୱର ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

**ପୁରୀ, ୨୧।୭(ଅଜିତ୍ କୁମାର ମହାନ୍ତି)**

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଶ୍ରୀକ୍ଷେତ୍ର ପଞ୍ଚମହାଦେବଙ୍କ ମଧ୍ୟରେ ଅଗ୍ରଜ ଭାବେ ପରିଚିତ ଜମ୍ବେଶ୍ୱର ମନ୍ଦିରରେ ଏକ ଅଘଟଣ ଦେଖିବାକୁ ମିଳିଛି। ମନ୍ଦିରରେ ଥିବା କୂଅ ଭିତରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ମୃତ ସେବାୟତ ଜଣଙ୍କ ହେଲେ ଝାଡୁ ପଣ୍ଡା। ସୂଚନାଯୋଗ୍ୟ, ସେବାୟତା ଝାଡୁ ପଣ୍ଡା ଠାକୁରଙ୍କ ନୀତି ପାଇଁ ପାଣି କାଢୁଥିଲେ। ଏହି ସମୟରେ ହଠାତ୍ ସେ କୂଅରେ ପଡ଼ିଯାଇଥିଲେ। ଏନେଇ କିଛି ସେବାୟତ ଦେଖିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ସେବାୟତଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ନିସ୍ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ


ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୨୧।୭(ଅନୁରାଧା ମହାରଣା)**

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ହାୟର ସେକେଣ୍ଡାରି ସ୍କୁଲରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଉନ୍ନତମାନର ଶିକ୍ଷାଗ୍ରହଣ କରିବା ସହିତ କିପରି ସେମାନଙ୍କ ଉନ୍ନତ ଭବିଷ୍ୟତ ଗଠନ କରିପାରିବେ ସେ ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ, କୋଅର୍ଡିନେଟର ପ୍ରଫେସର ସ୍ମୃତିରଞ୍ଜନ ନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ରାଜଲକ୍ଷ୍ମୀ ବଳିୟାରସିଂହଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଇଂଲିଶ ବିଭାଗର ଅଧ୍ୟାପିକା ପ୍ରଫେସର ପୂର୍ଣ୍ଣିମା ମିତ୍ର ମଞ୍ଚ ପରିଚାଳନା କରିଥିଲେ। ନବାଗତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଭାବବିନିମୟ ଓ ଶପଥ ପାଠ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାମାଜିକ କର୍ମୀଙ୍କ ପରଲୋକ

ତ୍ରିଶୂଳିଆ, ୨୧।୭(ତୁଷାରକାନ୍ତ ବେହେରା): ଖବରଦାତା ତୁଷାରକାନ୍ତ ବେହେରାଙ୍କ ବାପା ତଥା ସାମାଜିକ କର୍ମୀ ଲକ୍ଷ୍ମୀଧର ବେହେରା(୭୧)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦୁଇଦିନ ହେଲା ଅସୁସ୍ଥ ହୋଇ ନରାଜସ୍ଥିତ ବାସଭବନରେ ଚିକିତ୍ସିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ନରାଜସ୍ଥିତ ପୈତୃକ ଗ୍ରାମକୁ ଆଣି ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ତୁଷାରକାନ୍ତ ମୁଖାଗ୍ନି ଦେଇଛନ୍ତି। ଏହି ଦୁଃଖଦ ସମୟରେ ୩୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ତୁଷାର ଚକ୍ରବର୍ତ୍ତୀ, ବାରଙ୍ଗ ଏବଂ ବାଙ୍କୀର ଅନେକ ଭାଜପା ନେତୃବୃନ୍ଦ, ବାରଙ୍ଗ ଆଞ୍ଚଳିକ ଖବରଦାତା ସଂଘ ତରଫରୁ ମହେନ୍ଦ୍ର କୁମାର ବେଉରା, ସନ୍ତୋଷ କୁମାର ପାଣି, ରୁଦ୍ର ନାରାୟଣ ଷଡ଼ଙ୍ଗୀ, ଗୌରାଙ୍ଗ ଚରଣ ରାଉତ, ଜଗନ୍ନାଥ ଭଞ୍ଜ, ମନୋଜ କୁମାର ସ୍ୱାଇଁ, ପ୍ରବୀଣ ପ୍ରଧାନ, ଟୁଲୁ ପାତ୍ର, ପ୍ରଶାନ୍ତ କୁମାର ସାହୁ, ବିକାଶ କୁମାର ବେହେରା, ସନ୍ତୋଷ କୁମାର ମଲିକ, ସୁବାସ ସାହୁଙ୍କ ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# କାଳିନ୍ଦୀ ଚରଣଙ୍କ ସାହିତ୍ୟରେ ମାନବବାଦୀ ଚନ୍ତାଧାରା ପ୍ରତିଫଳିତ

**ଭୁବନେଶ୍ୱର, ୨୧।୭ (ସୌମ୍ୟରଞ୍ଜନ ରାଉତ)**



ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସବୁଜଯୁଗର ସାଥୀମାନଙ୍କ ସହଚର୍ଯ୍ୟରେ କାଳିନ୍ଦୀଚରଣଙ୍କ ସାରସ୍ୱତ ପ୍ରତିଭାର ଅୟମାରମ୍ଭ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଯୌବନର କୁହୁଧ୍ୱନି ଜୀବନ ଯନ୍ତ୍ରଣାରେ ରୂପାୟିତ ହୋଇ ସାହିତ୍ୟରେ ପ୍ରତିଫଳିତ ହୋଇଥିଲା। ରୋମାଣ୍ଟିକ୍ ଭାବ କ୍ରମେ ବିଲୀନ ହୋଇ ସମାଲୋଚନାମୂଳକ ତଥା ସମାଜବାଦୀ ବାସ୍ତବତା ପ୍ରତି କାଳିନ୍ଦୀ ଚରଣଙ୍କ ସାହିତ୍ୟ ଅଗ୍ରସର ହୋଇଥିଲା। ତାଙ୍କ ସାହିତ୍ୟରେ ସବୁବେଳେ ମାନବବାଦୀ ଚିନ୍ତାଧାରା ପ୍ରତିଫଳିତ ହେଉଥିଲା। ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ଓ କବିତା ପାଠ ଏବଂ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ସମିତି ସଭାଗୃହରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ଉପସଭାପତି ଡ. ପ୍ରେମଲତା ଦେବୀ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସମ୍ଭାର ସମ୍ବନ୍ଧରେ ଆଲୋଚନା କରିଥିଲେ। କାଳିନ୍ଦୀଚରଣଙ୍କ ରଚିତ ପ୍ରସିଦ୍ଧ ଉପନ୍ୟାସ 'ମାଟିର ମଣିଷ' ସହ କାବ୍ୟଗ୍ରନ୍ଥ ଉପରେ ସେ ଆଲୋଚନା କରି ତାଙ୍କୁ ଜଣେ କାଳଜୟୀ ସ୍ରଷ୍ଟାଭାବେ ଅଭିହିତ କରିଥିଲେ। ସାହିତ୍ୟିକା ଡ. ଆରତି କର କାଳିନ୍ଦୀ ଚରଣଙ୍କ ସାହିତ୍ୟକୃତିରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରତିଫଳିତ ହୋଇଛି ବୋଲି କହିଥିଲେ। ମିନତି ଷଡଙ୍ଗୀ ଶିଶୁମାନଙ୍କୁ ଆଦର୍ଶ ନାଗରିକ ଭାବେ ଗଢ଼ିବା ପାଇଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସୂଚନା ଦେଇଥିଲେ। ପୌରୁଷର ସମ୍ପାଦକ ଅସିତ୍ ମହାନ୍ତି କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ସହ ସମ୍ପାଦନା କ୍ଷେତ୍ରରେ ଅବଦାନ, ସାଙ୍ଗଠନିକ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ଦାୟିତ୍ୱ ଏବଂ ଆକାଶବାଣୀ କଟକର ପ୍ରଡ୍ୟୁସର ଭାବେ ତାଙ୍କ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ସୀତା ବଲ୍ଲଭ ମହାପାତ୍ର, ବିଜୟ ମହାନ୍ତି ପ୍ରମୁଖ କାଳିନ୍ଦୀ ଚରଣଙ୍କ ଶ୍ରେଷ୍ଠ କୀର୍ତ୍ତି 'ମାଟିର ମଣିଷ'ର ଚରିତ୍ରଚିତ୍ରଣ, ଘଟଣାବିନ୍ୟାସ ତଥା ଆଦର୍ଶ ଭାବବସ୍ତୁର ଉପସ୍ଥାପନା ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମତ ଦେଇଥିଲେ। ସମିତିର ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ କାଳିନ୍ଦୀ ଚରଣଙ୍କର ପ୍ରସିଦ୍ଧ କବିତା 'ଗାନ୍ଧାରୀର ଆଶୀର୍ବାଦ' ପଠନ କରିଥିଲେ। ଅନୁଷ୍ଠାନର ସଭ୍ୟ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ ଦେଇଥିଲେ।

# ଗ୍ରାଣ୍ଡ୍‌ଫାଇନାଲ ପାଇଁ ୧୦ ଦଳ ମନୋନୀତ

**ଭୁବନେଶ୍ୱର, ୨୧।୭(ସୁଚିସ୍ମିତା ସାହୁ)**

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ମିଶନଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ସେମିଫାଇନାଲ ଶେଷ ହୋଇଯାଇଛି। ସେମି ଫାଇନାଲରେ ୩୦ଟି ଏସ୍‌ଏଚ୍‌ଜି ଦଳ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଫ ସୂରଜ କୁମାର ସାହୁ, ସେଫ୍ ସମ୍ପତେ ସୁମନ ଏବଂ ସେଫ ଶୈଳେଶ ଶେଖର ଯୋଗଦେଇ ଏସ୍‌ଏଚଜିଙ୍କ ଖାଦ୍ୟ ପ୍ରସ୍ତୁତିର ପ୍ରକ୍ରିୟା, ସ୍ୱାଦ ଓ ପରିବେଷଣକୁ ଦୃଷ୍ଟିରେ ରଖି ଶ୍ରେଷ୍ଠ ୧୦ଟି ଦଳକୁ ଚୟନ କରିଛନ୍ତି। କଟକ, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତ୍‌ସିଂହପୁର ଜିଲାରୁ ଗୋଟିଏ ଲେଖାଏ ଟିମ୍ ରହିଛି। ସେମାନେ ଆସନ୍ତା ୨୨ରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ପାଇଁ ମନୋନୀତ ହୋଇଛନ୍ତି।

# ନିଷ୍ଠାର ସହ ସରକାରୀ କାର୍ଯ୍ୟ କର : ବାଚସ୍ପତି

**ଭୁବନେଶ୍ୱର, ୨୧।୭(ରବିନାରାୟଣ ଜେନା)**

## ନବାଗତ ଉପବିଭାଗୀୟ ଅଧିକାରୀଙ୍କ କର୍ମଶାଳା

ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠ ତଥା ଜନସହଯୋଗ ଦ୍ୱାରା ରାଜ୍ୟ ତଥା ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ସୋମବାର ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ ଅବସରରେ ବାଚସ୍ପତି କହିଲେ, ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ। ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ୍ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ। ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ। ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର ବୋଲି ବାଚସ୍ପତି କହିଥିଲେ।

କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ବାଚସ୍ପତି ସୁରମା ପାଢ଼ୀଙ୍କ ସହ **ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ।**

# ଐତିହ୍ୟ କୀର୍ତ୍ତି ହରାଉଛି 'ଶିଶୁପାଳଗଡ଼'

## ୫୬୩ ଏକରରୁ ଏବେ ୦.୭୭୫ ଏକରରେ ସୀମିତ

**ଭୁବନେଶ୍ୱର, ୨୧।୭ (ସୌମ୍ୟରଞ୍ଜନ ରାଉତ)**


ଆଲୋଚନାଚକ୍ରରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶଙ୍କ ସହ ଅନ୍ୟ ଅତିଥିମାନେ।

ରାଜ୍ୟ ସଂଗ୍ରହାଳୟଠାରେ 'ଶିଶୁ ପାଳଗଡ଼ : ଏକ ପ୍ରାଚୀନ ନଗରୀ'କୁ ନେଇ ରବିବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ ଉଦ୍‌ଘାଟନ କରି କହିଲେ, ଶିଶୁପାଳଗଡ଼ ତା'ର ଐତିହ୍ୟ କୀର୍ତ୍ତି ହରାଉଛି। ୫୬୩ ଏକର ଅଞ୍ଚଳ ଏବେ ୦.୭୭୫ ଏକରରେ ସୀମିତ ହୋଇ ରହିଯାଇଛି। ଏଠାରେ ଥିବା ୧୬ଟି ଐତିହ୍ୟ ଖମ୍ବ ମଧ୍ୟରୁ ବାକି କେତୋଟି ଇତିହାସର ମୂକସାକ୍ଷୀ ହୋଇ ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଏସ୍‌ଆଇ ଅଧୀକ୍ଷକ ତଥା ପ୍ରତ୍ନତତ୍ତ୍ୱବିତ୍ ଡିବି ଗଡ଼ନାୟକ ଓଡ଼ିଶାରେ ଥିବା ଅନେକ ଦୁର୍ଗ ଉପରେ କହିଥିଲେ। ଶିଶୁପାଳଗଡ଼ କିଭଳି ଏକ ପ୍ଲାନିଂ ସିଟି ଥିଲା ତାହାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ହରପ୍ପା ସଭ୍ୟତା ସହିତ ଶିଶୁପାଳଗଡ଼ ସଭ୍ୟତା ସମାନ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ଏଏସ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ପଟେଲ, ପ୍ରତ୍ନତତ୍ତ୍ୱବିତ୍ ଡ.ସୁନୀଲ କୁମାର ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ଆଲୋଚନା ସମୟରେ କହିଲେ, ଶିଶୁପାଳଗଡ଼ ବର୍ତ୍ତମାନ ସମୟରେ ଘୋର ବିପଦରେ। ଏହାର ସୁରକ୍ଷା ନିଆ ନ ଗଲେ ଆଗାମୀ ପିଢ଼ି କେବଳ ଏହାର ନାମ ଶୁଣିବା ଛଡା ଆଉ କିଛି ରହିବ ନାହିଁ ବୋଲି ମତ ରଖିଥିଲେ। ସଂଗ୍ରହାଳୟ ଅଧୀକ୍ଷକ ଭାରତୀ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଜି ସିଦ୍ଧେଶ୍ୱରପୁର ଜନଜାତି ବସ୍ତି ଉଚ୍ଛେଦ**

କଟକ ସଦର, (ସୁଶାନ୍ତ କୁମାର ଜେନା): କନ୍ଦରପୁର ଲେଭଲ କ୍ରସିଂ ନିକଟ ସିଦ୍ଧେଶ୍ୱରପୁର ଗ୍ରାମରେ ଥିବା ଜନଜାତି ବସ୍ତି ରେଲୱେ ପକ୍ଷରୁ ମଙ୍ଗଳବାର ଉଚ୍ଛେଦ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ସାଧାରଣ ପୋଲିସ ଓ ରେଲୱେ ସୁରକ୍ଷା ବଳ ଉଚ୍ଛେଦ ସ୍ଥଳରେ ମୁତୟନ କରାଯିବ ବୋଲି ସୂଚନା ମିଳିଛି। ଓଭର ବ୍ରିଜ ନିର୍ମାଣ ପାଇଁ ଖୁଣ୍ଟ ତିଆରି କାମ ଆରମ୍ଭ ହୋଇଯାଇ ଥିବାରୁ ଉଚ୍ଛେଦ ଆବଶ୍ୟକ ହୋଇ ପଡ଼ିଛି। ଅତୀତରେ ୨ ଥର ଉଚ୍ଛେଦ ପାଇଁ ପ୍ରଚେଷ୍ଟା ହୋଇଥିଲେ ସୁଦ୍ଧା ବିରୋଧ ଯୋଗୁ ହୋଇ ପାରି ନ ଥିଲା।

## ସଂକ୍ଷେପରେ

### ଏସ୍‌ସିବି ରୋଗୀଙ୍କୁ ମିଳିବ ମେଶିନ ରୁଟି

କଟକ,୨୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ମିଳିବ ମେଶିନ ତିଆରି ରୁଟି (ଚପାତି)। ସୋମବାର ଏକ ରୁଟି ମେଶିନ ଏସ୍‌ସିବି ମାନସିକ ବିଭାଗ ନିକଟରେ ଥିବା ରୋଗୀଙ୍କ ଖାଦ୍ୟ ତିଆରି ରୋଷଘରକୁ ଆସିଥିବାବେଳେ ଏଥିରେ ରୋଗୀଙ୍କ ପାଇଁ ରୁଟି ପ୍ରସ୍ତୁତ କରାଯାଇଛି। ତେବେ ମେଡିକାଲରେ ଥିବା ରୋଗୀଙ୍କ ଖାଦ୍ୟ ପ୍ରସ୍ତୁତି ଗୃହ ବା ରୋଷ ଘରେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି କରିବା ପାଇଁ ହାଇକୋର୍ଟର ଆଡଭୋକେଟ କମିଟି ନିର୍ଦ୍ଦେଶ ଦେଇଥିବାବେଳେ ଏବେ ରୋଗୀଙ୍କ ଖାଦ୍ୟ ଓ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଏହି ରୁଟି ମେଶିନ ବ୍ୟବସ୍ଥା କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସୂଚନାଥାଉକି, ଗତ ୩୦ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡଭୋକେଟ କମିଟି ଏସ୍‌ସିବି ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲା। ଏହାସହ ମେଡିକାଲରେ ରୋଗୀଙ୍କ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଗୃହକୁ କମିଟି ସଦସ୍ୟ ବୁଲି ଦେଖିବାବେଳେ ଉକ୍ତ ସ୍ଥାନ ସମ୍ପୂର୍ଣ୍ଣ ଭାବେ ପରିଷ୍କାର ନ ଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଥିଲା।



### ବାଇକ୍‌ରୁ ଖସି ବୃଦ୍ଧ ଗୁରୁତର

ମଙ୍ଗୁଳି-ଜଗତପୁର,୨୧।୭(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ରଜକଣା ଛକ ନିକଟରେ ସୋମବାର ଚଳନ୍ତା ବାଇକ୍‌ରୁ ଖସି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ବାଇକ୍ ଚାଳକ ଓ ବୃଦ୍ଧଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ସୋମବାର ଅପରାହ୍ନ ପ୍ରାୟ ୨ଟାରେ ବୃଦ୍ଧ ଜଣଙ୍କ ଚଣ୍ଡିଖୋଲ ପଟୁ କଟକ ଅଭିମୁଖେ ଏକ ବାଇକ୍‌ରେ ଯାଉଥିଲେ। ରଜକଣା ଛକ ନିକଟରେ କୌଣସି କାରଣ ବଶତଃ ବାଇକ୍‌ରୁ ବୃଦ୍ଧ ଜଣଙ୍କ ଖସି ପଡି ମୁଣ୍ଡ ରାସ୍ତା ପାର୍ଶ୍ୱ ଡିଭାଇଡର ପିଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଜାତୀୟ ରାଜପଥ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତରେ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା।

### ବ୍ୟବସାୟୀଙ୍କଠାରୁ ଲୁଟ ଅଭିଯୋଗରେ ୪ ଗିରଫ

କଟକ ସଦର,୨୧।୭(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ଅଥଙ୍ଗା ଗ୍ରାମର ବ୍ୟବସାୟୀଙ୍କଠାରୁ ୧୫ ହଜାର ଟଙ୍କା ଲୁଟ ଅଭିଯୋଗରେ ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳର ପ୍ରକାଶ ଭୋଇ (୨୩), ପାହାଳ ଥାନା ଅନ୍ତର୍ଗତ ତିରଣପଦା ଅଞ୍ଚଳର ସୌମ୍ୟରଞ୍ଜନ ଭୋଇ (୨୩), ବାଲିଅନ୍ତା ଥାନା ଅନ୍ତର୍ଗତ ଅଣ୍ଡିଲୋ ଭୋଇ ସାହିର ତପନ ଭୋଇ (୨୩) ଓ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାର ସାଇଲୋ ଯୋହଳ ଅଞ୍ଚଳର ଦୀପକ ଭଞ୍ଜ(୨୦)। ସେମାନଙ୍କଠାରୁ ୭ ହଜାର ଟଙ୍କା, ଏକ ବାଇକ୍ (ନଂ.ଓଡି୦୨ଡିସି ୪୪୨୯) ସହିତ ବ୍ୟବହୃତ ଛୁରୀ ପୋଲିସ ଜବତ କରିଛି। ଘଟଣାରୁ ପ୍ରକାଶ ଗତ ୧୯ ତାରିଖ ଭୋର୍‌ରେ ବ୍ୟବସାୟୀ ପ୍ରଶାନ୍ତ ରାଉତ ଟଙ୍କା ନେଇ ଛତ୍ରବଜାର ଯାଉଥିବା ବେଳେ ମାଛଗାଁ କେନାଲ ବନ୍ଧରେ ୪ ଅଭିଯୁକ୍ତ ବାଇକ୍‌ରେ ଆସି ମୁଣ୍ଡରେ ଛୁରୀ ଲଗାଇ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ। ବ୍ୟବସାୟୀଙ୍କ ସାଙ୍ଗମାନେ ଖବର ପାଇଁ ଲୁଟେରାମାନଙ୍କ ପିଛା କରିଥିଲେ। ୪୨ ମୌଜାର କୂଳ ସରିଛୁଆଁ ପୋଲ ନିକଟରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ବାଇକ୍ ଛାଡ଼ି ସେମାନେ ପଳାଇଥିଲେ। କନ୍ଦରପୁର ଥାନାରେ ଏକ ମାମଲା (ନଂ.୧୮୧/୨୫) ରୁଜୁ ହୋଇଛି।

# କୁଳପତିଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରମାନେ।

## ରେଭେନ୍‌ଶା ପୂର୍ବ ଛାତ୍ରାବାସରୁ ୧୦ ଅନ୍ତେବାସୀ ନିଲମ୍ବନ ଘଟଣା

### ଲିଖିତ ଅଭିଯୋଗ କରି ନ ଥିଲେ ପ୍ରଥମ ବର୍ଷର ଛାତ୍ର

କଟକ,୨୧।୭(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପୂର୍ବ ଛାତ୍ରାବାସରେ ରାଗିଂ ନେଇ ପ୍ରଥମ ବର୍ଷର କୌଣସି ଛାତ୍ର କୌଣସି ଅଭିଯୋଗ କରି ନ ଥିଲେ। ତେବେ ଛାତ୍ରାବାସ ୱାର୍ଡେନଙ୍କ ଅଭିଯୋଗ ଆଧାରରେ ୧୦ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବିତ ଛାତ୍ର ଏବଂ ରାଗିଂର ଶିକାର ବୋଲି କୁହାଯାଉଥିବା ପ୍ରଥମ ବର୍ଷର ଛାତ୍ରମାନେ ଏହାକୁ ବିରୋଧ କରି କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଥିଲେ। ଏହି ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହସ୍ତକ୍ଷେପ କରି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ କହିଥିଲେ। କୁଳପତି ଧାରଣାସ୍ଥଳକୁ ଆସି ଦୀର୍ଘ ସମୟରେ ଆଲୋଚନା କରିବା ସହ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଏ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ତେବେ ପୂର୍ବରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଥିବା ବିଜ୍ଞପ୍ତିରେ ରାଗିଂ ବିଷୟରେ କୌଣସି ଉଲ୍ଲେଖ କରାଯାଇ ନ ଥିବା ଜଣାପଡ଼ିଛି। ଧାରଣାରତ ଛାତ୍ରମାନଙ୍କ କହିବାନୁସାରେ, ଡେପୁଟି ୱାର୍ଡେନ ଅନେକ ସମୟରେ ଅନ୍ତେବାସୀଙ୍କୁ ଧମକ ଦେଉଛନ୍ତି। ତେବେ ନିଲମ୍ବନ ପ୍ରତ୍ୟାହାର ସହ ଡେପୁଟି ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରମାନେ ଧାରଣାରେ ବସିଥିଲେ। ସୂଚନାନୁସାରେ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବ ଛାତ୍ରାବାସରେ ରବିବାର ବିଳମ୍ବିତ ରାତିରେ ପ୍ରଥମବର୍ଷ ଛାତ୍ରଙ୍କୁ ରାଗିଂ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ହଷ୍ଟେଲ ୱାର୍ଡେନ ଏବଂ ଆଣ୍ଟି ର୍ୟାଗିଂ କମିଟି ଲିଖିତ ଭାବେ ଚିଫ୍ ୱର୍ଡେନଙ୍କୁ ଜଣାଇଥିଲେ। ଅଭିଯୋଗ ଆଧାରରେ ଚିଫ୍ ୱାର୍ଡେନ ୧୦ ଅନ୍ତେବାସୀଙ୍କୁ ହଷ୍ଟେଲରୁ ନିଲମ୍ବନ କରିଥିଲେ। ହେଲେ ସେମାନେ ରାଗିଂ କରିଥିବା ନେଇ କୌଣସି ସତ୍ୟତା ପ୍ରମାଣିତ ହୋଇ ନ ଥିଲା। ଏହାକୁ ହଷ୍ଟେଲର ପ୍ରଥମ ବର୍ଷ ଅନ୍ତେବାସୀ ଏବଂ ତୃତୀୟ ବର୍ଷ ଅନ୍ତେବାସୀ ବିରୋଧ କରିଥିଲେ। ବିନା କାରଣରେ ଉକ୍ତ ଅନ୍ତେବାସୀଙ୍କୁ ନିଲମ୍ବିତ କରାଯାଇଥିବାବେଳେ ପୀଡ଼ିତ ପ୍ରଥମ ବର୍ଷ ଛାତ୍ର ରାଗିଂ ନେଇ କୌଣସି ଅଭିଯୋଗ କରି ନ ଥିବା ସୋମବାର ଗଣମାଧ୍ୟମକୁ ଜଣାଇଥିଲେ। ଏଥିସହ ହଷ୍ଟେଲର ଡେପୁଟି ୱାର୍ଡେନଙ୍କ ବିରୋଧରେ କୁଳପତିଙ୍କ ନିକଟରେ ଫେରାଦ ହୋଇଥିଲେ। ମାତ୍ର କୁଳପତି ସେମାନଙ୍କୁ ନ ଭେଟି ନିଜ କାର୍ଯ୍ୟାଳୟରୁ ପଳେଇଯାଇଥିଲେ। ଫଳରେ ଅନ୍ତେବାସୀ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

# ଧବଳେଶ୍ୱରଙ୍କଠାରେ ଜଳଲାଗି କଲେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

ଖୁଣ୍ଟୁଣୀ,୨୧।୭ (ସଚ୍ଚିଦାନନ୍ଦ ପଣ୍ଡା)



ଶ୍ରାବଣ ମାସର ୨ୟ ସୋମବାରରେ ଧବଳେଶ୍ୱରଙ୍କ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଶ୍ରଦ୍ଧାଳୁ ଜଳଲାଗି କରିଛନ୍ତି। ଏଥିପାଇଁ ରବିବାର ରାତିରୁ ଦୂରରୁ ଆସିଥିବା ମାନସିକଧାରୀ ବାବାଙ୍କ ମନ୍ଦିର ଓ ବାହାରେ ମଞ୍ଚେଶ୍ୱର ପାଇକେରାପୁର ଗ୍ରାମରେ ରାତ୍ରି ଯାପନ କରି ଭୋରରୁ ଆସି ଧବଳେଶ୍ୱରଙ୍କଠାରେ ଜଳ ଲାଗି କରିଛନ୍ତି। ନୀତି ପାଳିଆ ସେବକ ଅମୂଲ୍ୟ କୁମାର ପତ୍ରି ଓ ତାଙ୍କ ସହଯୋଗୀ ପୂଜକଙ୍କ ପକ୍ଷରୁ ରାତି ୨ଟାରୁ ପହଡ ଖୋଲି ୧୦୮ ଗରା ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରିଥିଲେ। ଏହା ପରେ ମଙ୍ଗଳା ଆଳତି ସହିତ ବାଳ ଭୋଗ ଓ ଅନ୍ୟ ସମସ୍ତ ନିତିକାନ୍ତି ଶେଷ କରି ରାତି ୩ଟାରୁ କାଉଡ଼ିଆମାନଙ୍କୁ ଜଳଲାଗି ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଦେବୋତ୍ତର ପ୍ରଶାସନ ପକ୍ଷରୁ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ସାଗର ଦାସ ଏବଂ ଗୁରୁ ଥାନା ଅଧିକାରୀ ତପନ କୁମାର ପତି, ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଟାଙ୍ଗି, କିଶନନଗର, ତିଗିରିଆ ଥାନା ଅଧିକାରୀ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ପ୍ରମୁଖ ୫୦ ଅଫିସର ଓ ୫ ପ୍ଲାଟୁନ ଫୋର୍ସ ରବିବାରଠାରୁ ପୀଠରେ ଉପସ୍ଥିତ ରହି ତଦାରଖ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇ ନଜର ରଖାଯିବା ସହ ଅଗ୍ନିଶମ, ଓଡ୍ରାଫ ଟିମ ମୁତୟନ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ଓ କାଜଲ ମଲ୍ଲିକ ଓ ମାନସ ବେହେରା ପ୍ରମୁଖ ପୀଠରେ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇ ଭକ୍ତମାନଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତି ଓ ସମ୍ପାଦକ ନରେନ୍ଦ୍ର ପତି କହିଛନ୍ତି।

# ହାଇକୋର୍ଟରୁ ଖଲାସ ହେଲେ ମୃତ୍ୟୁଦଣ୍ଡ ପାଇଥିବା ୨ ଅଭିଯୁକ୍ତ

## ଅନୁଗୋଳ ଟ୍ରିପଲ ମର୍ଡର ମାମଲା

କଟକ,୨୧।୭ (କାର୍ତ୍ତିକ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଅନ୍ତର୍ଗତ ଗମ୍ଭାରିମଲିହା ଗ୍ରାମରେ ଟ୍ରିପଲ ମର୍ଡର ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ୨ ଅଭିଯୁକ୍ତ ହାଇକୋର୍ଟରେ ଉପଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍.କେ. ସାହୁ ଓ ଏସ୍.ଏସ୍. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ଗତ ୪ ତାରିଖରେ ଶେଷ କରିଥିବା ବେଳେ ସୋମବାର ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ ନିମ୍ନ ଅଦାଲତଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଖାରଜ କରିଦେଇଛନ୍ତି। ୮ବର୍ଷଧରି ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଖଲାସ କରାଯିବାକୁ ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଖଲାସ ହୋଇଥିବା ବ୍ୟକ୍ତିଦ୍ୱୟ ହେଲେ ପ୍ରକାଶ ବେହେରା ଓରଫ ବାବୁଲି ଏବଂ ନନ୍ଦକିଶୋର ସେଠୀ ଓରଫ ରଞ୍ଜା। ଏଥିସହ ମୃତକଙ୍କ ନାବାଳିକାଙ୍କୁ ୩୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୧୭ ଅକ୍ଟୋବର ୯ ତାରିଖ ରାତିରେ ଅନୁଗୋଳ ଜିଲାର କିଶୋରନଗର ଥାନା ଅଧୀନ ଗମ୍ଭାରି ମଳିହା ଗାଁରେ ଗୋଟିଏ ପରିବାରର ୩ଜଣଙ୍କୁ ହତ୍ୟା କରାଯାଇଥିଲା। ପ୍ରକାଶ ବେହେରା ଓରଫ ବାବୁଲି ଏବଂ ନନ୍ଦ କିଶୋର ସେଠୀ ଓରଫ ରଞ୍ଜା ଲୁଟ୍ କରିବା ନିମନ୍ତେ ସେହି ଗାଁର ବିରଞ୍ଚି ନାୟକଙ୍କ ଘରେ ପଶି ତାଙ୍କୁ ଅପହରଣ କରି ହତ୍ୟା କରିଥିଲେ। ଏଥିସହ ତାଙ୍କ ସ୍ତ୍ରୀ ତରଣୀ ନାୟକ ଓ ତାଙ୍କ ନାବାଳକ ପୁଅ ନବ ଓରଫ ଏକଲବ୍ୟ ନାୟକଙ୍କୁ ମଧ୍ୟ ହତ୍ୟା କରିଥିଲେ। ଏ ସମ୍ପର୍କରେ କିଶୋରନଗର ଥାନାରେ ୨୦୧୭ ଅକ୍ଟୋବର ୧୦ରେ ସୁଶାନ୍ତ ନାୟକ ଏକ ମାମଲା ରୁଜୁ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଠମଲ୍ଲିକ୍ ଅତିରିକ୍ତ ସେସନ୍ ଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତ ପ୍ରକାଶ ଏବଂ ନନ୍ଦ କିଶୋରଙ୍କୁ ୨୦୨୪ ସେପ୍ଟେମ୍ବର ୨୭ରେ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏଥିସହ ସେମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏପରି ଦଣ୍ଡାଦେଶ ହାଇକୋର୍ଟକୁ ମଞ୍ଜୁରୀ ନିମନ୍ତେ ଆସିଥିଲା ବେଳେ ଅଭିଯୁକ୍ତଦ୍ୱୟ ମଧ୍ୟ ନିମ୍ନ ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।



ଓଡ଼ିଶା ହାଇକୋର୍ଟ ପୁରୁଣା ବିଲ୍‌ଡିଂର ନିଉ କନ୍‌ଫରେନ୍‌ସ ହଲ୍‌ରେ ସୋମବାର ବିଚାରପତି ମାନସ ରଞ୍ଜନ ପାଠକଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିବା ନିମନ୍ତ୍ରିତ ଅତଥିମାନେ। (ଫଟୋ: ରାଜ କିଶୋର ମହାନ୍ତି)

# ତଦନ୍ତକାରୀ ଟିମ୍ ଜ୍ୟୋତିପ୍ରକାଶଙ୍କୁ ପଚାରଉଚରା

### ଦିନେ ୨ଦିନ ମଧ୍ୟରେ ଡିସ୍‌ଚାର୍ଜ ହେବେ ଜ୍ୟୋତିପ୍ରକାଶ

କଟକ,୨୧।୭ (ଶିଳ୍ପା ପ୍ରିୟଦର୍ଶିନୀ)

ବାଲେଶ୍ୱର ଜିଲା ଏଫଏମ୍ କଲେଜ ପୀଡ଼ିତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଆହତ ହୋଇଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। କଟକ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବର୍ନ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ହାତରୁ ବ୍ୟାଣ୍ଡେଜ ଖୋଲାଯାଇଛି। ଫୁସଫୁସରେ ଥିବା ସମସ୍ୟା ପାଇଁ ପଲମୋନାରୀ ମେଡିସିନ ଡାକ୍ତର ଚିକିତ୍ସା କରିଛନ୍ତି। ସଂକ୍ରମଣ ଭୟ ହ୍ରାସ ପାଇଥିବା ବେଳେ ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନ କରି ଆସନ୍ତା ଦିନେ ୨ଦିନ ମଧ୍ୟରେ ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ ସୋମବାର ଏକ ତଦନ୍ତକାରୀ ଟିମ୍ ଏସ୍‌ସିବିରେ ଜ୍ୟୋତିପ୍ରକାଶଙ୍କୁ ପଚାରଉଚରା କରିଛି। ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିବା ଜ୍ୟୋତିପ୍ରକାଶଙ୍କ ବାପା ସନାତନ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ କ୍ରାଇମ୍‌ବ୍ରାଞ୍ଚଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ବିଭାଗ ତଦନ୍ତ କରୁଛି। ଏହି ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଜ୍ୟୋତିପ୍ରକାଶଙ୍କଠାରୁ ତଦନ୍ତକାରୀ ଅଧିକାରୀମାନେ ଅନେକ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିବା ପାଇଁ ଯୋଜନା ରଖିଛନ୍ତି। ଏପରି କି ଜ୍ୟୋତିଙ୍କ ଚିକିତ୍ସା ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ଦିନ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ରିପୋର୍ଟ ପ୍ରଦାନ କରାଯାଉଛି। ଏହାସହ ସ୍ୱାସ୍ଥ୍ୟ ବିଭାଗକୁ ନିୟମିତ ବ୍ୟବଧାନରେ ଜ୍ୟୋତିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଯାଉଛି।

# ଲୋକଙ୍କ ଅଭିଯୋଗ ଶୁଣିଲେ କଟକସଦର ବିଧାୟକ

କଟକ ସଦର,୨୧।୭ (ସୁଶାନ୍ତ କୁମାର ଜେନା)

କଟକ ସଦର ବିଧାୟକଙ୍କ ଜନଶୁଣାଣି ଶିବିର ସୋମବାର ବିରିବାଟିସ୍ଥିତ ନିମେଇଶାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉପସ୍ଥିତ ରହି ୯୧ ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ସମାଧାନ ପାଇଁ ପଠାଇ ଦିଆଯାଇଛି। ଏବେ ସାଧାରଣ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବ ବୋଲି ବିଧାୟକ ସେଠୀ କହିଥିଲେ। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଭସ୍ମିତା ନାଥ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ର, ଭାରପ୍ରାପ୍ତ ପଞ୍ଚାୟତ ଉନ୍ନୟନ ଅଧିକାରୀ ନିରାକାର ମିଶ୍ର, ବ୍ଲକ କୃଷି ଅଧିକାରୀ ଯାଫନା ରାୟ, ସିଡିପିଓ ସୁଦିପ୍ତା ଓଡା, ନିମେଇସା ପୁର ସରପଞ୍ଚ ଜ୍ୟୋସ୍ନାରାଣୀ ରାଉତରାୟ, ବିକାଶ ପ୍ରଧାନ, ଉମାକାନ୍ତ ରାଉତରାୟ, ନିରଞ୍ଜନ ରାଉଳ, ସୁରେଶ ଜେନା, ସମାପିକା ନାୟକ, ବସୁନ୍ଧରା ରାଉତରାୟ, ସମତା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁକଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କୁ ସହଯୋଗ କରିଥିଲେ।

# ରାହୁଲ, ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା ଯୁବ ମୋର୍ଚ୍ଚା




ରାହୁଲ, ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

କଟକ,୨୧।୭ (ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ନିଶା ଦେଇ ଯୁବତୀଙ୍କୁ ବଳାତ୍କାର କରିବା ଘଟଣାକୁ ନିନ୍ଦା କରିଛି ଭାଜପା ଯୁବ ମୋର୍ଚ୍ଚା। ଏହାସହ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଗୌରୀଶଙ୍କର ପାର୍କଠାରେ ରାହୁଲ ଗାନ୍ଧୀ ଓ ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ତେବେ ନାରୀ ସୁରକ୍ଷାର ଡିଣ୍ଡିମ ପିଟୁଥିବା କଂଗ୍ରେସ ଏବେ ଏଭଳି ଘୃଣ୍ୟ କାମ କରିବା ନିନ୍ଦନୀୟ। ଛାତ୍ର ନେତା ଯାହାଙ୍କ ନାମରେ ପୂର୍ବରୁ ଠକେଇ, ଡକାୟତି, ରାହାଜାନି ଭଳି ସଙ୍ଗୀନ ଦଫା ଥିବା ସତ୍ତ୍ୱେ କିଭଳି କଂଗ୍ରେସ ତାଙ୍କୁ ଓଡିଶା ପ୍ରଦେଶର ଛାତ୍ର ନେତା ଭାବେ ପରିଚୟ ଦେଇଥିଲେ ବୋଲି ଯୁବମୋର୍ଚ୍ଚା ପ୍ରଶ୍ନ ଉଠାଇଛି। ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲା ସଭାପତି ନଳିନୀ କୁମାର ରାୟ, କଟକ ନଗର ଜିଲା ସଭାପତି ହରିଚନ୍ଦନ ନାୟକ, କଟକ ଜିଲା ଉପସଭାପତି ବିଭୂତି ଭୂଷଣ ବେହେରା, କଟକ ନଗର ଜିଲା ଉପସଭାପତି ବିଶ୍ୱଜିତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ପ୍ରଦୀପ ମହାରଣା, ସଞ୍ଜୟ ଦାସ, ହରିଶ୍ଚନ୍ଦ୍ର ବେହେରା, ମାନସ ମହାରଣା, କେଶବ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶତ୍ରୁଘ୍ନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଆଇନସେବା ପ୍ରାଧିକରଣ ସଚିବ

କଟକ,୨୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀ ଶତ୍ରୁଘ୍ନଙ୍କୁ ଭେଟିଛନ୍ତି ଜିଲା ଆଇନସେବା ପ୍ରାଧୀକରଣର ସଚିବ ଜଗଦିଶ ଚନ୍ଦ୍ର ଜେନା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଶତ୍ରୁଘ୍ନଙ୍କୁ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଚିବ ପଚାରି ବୁଝିଛନ୍ତି। ଏହାସହ ଶତ୍ରୁଘ୍ନଙ୍କ ପରିବାର ଲୋକଙ୍କ ବିଷୟରେ ମଧ୍ୟ ପଚରାଉଚରା କରିଥିବାବେଳେ ଶତ୍ରୁଘ୍ନ ଏବେ କର୍କଟ ରୋଗରେ ପୀଡିତ ଥିବାବେଳେ ତାଙ୍କ ପରିବାର ଲୋକ ଉପସ୍ଥିତ ନ ଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ଏସ୍‌ସିବିର ଅର୍ଥୋପେଡିକ ଓ ପରେ କର୍କଟ କେନ୍ଦ୍ରରେ ତାଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟପଟେ ଏକ ଖବରକାଗଜରେ ଶତ୍ରୁଘ୍ନଙ୍କ ଠିକଣା ଭୁଲ ପ୍ରକାଶ କରାଯାଇଥିବା ସଚିବ ସୂଚନା ଦେଇଛନ୍ତି। ଏହାସହ ଶତ୍ରୁଘ୍ନଙ୍କ ଚିକିତ୍ସା ସମ୍ପର୍କରେ ପ୍ରତ୍ୟେକ ଦିନ ପିଏଲଭି ଲୋକନାଥ ଶତପଥୀ ଡିଏଲଏସ୍‌ଏ କାର୍ଯ୍ୟାଳୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ରୋଗୀ ଶତ୍ରୁଘ୍ନଙ୍କୁ ଭେଟିଛନ୍ତି ଜିଲା ଆଇନସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା।

# ଓଟିଇଟି ପରୀକ୍ଷାରେ ତ୍ରୁଟିକୁ ବିରୋଧ

## ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

କଟକ,୨୧।୭ (ଶିଳ୍ପା ପ୍ରିୟଦର୍ଶିନୀ)




ବକ୍ସିବଜାରସ୍ଥିତ ବୋର୍ଡ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଉଛି।

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)କୁ ସ୍ଥଗିତ ରଖାଯାଇଛି। ଏହାକୁ ବିରୋଧ କରି ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛି ବିଜୁ ଯୁବ ଛାତ୍ର ଜନତା ଦଳ। ବକ୍ସିବଜାରସ୍ଥିତ ବୋର୍ଡ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିରେ ବାଙ୍କୀ ବିଧାୟକ ତଥା ଛାତ୍ର ବିଜେଡି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଓ ଚାନ୍ଦବାଲି ବିଧାୟକ ତଥା ଯୁବ ବିଜେଡି ସଭାପତି ବ୍ୟୋମକେଶ ରାଏ ଯୋଗଦେଇ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ପରୀକ୍ଷା ସ୍ଥଗିତ ରଖିବା ପାଇଁ ବୋର୍ଡ ପରୀକ୍ଷା ପୂର୍ବଦିନ ବିଳମ୍ବିତ ରାତିରେ ଏଭଳି ବିଜ୍ଞପ୍ତି ଜାରି କରିବା ଅଶୋଭନୀୟ। ଏହି ପରୀକ୍ଷା ସ୍ଥଗିତ ହେବାରୁ ରାଜ୍ୟର ପ୍ରାୟ ୨୫ ହଜାର ଶିକ୍ଷକ ନିରାଶ ହୋଇଛନ୍ତି। ଏଦିଗରେ ସରକାର କ'ଣ କରୁଛନ୍ତି, ଯଦି ପରୀକ୍ଷା ଠିକ୍ ଭାବେ ପରିଚାଳନା ନ କରି ପାରିବେ ତେବେ ରାଜ୍ୟ କିଭଳି ଚଳାଇବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବିକ୍ଷୋଭରେ ସନ୍ତୋଷ ମହାପାତ୍ର, ସୌମ୍ୟଦୀପ ଘୋଷ, ଆସିଫ୍ ଅମିନ୍, ଦେବାଶିଷ ସ୍ୱାଇଁ, ସୁମନ ବେହେରା, ସୟଦ ଜଲିଲଙ୍କ ସମେତ ଅନ୍ୟାନ୍ୟ କର୍ମୀ ମାନେ ଉପସ୍ଥିତ ଥିଲେ।

**ଅଜଗର ପାଇଁ ରାସ୍ତା ଜାମ୍**

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ମେଡିକାଲ ଛକରୁ ନନ୍ଦନକାନନକୁ ସଂଯୋଗ କରୁଥିବା ନୂଆରାସ୍ତାରେ ସୋମବାର ଏକ ୧୦ ଫୁଟିଆ ଅଜଗର ସାପ ଦେଖିବାକୁ ମିଳିଛି। ରାସ୍ତା ପାର ହେଉଥିବା ସାପଟିକୁ ଦେଖି ଯାତାୟାତ କରୁଥିବା ଲୋକେ ଅଟକିଥିଲେ। ଫଳରେ ରାସ୍ତା ଜାମ୍ ହୋଇଥିଲା। ସ୍ନେକ୍ ଉଦ୍ଧାରକାରୀଙ୍କ ଦ୍ୱାରା ସାପଟିକୁ ଉଦ୍ଧାର ପରେ ଜଙ୍ଗଲରେ ଛଡ଼ାଯାଇଛି।

# ଜିଲାପାଳ ନିଯୁକ୍ତି ହେଉନି, ବଢୁଛି ଅସନ୍ତୋଷ

## ଏକାଧିକ ବିଭାଗ ପଦବୀ ଖାଲି

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଏବେ ଜିଲାପାଳ ପଦବୀ ସହ ଜିଲାର ଏକାଧିକ ପ୍ରଶାସନିକ ଅଧିକାରୀ ପଦବୀ ଖାଲିପଡ଼ିଛି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ପୁରୀ ଜିଲାକୁ ବଦଳି ପରେ ଗତ ୩ସପ୍ତାହ ଧରି ଏଠାରେ ଜିଲାପାଳ ପଦବୀ ଖାଲି ପଡ଼ିଛି। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଦାୟିତ୍ୱରେ ରହିଛନ୍ତି। ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଦିଗମ୍ବର ବିଶ୍ୱାଳଙ୍କ ଅନ୍ୟତ୍ର ବଦଳି ପରେ ଏହି ପଦବୀ ଖାଲିପଡ଼ିଛି। ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି ପଦୋନ୍ନତି ପାଇ ଅନ୍ୟତ୍ର ନିଯୁକ୍ତି ପାଇଥିବା ବେଳେ ଏହି ବିଭାଗରେ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଜିଲା ମତ୍ସ୍ୟ ବିଭାଗୀୟ ଅଧିକାରୀଙ୍କ ଦୀର୍ଘ ଦିନ ହେବ ବଦଳି ହୋଇଥିବାବେଳେ ଏଠାରେ ମଧ୍ୟ ଅନ୍ୟ କାହାକୁ ଅବସ୍ଥାପିତ କରାଯାଇନାହିଁ। ଜିଲା ସମାଜ କଲ୍ୟାଣ ବିଭାଗୀୟ ଅଧିକାରୀଙ୍କ ବଦଳି ପରେ ଏହି ପଦବୀ ଖାଲି ପଡ଼ିଛି। ସେହିଭଳି ଜିଲା ପ୍ରାଣୀଧନ ବିଭାଗୀୟ ମୁଖ୍ୟଙ୍କ ଅନ୍ୟତ୍ର ବଦଳି ପରେ ଭୁବନେଶ୍ୱର ଏଡିଭିଓ ଡା. ରବି ପଟ୍ଟନାୟକ ଦାୟିତ୍ୱରେ ରହିଛନ୍ତି। ଏକାଧିକ ପ୍ରଶାସନିକ ପଦବୀ ଖାଲିପଡ଼ିଥିବାରୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସାମାଜିକ କର୍ମୀ ବିବେକାନନ୍ଦ ପଟ୍ଟନାୟକ କୁହନ୍ତି, ଖୋର୍ଦ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ଜିଲା। ଜିଲାରେ ବିଭିନ୍ନ ପଦବୀ ଖାଲିପଡିଥିବାବେଳେ ବ୍ଲକସ୍ତରରେ ମଧ୍ୟ ବହୁ ବିଭାଗରେ ଅଧିକାରୀ ନାହାନ୍ତି। ଫଳରେ ଜଣକ ହାତରେ ଦୁଇ ତିନୋଟି ବିଭାଗ ଯୋଗୁ କାର୍ଯ୍ୟ ବିଳମ୍ୱ ହେଉଛି। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ସେହିଭଳି ବୁଦ୍ଧିଜୀବୀ ଶୋଭନ ଘୋଷ କୁହନ୍ତି, ଜିଲାର ବହୁ ମୁଖ୍ୟ ବିଭାଗ ଖାଲିପଡ଼ିଛି। ଫଳରେ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ଅନ୍ୟତମ ବୁଦ୍ଧିଜୀବୀ ବିମଳ ଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ରାଜଧାନୀଠାରୁ ମାତ୍ର ୩୦ କି.ମି. ପରିଧି ମଧ୍ୟରେ ସଦର ମହକୁମା ରହିଥିବାବେଳେ ଜିଲାପାଳଙ୍କ ସମେତ ବହୁ ବିଭାଗୀୟ ପଦବୀ ମଧ୍ୟ ଖାଲି ପଡ଼ିଛି। ଜିଲାପାଳଙ୍କ ନିଯୁକ୍ତି ନ ଥିବାରୁ ଜିଲା ଏବେ ଲଗାମଛଡ଼ା ହୋଇପଡ଼ିଛି। ବ୍ଲକଠାରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀମାନେ ନିୟମିତ ସମୟରେ ଆସୁ ନ ଥିବା ଅଭିଯୋଗ ହେଉଛି। ବରିଷ୍ଠ ନାଗରିକ ଶକ୍ତିଶଙ୍କର ମିଶ୍ରଙ୍କ କହିବାହେଲା ଦୀପତଳ ଅନ୍ଧାର ଭଳି ଗତ ୨୧ ଦିନ ବିତିଲାଣି ଜିଲାପାଳଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଫଳରେ ବାଣପୁରଠାରୁ ବାଲିଅନ୍ତା ପର୍ଯ୍ୟନ୍ତ ବହୁ ଦୂରରୁ ବିଭିନ୍ନ କାମରେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏଥିପ୍ରତି ତୁରନ୍ତ ଗୁରୁତ୍ୱ ଦେଇ ଜିଲାପାଳ ନିଯୁକ୍ତି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ଗୋଟିଏ ପଟେ ଜଟଣୀ ବ୍ଲକ ରାଣିପଡ଼ା, ଭୂଷଣ୍ଡପୁର ଗ୍ରାମରେ ହଇଜା ବ୍ୟାପି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ମଧ୍ୟ ସଂକ୍ରମଣ ଥମିନି। ସେପଟେ ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ବାର୍ଡ ଫ୍ଲୁ ଘୋଷଣା ପରେ ଏହାର ନିକଟବର୍ତ୍ତୀ ୧୦ କିମି ପରିଧି ଜଟଣୀ ବ୍ଲକର ନିକଟସ୍ଥ ଗ୍ରାମକୁ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଜିଲାରେ କୁକୁଡ଼ା, ବତକ, କାଉ ମଡ଼କ ଚାଲିଛି। ଆଗକୁ ସ୍ଥିତି ସଙ୍ଗିନ ହେବା ସମ୍ଭାବନା ରହିଛି। ଅନ୍ୟପଟେ ଜୁଲାଇ ମାସରୁ ଅକ୍ଟୋବର ମାସ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମସ୍ୟା ରହିଥାଏ। ବନ୍ୟା ଏବଂ ଲଘୁଚାପ ବର୍ଷାରେ ପ୍ରତିବର୍ଷ ଖୋର୍ଦ୍ଧା ବ୍ଲକର ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ ହେବା ସହ ଚାଷଜମି ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ବନ୍ୟା ମୁକାବିଲା ପାଇଁ କୌଣସି ପ୍ରସ୍ତୁତି ବୈଠକ କରାଯାଇନାହିଁ। ଏପରି କି ଏଥିପାଇଁ କୌଣସି ପ୍ରକାର ପ୍ରଶାସନିକ ତତ୍ପରତା ଦେଖାଯାଉ ନାହିଁ।

## ନୂଆଗଡ଼ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର



ପ୍ରଶାସନ ନିକଟରେ ଲୋକମାନେ ନିଜର ଅଭିଯୋଗପତ୍ର ଦାଖଲ କରୁଛନ୍ତି।

ନିରାକାରପୁର,୨୧।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗି ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତରେ ସୋମବାର ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୧୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ଘଟଣାସ୍ଥଳରେ ୪୦ଟି ସମାଧାନ ହୋଇଥିଲା। ୧୩ଟି ଗ୍ରାମ୍ୟ ସମସ୍ୟା ଜନିତ ସମୁହ ଅଭିଯୋଗ ହୋଇଥିଲା। ଅନୁରୂପ ଭାବେ ରାଶନ କାର୍ଡ, ଭତ୍ତା ସମେତ ସରକାରୀ ବାସ ଗୃହ ଆଦି ଯୋଗାଇ ନିମନ୍ତେ ୧୧୯ଟି ବ୍ୟକ୍ତିଗତ ଭାବେ ଅଭିଯୋଗ ହୋଇଥିଲା। ଶିବିରରେ ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପକଳ୍ପ ଅଧିକାରୀ ଜ୍ୟୋତି ରଞ୍ଜନ ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଆଡିସିନାଲ ଏସ୍‌ପି ଶ୍ରୀନିବାସ ମହାନ୍ତି, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଭୂଷଣ୍ଡପୁର ପୂର୍ବତନ ସରପଞ୍ଚଙ୍କ ପରଲୋକ

ଟାଙ୍ଗୀ,୨୧।୭(ରଘୁନାଥ ସାହୁ)



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ସାବିତ୍ରୀ ବେହେରାଙ୍କ ସୋମବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ୨୦୦୭ଠାରୁ ୨୦୧୨ ପର୍ଯ୍ୟନ୍ତ ସେ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ କୃପାସିନ୍ଧୁ ବେହେରା, ଦୁଇ ପୁଅ, ତିନି ଝିଅଙ୍କ ସମେତ ଜ୍ଞାତି କୁଟୁମ୍ବ ପରିବାର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନପୁଅ ସୂର୍ଯ୍ୟକାନ୍ତ ମୁଖାଗ୍ନୀ ଦେଇଥିଲେ।

## ପଞ୍ଚସଖା ଶିକ୍ଷା ସେତୁ କମିଟି ଗଠନ

ଟାଙ୍ଗୀ,୨୧।୭(ରଘୁନାଥ ସାହୁ)

ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡାସ୍ଥିତ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚସଖା ଶିକ୍ଷା ସେତୁ କମିଟି ନୂତନ କର୍ମକର୍ତ୍ତା କମିଟି ଗଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରାଯାଇଥିଲା। ଅଧ୍ୟକ୍ଷ ପଦବୀ ପାଇଁ ସହମତି ନ ହେବାରୁ ୫ଜଣ ପ୍ରାର୍ଥୀଙ୍କ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଗଣତି ପରେ ସର୍ବାଧିକ ଭୋଟ ପାଇ ଶେଷଦେବ ରାୟ ଗୌରବ ନିର୍ବାଚିତ ହୋଇଥିଲେ। ଉପାଧ୍ୟକ୍ଷ ଭାବେ ଫକୀର ମୋହନ ପ୍ରଧାନ, ଆବାହକ ଲୁଲା ଖାଁ, କମିଟି ସଦସ୍ୟ ଭାବେ ସସ୍ମିତା ପ୍ରଧାନ, ଶିକ୍ଷକ ପ୍ରତିନିଧି ଭାବେ ଚନ୍ଦନ କୁମାର ରଣାଙ୍କୁ ମନୋନୀତ କରାଯାଇଥିଲା। ନୂତନ ଅଧ୍ୟକ୍ଷ ରାୟ ଗୌରବଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା।

## ପିଟୁକୁଳିରେ ଭାଜପାର ସାଙ୍ଗଠନିକ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେବାକୁ ଆସିଥିବା ଦଳୀୟ ନେତୃମଣ୍ଡଳୀ।

ବୋଲଗଡ଼,୨୧।୭(ଦେବବ୍ରତ ହୋତା)

ବୋଲଗଡ଼ ଓ ବେଗୁନିଆ ବ୍ଲକର ୪୦ଟି ପଞ୍ଚାୟତ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ପିଟୁକୁଳିସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି, ବ୍ଲକଠାରୁ ବୁଥ ପର୍ଯ୍ୟନ୍ତ ସାଙ୍ଗଠାନିକ ପୁନର୍ବିନ୍ୟାସ ଏବଂ ଦଳର ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଭାଜପା ଯୁବନେତା ରୁଦ୍ରପ୍ରସାଦ ବାହିନୀପତିଙ୍କ ଆବାହକତ୍ୱରେ ଆହୁତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ଯୋଗଦେଇଥିଲେ। ଏଥିରେ ରାଜ୍ୟ ନେତୃତ୍ୱଙ୍କ ସହ ପରାମର୍ଶ କରି ଆଗାମୀ ୧୫ଦିନ ମଧ୍ୟରେ ମଣ୍ଡଳ, ପଞ୍ଚାୟତ ଓ ବୁଥସ୍ତର ପର୍ଯ୍ୟନ୍ତ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ବେଳେ ପଞ୍ଚାୟତ ନିର୍ବାଚନ ପାଇଁ ଐକ୍ୟବଦ୍ଧ ହୋଇ ଲଢେଇ ହେଲେ ସଫଳତା ମିଳିବ ବୋଲି କୁହାଯାଇଛି। ସେହିପରି ଆଗାମୀ ୨୭ ତାରିଖରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାନପଦର ପଞ୍ଚାୟତ ବିନ୍ଧ୍ୟାଗିରୀ ପର୍ବତ ଉପରେ ବୃକ୍ଷରୋପଣ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଶୁଣିବାକୁ ପିଟୁକୁଳି ଦଳୀୟ କାର୍ଯ୍ୟାଳୟଠାରେ କର୍ମୀମାନଙ୍କ ପାଇଁ ବ୍ୟବସ୍ଥା କରିବାକୁ ସ୍ଥିର କରାଯାଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅଜୟ ମାର୍ଥା, ଚନ୍ଦ୍ରଭାନୁ ମହରଥା, ସୌମ୍ୟରଞ୍ଜନ ବଳିଆର ସିଂହ, ସୁମିତ୍ରା ବାହିନୀପତି, ଭଗବାନ ପଣ୍ଡା, ଯଜ୍ଞେଶ୍ୱର ସୁନ୍ଦରାୟ, ରଶ୍ମିରଞ୍ଜନ ଜେନା, ବିଶ୍ୱରଞ୍ଜନ ଦାସ ଓ ମନୋଜ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ ସଦସ୍ୟ ଓ ନୂଆପୁରୁଣା କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କର୍ତ୍ତବ୍ୟ ନିଷ୍ଠା ଦ୍ୱାରା କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ: ବାଚସ୍ପତି

ଭୁବନେଶ୍ୱର,୨୧।୭ (ରବିନାରାୟଣ ଜେନା)

ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠ ତଥା ଜନସହଯୋଗ ଦ୍ୱାରା ରାଜ୍ୟ ତଥା ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ସୋମବାର ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ ଅବସରରେ ବାଚସ୍ପତି କହିଲେ, ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ। ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ୍ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ। ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ। ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର ବୋଲି ବାଚସ୍ପତି କହିଥିଲେ। କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଷ୍ଟଫୁଡ୍ ବ୍ୟବସାୟୀଙ୍କୁ ୬ମାସ ଜେଲ

### ଚେକ୍ ବାଉନ୍ସ ମାମଲା

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଜେଏମ୍‌ଏଫ୍‌ସି ଶ୍ରୀପର୍ଣ୍ଣା ମହାପାତ୍ର ଜଣେ ଫାଷ୍ଟଫୁଡ୍ ବ୍ୟବସାୟୀଙ୍କୁ ୬ମାସ ଜେଲ ଦଣ୍ଡ ସହ ୧.୪୦ଲକ୍ଷ ଟଙ୍କା ଜରିମାନା ଅଭିଯୋଗକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ୨ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ନାରାୟଣ ଦୋରା। ନୟାଗଡ଼ ରୋଡ୍‌ରେ ତାଙ୍କର ଏକ ଫାଷ୍ଟଫୁଡ୍ ଦୋକାନ ରହିଛି।

ମିଳିଥିବା ସୂଚନା ପ୍ରକାରେ ଶରଧାପୁର ଅଞ୍ଚଳର କୁକୁଡ଼ା ବ୍ୟବସାୟୀ ସେକ୍ ଗୁଲ୍‌ଜାରଙ୍କଠାରୁ ଅଭିଯୁକ୍ତ ନାରାୟଣ ଫାଷ୍ଟଫୁଡ୍ ଦୋକାନ ପାଇଁ ୫ କୁଇଣ୍ଟାଲ ଚିକେନ୍ ନେଇଥିଲେ। ଏ ବାବଦରେ କିଛି ଟଙ୍କା ଦେଇଥିବା ସ୍ଥଳେ ଅବଶିଷ୍ଟ ୭୦ହଜାର ଟଙ୍କା ବ୍ୟାଙ୍କ ଚେକ୍ ମାଧ୍ୟମରେ ସେକ୍ ଗୁଲ୍‌ଜାରଙ୍କୁ ଦେଇଥିଲେ। ଗୁଲ୍‌ଜାର ଏହି ଚେକ୍‌ଟି ବ୍ୟାଙ୍କରେ ଦେଇଥିଲେ। ତେବେ ନାରାୟଣ ଷ୍ଟପ୍ ପେମେଣ୍ଟ କରିଥିବାରୁ ଚେକ୍‌ଟି ବାଉନ୍ସ ହୋଇଥିଲା। ଚେକ୍ ବାଉନ୍ସ ହେଲାପରେ ଅଭିଯୋଗକାରୀ ଗୁଲ୍‌ଜାର ଅଭିଯୁକ୍ତ ନାରାୟଣଙ୍କୁ ଥରକୁ ଥର ଚେକ୍ ବାବଦ ଅର୍ଥ ଫେରସ୍ତ ମାଗିଥିଲେ ହେଁ ସେ ଫେରସ୍ତ କରି ନ ଥିଲେ। ଏ ସମ୍ପର୍କରେ ଅଭିଯୋଗକାରୀ ଜେଏମ୍‌ଏଫ୍‌ସି କୋର୍ଟରେ ଏକ ମକଦ୍ଦମା (ସିଆଇସିସି ନଂ.୨୪/୨୦୧୯ ) ଆଗତ କରିଥିଲେ। ଏହି ମାମଲା ଶୁଣାଣି କରି ବିଚାରପତି ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଫାଷ୍ଟଫୁଡ୍ ବ୍ୟବସାୟୀ ନାରାୟଣଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଶାନ୍ତ ସାମୁଏଲ ମକଦ୍ଦମା ପରିଚାଳନା କରିଥିଲେ। ଗତ ୧୧ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇଥିବାବେଳେ ସୋମବାର ଏହାର ସାର୍ଟିଫାଏଡ ନକଲ ହସ୍ତଗତ ହୋଇଥିବା ଓକିଲ ସାମୁଏଲ୍ କହିଛନ୍ତି।

## ନିଶା ନିବାରଣ ଆଲୋଚନା ଚକ୍ର

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ପଲ୍ଲା ତୋଟାପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ନିଶା ନିବାରଣ ସଂକ୍ରାନ୍ତୀୟ ଏକ ଆଲୋଚନାଚକ୍ର ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ଅରୁଣ କୁମାର ସ୍ୱାଇଁ ଓ ଶୁଭେନ୍ଦୁ ରାଉତରାୟ ଏବଂ ଅଧିବକ୍ତା ବସନ୍ତ କୁମାର ଦାଶ, ସତ୍ୟବାଦୀ ବଳିଆରସିଂହ ଓ ବିନୋଦ ବିହାରୀ ପୃଷ୍ଟି ଯୋଗଦେଇ ନିଶା ନିବାରଣ ଆଇନ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଦେଶର ଏକ ପ୍ରମୁଖ ସମ୍ବଳ ଯୁବପିଢି ନିଶା ସେବନ ଯୋଗୁ ଦିଗହରା ହେଉଛନ୍ତି। ଏହାର ପ୍ରଭାବରେ ଅସାମାଜିକ କାର୍ଯ୍ୟାକଳାପ ବୃଦ୍ଧି ପାଉଛି। ତେଣୁ ବିହାର ଓ ଗୁଜରାଟ ସରକାରଙ୍କ ଭଳି ଓଡ଼ିଶାରେ ନିଶା ନିବାରଣ ଆଇନ ଲାଗୁ କରିବା ପାଇଁ ଦାବି କରିଥିଲେ। ଏ କ୍ଷେତ୍ରରେ ପଞ୍ଚାତୟରେ ବ୍ୟାପକ ଜାଗରଣ ସୃଷ୍ଟି କରିବା ପାଇଁ ମତ ପ୍ରକାଶ ପାଇଥିଲା। ମଞ୍ଜୁବାଳା ଦାସ, କୁନି ସାହୁ, ପ୍ରଗତି ମହାପାତ୍ର, ରୀନା ସାହୁ, ଭାରତୀ ସେଠୀ, ସୁବାସିନୀ ନାୟକ, ନିଆସି ନାୟକ ଓ ବୁଦ୍ଧି ଦେହୁରୀଙ୍କ ସମେତ ଏକାଧିକ ମହିଳା,ପୁରୁଷ ଉପସ୍ଥିତ ରହି ନିଜ ମତ ରଖିଥିଲେ।

## ପରିତ୍ୟକ୍ତ ଷ୍ଟାଫ୍‌କ୍ୱାର୍ଟର୍ସ ପାଲଟିଛି ନିଶାଡ଼ିଙ୍କ ନିରାପଦ ସ୍ଥାନ

ଟାଙ୍ଗୀ,୨୧।୭(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ବଳରାମ ଦେବ ବିଦ୍ୟାପୀଠ ପରିସରରେ ଥିବା ପରିତ୍ୟକ୍ତ ଷ୍ଟାଫ କ୍ୱାର୍ଟର୍ସ ଏବେ ନିଶାଡ଼ିଙ୍କ ନିରାପଦ ସ୍ଥାନ ପାଲଟିଛି। ଦୀର୍ଘ ବର୍ଷ ଧରି ଏହି କ୍ୱାଟରଗୁଡ଼ିକରେ କେହି ନ ରହିବାରୁ ଭାଙ୍ଗି ରୁଜି ଗଲାଣି। ସମସ୍ତ କବାଟ ଝରକା ନଷ୍ଟ ହେଲାଣି। ସମସ୍ତ କ୍ୱାର୍ଟର୍ସ ଖୋଲା ପଡ଼ିଛି। ନିଶାଡ଼ିମାନେ ସକାଳ ୬ଟାରୁ ରାତି ପର୍ଯ୍ୟନ୍ତ ଏହି ପରିତ୍ୟକ୍ତ କ୍ୱାର୍ଟର୍ସଗୁଡ଼ିକରେ ନିଶା ସେବନ କରୁଥିବା ଦେଖାଯାଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଧ୍ୟାନ ନାହିଁ। ଏପରିକି ବିଦ୍ୟାଳୟ ସମୟରେ ମଧ୍ୟ ନିଶାଡ଼ିମାନେ ଅବାଧରେ କ୍ୟାମ୍ପସ ଭିତରେ ପଶି ନିଶା ସେବନ କରୁଛନ୍ତି। ଯୁବ ନିଶାଡ଼ିମାନେ ଗଞ୍ଜେଇ, ମଦ, ବ୍ରାଉନସୁଗାର ସେବନ କରୁଥିବା ଶୁଣାଯାଉଛି। କ୍ୟାମ୍ପସ ଭିତରେ ଜଣେ ଶିକ୍ଷୟିତ୍ରୀ କ୍ୱାର୍ଟର୍ସରେ ରହୁଥିବା ବେଳେ ଭଲ ଅବସ୍ଥାରେ ଥିବା ଅନ୍ୟ ଏକ କ୍ୱାର୍ଟର୍ସ ତାଲା ପଡିଛି। ଯଦି କ୍ୟାମ୍ପସ ଭିତରେ ଶିକ୍ଷକ ଶିକ୍ଷୟିତ୍ରୀ ରହି ପାରନ୍ତେ ତା ହେଲେ ନିଶାଡ଼ିମାନଙ୍କ ଅବାଧ ପ୍ରବେଶରେ ରୋକ ଲାଗିପାରନ୍ତା। ସ୍ଥାନୀୟ ପୋଲିସ ଚଢ଼ାଉ କରି ନିଶାଡ଼ିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଭବିଷ୍ୟତରେ କିଛି ଅଘଟଣର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

## ସୀତାଂଶୁ ଭୂଷଣ ପଟ୍ଟନାୟକଙ୍କ ସ୍ମୃତିସଭା

ବାଣପୁର,୨୧।୭ (ଦିଲ୍ଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରିମୁଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରେମାଞ୍ଜଳି ପଟ୍ଟନାୟକଙ୍କ ସ୍ୱାମୀ ସ୍ୱର୍ଗତ ସୀତାଂଶୁ ଭୂଷଣ ପଟ୍ଟନାୟକଙ୍କ ଦ୍ୱାଦଶାହ ସ୍ମୃତିସଭା ଖଜୁରିଆ ଗ୍ରାମସ୍ଥିତ ବାସଭବନରେ ସୋମବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଛି। ଗୋଲଖ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଡୁମୁରାପୁଟ ପଞ୍ଚାୟତ ସରପଞ୍ଚ ଅକ୍ଷୟ ସେଠୀ, ପୂର୍ବତନ ଜିଲା ପରିଷଦ ଦୁଷ୍ମନ୍ତ ହରିଚନ୍ଦନ, କୁମୁରାଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ, ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ, ଶିକ୍ଷାବିତ୍ ବିଭୁତି ଭୂଷଣ ଦାସ, ଶିକ୍ଷାବିତ୍ ଦୁର୍ଗାଚରଣ ମହାରଣା, ଶିକ୍ଷାବିତ୍ ଚିତ୍ତରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ୍ ବ୍ରଜ ସୁନ୍ଦର ମହାପାତ୍ର, ଆଇନଜୀବୀ ଶେଷଦେବ ମହାରଣା, ଶିକ୍ଷାବିତ୍ କୈଳାସ ସାମନ୍ତ ସିଂହାର, ଦାଶରଥି ସେଠୀ, ରମେଶ ସାମନ୍ତ ସିଂହାରଙ୍କ ସମେତ ବହୁ ଜନପ୍ରତିନିଧି ପ୍ରମୁଖ ଯୋଗଦେଇ ସୀତାଂଶୁଙ୍କ ସ୍ମୃତିଚାରଣ କରିଥିଲେ।



ସ୍ମୃତିସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବିଶେଷ।

## ୧୦ ମାସରେ ଗଲାଣି ୧୩ ଜୀବନ, ୧୪୧ ଆହତ

- ଦୁର୍ଘଟଣା ଜୋନ୍ ପାଲଟିଛି ୫୭ନଂ ଜାତୀୟ ରାଜପଥ
- କାମରେ ଲାଗୁନି ସଚେତନତା ବାର୍ତ୍ତା

ବେଗୁନିଆ,୨୧।୭(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥରେ ଦିନକୁ ବଢ଼ି ଚାଲିଛି ଦୁର୍ଘଟଣା। ବିଶେଷକରି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଏକପ୍ରକାର ଦୁର୍ଘଟଣା ଜୋନ୍ ପାଲଟିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଗତ ୧୦ମାସ ମଧ୍ୟରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟିଲାଣି। ଏଥିରେ ୧୩ ଜଣ ମୃତ୍ୟୁବରଣ କରିଥିବାବେଳେ ୧୪୧ରୁ ଅଧିକ ପଥଚାରୀ ଗୁରୁତର ଆହତ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଜାତୀୟ ରାଜପଥ ଉପରେ ବିଭିନ୍ନ ସ୍ଥାନରେ ଛୋଟବଡ଼ ଖାଲଖମା ଜଟିଳ ପରିସ୍ଥିତି ସୃଷ୍ଟି କରୁଛି। ସ୍ଥାନୀୟ ଅଞ୍ଚଳରେ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ତେବେ ଦୁର୍ଘଟଣାକୁ ରୋକିବା ସହ ପଥଚାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅଞ୍ଚଳରେ ଦାବି ହେଉଛି।

ପ୍ରକାଶ ଥାଉକି, ଦୁର୍ଘଟଣା ହ୍ରାସ ପାଇଁ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା', 'ଦ୍ରୁତଗତି ମହାବିପତ୍ତି' ଆଦି ବିଭିନ୍ନ ବାର୍ତ୍ତା ଦିଆଯାଉଛି। ମାତ୍ର ଏହି ବାର୍ତ୍ତା ବେଗୁନିଆ ବ୍ଲକ ଅଞ୍ଚଳରେ କାମରେ ଲାଗୁନି। ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ୧୨କି.ମି. ଦୂରତା ଅନ୍ତର୍ଗତ ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଗତ ଅକ୍ଟୋବରରୁ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ୧୩ ଜଣ ମୃତ୍ୟୁବରଣ କରିଥିବାବେଳେ ଅନ୍ୟୂନ ୧୪୧ଜଣ ପଥଚାରୀ ଗୁରୁତର ଆହତ ହୋଇଥିବା ବେଗୁନିଆ ଓ ବାଘମାରି ଥାନାରେ ହୋଇଥିବା ମାମଲାରୁ ଜଣାପଡ଼ିଛି। ସେହିପରି ଅନେକ ଛୋଟ ଦୁର୍ଘଟଣାକୁ ଚାପି ଦିଆଯାଇଛି। ଏଭଳି ଦୁର୍ଘଟଣା ପରିସ୍ଥିତିକୁ ରୋକିବା ପାଇଁ ବେଗୁନିଆର ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟ, ବିକାଶ ମଞ୍ଚର ସଭାପତି ଶିବ କୁମାର ମୁନି, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ପଟ୍ଟନାୟକ ଏବଂ ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜପଥରେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ଗତ ବର୍ଷ ଜୁଲାଇ ମାସରେ ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ତତ୍କାଳୀନ ଖୋର୍ଦ୍ଧା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ୬ଦଫା ଦାବି ପ୍ରଦାନ କରାଯାଇଥିଲା। ଜନଗହଳିପୂର୍ଣ୍ଣ ବେଗୁନିଆ ପୋଷ୍ଟ ଅଫିସ ଛକଠାରେ ଦୈନିକ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ କର୍ମଚାରୀ ନିଯୁକ୍ତି, ଜାତୀୟ ରାଜପଥ ଉପରେ ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଥିବା ବଜାର ପାର୍ଶ୍ୱରେ ଦେଖାଦେଉଥିବା ବେଆଇନ ପାର୍କିଂକୁ ହଟେଇବା ପାଇଁ ପଦକ୍ଷେପ ନିଆଯିବା ଏବଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦିଆଯାଇଥିବା ଧଳା ରଙ୍ଗର ଦାଗ ଉପରେ ରେଡିୟମ ଷ୍ଟିକରିଂ ଲଗାଯିବାକୁ କୁହାଯାଇଥିଲା। ସେହିପରି ବେଗୁନିଆ ବ୍ଲକ ଛକଠାରୁ ଗୋଡ଼ିପୋଖରୀ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ପ୍ରତି ୩୦୦ ମିଟର ଦୂରତାରେ ୫ଟି ପ୍ଲାଷ୍ଟିକ ହମ୍ପସ୍ ନିର୍ମାଣ କରାଯିବା ସହ ଚାଳକଙ୍କ ଦ୍ରୁତ ଗତିକୁ ରୋକିବା ପାଇଁ ରାଜପଥ ପାର୍ଶ୍ୱରେ ସ୍ପିଡ୍ ମିଟର ଖଞ୍ଜିବା ସହ ଅନୁଧ୍ୟାନ ପାଇଁ ସିସିଟିଭି କ୍ୟାମେରା ଲଗାଯିବାକୁ ଦାବି କରାଯାଇଥିଲା। ହେଲେ ଇତିମଧ୍ୟରେ ବର୍ଷେ ବିତିବାକୁ ଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।



ଖାଲଖମାରେ ପରିପୂର୍ଣ୍ଣ ବେଗୁନିଆ-ସାରୁଅ ରାସ୍ତା।

**ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ହେତୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଚକ୍ରବୁଲା ଏକାଦଶୀ ଥିବାରୁ ଭକ୍ତଙ୍କ ଭିଡ଼ ହୋଇଥିଲା। ଅବକାଶ ପୂଜା ସମ୍ପନ୍ନ ହେବା ପରେ ଭକ୍ତମାନେ ଭିତର କାଠ ନିକଟରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବାରୁ ସମସ୍ତ ନୀତିକୁ ବନ୍ଦ କରାଯିବା ସହ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ସିଂହାସନ ଧୁଆ, ମହାସ୍ନାନ ପୂଜା, ମଇଲମ ହୋଇ ବେଶ ଶେଷହେବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ନୀତିରେ କିଛିଟା ବିଳମ୍ବ ପରିଲକ୍ଷିତ ହୋଇଥିଲା।




୨୧।୭।୨୦୨୫

| | |
|---|---|
| ୫,୭୨,୩୯୩ ଟଙ୍କା | |
| ସୁନା | ୧.୮୦୦ ଗ୍ରାମ୍ |
| ରୁପା | ୩.୩୦୦ ଗ୍ରାମ୍ |

# ଅଗ୍ନିଶମ ଗାଡ଼ି ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

- ୮ ଘଣ୍ଟା ରାସ୍ତାରୋକୋ କଲେ ସ୍ଥାନୀୟ ଲୋକେ
- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ, ରେଡ୍‌କ୍ରସ୍ ପାଣ୍ଠିରୁ ୫୦ ହଜାର ସହାୟତା
- ବୁଝାଶୁଝା ପରେ ହଟିଲା ରାସ୍ତାରୋକୋ
- ଜାତୀୟ ରାଜପଥରେ ଘଣ୍ଟା ଘଣ୍ଟା ଅଟକିଲା ଗାଡ଼ି



ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ତୁଳସୀଚଉରା ଛକ (ଚନ୍ଦନପୁର) ନିକଟରେ ଫାୟାର ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଧାରଣାରତ ଲୋକମାନଙ୍କୁ ପୋଲିସ ବୁଝାଶୁଝା କରୁଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)।

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁର ଥାନା ଅନ୍ତର୍ଗତ ତୁଳସୀଚଉରା ନିକଟରେ ଅଗ୍ନିଶମ ଗାଡ଼ି ଧକ୍କାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟୟନ କରୁଥିବା ସ୍ୱୟଂ ଶୁଭମ୍ ସେନାପତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ଦାବି କରି ଲୋକମାନେ ୮ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିଲା। ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଓ ରେଡ୍‌କ୍ରସ୍ ପାଣ୍ଠିରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ବିଜ୍ଞାନ ଛାତ୍ର ସ୍ୱୟଂ ଶୁଭମ୍ ସେନାପତି ସୋମବାର କଲେଜରେ କ୍ଲାସ ସାରି ଘରକୁ ବାଇକ ଯୋଗେ ଫେରୁଥିଲେ। ତୁଳସୀ ଚଉରା ଛକ ନିକଟରେ ରଙ୍ଗ୍ ରୁଟ୍‌ରେ ବିପରୀତ ଦିଗରୁ ଆସୁଥିବା ଦମକଳ ଗାଡ଼ି (ଓଡ଼ି-୦୫-ଡ଼ିୟୁ-୧୯୫୭) ସ୍ୱୟଂଙ୍କ ବାଇକ୍‌କୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱୟଂଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଚନ୍ଦନପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାସହ ଅଗ୍ନିଶମ ଗାଡ଼ିକୁ ଅଟକ ରଖାଯାଇଛି। ଅପରପକ୍ଷରେ ପୋଲିସ ସ୍ୱୟଂଙ୍କ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଭିଡ଼ ହଟାଇବା ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ଘଟଣାସ୍ଥଳରେ ପୁରୀ ସଦର ବିଧାୟକ ସୁନୀଲ ମହାନ୍ତି, ଜିଲାପାଳ ଚଞ୍ଚଳ ରାଣା, ତହସିଲ୍‌ଦାର ଅଭିଷେକ ଦାସ, ପୋଲିସର ବରିଷ୍ଠର ଅଧିକାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ।

## ୩ ଦିନ ପରେ ବି ପୋଲିସ ହାତ ଖାଲି

**ବଲଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା**

ବଲଙ୍ଗା,୨୧।୭(ଦେବାଶିଷ ନନ୍ଦ)

ବଲଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି। ବଲଙ୍ଗା ଛାତ୍ରୀଙ୍କ ପ୍ରତି ହୋଇଥିବା ବର୍ବରୋଚିତ କାଣ୍ଡ କିଏ ଓ କାହିଁକି ଘଟାଇଲା, ତାର ଡୋର ପୁଲିସ ଏ ପର୍ଯ୍ୟନ୍ତ ପାଇ ନ ଥିବାବେଳେ ସୋମବାର ତୃତୀୟ ଦିନରେ ଘଟଣାସ୍ଥଳରେ ଆଇଜି ସ୍ପେଶାଲ ବ୍ରାଞ୍ଚ ଆଇଜି ଜୟପ୍ରକାଶ ପଙ୍କଜ ଓ ୧୦ ଜଣିଆ ଟିମ୍ ଏବଂ ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ ପିଡ଼ିତାଙ୍କ ଘରେ ଓ ଘଟଣାସ୍ଥଳରେ ଛାନଭିନ କରିଛନ୍ତି। ରବିବାର ପୋଲିସ ପିଡ଼ିତାଙ୍କ ମା, ଖୁଡ଼ି, ପିଉସା, ଦାଦା, ଜଣେ ଭଉଣୀଙ୍କ ସମେତ ପରିବାରର ୮ ସଦସ୍ୟଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡ଼ି ଦେଇଥିଲେ। ସୋମବାର ପୁଣି ପୋଲିସ ପିଡ଼ିତାଙ୍କ ଭୁଆ ସାଙ୍ଗକୁ ଥାନାକୁ ଡାକି ପଚରାଉଚରା କରିଛି। ଏଥିସହ ତଦନ୍ତକାରୀ ଅଧିକାରୀମାନେ ପିଡ଼ିତାଙ୍କ ଗାଁ ଲୋକଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି। ପିଡ଼ିତାଙ୍କ ପରିବାର ପକ୍ଷରୁ ତୁରନ୍ତ ଏହି ଘଟଣାର ପର୍ଦ୍ଦାଫାସ ହେବା ସହ ଦୋଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

## ୬୨ ଅଭିଯୋଗ ଶୁଣାଣି କଲେ ଜିଲାପାଳ



ଯୁଗ୍ମ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା/ପୁରୀ,୨୧।୭ (ବିଚିତ୍ରାନନ୍ଦ ସାହୁ/ ଅଜିତ୍ କୁମାର ମହାନ୍ତି)

ନିମାପଡ଼ା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା, ବିଭିନ୍ନ ସରକାରୀ ଯୋଜନାରେ ପ୍ରୋତ୍ସାହନ ଓ ଅନ୍ୟାନ୍ୟ ସମ୍ପର୍କରେ ଜିଲାପାଳ ମୋଟ ୬୨ଟି ଅଭିଯୋଗ ଶୁଣାଣି କରି ଲୋକମାନଙ୍କର ବିଭିନ୍ନ ସମସ୍ୟାର ତୁରନ୍ତ ପ୍ରତିକାର କରିବାକୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ଶତପଥୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ନିମାପଡ଼ା ଜଳସମ୍ପଦ ବିଭାଗର ଏସ୍. ଇ. ପ୍ରୀତମ ଚେତନ ପୋଥାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତିପ୍ରସାଦ ଦାସ, ବିଧାୟିକାଙ୍କ ପ୍ରତିନିଧି ସଚ୍ଚିଦାନନ୍ଦ ସ୍ୱାଇଁ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ବିକାଶ ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ବେହେରା, ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳଙ୍କ ସମେତ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।

## ଚାରି ଆଶ୍ରମ ବିଜେ କଲେ ସୁଦର୍ଶନ

**ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ**

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)- ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ ତଥା କାମଦା ଏକାଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଆୟୁଧ ସୁବର୍ଣ୍ଣର ସୁଦର୍ଶନ ଚକ୍ର ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଥିଲେ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଭଣ୍ଡାର ଘରୁ ସୁବର୍ଣ୍ଣର ସୁଦର୍ଶନଙ୍କୁ ଭିତରକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବା ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ବିମାନକୁ ବିଜେ କରିଥିଲେ। ଉକ୍ତ ବିମାନକୁ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡ଼ୁ ସେବାୟତ ନେଇ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଯାଇଥିଲେ। ସେଠାରେ ପନ୍ତିଭୋଗ ଅନୁଷ୍ଠିତ ହୋଇଥିଲା। ଚକ୍ରରାଜ ସୁଦର୍ଶନ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ଯଥା ମାର୍କଣ୍ଡେଶ୍ୱର ସାହିର ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟରେ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ଶେଷ ଭାଗରେ ଥିବା ଯମେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଥିବା କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ଆଶ୍ରମରେ ଚକ୍ରରାଜଙ୍କୁ ଶୀତଳ ଭୋଗ କରାଯିବା ସହ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସେହିପରି ସୋମବାର ଏକାଦଶୀ ପଡ଼ିଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଶମ୍ଭୁ ଏକାଦଶୀ ନୀତି ସମ୍ପନ୍ନ ହୋଇଛି।



ଚକ୍ରବୁଲା ଏକାଦଶୀରେ ଚକ୍ର ନାରାୟଣ ଶ୍ରୀମନ୍ଦିରରୁ ବାହାରି ୪ ଆଶ୍ରମ ଅଭିମୁଖେ ଯାଉଛନ୍ତି।

## ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଗିରଫ

କାକଟପୁର/ଅସ୍ତରଙ୍ଗ,୨୧।୭ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଥାନା ଅଞ୍ଚଳର ନାବାଳିକାଙ୍କୁ ଅଭିଯୁକ୍ତ ତୁଷାର ଦାସ ଗତ ୩୦ତାରିଖରେ ଅପହରଣ କରି ନେଇଥିଲେ। ଏ ନେଇ କାକଟପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅପହୃତା ନାବାଳିକାଙ୍କୁ ଅନୁଗୋଳ ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ତୁଷାରଙ୍କୁ ଗିରଫ କରାଯାଇଥିବା କାକଟପୁର ଥାନା ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତମାସ ୩୦ତାରିଖ ଦିନ କାକଟପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସେହି ଅଞ୍ଚଳର ତୁଷାର ଦାସ ମିଥ୍ୟା ପ୍ରଲୋଭନ ଦେଖାଇ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାରବର୍ଗ ଥାନାରେ ଅଭିଯୋଗ କରିବା ପରେ କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ କାକଟପୁର ଥାନା ଉପନିରୀକ୍ଷକ ଗୌରୀ ଶଙ୍କର ସେଠୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଅନୁଗୋଳରୁ ନାବାଳିକାଙ୍କୁ ଉଦ୍ଧାର କରି କାକଟପୁର ଥାନାକୁ ଆଣିଛନ୍ତି। ଏହା ସହ କାକଟପୁର ଥାନା କେସ୍ ନଂ. ୧୬୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ତୁଷାର ଦାସଙ୍କୁ କୋର୍ଟଚାଲାଣ କରାଯାଇଛି। କିନ୍ତୁ ଅଭିଯୋଗ ହେବାର କିଛି ଦିନ ମଧ୍ୟରେ ପୋଲିସ ଘଟଣାକୁ ତତ୍ପରତା ସହ ନେଇ ନାବାଳିକାଙ୍କୁ ଉଦ୍ଧାର କରିଛି।

## ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)- କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ 'ନୋଭାଲ ରିସର୍ଚ୍ଚ ଆଣ୍ଡ ଇମ୍‌ପ୍ରୁଭଡ଼ ଏକାଡେମିଆ ଦି ନିଡ୍ ଫର ଫେସିଙ୍ଗ୍ ଗ୍ଲୋବାଲ ଚ୍ୟାଲେଞ୍ଜ' ଶୀର୍ଷକ ଆଲୋଚନାଚକ୍ର ପୌରସଦନଠାରେ ରବିବାର ଶେଷହୋଇଛି। ଏଥିରେ ଅଧ୍ୟକ୍ଷ ଡ. ଅମିୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କୋଲ୍‌କାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗର ପୂର୍ବତନ ମୁଖ୍ୟ ଡ. ତପନ କୁମାର ମାଇତି, ମୁଖ୍ୟବକ୍ତା ଭାବେ ପୁରୀର ସହକାରୀ ବିଭାଗୀୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିନୋଦ ବିହାରୀ ରଥ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ଅନୁଷ୍ଠାନର ବୈଜ୍ଞାନିକ ଡ. ସଞ୍ଜୀବ କୁମାର ସାହୁ, ସାଉଦିଆରବସ୍ଥିତ ଜୌଫ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦିବ୍ୟସୁନ୍ଦର ପଣ୍ଡା ଏବଂ କଟକସ୍ଥିତ ଦଧୀଚି କଲେଜ ଅଫ୍ ଫାର୍ମାସିର ଚେୟାରମ୍ୟାନ ଡ. ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଫାର୍ମାସି ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଯଶସ୍ୱୀ ରାୟ ସଭା ପରିଚାଳନା କରିଥିବାବେଳେ ଡ. ସଞ୍ଜୟ ନାୟକ, ଡ. ଚିନ୍ମୟ କେଶରୀ ସାହୁ, ଡ. ବିଶ୍ୱରଞ୍ଜନ ରାୟ, ଭକ୍ତବନ୍ଧୁ ଜେନା, ଦୀପ୍ତିପ୍ରଜ୍ଞା ଦାସ, ଅସିତ୍ କୁମାର ଷଡ଼ଙ୍ଗୀ, ସୁଚିସ୍ମିତା ସ୍ୱାଇଁ, ସୁଦେଷ୍ଣା ମହାନ୍ତି, ଅନୁପ କୁମାର ପାତ୍ର, ତୃପ୍ତିରଞ୍ଜନ ପାଢ଼ୀ, ହିମାଂଶୁ ରଞ୍ଜନ ପାଲ୍‌ଟାସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରାବଣ ମାସର ଦ୍ୱିତୀୟ ସୋମବାର, ଚଳଚଞ୍ଚଳ ଶୈବ ପୀଠ

କାକଟପୁର/ଅସ୍ତରଙ୍ଗ,୨୧।୭ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମରେ ଥିବା ଶୈବପୀଠରେ ଶତାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ଶ୍ରାବଣରେ ଜଳଲାଗି କଲେ ମାନସିକ ପୂରଣ ହୋଇଥାଏ ବିଶ୍ୱାସ ରହିଛି । ଧାର୍ମିକ ବିଶ୍ୱାସ ରହିଛି, ଶ୍ରାବଣ ମାସର ସୋମବାର ଶୈବ ପୀଠରେ ଜଳଲାଗି କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ। ଏ ନେଇ ଶତାଧିକ କାଉଡ଼ିଆ ପ୍ରାଚୀ ନିକଟବର୍ତ୍ତୀ ବିଶ୍ୱାମିତ୍ର ଘାଟରୁ ଜଳ ଉଠାଇ ଶୈବପୀଠରେ ଜଳଲାଗି କରିଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ପଶ୍ଚିମେଶ୍ୱର, ଐଶାନେଶ୍ୱର, ଗ୍ରାମେଶ୍ୱର, ଇଷାଣେଶ୍ୱର, ସିଦ୍ଧେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ରାତ୍ର ୪ଟାରେ ପହଡ଼ ଖୋଲାଯାଇ ପବିତ୍ର ଜଳରେ ବାବାଙ୍କୁ ସ୍ନାନ କରାଯାଇ ମଙ୍ଗଳଆଳତି ପରେ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ଜଳଲାଗି କରିଥିଲେ।

## ସାରଙ୍ଗଯୋଡ଼ିର ୨ ଫାର୍ମରେ ମଲେଣି ୪୦୦ କୁକୁଡ଼ା

**ବାହ୍ୟ ନିରାପତ୍ତାକୁ ଗୁରୁତ୍ୱ ଦେବା ସହ ଠିକ ଭାକ୍ସିନ୍ ଦେବା ପାଇଁ ପରାମର୍ଶ**

ସାକ୍ଷୀଗୋପାଳ,୨୧।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାରଙ୍ଗଯୋଡ଼ି ଅଞ୍ଚଳରେ ସୋମବାର ସୁଦ୍ଧା ୨ଟି ଫାର୍ମରେ ପ୍ରାୟ ୪ ଶହ କୁକୁଡ଼ା ମରିଯାଇଥିବା ଦେଖାଯାଇଛି। ଏହି କୁକୁଡ଼ା ମୃତ୍ୟୁ ପାଖାପାଖି ତିନିଦିନ ହେବ ଆରମ୍ଭ ହୋଇଛି। ସାରଙ୍ଗଯୋଡ଼ି ପଞ୍ଚାୟତର ଧ୍ୱଜା ମୁଣ୍ଡାଇ ଗ୍ରାମର କୁକୁଡ଼ା ଚାଷୀ କୃଷ୍ଣ ଚନ୍ଦ୍ର ବେହେରା ଓ ଅଜୟ ବେହେରାଙ୍କ ଫାର୍ମରେ କୁକୁଡ଼ା ମରିଥିବା ଅଭିଯୋଗ ହୋଇଥିଲା। ଖବରପାଇ ସତ୍ୟବାଦୀ ପ୍ରାଣୀଧନ ଚିକିତ୍ସକ ବନଜାକାନ୍ତ ପତି ଓ ରୋଗ ନିରୂପଣ ନିରୀକ୍ଷକ ମୃତ କୁକୁଡ଼ା ମରିବାର କାରଣ ଜାଣିବା ପାଇଁ ଉକ୍ତ କୁକୁଡ଼ା ଫାର୍ମ ପରିଦର୍ଶନ କରିବା ସହ ନମୁନା ସଂଗ୍ରହ କରି ମୁଖ୍ୟ କାର୍ଯ୍ୟାଳୟକୁ ପଠାଇଥିଲେ। ମୃତ କୁକୁଡ଼ାଗୁଡ଼ିକୁ ମାଟିଖୋଳି ପୋତି ଦିଆଯାଇଛି। ସତ୍ୟବାଦୀ ଅଞ୍ଚଳରେ ଅନେକ କୁକୁଡ଼ା ଫାର୍ମ ରହିଛି, ମାତ୍ର ସେଗୁଡ଼ିକ ମଧ୍ୟରୁ ଏହି ୨ଟି ଫାର୍ମରେ କୁକୁଡ଼ା ମରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ପ୍ରାଣୀ ସମ୍ପଦ ଅଧିକାରୀ ବନଜାକାନ୍ତ ପତି କହିଛନ୍ତି, କୁକୁଡ଼ା ଚାଷୀମାନେ ମୁଖ୍ୟତଃ ଠିକ ସମୟରେ ଭାକ୍ସିନ ନ ଦେବା, ପୁରୁଣା ଅର୍ଥାତ ବେଶୀଦିନର ଖାଦ୍ୟ ବ୍ୟବହାର କରିବା, ଅଜଣା ଲୋକଙ୍କୁ ଫାର୍ମରେ ଭର୍ତ୍ତି କରିବା, ସବୁଠାରୁ ବଡ଼ କଥା ହେଉଛି ବାହ୍ୟ ନିରାପତ୍ତାକୁ ଗୁରୁତ୍ୱ ନ ଦେବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେବାର ଅଧିକ ସମ୍ଭାବନା ରହିଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ଅନ୍ୟପଟେ ଏହି କୁକୁଡ଼ା ମୃତ ଯୋଗୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ଏଭଳି ସମୟରେ ସରକାରୀ ସହାୟତା ନିମନ୍ତେ ଚାଷୀମାନେ ଅନୁରୋଧ କରିଛନ୍ତି।



ଫାର୍ମରେ ମରିପଡ଼ିଥିବା କୁକୁଡ଼ା।

## ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ

**ଶ୍ରାବଣ ଦ୍ୱିତୀୟ ସୋମବାର**

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ହଜାର ହଜାର କାଉଡିଆ ଜଳଲାଗି କରିଛନ୍ତି। ଦ୍ୱିତୀୟ ସୋମବାରରେ ପ୍ରାୟ ୩୨ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଜଳ ଲାଗି କରିଥିବା ଜଣାପଡ଼ିଛି। ପ୍ରତ୍ୟେକ ଭକ୍ତ ୩୦ ଟଙ୍କାର ଟିକେଟ କାଟି ବ୍ୟାରିକେଡ୍ ଦେଇ ଧାଡ଼ିରେ ମନ୍ଦିର ପରିସରକୁ ଯାଇ ଜଳଲାଗି କରିଥିଲେ। ଶ୍ରୀକ୍ଷେତ୍ରରେ ଶିବମୟ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ମଧ୍ୟରାତ୍ର ୧୨ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ଅବକାଶ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ପରେ ୧୨ଟା ୩୦ରୁ ଜଳଲାଗି ଆରମ୍ଭ ହୋଇଥିଲା। କୁଷ୍ଠାଶ୍ରମ ନିକଟ ଟିକେଟ କାଉଣ୍ଟରରୁ ୩୦ ଟଙ୍କାର ଟିକେଟ ନେଇ କାଉଡ଼ିଆମାନେ ଧାଡ଼ିରେ ବ୍ୟାରିକେଡ୍‌ରେ ଯାଇ ରୋଷଘର ପଛପାର୍ଶ୍ୱ ପଟୁ ମନ୍ଦିରରେ ପ୍ରବେଶ କରିବା ସହ ଲକ୍ଷ୍ମୀଦ୍ୱାର ନିକଟରେ ଜଳଲାଗି କରି ଫେରିଥିଲେ। ପ୍ରଶାସନ ପକ୍ଷରୁ ମନ୍ଦିର ପରିସର ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ ସହ ପ୍ରାୟ ୫ ହଜାର ଲୋକଙ୍କ ପାଇଁ ଅସ୍ଥାୟୀ ଶେଡ୍, ଆଶ୍ରୟସ୍ଥଳୀ, ପାନୀୟଜଳ, ଆଲୋକୀକରଣ ଏବଂ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଆଦି ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୩ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୬୪ ଏସ୍‌ଆଇ ଏବଂ ଏଏସ୍‌ଆଇ, ୨୨ ହାବିଲଦାର, ୬୮ କନଷ୍ଟେବଳ ଏବଂ ୨୫୦ ଜଣ ହୋମଗାର୍ଡ ମୁତୟନ ଥିଲେ। ଛିନ୍‌ତାଇ, ଲୁଟ୍ ଓ ମୋବାଇଲ ଚୋରି ଉପରେ କଡ଼ା ନଜର ରଖାଯାଇଥିଲା। ଚଳିତବର୍ଷ ୪ଟି ବଦଳରେ ୫ଟି ସୋମବାରରେ କାଉଡ଼ିଆମାନେ ଜଳଲାଗି କରିପାରିବେ। ଏନେଇ ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ କୁମାର ପରିଡ଼ା କହିଛନ୍ତି, ଚଳିତବର୍ଷ ୪ଟି ଶ୍ରାବଣ ସୋମବାର ପଡୁଛି। ସେହିପରି ଭକ୍ତଙ୍କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



କାଉଡିଆମାନେ ବ୍ୟାରିକେଡ୍ ଦେଇ ଜଳଲାଗି ପାଇଁ ଯାଉଛନ୍ତି ।

### ପ୍ରଶାସନର ଅବ୍ୟବସ୍ଥାକୁ ନେଇ ଭକ୍ତ ଅସନ୍ତୋଷ

ପ୍ରଶାସନର ଅବ୍ୟବସ୍ଥା ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବ୍ୟବସ୍ଥା କାରଣରୁ କାଉଡିଆମାନେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇଥିବା ବେଳେ କେତେଜଣ ସେବାୟତ ଟଙ୍କା ନେଇ ଭକ୍ତଙ୍କୁ ଗଳାବାଟେ ଦର୍ଶନ କରାଇବା ସହ ଜଳ ଲାଗି କରାଉଥିବା ଦେଖାଯାଇଛି। ସେହିଭଳି ୩୦ ଟଙ୍କା ନେଇ ଟିକେଟ କାଟି ବ୍ୟାରିକେଡ୍‌ରେ ଆସୁଥିଲେ ମଧ୍ୟ ମନ୍ଦିର ଭିତରେ ତାଙ୍କୁ ଅଧିକ ଟଙ୍କା ମଗା ଯାଉଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଏନେଇ ଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଗୋପ,୨୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଘର ନିକଟସ୍ଥ ପୋଖରୀକୁ ଯାଇ ଗୋପ ଥାନା ଅନ୍ତର୍ଗତ କୁଆଁପଡ଼ା ପଞ୍ଚାୟତସ୍ଥିତ ଓରୁଆଳି ଗ୍ରାମର ସର୍ବେଶ୍ୱର ସାହୁ (୮୩)ଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ମୃତ୍ୟୁ ଅଭିଯୋଗ ଆସିବା ପରେ ପୋଲିସ ମୃତଦେହ ଜବତ କରି ଗୋଟିଏ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସର୍ବେଶ୍ୱର ସୋମବାର ଭୋର୍ ସମୟରେ ଶୌଚ ହେବାକୁ ଘର ନିକଟସ୍ଥ ପୋଖରୀକୁ ଯାଇଥିଲେ। ହେଲେ କୌଣସି କାରଣରୁ ବୃଦ୍ଧ ଜଣଙ୍କ ଗୋଡ଼ ଖସି ପୋଖରୀ ଭିତରେ ପଡ଼ି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କିଛି ବି ସନ୍ଧାନ ମିଳି ନ ଥିଲା। ପୂର୍ବାହ୍ନରେ ବୃଦ୍ଧ ଜଣଙ୍କ ନିକଟ ପୋଖରୀରେ ଭାସିବା ଖବର ପାଇ ପରିବାର ଲୋକେ ଗୋପ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଆସି ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡ. ଶିବପ୍ରସାଦ ମଙ୍ଗରାଜ ମୃତ ଘୋଷଣା କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରୁଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି।

### ନରେନ୍ଦ୍ରରେ ବୁଡ଼ି ଯୁବକ ମୃତ

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଖବରପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହକୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ନରେନ୍ଦ୍ର ପୁଷ୍କରିଣୀରେ ଜଣେ ଯୁବକ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ତେବେ ଯୁବକ ବୟସ ପ୍ରାୟ ୩୦ରୁ ୩୫ ବର୍ଷ ବୟସ୍କ ହେବ ବୋଲି ଅନୁମାନ କରାଯାଉଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ପୋଲିସ ସ୍ଥାନୀୟ ଅଞ୍ଚଳରେ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି।

### ଟ୍ରେନ ଲାଇନ୍‌ରୁ ଯୁବକଙ୍କ ମୃତଦେହ ଜବତ

ଡେଲାଙ୍ଗ,୨୧।୭ (ରଶ୍ମିରଞ୍ଜନ ପ୍ରଧାନ)

ପୁରୀ-ଖୋର୍ଦ୍ଧା ରୋଡ୍ ରେଳପଥର ଡେଲାଙ୍ଗ ଓ କଣାସ ରୋଡ ମଧ୍ୟବର୍ତ୍ତୀ ଓଲିଆଖତ ନିକଟରେ ଜଣେ ଯୁବକଙ୍କ ମୃତଦେହକୁ ସାକ୍ଷୀଗୋପାଳ ରେଳ ପୋଲିସ୍ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡିକାଲ୍‌କୁ ପଠାଇଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ସୋମବାର ସକାଳେ ରେଳ ଧାରଣା ତଦାରଖ କରିବା ପାଇଁ ଯାଇଥିବା କର୍ମଚାରୀ ମୃତଦେହ ଦେଖି ରେଲ୍‌ୱେ ପୋଲିସ ଥାନାକୁ ଖବର ଦେଇଥିଲେ। ଖବରପାଇ ସାକ୍ଷୀଗୋପାଳ ରେଳ ଫାଣ୍ଡି ଅଧିକାରୀ ଇନ୍ଦୁମତି ଶୁକ୍ଳ, ପୁରୀ ରେଳ ଥାନାର ଏଏସ୍‌ଆଇ ବିକ୍ରମ କୁମାର ସେଠୀ ପ୍ରମୁଖ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ରେଳ ଥାନା କେସ୍ ନଂ-୨୭/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଉପନିରୀକ୍ଷକ ଶୁକ୍ଳ ସୂଚନା ଦେଇଛନ୍ତି।

### ନିଖୋଜ ନାବାଳିକାଙ୍କ ମିଳୁନି ପତ୍ତା

ନିମାପଡ଼ା,୨୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ରବିବାର ସନ୍ଧ୍ୟାରେ ନିଖୋଜ ହୋଇଥିବା ନେଇ ପରିବାର ଲୋକେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ଗ୍ରାମ ଛକକୁ ଗ୍ରୋସେରି ଆଣିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ଝିଅର କୌଣସି ସନ୍ଧାନ ନ ପାଇବାରୁ ନାବାଳିକାଙ୍କ ବାପା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୨୧୭/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିଖୋଜ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

# ଅଗ୍ନିଶମ ଗାଡ଼ି ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

■ ୮ ଘଣ୍ଟା ରାସ୍ତାରୋକୋ କଲେ ସ୍ଥାନୀୟ ଲୋକେ
■ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ, ରେଡ୍‌କ୍ରସ୍ ପାଣ୍ଠିରୁ ୫୦ ହଜାର ସହାୟତା
■ ବୁଝାଶୁଝା ପରେ ହଟିଲା ରାସ୍ତାରୋକୋ
■ ଜାତୀୟ ରାଜପଥରେ ଘଣ୍ଟା ଘଣ୍ଟା ଅଟକିଲା ଗାଡ଼ି



ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ତୁଳସୀପଡ଼ାର ଛକ (ଚନ୍ଦନପୁର) ନିକଟରେ ଫାୟାର ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଧାରଣାରତ ଲୋକମାନଙ୍କୁ ପୋଲିସ ବୁଝାଶୁଝା କରୁଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)।

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁର ଥାନା ଅନ୍ତର୍ଗତ ତୁଳସୀପଡ଼ାର ନିକଟରେ ଅଗ୍ନିଶମ ଗାଡ଼ି ଧକ୍କାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟୟନ କରୁଥିବା ସ୍ୱୟଂ ଶୁଭମ୍ ସେନାପତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ଦାବି କରି ଲୋକମାନେ ୮ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିଲା। ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଓ ରେଡ୍‌କ୍ରସ୍ ପାଣ୍ଠିରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ବିଜ୍ଞାନ ଛାତ୍ର ସ୍ୱୟଂ ଶୁଭମ୍ ସେନାପତି ସୋମବାର କଲେଜରେ କ୍ଲାସ ସାରି ଘରକୁ ବାଇକ ଯୋଗେ ଫେରୁଥିଲେ। ତୁଳସୀପଡ଼ା ଛକ ନିକଟରେ ରଙ୍ଗ ରୁଟରେ ବିପରୀତ ଦିଗରୁ ଆସୁଥିବା ଦମକଳ ଗାଡ଼ି (ଓଡି-୦୫-ଭିୟୁ-୧୯୫୭) ସ୍ୱୟଂଙ୍କ ବାଇକ୍‌କୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱୟଂଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଚନ୍ଦନପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାସହ ଅଗ୍ନିଶମ ଗାଡ଼ିକୁ ଅଟକ ରଖାଯାଇଛି। ଅପରପକ୍ଷରେ ପୋଲିସ ସ୍ୱୟଂଙ୍କ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଭିଡ଼ ହଟାଇବା ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ଘଟଣାସ୍ଥଳରେ ପୁରୀ ସଦର ବିଧାୟକ ସୁନୀଲ ମହାନ୍ତି, ଜିଲାପାଳ ଚଞ୍ଚଳ ରାଣା, ତହସିଲଦାର ଅଭିଷେକ ଦାସ, ପୋଲିସର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ।

# କୁଳପତିଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କଟକ,୨୧।୭(କାର୍ତ୍ତିକ ସାହୁ)



କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରମାନେ।

**ରେଭେନ୍ସା ପୂର୍ବ ଛାତ୍ରାବାସରୁ ୧୦ ଅନ୍ତେବାସୀ ନିଲମ୍ବନ ଘଟଣା**

■ ଲିଖିତ ଅଭିଯୋଗ କରି ନ ଥିଲେ ପ୍ରଥମ ବର୍ଷ ଛାତ୍ର

ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବ ଛାତ୍ରାବାସରେ ରାଗିଂ ନେଇ ପ୍ରଥମ ବର୍ଷର କୌଣସି ଛାତ୍ର କୌଣସି ଅଭିଯୋଗ କରି ନ ଥିଲେ। ତେବେ ଛାତ୍ରାବାସ ୱାର୍ଡେନଙ୍କ ଅଭିଯୋଗ ଆଧାରରେ ୧୦ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବିତ ଛାତ୍ର ଏବଂ ରାଗିଂର ଶିକାର ବୋଲି କୁହାଯାଉଥିବା ପ୍ରଥମ ବର୍ଷର ଛାତ୍ରମାନେ ଏହାକୁ ବିରୋଧ କରି କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଥିଲେ। ଏହି ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହସ୍ତକ୍ଷେପ କରି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ କହିଥିଲେ। କୁଳପତି ଧାରଣାସ୍ଥଳକୁ ଆସି ଦୀର୍ଘ ସମୟର ଆଲୋଚନା କରିବା ସହ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ତେବେ ପୂର୍ବରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଥିବା ବିଜ୍ଞପ୍ତିରେ ରାଗିଂ ବିଷୟରେ କୌଣସି ଉଲ୍ଲେଖ କରାଯାଇ ନ ଥିବା ଜଣାପଡ଼ିଛି। ଧାରଣାରତ ଛାତ୍ରମାନଙ୍କ କହିବାନୁସାରେ, ଡେପୁଟି ୱାର୍ଡେନ ଅନେକ ସମୟରେ ଅନ୍ତେବାସୀଙ୍କୁ ଧମକ ଦେଉଛନ୍ତି। ତେବେ ନିଲମ୍ବନ ପ୍ରତ୍ୟାହାର ସହ ଡେପୁଟି ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରମାନେ ଧାରଣାରେ ବସିଥିଲେ। ସୂଚନାନୁସାରେ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବ ଛାତ୍ରାବାସରେ ରବିବାର ବିଳମ୍ବିତ ରାତିରେ ପ୍ରଥମବର୍ଷ ଛାତ୍ରଙ୍କୁ ରାଗିଂ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ହଷ୍ଟେଲ ୱାର୍ଡେନ ଏବଂ ଆଣ୍ଟି ର୍‍ୟାଗିଂ କମିଟି ଲିଖିତ ଭାବେ ଚିଫ୍ ୱାର୍ଡେନଙ୍କୁ ଜଣାଇଥିଲେ। ଅଭିଯୋଗ ଆଧାରରେ ଚିଫ୍ ୱାର୍ଡେନ ୧୦ ଅନ୍ତେବାସୀଙ୍କୁ ହଷ୍ଟେଲରୁ ନିଲମ୍ବନ କରିଥିଲେ। ସେଥିଲେ ସେମାନେ ରାଗିଂ କରିଥିବା ନେଇ କୌଣସି ସତ୍ୟତା ପ୍ରମାଣିତ ହୋଇ ନ ଥିଲା। ଏହାଙ୍କୁ ହଷ୍ଟେଲର ପ୍ରଥମ ବର୍ଷ ଅନ୍ତେବାସୀ ଏବଂ ତୃତୀୟ ବର୍ଷ ଅନ୍ତେବାସୀ ବିରୋଧ କରିଥିଲେ। ବିନା କାରଣରେ ଉକ୍ତ ଅନ୍ତେବାସୀଙ୍କୁ ନିଲମ୍ବିତ କରାଯାଇଥିବାବେଳେ ପଡ଼ିତ ପ୍ରଥମ ବର୍ଷ ଛାତ୍ର ରାଗିଂ ନେଇ କୌଣସି ଅଭିଯୋଗ କରି ନ ଥିବା ସୋମବାର ଗଣମାଧ୍ୟମକୁ ଜଣାଇଥିଲେ। ଏଥିସହ ହଷ୍ଟେଲର ଡେପୁଟି ୱାର୍ଡେନଙ୍କ ବିରୋଧରେ କୁଳପତିଙ୍କ ନିକଟରେ ଫେରାଦ ହୋଇଥିଲେ। ମାତ୍ର କୁଳପତି ସେମାନଙ୍କୁ ନ ଭେଟି ନିଜ କାର୍ଯ୍ୟାଳୟରୁ ପଳେଇଯାଇଥିଲେ। ଫଳରେ ଅନ୍ତେବାସୀ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

## ଏନ୍‌ସିଇଆର୍‌ଟି ପୁସ୍ତକରେ ପାଇକ ବିଦ୍ରୋହ ପୁନର୍ବାର ସାମିଲ କରିବାକୁ ଦାବି

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଦ୍ୱାରା ସଦ୍ୟ ପ୍ରକାଶିତ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ (ଇତିହାସ) ପୁସ୍ତକରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଓଡିଶାର ପାଇକ ବିଦ୍ରୋହ- ୧୮୧୭କୁ ହଟାଇଦେବା ଦୁର୍ଭାଗ୍ୟଜନକ। ୨୦୧୭ ଜୁଲାଇରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯୋଗଦେଇ ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ପାଇକ ବିଦ୍ରୋହ ହୋଇଥିଲା ବୋଲି କହିଥିଲେ। ସେହିଭଳି ୨୦୧୯ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧା ବରୁଣେଇ ପାହାଡ଼ ଅଞ୍ଚଳରେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ଶୁଭ ଦେବା ସମୟରେ ପାଇକ ବିଦ୍ରୋହର ୨୦୦ବର୍ଷ ଅବସରରେ ଡାକ ଟିକେଟ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ପୁନର୍ବାର ଏନ୍‌ସିଇଆର୍‌ଟି ପାଠ୍ୟ ପୁସ୍ତକରେ ପାଇକ ବିଦ୍ରୋହକୁ ଗ୍ରନ୍ଥିତ କରିବା ପାଇଁ ସମ୍ମିଳନୀ ଦାବି କରିଛି।

# ଆୟୁଷ ଇଣ୍ଟର୍ନସିପ୍ ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୭ଟି ସରକାରୀ ଆୟୁଷ ମହାବିଦ୍ୟାଳୟ ଓ ହସ୍ପିଟାଲରେ କାର୍ଯ୍ୟ କରୁଥିବା ହାଉସ ସର୍ଜନଙ୍କ ଭତ୍ତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପାଖରେ ବହୁଦିନରୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏମ୍‌ବିବିଏସ୍ ଓ ବିଡିଏସ୍ ଛାତ୍ରାଛାତ୍ରୀଙ୍କ ଭତ୍ତାକୁ ୪୨ ହଜାର ଟଙ୍କାକୁ ବୃଦ୍ଧି କରିଥିବାବେଳେ ଆୟୁଷ ହାଉସ ସର୍ଜନଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି। ଏଭଳି ମନୋଭାବ ସହିତ ହାଉସ ସର୍ଜନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଓଡ଼ିଶା ଆୟୁଷ ବିକାଶ ପରିଷଦର ପକ୍ଷରୁ ଡା. ତ୍ରୈଲୋକ୍ୟନାଥ ମହାରଣା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ର ସରକାରଙ୍କ ଆୟୁଷ ବିଭାଗ ମନ୍ତ୍ରୀ, ସଚିବ ଓ ରାଜ୍ୟ ସରକାରଙ୍କ ଆୟୁଷ ନିର୍ଦ୍ଦେଶକଙ୍କୁ ମେଲ୍ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ଆୟୁଷ ହାଉସ ସର୍ଜନଙ୍କ ୧୭ହଜାର ଟଙ୍କା ଭତ୍ତାକୁ ଆୟୁଷ ମେଡିକାଲ ଅଫିସରଙ୍କ ମାସିକ ବେତନର ୫୦% ହାରରେ ବୃଦ୍ଧି କରି ଡାଇନାମିକ ଷ୍ଟାଇପେଣ୍ଡ ଦେବାକୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବ ଓ ଆୟୁଷ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରାଯାଇଥିଲା। ଏନେଇ ଆୟୁଷ ନିର୍ଦ୍ଦେଶକ ରାଜ୍ୟର ୭ଟି ସରକାରୀ ଆୟୁଷ କଲେଜ ଅଧକ୍ଷଙ୍କୁ ୨୦୨୪ ନଭେମ୍ବର ୧୮ରେ ପତ୍ର ସଂଖ୍ୟା – ୭୬୯୯ ଲେଖି ଆୟୁଷ ଇଣ୍ଟର୍ନସିପ୍ ଭତ୍ତା ବୃଦ୍ଧି ପାଇଁ ମତାମତ ଲୋଡ଼ିଥିଲେ। ଶେଷରେ ଆୟୁଷ ନିର୍ଦ୍ଦେଶକ ରାଜ୍ୟ ଆୟୁଷ ଛାତ୍ର ସଂସଦ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ବର୍ଦ୍ଧିତ ହାରରେ ଆୟୁଷ ହାଉସ ସର୍ଜନ ଛାତ୍ରାଛାତ୍ରୀଙ୍କୁ ଡାଇନାମିକ୍ ଷ୍ଟାଇପେଣ୍ଡ ଦେବା ପାଇଁ ଫାଇଲ ସରକାରଙ୍କୁ ପଠାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏହା ଅତିଶୀଘ୍ର କାର୍ଯ୍ୟକାରୀ ହେଉଥିବା ନେଇ ବିଭିନ୍ନ ଆୟୁଷ ମହାବିଦ୍ୟାଳୟରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଇତି ମଧ୍ୟରେ ୩ମାସ ବିତିଯାଇଥିଲେ ମଧ୍ୟ ଭତ୍ତା ବୃଦ୍ଧି କ୍ଷେତ୍ରରେ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଐତିହ୍ୟ କୀର୍ତ୍ତି ହରାଉଛି 'ଶିଶୁପାଳଗଡ଼'

ଭୁବନେଶ୍ୱର, ୨୧।୭ (ସୌମ୍ୟରଞ୍ଜନ ରାଉତ)

**୫୬୩ ଏକରରୁ ଏବେ ୦.୭୭୫ ଏକରରେ ସୀମିତ**

ରାଜ୍ୟ ସଂଗ୍ରହାଳୟଠାରେ 'ଶିଶୁପାଳଗଡ଼: ଏକ ପ୍ରାଚୀନ ନଗରୀ'କୁ ନେଇ ରବିବାର ଆଲୋକଚିତ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ ଉଦ୍‌ଘାଟନ କରି କହିଲେ, ଶିଶୁପାଳଗଡ଼ ତା'ର ଐତିହ୍ୟ କୀର୍ତ୍ତି ହରାଉଛି। ୫୬୩ ଏକର ଅଞ୍ଚଳ ଏବେ ୦.୭୭୫ ଏକରରେ ସୀମିତ ହୋଇ ରହିଯାଇଛି। ଏଠାରେ ଥିବା ୧୬ଟି ଐତିହ୍ୟ ଖାନ୍ ମଧ୍ୟରୁ ବାକି କେତୋଟି ଇତିହାସର ମୂକସାକ୍ଷୀ ହୋଇ ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଏସ୍‌ଆଇ ଅଧୀକ୍ଷକ ତଥା ପ୍ରତ୍ନତତ୍ତ୍ୱବିତ୍ ଡି ବି ଗଡ଼ନାୟକ ଓଡ଼ିଶାରେ ଥିବା ଅନେକ ଦୁର୍ଗ ଉପରେ କହିଥିଲେ। ଶିଶୁପାଳଗଡ଼ କିଭଳି ଏକ ପ୍ଲାନ୍ ସିଟି ଥିଲା ତାହାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ହରପ୍ପା ସଭ୍ୟତା ସହିତ ଶିଶୁପାଳଗଡ଼ ସଭ୍ୟତା ସମାନ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ଏଏସ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ପଟେଲ, ପ୍ରତ୍ନତତ୍ତ୍ୱବିତ୍ ଡ.ସୁନୀଲ କୁମାର ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ଆଲୋଚନା ସମୟରେ କହିଲେ, ଶିଶୁପାଳଗଡ଼ ବର୍ତ୍ତମାନ ସମୟରେ ଘୋର ବିପଦରେ। ଏହାର ସୁରକ୍ଷା ନିଆ ନ ଗଲେ ଆଗାମୀ ଦିନରେ ହୁଏତ କେବଳ ଏହାର ନାମ ଶୁଣିବା ଛଡା ଆଉ କିଛି ରହିବ ନାହିଁ ବୋଲି ମତ ରଖିଥିଲେ। ସଂଗ୍ରହାଳୟ ଅଧୀକ୍ଷକ ଭାରତୀ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ. ST-OT-AMC-EI-KYOSAN-480 ତା. 14.07.2025ରିଖ

କାର୍ଯ୍ୟର ନାମ: ୩୬ (ଛତିଶ) ମାସର ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ୁ ମଣ୍ଡଳରେ ମାର୍ଶାଘାଇ (MSGR), କଲାପାଣ (KLGA), ନୁଆଗାଁ (NUGN), ସିଜୁ (SIJU) ଷ୍ଟେସନ ଗୁଡିକରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ: ₹ 1,65,77,870.76, EMD: ₹ 2,32,900/-, ବିଡ୍ ଖୋଲା ହେବା ତାରିଖ: 22.07.2025, ଟେଣ୍ଡର ଦସ୍ତାବିଜ ମୂଲ୍ୟ (ଫେରସ୍ତ): ₹ 5,900/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.08.2025ରିଖ 1100 ଘଣ୍ଟାରେ।

ଟେଣ୍ଡର ଦସ୍ତାବିଜ ଆମ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଇଞ୍ଜି., ଖୋର୍ଦ୍ଧା ରୋଡ଼ୁ

PR-379/O/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ଡିଏନ୍‌ଏସ୍‌ଟି-ଏସ୍‌ଇଇ-ଡା.-୧୮.୦୭.୨୫ | ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗନାଲ ଓ ଦୂରସଞ୍ଚାର ଇଞ୍ଜିନିୟର, ଦ.ପୂ. ରେଳପଥ, ଖଡ଼ଗପୁର ଦ୍ୱାରା ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବସାଇଟରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି।

ଟେଣ୍ଡର ମୂଲ୍ୟ: ₹୨୯,୫୮,୨୨,୦୯୨.୦୭ | ବାୟନା: ₹୧୬,୨୯,୧୦୦/- | ଟେଣ୍ଡର ବନ୍ଦ ହେବା ତାରିଖ: ୧୫.୦୮.୨୦୨୫, ₹୨,୦୦ ଘଣ୍ଟାରେ।

(PR-423)



GOVERNMENT OF ODISHA No. O-457

**OFFICE OF THE SUPERINTENDING ENGINEER RURAL WORKS DIVISION, DHENKANAL**

E-Mail: eerwdivisiondhenkanal@yahoo.co.in

**e-Procurement Notice No. 03/Building Works/2025-26**

| | | |
|---|---|---|
| 1. | Name of the Work | Building Works |
| 2. | Total No. of Works | 01 (One) Nos. |
| 3. | Estimated Cost | Rs.89.65 lakh (approx.) |
| 4. | Class of Contractor | "B" Class |
| 5. | Period of Completion | 08 (Eight) Months |
| 6. | EMD Required | As mentioned in the Annexure at Column - 04 |
| 7. | Online for Bidding | 23.07.2025 at 11.00 A.M. to 30.07.2025 upto 5.00 P.M. |
| 8. | Last date & time of seeking tender clarification | 29.07.2025 upto 4.00 P.M. |
| 9. | Date & time of openig of tender: (Technical & Financial Bid) | 31.07.2025 Technical Bid at 11.00 A.M. and Financial Bid open on Dtd.02.08.25 at 11.00 A.M. |

Other details can be seen from the website http://tendersorissa.gov.in.

Sd/- Superintending Engineer R.W. Division, Dhenkanal

OIPR-25101/11/0022/2526



GOVERNMENT OF ODISHA

**OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION**

At/P.O.: Basudevpur, Dist.: Keonjhar, PIN - 758047

No. A-

**e-PROCUREMENT NOTICE**

Bid Identification No. SE, KRC & BD - 08/2025-26

Email: eekrcbdbasudevpur@gmail.com

| Sl. No. | Name of Work | Approx Value of Work (Rs. in Lakh) | E.M.D./Bid Security in Rs. (To be remitted Online) | Cost of Bid Document in Rs. (To be remitted Online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Sanitary facilities to each house at Sankarpur Resettlement Colony for the DPs of Village Dhobakuchuda under KIP" | 55.30 | 55300.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/P.O.: Basudevpur, Dist.: Keonjhar |

| Procurement Officer | Bid Identification No. | Availability of Tender online for Bidding From | To | Date & time of Opening of Tender (Technical Bid | Last date of seeking clarification | Place of Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C & B Division, Basudevpur, Dist.: Keonjhar | SE, KRC & BD - 08/2025-26 | 24.07.25 From 10.00 hours | 07.08.2025 Upto 17.00 hours | 08.08.25 at 11.00 hours | 07.08.25 Upto 11.00 hours | O/o. the Superintending Engineering, Kanupur Reh. C & B Division, Basudevpur, Dist.: Keonjhar |

OIPR-46009/11/0003/2526 Sd./- Superintending Engineer, Kanupur Reh. C & B. Division, Basudevpur



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/44, ତା.17.07.2025ରିଖ

(1) ଟେଣ୍ଡର ସଂ. e-Tender-CENTKUR-126-2025, ତା.07.07.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ୁ ମଣ୍ଡଳରେ ... କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 141.20 ଲକ୍ଷ, EMD: ₹ 2,20,600/-

(2) ଟେଣ୍ଡର ସଂ. e-Tender-CENTKUR-128-2025, ତା.07.07.2025ରିଖ

କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 150.76 ଲକ୍ଷ, EMD: ₹ 2,25,400/-

(3) ଟେଣ୍ଡର ସଂ. e-Tender-CENTKUR-150-2025, ତା.08.07.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ୁ ମଣ୍ଡଳରେ ... 473/29-31 ... CT-65 ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 477.19 ଲକ୍ଷ, EMD: ₹ 3,88,600/-

(4) ଟେଣ୍ଡର ସଂ. e-Tender-CENKUR-151-2025, ତା.08.07.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ୁ ମଣ୍ଡଳରେ ... 499/9-11 ... CT-42 ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 422.57 ଲକ୍ଷ, EMD: ₹ 3,61,300/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.07.2025ରିଖ 1500 ଘଣ୍ଟାରେ।

ୱେବସାଇଟ୍ www.ireps.gov.in

ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (କୋ-ଅର୍ଡିନେସନ), ଖୋର୍ଦ୍ଧା ରୋଡ଼ୁ

PR-385/O/Q/25-26



No.gg

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବସାଇଟ https://ssepd.odisha.gov.in/ରେ ଆବେଦନ କରିପାରିବେ।

Sd./-
Director, SS&EPD Department

OIPR-46001/11/0056/2526



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-: pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Rehla Bishrampur/UWSS/25/657 Date: 21/07/2025
Tender ID: -2025_UDD_102783_1 PR No.: 356332

**Corrigendum- 1**

All bidders are hereby announced that Corrigendum- 1 is released for tender having details as mentioned above for the project of **"Rehla & Bishrampur Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.

Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
Project Director (Technical)
JUIDCO Ltd., Ranchi

PR 357857 (Urban Development and Housing) 25-26 (D)



**ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ "ମଧ୍ୟସ୍ଥତା"**

No. CAD-1114: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:

- ପାରିବାରିକ ବିବାଦ
- ମଟର ଦୁର୍ଘଟଣାଜନିତ କ୍ଷତିପୂରଣ
- ଘରୋଇ ହିଂସାଜନିତ ମାମଲା
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ବନ୍ଧୀୟ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ
- ଋଣ ଅସୁଲ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା

ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ନବେଦିନ ବ୍ୟାପୀ ଏକ ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ "ମଧ୍ୟସ୍ଥତା"** ନାମରେ ନାମିତ ହୋଇଛି। ଏହି ଅଭିଯାନ ଆସନ୍ତା ଅକ୍ଟୋବରର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁରହିବ। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଟୋଲ୍‌ଫ୍ରି ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ୯୪୩୭୫୭୫୮୪୬
e-mail ID: oslsa1997@gmail.com

OIPR-18008/11/0019/2526



**NOTICE INVITING BID**
**OFFICE OF THE COMMISSIONER, BERHAMPUR MUNICIPAL CORPORATION**
Address with Phone Nos:
Berhampur Municipal Corporation
Berhampur, Ganjam, PIN:760001, Phone No.0680-2250290
Website: http://www.berhampur.gov.in, E-mail:cpmuberhampur@gmail.com
Bid Reference No.2 Date:22.07.2025

**No.E-248:**Bids are invited from eligible transporters to transport Khushi-Sanitary Napkins from the City Warehouses of Berhampur City to different Govt. Schools under the City as per the details in Annexure I and as per the particulars mentioned below:

| Sl No. | Particulars | Date and Time | |
|---|---|---|---|
| 1. | Date & Time of release of bid | 22.07.2025 | |
| 2. | Date & Time of Pre-Bid Meeting | 05.08.2025, 11 AM | Venue: Conference Hall, Office of the Commissioner, BeMC |
| 3. | Last date & time for submission of bid | 13.08.2025, 17.00 Hours | Office of the Commissioner, BeMC |
| 4. | Date & Time of opening of Bid | 14.08.2025, 11.30 AM | Venue: Conference Hall, Office of the Commissioner, BeMC |

The Bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: http://www.berhampur.gov.in. The Authority reserves the right to cancel the tender or modify any part thereof without assigning any reason.

Sd./- Commissioner
Berhampur Municipal Coporation,
Berhampur

OIPR-10212/11/0005/2526



**TENDER NOTICE**

Sealed quotations from eligible and experienced contractors/ firms are invited for plantation of trees as per the specifications and terms mentioned below:-

2. Scope of Work:
   i. Collection and Transportation of sapling trees (1600 Nos.) from Forest Range Office, Khordha to INS Chilka.
   ii. Preparation of land for plantation of sapling trees including digging, filling with manure/vermicompost and watering.
   iii. Plantation of 1600 saplings at earmarked area of INS Chilka, P.O.: Chilka, Distt.: Khordha, Odisha - 752037.
3. Interested parties may submit their lowest rate @ per sapling tree as per scope of work including all taxes leviable (if any).
4. Important Dates:
   i. Last date for quotation submission: 28.07.2025
   ii. Address for submission: Defence Estates Office, Odisha Circle, 163, Prachi Enclave, Chandrasekharpur, Bhubaneswar - 751016.
5. For detail terms & condition & any further information or site visit, please contact Defence Estates Office, Odisha Circle, Plot No. 163, Prachi Enclave, Chandrasekharpur, Bhubaneswar - 751016, E-mail: deobhub-stats@nic.in.

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ଆଠଗଡ଼,୨୧।୭(ସତ୍ୟ ପ୍ରସାଦ ରଥ)

ଆଠଗଡ ଏନ୍ଏସି ଅନ୍ତର୍ଗତ ରଥଗଡା ଅଞ୍ଚଳର ନିଖୋଜ ଯୁବକଙ୍କ ମୃତଦେହ ସୋମବାର ଜବତ ହୋଇଛି। ସେ ହେଲେ ବସନ୍ତ କୁମାର ରାଉତ ଓରଫ କୁନା। ତିନି ଦିନ ତଳେ କୁନା ଆଠଗଡ ସାପୁଆ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ମାତ୍ର ଆଉ ନ ଫେରି ନିଖୋଜ ହୋଇଯାଇଥିଲେ। ରାଜନଗର ପଞ୍ଚାୟତ ଦେଇ ପ୍ରବାହିତ ଏହି ସାପୁଆ ନଦୀରେ ସୋମବାର ମୃତଦେହ ଭାସୁଥିବା ସୂଚନା ପାଇ ଆଠଗଡ ଦମକଳ ବାହିନୀ ପହଞ୍ଚି କୁନାଙ୍କ ମୃତଦେହ ଜବତ କରିଥିଲା। ପରେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଠଗଡ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ନିଖୋଜ ନାବାଳିକା ଢେଙ୍କାନାଳରୁ ଉଦ୍ଧାର

ଟିଗିରିଆ,୨୧।୭(ଜାଫର ଖାଁ)

ଟିଗିରିଆ ଥାନା ଅଞ୍ଚଳରୁ ଜଣେ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ସୋମବାର ଢେଙ୍କାନାଳ ଜିଲ୍ଲାରୁ ଉଦ୍ଧାର କରିଛି ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଉକ୍ତ ନାବାଳିକାଙ୍କ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଏନେଇ ସେ ସମ୍ପୃକ୍ତ ଯୁବକଙ୍କ ସହ ଢେଙ୍କାନାଳ ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ରହୁଥିଲେ। ଆଇଆଇସି ପାଇକରାୟ ଏ ସମ୍ପର୍କରେ ସୂଚନାପାଇ ଏସ୍ଆଇ ପ୍ରିୟଦର୍ଶିନୀ ଛତ୍ରିଆ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଏନେଇ ଟିଗିରିଆ ଥାନାରେ ମାମଲା (ନଂ. ୧୧୧/୨୦୨୫)ରୁଜୁ ହୋଇଛି।

### ଯୁବତୀଙ୍କ ଭିଡିଓ ଭାଇରାଲ: ଯୁବକ ଗିରଫ

ଟିଗିରିଆ,୨୧।୭(ଜାଫର ଖାଁ) ଟିଗିରିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମାଣିଆବନ୍ଧ ଥାନା ଅନ୍ତର୍ଗତ ବୀରବରପୁର ଗ୍ରାମର ଗୋକୁଳି ଚନ୍ଦ୍ର ସିଂହ (୨୭)। ଗୋକୁଳିଙ୍କ ସହ ସମ୍ପୃକ୍ତା ଯୁବତୀଙ୍କ ୫ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ସମ୍ପୃକ୍ତା ଯୁବତୀଙ୍କୁ ଗୋକୁଳି ବିବାହ କରିବା ପାଇଁ କହିଥିଲେ। ମାତ୍ର ଯୁବତୀ ଜଣକ ବିବାହ ପାଇଁ ରାଜି ନ ହେବାରୁ ଅଭିଯୁକ୍ତ ଗୋକୁଳି ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଦେଇଥିଲେ। ସମ୍ପୃକ୍ତା ଯୁବତୀ ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୩୭/୨୫) ରୁଜୁ କରିଛି।

# ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର, ଅଭିଭାବକ

- ଛାତ୍ରଙ୍କୁ ମାଡ ମାରି ଶିକ୍ଷୟିତ୍ରୀ ଜେଲ୍ ଯିବା ଘଟଣାକୁ ବିରୋଧ
- କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର ଦାବି

ନିଶ୍ଚିନ୍ତକୋଇଲି,୨୧।୭(ଅଶୋକ କୁମାର ମହାପାତ୍ର):



କଟିକଟା–ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିବା ଅଭିଭାବକ, ଛାତ୍ରୀଛାତ୍ର।

ନିଶ୍ଚିନ୍ତକୋଇଲି ବ୍ଲକ ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଣିଜଙ୍ଗାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟିଙ୍କୁ କିଶନନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାର ପ୍ରତିବାଦରେ ସୋମବାର ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ କଟିକଟା–ଜୟପୁର ପୂର୍ତ୍ତ ବିଭାଗ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୬ ଦିନ ତଳେ ଏହି ବିଦ୍ୟାଳୟର ଜଣେ ଛାତ୍ରକୁ ୪ ଜଣ ସହପାଠୀ ଶ୍ରେଣୀକକ୍ଷରେ ତାଲା ପକାଇ ପଳାଇଯାଇଥିଲେ। ସମ୍ପୃକ୍ତ ଛାତ୍ରଙ୍କ ପାଟି ଶୁଣି ଶିକ୍ଷୟିତ୍ରୀ ତନୁପ୍ରିୟା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତେବେ ଏହି ୪ଜଣ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ତନୁପ୍ରିୟା ତାଗିତ କରିବା ସହ ଅଷ୍ଟମ ଶ୍ରେଣୀର ଛାତ୍ର ରାହୁଲ ସେଠୀଙ୍କୁ ମାଡ଼ ମାରିଥିଲେ। ଏସମ୍ପର୍କରେ ରାହୁଲଙ୍କ ବାପା ପ୍ରଶାନ୍ତ କୁମାର ସେଠୀ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କିଶନନଗର ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଶିକ୍ଷୟିତ୍ରୀ ତନୁପ୍ରିୟା କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ସର୍କଲ ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏହି ଅଭିଯୋଗରେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ବିଇଓ ସଂଯୁକ୍ତା ମହାପାତ୍ର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପୋଲିସ ଓ ବିଇଓଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ଛାତ୍ରୀଛାତ୍ର ଓ ଅଭିଭାବକ ସହଜରେ ଗ୍ରହଣ କରିପାରିନଥିଲେ। ଏହାର ପ୍ରତିବାଦ ସ୍ୱରୂପ ରାସ୍ତା ଅବରୋଧ କରି କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହୃତ କରିବାକୁ ଦାବି କରିଥିଲେ। ଫଳରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାହାର କରିବାପାଇଁ ଦାବି କରାଯାଇଥିଲା। ତେବେ ଘଟଣାସ୍ଥଳରେ କିଶନନଗର ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝା ଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି।

# ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବନ୍ଦ

**ଶବରସାହିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା ପ୍ରସଙ୍ଗ**

ବାଙ୍କୀ, ୨୧।୭( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ–ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶବର ସାହିସ୍ଥିତଅଙ୍ଗନୱାଡ଼ି କେନ୍ଦ୍ରରେ ମନମୁଖି କାର୍ଯ୍ୟ ଓ ଅନିୟମିତତା ପ୍ରସଙ୍ଗରେ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଡମପଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସିଡିପିଓ ଅଯୋଧ୍ୟା ଧରୁଆ ଓ ସୁପରଭାଇଜର ଫୁଲରାଣୀ ବେହେରା ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରିବା ସହ କାର୍ଯ୍ୟରେ ଅବହେଳା ଅଭିଯୋଗ ମୁତାବକ ଅଙ୍ଗନୱାଡି କର୍ମୀ ବିଷ୍ଣୁପ୍ରିୟା ସ୍ୱାଇଁଙ୍କ ଦରମା ବନ୍ଦ କରିଛନ୍ତି। ଏହି ଅବସରରେ ସ୍ୱାଇଁ ନିୟମିତ କେନ୍ଦ୍ର ଖୋଲିବା, ପୁଷ୍ଟିକର ଖାଦ୍ୟ ଦେବା, କେନ୍ଦ୍ର ସମ୍ମୁଖ ପରିଷ୍କାର ପରିଚ୍ଛନ୍ନ ରଖିବା ଆଦି କାର୍ଯ୍ୟ ସୂଚାରୁ ରୂପେ କରିବେ ବୋଲି ଲିଖିତଭାବେ ଜଣାଇଛନ୍ତି।

ସୂଚନାଯୋଗ୍ୟ,ଏହି ଅଙ୍ଗନୱାଡି କେନ୍ଦ୍ରକୁ ଅଙ୍ଗନୱାଡ଼ି କର୍ମୀ ଅଧିକାଂଶ ଦିନ ସମୟ ଅନୁସାରେ ଆସୁନାହାନ୍ତି। ଫଳରେ କୁନିପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। କୁନି ପିଲାଙ୍କୁ ପୋକ ସାଲୁବାଲୁ ଚାଉଳରେ ରୋଷେଇ କରି ଦିଆଯାଉଛି। ସେମାନଙ୍କ ପାଇଁ ସରକାର ପୁଷ୍ଟିକର ଖାଦ୍ୟ ଓ ସକାଳ ଟିଫିନ୍ ଯୋଗାଇ ଦେଉଥିବାବେଳେ ଏହି କେନ୍ଦ୍ରରେ ଛାତ୍ରୀଛାତ୍ରମାନଙ୍କୁ ଟିଫିନ୍ ଦିଆଯାଉନାହିଁ। କେନ୍ଦ୍ରରେ ୧୮ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଥିବାବେଳେ ମାତ୍ର ୬/୭ ପିଲା ଆସୁଛନ୍ତି। ଅବଶିଷ୍ଟ ପିଲାଙ୍କ ନାମରେ ଅର୍ଥ ହଡ଼ପ କରାଯାଉଛି। କେନ୍ଦ୍ର ସମ୍ମୁଖରେ ଅପରିଷ୍କାର ଓ ଅଳିଆ ଆବର୍ଜନା ରହୁଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ଏନେଇ ଅଭିଭାବକ ଓ ସ୍ଥାନୀୟ ଲୋକେ ଜୁଲାଇ ୧୯ରେ ହୋ ହଲ୍ଲା କରିଥିଲେ। ଏ ସମ୍ପର୍କିତ ଖବର ଜୁଲାଇ ୨୦ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ବାଙ୍କୀ, ୨୧।୭(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

**ଆନ୍ଦୋଳନ ଚେତାବନୀ**

- ଉପଜିଲାପାଳଙ୍କ ଜରିଆରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତରେ ତତ୍କାଳୀନ କାର୍ଯ୍ୟରତ ଏଡିଓ ନିଜ କ୍ଷମତାର ଅପବ୍ୟବହାର କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି କରିଥିବା ଅଭିଯୋଗରେ ସୋମବାର ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅଭିଯୋଗକାରୀ ଦାବିପତ୍ର ପ୍ରଦାନ କରାଯାଇଛି। ୨୪ ଘଣ୍ଟା ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବାଉଁଶପୁଟ ଗ୍ରାମର ବାସିନ୍ଦା ତଥା ତତ୍କାଳୀନ ଏଡିଇଓ ତାଙ୍କ ମା'ଙ୍କ ନାମରେ ରେଜିଷ୍ଟ୍ରେଶନ ନଂ. ଓଆର୍ ୧୫୩୧୯୮୧୦୯ରେ ଗୃହ ନିର୍ମାଣ ନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ଥ ହଡ଼ପ କରିଥିଲେ। ଏ ସମ୍ପର୍କରେ ପୂର୍ବରୁ ବାଙ୍କୀ ବିଡିଓ, ଉପଜିଲାପାଳ, ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଥିସହ ୨୦୨୫ ମେ' ୩ରେ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏନେଇ ମନୋଜ କୁମାର ପଣ୍ଡା, ବିଶ୍ୱରଞ୍ଜନ ପଣ୍ଡା, ପବିତ୍ର ମୋହନ ରାଉତ, ନରେଶ କୁମାର ସାହୁ, ଆନନ୍ଦ ରାଉତ, ଜିଲୁ ପରିଡ଼ା, ନରେଶ ଦଳେଇ, ସନ୍ତୋଷ ମନ୍ତ୍ରୀ, ସୂର୍ଯ୍ୟମଣି ସେଠୀ, ଯୁବ କଂଗ୍ରେସ ସଭାପତି ରାକେଶ ବେହେରା, ସୁବାସ ପ୍ରଧାନ, ପିଣ୍ଟୁ ସେନାପତି ପ୍ରମୁଖ ବାଙ୍କୀ ଉପ ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଦୁର୍ନୀତିଗ୍ରସ୍ତ ଏଡିଇଓଙ୍କ ଉପରେ କୌଣସି ପ୍ରକାର ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରି ବାଙ୍କୀ ପରିବର୍ତ୍ତେ ସମ୍ପ୍ରତି ଆଠଗଡ଼ ବ୍ଲକକୁ ବଦଳି କରିଦିଆଯାଇଛି ବୋଲ ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ।

## ତାଲା ଭାଙ୍ଗି ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର ଚୋରି

ନିଶ୍ଚିନ୍ତକୋଇଲି,୨୧।୭(ଅଶୋକ କୁମାର ମହାପାତ୍ର):ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କେଷ୍ଟାଲୋ ଗ୍ରାମରେ ଦୁର୍ବୃତ୍ତମାନେ ରବିବାର ରାତିରେ ଘର ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଛନ୍ତି। ଏହି ଗ୍ରାମର ଅଶୋକ କୁମାର ନାୟକଙ୍କ ପରିବାର ସଦସ୍ୟ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ପଶି ଗଡ୍ରେଜ ଭାଙ୍ଗିବା ସହ ସୁନାମୁଦି, ମଙ୍ଗଳସୂତ୍ର, ସୁନାଚେନ, ମୋବାଇଲ, ଓ ପ୍ରିଣ୍ଟର ସମେତ ନଗଦ ୧୨ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଅଶୋକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରିଛନ୍ତି। ଏସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ସୁଦର୍ଶନପୁର ଗ୍ରାମରୁ ଚୋରି ଘଟଣା: ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଟିଗିରିଆ,୨୧।୭(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ସୁଦର୍ଶନପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ସୋମବାର ସ୍ଥାନୀୟ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପୁରୁଲିଆ ଦିଦାରୁବସ୍ତି ଅଞ୍ଚଳର ରାଜା କୁମାର ମୋଦି (୫୫), ସ୍ତ୍ରୀ ମୁମତାଜ ମୋଦି ଓ ପୁତ୍ର ବାଙ୍ଗାଲୋର ମୋଦି(୨୨)। ଅଭିଯୁକ୍ତମାନଙ୍କଠାରୁ ମୋଟ ୯୯ ହଜାର ଟଙ୍କା ଉଦ୍ଧାର କରାଯାଇଥିବା ବେଳେ ସେମାନେ ଅନ୍ୟ କୌଣସି ଚୋରିରେ ସମ୍ପୃକ୍ତି ନ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଟିଗିରିଆ ଥାନା ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମର ସ୍ୱର୍ଗତଃ ଦିଗମ୍ବର ପ୍ରଧାନଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ଘର ଗ୍ରୀଲ୍ ତାଡ଼ି ବିଳମ୍ବିତ ରାତିରେ ଭିତରେ ପଶିଥିଲେ। ପଡ଼ୋଶୀ କୌଣସି କାରଣ ପାଇଁ ଉଠିଥିବାବେଳେ ଏବିଷୟରେ ଜାଣି ଅନ୍ୟ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଚୋରକୁ ଧରିବା ସହ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହାପରେ ପୋଲିସ ଅଭିଯୁକ୍ତମାନଙ୍କୁ ପଚାରାଉଚୁରା କରି ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ. ୧୩୫/୨୫) ରୁଜୁ ହୋଇଛି ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଆରସି-ବି ଟଏଲେଟ୍- ତା.-୧୮.୦୭.୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ଦ୍ୱାରା ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । କାର୍ଯ୍ୟର ନାମ: ତିନି ବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଓ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆରଡିଇ ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି) । ଟେଣ୍ଡର ମୂଲ୍ୟ: ₹୨୨,୫୮,୨୨,୦୯୨.୦୬ । ଇଏମ୍‌ଡି: ₹୧୨,୭୯,୧୦୦/– । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦/– (ଅଣ–ଫେରସ୍ତଯୋଗ୍ୟ) । ଟେଣ୍ଡର ବନ୍ଦ ହେବା ତାରିଖ: ୧୪।୦୮।୨୦୨୫, ୧୨.୦୦ ଘଟିକାରେ । (PR-423)

**GOVERNMENT OF ODISHA** No. O-457
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHENKANAL**
E-Mail: eerwdivisiondhenkanal@yahoo.co.in

**e-Procurement Notice No. 03/Building Works/2025-26**

| | | |
|---|---|---|
| 1. | Name of the Work | Building Works |
| 2. | Total No. of Works | 01 (One) Nos. |
| 3. | Estimated Cost | Rs.89.65 lakh (approx.) |
| 4. | Class of Contractor | "B" Class |
| 5. | Period of Completion | 08 (Eight) Months |
| 6. | EMD Required | As mentioned in the Annexure at Column - 04 |
| 7. | Online for Bidding | 23.07.2025 at 11.00 A.M. to 30.07.2025 upto 5.00 P.M. |
| 8. | Last date & time of seeking tender clarification | 29.07.2025 upto 4.00 P.M. |
| 9. | Date & time of openig of tender (Technical & Financial Bid) | 31.07.2025 Technical Bid at 11.00 A.M. and Financial Bid open on Dtd.02.08.25 at 11.00 A.M. |

Other details can be seen from the website http://tendersorissa.gov.in.

Sd./- Superintending Engineer
R.W. Division, Dhenkanal
OIPR-25101/11/0022/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION**
At/P.O.: Basudevpur, Dist.: Keonjhar, PIN - 758047
**e-PROCUREMENT NOTICE**
No. A-
Bid Identification No. SE, KRC & BD - 08/2025-26
Email: eekrcbdbasudevpur@gmail.com

| Sl. No. | Name of Work | Approx. Value of Work (Rs. in Lakh) | E.M.D./Bid Security in Rs. (To be remitted Online) | Cost of Bid Document in Rs. (To be remitted Online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Sanitary facilities to each house at Sankarpur Resettlement Colony for the DPs of Village Dhobakuchuda under KIP" | 55.30 | 55300.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/P.O.: Basudevpur, Dist.: Keonjhar |

| Procurement Officer | Bid Identification No. | Availability of Tender online for Bidding | | Date & time of Opening of Tender (Technical Bid | Last date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C & B Division, Basudevpur, Dist.: Keonjhar | SE, KRC & BD - 08/2025-26 | 24.07.25 From 10.00 hours | 07.08.2025 Upto 17.00 hours | 08.08.25 at 11.00 hours | 07.08.25 Upto 11.00 hours | O/o. the Superintending Engineering, Kanupur Reh. C & B Division, Basudevpur, Dist.: Keonjhar |

OIPR-46009/11/0003/2526
Sd./- Superintending Engineer, Kanupur Reh. C & B. Division, Basudevpur

No.gg

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ https://ssepd.odisha.gov.in/ରେ ଆବେଦନ କରିପାରିବେ ।

Sd./-
Director, SS&EPD Department
OIPR-46001/11/0056/2526

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Rehla Bishrampur/UWSS/25/657 Date: 21/07/2025
Tender ID: -2025_UDD_102783_1 PR No.: 356332

**Corrigendum- 1**

All bidders are hereby announced that Corrigendum- 1 is released for tender having details as mentioned above for the project of **"Rehla & Bishrampur Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.

Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
Project Director (Technical)
JUIDCO Ltd., Ranchi

PR 357857 (Urban Development and Housing) 25-26 (D)

**ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ "ମଧ୍ୟସ୍ଥତା"**

No. CAD-1114: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:

- ପାରିବାରିକ ବିବାଦ
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ମଟର ଦୁର୍ଘଟଣାଜନିତ କ୍ଷତିପୂରଣ
- ରଫାଯୋଗ୍ୟ ଫୌଜଦାରି ମାମଲା
- ଘରୋଇ ହିଂସାଜନିତ ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ
- ଚେକ୍ ବାଉନ୍ସ ମାମଲା
- ଋଣ ଅସୁଲ ମାମଲା
- ଉଚ୍ଛେଦ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ନିଯୁକ୍ତି ସମ୍ପର୍କୀୟ ମାମଲା
- ଭୂ–ଅଧିଗ୍ରହଣଜନିତ ମାମଲା

ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ନବେଦିନ ବ୍ୟାପୀ ଏକ ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ "ମଧ୍ୟସ୍ଥତା"** ନାମରେ ନାମିତ ହୋଇଛି। ଏହି ଅଭିଯାନ ଆସନ୍ତା ଅକ୍ଟୋବରର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁରହିବ। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଆଇନ ସେବା ଭବନ, ସେକ୍ଟର–୧, ସିଡିଏ, କଟକ
ଯୋଗାଯୋଗ: ୯୪୩୮୫୭୮୫୮୬
e-mail ID: oslsa1997@gmail.com
OIPR-18008/11/0019/2526

**NOTICE INVITING BID**
**OFFICE OF THE COMMISSIONER, BERHAMPUR MUNICIPAL CORPORATION**
Address with Phone Nos:
Berhampur Municipal Corporation
Berhampur, Ganjam, PIN:760001, Phone No.0680-2250290
Website: http://www.berhampur.gov.in, e-Mail:cpmuberhampur@gmail.com
Bid Reference No.2 Date:22.07.2025

**No.E-248:** Bids are invited from eligible transporters to transport Khushi-Sanitary Napkins from the City Warehouses of Berhampur City to different Govt. Schools under the City as per the details in Annexure I and as per the particulars mentioned below:

| Sl.No. | Particulars | Date and Time | |
|---|---|---|---|
| 1. | Date & Time of release of bid | 22.07.2025 | |
| 2. | Date & Time of Pre-Bid Meeting | 05.08.2025, 11 AM | Venue: Conference Hall, Office of the Commissioner, BeMC |
| 3. | Last date & time for submission of bid | 13.08.2025, 17.00 Hours | Office of the Commissioner, BeMC |
| 4. | Date & Time of opening of Bid | 14.08.2025, 11.30 AM | Venue: Conference Hall, Office of the Commissioner, BeMC |

The Bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: http://www.berhampur.gov.in. The Authority reserves the right to cancel the tender or modify any part thereof without assigning any reason.

Sd./- Commissioner
Berhampur Municipal Coporation,
Berhampur
OIPR-10212/11/0005/2526

**TENDER NOTICE**

Sealed quotations from eligible and experienced contractors/ firms are invited for plantation of trees as per the specifications and terms mentioned below:-

2. Scope of Work:
   i. Collection and Transportation of sapling trees (1600 Nos.) from Forest Range Office, Khordha to INS Chilka.
   ii. Preparation of land for plantation of sapling trees including digging, filling with manure/vermicompost and watering.
   iii. Plantation of 1600 saplings at earmarked area of INS Chilka, P.O.: Chilka, Distt.: Khordha, Odisha - 752037.
3. Interested parties may submit their lowest rate @ per sapling tree as per scope of work including all taxes leviable (if any).
4. Important Dates:
   i. Last date for quotation submission: 28.07.2025
   ii. Address for submission: Defence Estates Office, Odisha Circle, 163, Prachi Enclave, Chandrasekharpur, Bhubaneswar - 751016.
5. For detail terms & condition & any further information or site visit, please contact Defence Estates Office, Odisha Circle, Plot No. 163, Prachi Enclave, Chandrasekharpur, Bhubaneswar - 751016, E-mail: deobhub-stats@nic.in.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-EI-KYOSAN-480 ତା. : 14.07.2025ରିଖ

**କାର୍ଯ୍ୟର ନାମ :** 36 (ଛତିଶ) ମାସର ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ମାର୍ଶାଘାଇ (MSGR), କଳାଘର (KLGA), ନୂଆଗାଁ (NUGN), ସିଜୁ (SIJU) ଷ୍ଟେସନ ଗୁଡ଼ିକରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹ 1,65,77,870.76, EMD : ₹ 2,32,900/-, ବିଡ୍ ଆରମ୍ଭ ହେବା ତାରିଖ: 22.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.08.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-379/Q/25-26

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/44, ତା.17.07.2025ରିଖ

(1) ଟେଣ୍ଡର ସଂ. e-Tender-CENTKUR-126-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନୁଗୁଳ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 141.20 ଲକ୍ଷ, EMD : ₹ 2,20,600/-

(2) ଟେଣ୍ଡର ସଂ. e-Tender-CENTKUR-128-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାରଙ୍ଗ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 150.76 ଲକ୍ଷ, EMD : ₹ 2,25,400/-

(3) ଟେଣ୍ଡର ସଂ. e-Tender-CENKUR-150-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ତାଳଚେର ଲାଇନରେ ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ କି.ମି. 473/29-31 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଙ୍ଗ ନଂ. CT-65 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା । (ଏୟାର ପୁସିଙ୍ଗ୍ ଟେକ୍‌ନିକ୍ ଦ୍ୱାରା) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 477.19 ଲକ୍ଷ, EMD : ₹ 3,88,600/-

(4) ଟେଣ୍ଡର ସଂ. e-Tender-CENKUR-151-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ତାଳଚେର ଲାଇନରେ ଢେଙ୍କାନାଳ-ସଦାସିବପୁର ଷ୍ଟେସନ ମଧ୍ୟରେ କି.ମି. 499/9-11 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଙ୍ଗ ନଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା । (ଏୟାର ପୁସିଙ୍ଗ୍ ଟେକ୍‌ନିକ୍ ଦ୍ୱାରା) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 422.57 ଲକ୍ଷ, EMD : ₹ 3,61,300/-

ଶେଷ ହେବା ଅବଧି : 10 (ଦଶ) ମାସ (କ୍ରମ ସଂ. 1, 2 ଓ 4 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.07.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-385/Q/25-26

# ନିଶାଗ୍ରସ୍ତ ବ୍ୟକ୍ତି ସମାଜ ପାଇଁ ଏକ ବୋଝ

## ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ 'ନିଶାକୁ ନା' ସଚେତନତା

ସାକ୍ଷୀଗୋପାଳ,୨୧।୭ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ସତ୍ୟବାଦୀ ପରିସରରେ 'ନିଶାକୁ ନା' ଏକ ସଚେତନାଧର୍ମୀ ଆଲୋଚନାଚକ୍ର ବରିଷ୍ଠ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱାସ୍ଥ୍ୟ ସେବା ସଂଘ ଭୁବନେଶ୍ୱରର ଉପସଭାପତି ସ୍ମୃତି ଶେଖର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା, ସାମାଜିକ କର୍ମୀ ନବଘନ ଶତପଥୀ, ଆସ୍ଥାର ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ଭାରତୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ମିଶ୍ର, ବୀରଗୋବିନ୍ଦପୁର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ସମ୍ପ୍ରତି ସମାଜରେ ନିଶାର ପ୍ରଭାବ ଏତେ ବଢ଼ିଯାଇଛି, ଯାହା ପ୍ରତ୍ୟେକ ସମୟରେ କିଛି ନା କିଛି ଛୋଟ ବଡ଼ ଅନେକ ଦୁର୍ଘଟଣାର ଆମେ ସମ୍ମୁଖୀନ ହେଉଛେ। ନିଶାର ସାମାଜିକ ମନ୍ଦ ପ୍ରଭାବକୁ ବିଶ୍ଳେଷଣ କଲେ ନିଶାଗ୍ରସ୍ତ ଯୋଗୁ ଅନେକ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ି ଯିବା ସହ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ଲୋକଙ୍କ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ନିଶାଗ୍ରସ୍ତ ବ୍ୟକ୍ତି ସମାଜ ପାଇଁ ଏକ ବୋଝ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଶାର କୁପ୍ରଭାବ ଉପରେ ସଚେତନ ହେବା ସହ ନିଜ ପରିବାରର ଅନ୍ୟ ସଦସ୍ୟ ଯେଭଳି ଏହାର ଶିକାର ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ମନ୍ଦ ନିଶାର କୁପରିଣତି ଆଧାରିତ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ଛାତ୍ରୀ ଦିବ୍ୟଜ୍ୟୋତି ବରାଳ ଓ ଛାତ୍ର ବିଭୁପ୍ରସାଦଙ୍କ ସମେତ ଅନେକ ଛାତ୍ରୀଛାତ୍ର ନିଶାର କୁପ୍ରଭାବ ଉପରେ ସେମାନଙ୍କ ଉଦ୍‌ବୋଧନ ଦେଇଥିଲେ। ଶେଷରେ ସବୁଜ ବିପ୍ଳବ ନାରା ଦେଇ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।


ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଯୋଗ ଦେଇଥିବା ଅତିଥିମାନେ।

# ବର୍ଷା ଅଭାବରୁ ଧାନଜମି ପଡ଼ିଆରେ ପରିଣତ

କଣାସ,୨୧।୭(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲାର ଭାତହାଣ୍ଡି ଭାବେ ପରିଚିତ କଣାସ ବ୍ଲକର ଧାନଜମି ବର୍ଷା ଅଭାବରୁ ଚିରୁଡ଼ି ବଣରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଅନିୟମିତତା ବର୍ଷା ଯୋଗୁଁ ଚାଷୀମାନେ ଚାଷ କାର୍ଯ୍ୟ କରିପାରିନାହାନ୍ତି। ବର୍ଷା ଅଭାବ ଯୋଗୁଁ ଅନେକ ଚାଷୀ ତଳି ପକାଇପାରି ନ ଥିବା ଜଣାପଡ଼ିଛି। ତତ୍‌ସହିତ ଯେଉଁ ଅଞ୍ଚଳରେ କେନାଲ ରହିଛି, ସେହି କେନାଲଗୁଡ଼ିକରେ ଜଳ ଯୋଗାଇ ଦିଆଯାଉ ନାହିଁ। କେନାଲରେ ଜଳ ଯୋଗାଇଦେଲେ ଅନେକ ଚାଷୀ ତଳି ପକାଇ ପାରନ୍ତେ ବୋଲି ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କହିଛନ୍ତି, ଦିନେ ୨ଦିନ ମଧ୍ୟରେ କଣାସରେ କେନାଲ ଜଳ ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଇଛି। ବିଲ ଶୁଖିଯାଇ ଭୁଣ ଓ ଘାସବୁଦାରେ ପରିଣତ ହୋଇଯାଇଥିବାରୁ ଚାଷୀମାନେ ଚାଷ କରିବା ସମୟରେ ବହୁ କଷ୍ଟ ସହିବାକୁ ପଡ଼ିବ ବୋଲି ଅନେକ ଚାଷୀ କୁହନ୍ତି।


କୋଲକାତାର ରାମ ସରଦ କୋଠାରୀ ସ୍ମୃତି ସଂଗଠନ ପକ୍ଷରୁ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ରାମ ସରଦ କୋଠାରୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି ।

# ଜିନିଷ ଛଡ଼ାଇବା ସହ ଦୁର୍ବ୍ୟବହାର କଲେ

## କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହ ବଳପୂର୍ବକ ଦୋକାନରୁ ଜିନିଷ ଉଠାଇନେବାକୁ ଚେଷ୍ଟା ସହ ଦୁର୍ବ୍ୟବହାର କରିବା ନେଇ ଦୋକାନୀ ପ୍ରଦୀପ କୁମାର ନାୟକ ପୌରସଂସ୍ଥାର କର୍ମଚାରୀଙ୍କ ବିରୋଧରେ ସିଂହଦ୍ୱାର ଥାନରେ ଅଭିଯୋଗ କରିଛନ୍ତି। ନାୟକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗତ ୧୯ ତାରିଖ ଅପରାହ୍ନ ସେ ଓ ତାଙ୍କ ବଡ଼ଭାଇ ପ୍ରମୋଦ କୁମାର ନାୟକ ହାଇକୋର୍ଟଙ୍କ ଆଦେଶ ଅନୁସାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ପିଣ୍ଡି ଉପରେ ଛତା ବାନ୍ଧି ଦୋକାନ କରୁଥିଲେ। ଏହି ସମୟରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ଆସି ବଳପୂର୍ବକ ଦୋକାନରୁ ଜିନିଷ ଉଠାଇ ନେବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର କପି ଦେଖାଇବା ସହ ଏନେଇ ପୂର୍ବରୁ ପୌରସଂସ୍ଥାକୁ କପି ପ୍ରଦାନ କରିଥିବା ସୂଚନା ଦେଇଥିଲୁ। କର୍ମଚାରୀ ସନ୍ତୋଷ ବେହେରା ଗାଳି ଗୁଲଜ କରିବା ସହ ଧମକ ମଧ୍ୟ ଦେଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଘଟଣାକୁ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାୟକ ଦାବି କରିଛନ୍ତି।

# ପ୍ରତିବାଦରେ ଜିଲାପାଳ ଅଫିସ ଘେରାଉ

## ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା

ପୁରୀ, ୨୧।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଉତ୍କଳ ମହିଳା ସମିତି, ଗଣତାନ୍ତ୍ରିକ ମହିଳା ସମିତି, ସିପିଆଇ ଓ ସିପିଏମ୍ ପକ୍ଷରୁ ସୋମବାର ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଗତ ୧୪ ମାସର ଭାଜପା ସରକାର ଶାସନରେ ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗର ବିଷୟ। ମହିଳା ଓ ଛାତ୍ରୀ ଅସୁରକ୍ଷିତ। କେଉଁଠି ଗଣବଳାତ୍କାର ତ ଅନ୍ୟକେଉଁଠି ନିର୍ଯାତନା ଆଉ ହତ୍ୟା, ଯାହା ଚିନ୍ତାଜନକ ଏବଂ ନିନ୍ଦନୀୟ। ରାଜ୍ୟରେ ମହିଳା ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନର ଆବଶ୍ୟକତା ରହିଛି। ଫକୀର ମୋହନ କଲେଜ ଘଟଣା ପରେ ବଳଙ୍ଗା ଛାତ୍ରୀଙ୍କୁ ଦିବାଲୋକରେ ଦୁର୍ବୃତ୍ତମାନେ ଜାଳିଦେବା ଘଟଣା ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଘଟିଛି। ସରକାର ଶାସନ କ୍ଷମତାରେ ରହିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି। ଏହି ପରିପ୍ରେକ୍ଷୀରେ ବଳଙ୍ଗା ପୀଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା, ମହିଳା ଟାସ୍କଫୋର୍ସ ଗଠନ, ଛାତ୍ରୀଙ୍କୁ ପୋଡ଼ି ଘଟଣାର ଦୋଷୀଙ୍କୁ ତୁରନ୍ତ ଗିରଫକରି ଫାଷ୍ଟଟ୍ରାକ୍ କୋର୍ଟ ଦ୍ୱାରା ତୁରନ୍ତ ଦଣ୍ଡବିଧାନ କରାଯାଉ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାରେ ଉତ୍କଳ ମହିଳା ସମିତି ଜିଲା ସଭାନେତ୍ରୀ ବିଦ୍ୟୁଲତା ପୃଷ୍ଟି, ଗଣତାନ୍ତ୍ରିକ ମହିଳା ସମିତି ନେତ୍ରୀ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧି, ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ସହସମ୍ପାଦକ ହରିହର ସେନାପତି, ଜିଲା ନେତା ପ୍ରଦୀପ୍ତ ମହାନ୍ତି, ଦେବେନ୍ଦ୍ର ସାହୁ, ଡ. ପ୍ରଫୁଲ୍ଲ ମହାପାତ୍ର, ସିପିଏମ୍ ଜିଲା ସମ୍ପାଦକ ଜଗନ୍ନାଥ ଦେଓ, ସହର ସମ୍ପାଦକ ସୁରେନ୍ଦ୍ର ଜେନା, ଶରତ ରାୟଗୁରୁ, ଭୀମସେନ ସ୍ୱାଇଁ, ଗୁନା ନାୟକ, ପୀତବାସ ବେହେରା, ସାମାଜିକ କର୍ମୀ ପବିତ୍ର ମୋହନ ଦଳାଇ, ସୁରେନ୍ଦ୍ର ତାପସ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ନିର୍ଯାତନା ରୋକିବାକୁ ଆହ୍ୱାନ

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ

ଚାରିଛକ,୨୧।୭ (ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଉତ୍ସବ ମହାବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ମହୋତ୍ସବ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷା ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'କନ୍ୟା ଅନମୋଲ ହେ'ର ପ୍ରତିଷ୍ଠାତା ସରୋଜ କୁମାର ଦାଶ ଯୋଗଦେଇ ନାରୀ ଜାଗରଣ, ନାରୀ ସଶକ୍ତୀକରଣ, ନାରୀ ନିର୍ଯାତନାକୁ ରୋକିବାକୁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାକ୍ ପରାମର୍ଶଦାତା ଦିଲୀପ ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଇଂଲିଶ ବିଭାଗ ମୁଖ୍ୟ କାନନବାଳା ନନ୍ଦ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମେଜର୍ ପୁଷ୍ପଲତା ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶର୍ମିଷ୍ଠାରାଣୀ ମହାନ୍ତି ମାନପତ୍ର ପାଠ କରିଥିବା ବେଳେ ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ମଞ୍ଚ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ ।

# ଜମ୍ବେଶ୍ୱର ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

ପୁରୀ,୨୧।୭ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଶ୍ରୀକ୍ଷେତ୍ର ପଞ୍ଚମହାଦେବଙ୍କ ମଧ୍ୟରେ ଅଗ୍ରଜ ଭାବେ ପରିଚିତ ଜମ୍ବେଶ୍ୱର ମନ୍ଦିରରେ ଏକ ଅଘଟଣ ଦେଖିବାକୁ ମିଳିଛି। ମନ୍ଦିରରେ ଥିବା କୂଅ ଭିତରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ମୃତ ସେବାୟତ ଜଣଙ୍କ ହେଲେ ଝାଡୁ ପଣ୍ଡା।

ସୂଚନାଯୋଗ୍ୟ, ସେବାୟତ ଝାଡୁ ପଣ୍ଡା ଠାକୁରଙ୍କ ନୀତି ପାଇଁ ପାଣି କାଢୁଥିଲେ। ଏହି ସମୟରେ ହଠାତ୍ ସେ କୂଅରେ ପଡ଼ିଯାଇଥିଲେ। ଏନେଇ କିଛି ସେବାୟତ ଦେଖିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ସେବାୟତଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ବି ଟଏଲେଟ୍- ତା.-୧୮.୦୭.୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ଦ୍ୱାରା ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଓ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆର୍‌ଡିଇ ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ:** ₹୨୨,୫୮,୨୨,୦୯୨.୦୬ । **ଇଏମ୍‌ଡି:** ₹୧୨,୭୯,୧୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/– (ଅଣ-ଫେରସ୍ତଯୋଗ୍ୟ) । **ଟେଣ୍ଡର ବନ୍ଦ ହେବା ତାରିଖ:** ୧୪।୦୮।୨୦୨୫, ୧୨.୦୦ ଘଟିକାରେ । (PR-423)

---

GOVERNMENT OF ODISHA No. O-457

**OFFICE OF THE SUPERINTENDING ENGINEER RURAL WORKS DIVISION, DHENKANAL**

E-Mail: eerwdivisiondhenkanal@yahoo.co.in

**e-Procurement Notice No. 03/Building Works/2025-26**

1. Name of the Work : Building Works
2. Total No. of Works : 01 (One) Nos.
3. Estimated Cost : Rs.89.65 lakh (approx.)
4. Class of Contractor : "B" Class
5. Period of Completion : 08 (Eight) Months
6. EMD Required : As mentioned in the Annexure at Column - 04
7. Online for Bidding : 23.07.2025 at 11.00 A.M. to 30.07.2025 upto 5.00 P.M.
8. Last date & time of seeking tender clarification : 29.07.2025 upto 4.00 P.M.
9. Date & time of openig of tender: (Technical & Financial Bid) 31.07.2025 Technical Bid at 11.00 A.M. and Financial Bid open on Dtd.02.08.25 at 11.00 A.M.

Other details can be seen from the website http://tendersorissa.gov.in.

OIPR-25101/11/0022/2526 Sd./- Superintending Engineer R.W. Division, Dhenkanal

---

GOVERNMENT OF ODISHA

**OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION**

At/P.O.: Basudevpur, Dist.: Keonjhar, PIN - 758047

**e-PROCUREMENT NOTICE**

No. A- Bid Identification No. SE, KRC & BD - 08/2025-26

Email: eekrcbdbasudevpur@gmail.com

| Sl. No. | Name of Work | Approx. Value of Work (Rs. in Lakh) | E.M.D./Bid Security in Rs. (To be remitted Online) | Cost of Bid Document in Rs. (To be remitted Online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Sanitary facilities to each house at Sankarpur Resettlement Colony for the DPs of Village Dhobakuchuda under KIP" | 55.30 | 55300.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/P.O.: Basudevpur, Dist.: Keonjhar |

| Procurement Officer | Bid Identification No. | Availability of Tender online for Bidding From | To | Date & time of Opening of Tender (Technical Bid | Last date of seeking clarification | Place of Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C & B Division, Basudevpur, Dist.: Keonjhar | SE, KRC & BD - 08/2025-26 | 24.07.25 From 10.00 hours | 07.08.2025 Upto 17.00 hours | 08.08.25 at 11.00 hours | 07.08.25 Upto 11.00 hours | O/o. the Superintending Engineering, Kanupur Reh. C & B Division, Basudevpur, Dist.: Keonjhar |

OIPR-46009/11/0003/2526 Sd./- Superintending Engineer, Kanupur Reh. C & B. Division, Basudevpur

---

No.gg

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ https://ssepd.odisha.gov.in/ରେ ଆବେଦନ କରିପାରିବେ ।

OIPR-46001/11/0056/2526 Sd./- Director, SS&EPD Department

---

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Rehla Bishrampur/UWSS/25/657 Date: 21/07/2025
Tender ID: -2025_UDD_102783_1 PR No.: 356332

**Corrigendum- 1**

All bidders are hereby announced that Corrigendum- 1 is released for tender having details as mentioned above for the project of **"Rehla & Bishrampur Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.

Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
Project Director (Technical)
JUIDCO Ltd., Ranchi

PR 357857 (Urban Development and Housing) 25-26 (D)

---

**NOTICE INVITING BID**
**OFFICE OF THE COMMISSIONER, BERHAMPUR MUNICIPAL CORPORATION**
Address with Phone Nos:
Berhampur Municipal Corporation
Berhampur, Ganjam, PIN:760001, Phone No.0680-2250290
Website: http://www.berhampur.gov.in, e-Mail:cpmuberhampur@gmail.com

Bid Reference No.2 Date:22.07.2025

**No.E-248:**Bids are invited from eligible transporters to transport Khushi-Sanitary Napkins from the City Warehouses of Berhampur City to different Govt. Schools under the City as per the details in Annexure I and as per the particulars mentioned below:

| Sl.No. | Particulars | Date and Time | |
|---|---|---|---|
| 1. | Date & Time of release of bid | 22.07.2025 | |
| 2. | Date & Time of Pre-Bid Meeting | 05.08.2025, 11 AM | Venue: Conference Hall, Office of the Commissioner, BeMC |
| 3. | Last date & time for submission of bid | 13.08.2025, 17.00 Hours | Office of the Commissioner, BeMC |
| 4. | Date & Time of opening of Bid | 14.08.2025, 11.30 AM | Venue: Conference Hall, Office of the Commissioner, BeMC |

The Bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: http://www.berhampur.gov.in. The Authority reserves the right to cancel the tender or modify any part thereof without assigning any reason.

Sd./- Commissioner
Berhampur Municipal Coporation, Berhampur

OIPR-10212/11/0005/2526

---

**TENDER NOTICE**

Sealed quotations from eligible and experienced contractors/ firms are invited for plantation of trees as per the specifications and terms mentioned below:-

2. Scope of Work:
   i. Collection and Transportation of sapling trees (1600 Nos.) from Forest Range Office, Khordha to INS Chilka.
   ii. Preparation of land for plantation of sapling trees including digging, filling with manure/vermicompost and watering.
   iii. Plantation of 1600 saplings at earmarked area of INS Chilka, P.O.: Chilka, Distt.: Khordha, Odisha - 752037.
3. Interested parties may submit their lowest rate @ per sapling tree as per scope of work including all taxes leviable (if any).
4. Important Dates:
   i. Last date for quotation submission: 28.07.2025
   ii. Address for submission: Defence Estates Office, Odisha Circle, 163, Prachi Enclave, Chandrasekharpur, Bhubaneswar - 751016.
5. For detail terms & condition & any further information or site visit, please contact Defence Estates Office, Odisha Circle, Plot No. 163, Prachi Enclave, Chandrasekharpur, Bhubaneswar - 751016, E-mail: deobhub-stats@nic.in.

---

**ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ "ମଧ୍ୟସ୍ଥତା"**

No. CAD-1114: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:

- ପାରିବାରିକ ବିବାଦ
- ମଟର ଦୁର୍ଘଟଣାଜନିତ କ୍ଷତିପୂରଣ
- ଘରୋଇ ହିଂସାଜନିତ ମାମଲା
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ପର୍କୀୟ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ
- ଋଣ ଅସୁଲ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା

ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ନବେଦିନ ବ୍ୟାପୀ ଏକ ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ "ମଧ୍ୟସ୍ଥତା"** ନାମରେ ନାମିତ ହୋଇଛି। ଏହି ଅଭିଯାନ ଆସନ୍ତା ଅକ୍ଟୋବରର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁରହିବ। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ୯୪୩୮୫୭୮୫୮୬
e-mail ID: oslsa1997@gmail.com

OIPR-18008/11/0019/2526

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-EI-KYOSAN-480 ତା. : 14.07.2025ରିଖ

**କାର୍ଯ୍ୟର ନାମ :** 36 (ଛତିଶ) ମାସର ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ମାର୍ଶାଘାଇ (MSGR), କଳାଘର (KLGA), ନୂଆଗାଁ (NUGN), ସିଜୁ (SIJU) ଷ୍ଟେସନ ଗୁଡ଼ିକରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹ 1,65,77,870.76, EMD : ₹ 2,32,900/-, ବିଡ୍ ଆରମ୍ଭ ହେବା ତାରିଖ: 22.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.08.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-379/Q/25-26

---

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/44, ତା.17.07.2025ରିଖ

(1) ଟେଣ୍ଡର ସଂ. e-Tender-CENTKUR-126-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅନୁଗୁଳ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 141.20 ଲକ୍ଷ, EMD : ₹ 2,20,600/-

(2) ଟେଣ୍ଡର ସଂ. e-Tender-CENTKUR-128-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାରଙ୍ଗ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 150.76 ଲକ୍ଷ, EMD : ₹ 2,25,400/-

(3) ଟେଣ୍ଡର ସଂ. e-Tender-CENKUR-150-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ତାଳଚେର ଲାଇନରେ ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ କି.ମି. 473/29-31 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଙ୍ଗ ନଂ. CT-65 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା । (ଏୟାର ପୁସିଙ୍ଗ୍ ଟେକ୍‌ନିକ୍ ଦ୍ୱାରା) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 477.19 ଲକ୍ଷ, EMD : ₹ 3,88,600/-

(4) ଟେଣ୍ଡର ସଂ. e-Tender-CENKUR-151-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ତାଳଚେର ଲାଇନରେ ଢେଙ୍କାନାଳ-ସଦାସିବପୁର ଷ୍ଟେସନ ମଧ୍ୟରେ କି.ମି. 499/9-11 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଙ୍ଗ ନଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା । (ଏୟାର ପୁସିଙ୍ଗ୍ ଟେକ୍‌ନିକ୍ ଦ୍ୱାରା) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 422.57 ଲକ୍ଷ, EMD : ₹ 3,61,300/-

ଶେଷ ହେବା ଅବଧି : 10 (ଦଶ) ମାସ (କ୍ରମ ସଂ. 1, 2 ଓ 4 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.07.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-385/Q/25-26

# ଏନ୍‌ସିଇଆର୍‌ଟି ପୁସ୍ତକରୁ ପାଇକ ବିଦ୍ରୋହ ବାଦ୍ ନିନ୍ଦନୀୟ

**ଖୋର୍ଦ୍ଧା,୨୧।୭**
**(ପ୍ରଭାତ ପାଣିଗ୍ରାହୀ)**

କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନ ନ୍ୟାଶନାଲ କାଉନ୍‌ସିଲ ଅଫ ଏଜୁକେଶନ ଆଣ୍ଡ ରିସର୍ଚ୍ଚ(ଏନ୍‌ସିଇଆର୍‌ଟି)ର ସଦ୍ୟ ପ୍ରକାଶିତ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ 'ଏକ୍ସପ୍ଲୋରିଂ ସୋସାଇଟି ଇଣ୍ଡିଆ ଆଣ୍ଡ ବିୟଣ୍ଡ' ପୁସ୍ତକର ଦ କଲୋନିଆଲ ଏରା ଇନ୍ ଇଣ୍ଡିଆ ଚାପ୍ଟରରେ ଓଡ଼ିଶାର ପାଇକ ବିଦ୍ରୋହ ବାଦ୍ ପଡ଼ିଛି। ୨୦୧୭ରେ ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରଚଳିତ ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ(ଇତିହାସ) ପୁସ୍ତକରେ ବ୍ରିଟିଶ ବିରୋଧରେ ପାଇକ ବୀରମାନେ ରଣହୁଙ୍କାର ଦେଇଥିଲେ। ଖୋର୍ଦ୍ଧାରୁ ଆରମ୍ଭ ହୋଇଥିବା ଏହି ଗଣ ବିପ୍ଳବ ପାଇକ ବିଦ୍ରୋହ ଭାବେ ପରିଚିତ। ବ୍ରିଟିଶ ବିରୋଧରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଭାବେ ସ୍ଥାନ ପାଇଥିବାବେଳେ ଏବେ ସଦ୍ୟପ୍ରକାଶିତ ପୁସ୍ତକରେ ଓଡ଼ିଶାର ପାଇକ ବିଦ୍ରୋଦ ବାଦ୍ ପଡ଼ିଛି।

ଏହି ଘଟଣା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ବିଭିନ୍ନ ପାଇକ ସଙ୍ଗଠନ, ଐତିହାସିକ, ଗବେଷକ, ବୁଦ୍ଧିଜୀବୀ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ କଥା ମନେପଡ଼ିଲେ, ପ୍ରତ୍ୟେକ ଓଡ଼ିଆଙ୍କ ମନରେ ପାଇକ ବିଦ୍ରୋହର ଛବି ଆପେ ଆସିଯାଇଥାଏ। ପ୍ରତ୍ୟେକ ଓଡ଼ିଆ ଦେହରେ ସେହି ବୀରତ୍ୱ ଗାଥା ଶିହରଣ ଖେଳିଯାଏ। ବ୍ରିଟିଶ ଜାତିକୁ ଥରହର କରି ଦେଇଥିବା ଏହି ପାଇକ ବିଦ୍ରୋହ ମୁକ୍ତି ସଂଗ୍ରାମର ବୀଜରୋପଣ କରିଥିଲା। ୧୮୦୪ରେ ଜୟୀ ରାଜଗୁରୁ ଏବଂ ୧୮୧୭ ପାଇକ ବିଦ୍ରୋହ ଥିଲା ବ୍ରିଟିଶ ସରକାରଙ୍କ ବିରୋଧରେ ସଶକ୍ତ ସଂଗ୍ରାମ। ଗତ ବର୍ଷ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ସଂସଦ ଭବନରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି ଏକ ପ୍ରଶ୍ନର ଉତ୍ତର ରଖିଥିଲେ। ଏହାକୁ ନେଇ ତତ୍କାଳୀନ ବିଜେଡି ସରକାର ଏବଂ କେନ୍ଦ୍ର ଭାଜପା ସରକାର ମୁହାଁମୁହିଁ ହୋଇଥିଲେ। ପୂର୍ବ ସରକାର ବିଧାନସଭାରେ ଶ୍ୱେତପତ୍ର ମଧ୍ୟ ଜାରି କରିଥିଲେ। ବିଭିନ୍ନ ପାଇକ ସଙ୍ଗଠନ ସେହି ସମୟରେ ଏହାର ତୀବ୍ର ବିରୋଧ ମଧ୍ୟ କରିଥିଲେ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ ତୃଣମୂଳସ୍ତରରେ ଦାବି ହୋଇ ଆସୁଥିବାବେଳେ ଏବେ ଏନ୍‌ସିଇଆର୍‌ଟି ପୁସ୍ତକରୁ ପାଇକ ବିଦ୍ରୋହ ପାଠ୍ୟକ୍ରମକୁ ବାଦ୍‌ଦେବା ନେଇ ଅନେକଙ୍କୁ ବ୍ୟଥିତ କରିଛି।



➥ପାଇକ ବିଦ୍ରୋହ ମାତୃଭୂମି ପ୍ରତି ଦାୟିତ୍ୱବୋଧ, ରାଷ୍ଟ୍ରୀୟତା ଭାବକୁ ପ୍ରକାଶ କରେ। କିପରି ନିଜ ମାଟିର ସୁରକ୍ଷା ପାଇଁ ପାଇବ ବୀରମାନେ ନିଜ ଜୀବନକୁ ବଳିଦାନ କରିଥିଲେ, ତାହା ଆଜି ସାରା ଦେଶ ଦେଖିବ। ପାଇକ ବିଦ୍ରୋହ ରାଷ୍ଟ୍ରୀୟତା, ଜାତୀୟତା, ମାତୃପ୍ରୀତିର ପରିଚୟ ବହନ କରେ। ଏହାକୁ ଏନ୍‌ସିଇଆର୍‌ଟି ପୁସ୍ତକ ପାଠ୍ୟକ୍ରମରୁ ବାଦ୍ ଦେବା ନିନ୍ଦନୀୟ।
**– ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଷାରଦ**



➥ପାଇକ ବିଦ୍ରୋହ ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମର ମୂଳଦୁଆ ପକାଇଥିଲା। ପାଇକଙ୍କ ବୀରତ୍ୱ, ସୌର୍ଯ୍ୟ ଆଗରେ ବ୍ରିଟିଶ ମଥା ନୁଆଁଇଥିଲେ। ନିଜ ମାଟିର ସୁରକ୍ଷା ପାଇଁ ପାଇକଙ୍କ ବଳିଦାନ, ତ୍ୟାଗ, ନିଷ୍ଠା ଅତୁଳନୀୟ। ୨୦୧୭ରେ ଏନ୍‌ସିଇଆର୍‌ଟି ଏହାକୁ ପୁସ୍ତକରେ ସ୍ଥାନ ଦେବା ଦ୍ୱାରା ଜାତୀୟସ୍ତରରେ ଗୌରବ ବୃଦ୍ଧି ପାଇଥିଲା। ପାଇକ ବିଦ୍ରୋହ ସମ୍ପର୍କରେ ଯୁବପିଢ଼ି ଅଧିକ ଜାଣିବାର ସୁଯୋଗ ପାଇଥିଲେ।
**– ପ୍ରଫେସର ନାରାୟଣ ରାଓ, ଐତିହ୍ୟ ଗବେଷକ**



➥ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ଏହି ବିଦ୍ରୋହ ସେହି ସମୟରେ ବ୍ରିଟିଶ ସରକାରଙ୍କୁ ଥରଥର କରିଦେଇଥିଲା। ଏହାକୁ ସେହି ସମୟର ଏକ ବଡ଼ ବିଦ୍ରୋହ ଏବଂ ଭୟଙ୍କର ଥିଲା ବୋଲି ବ୍ରିଟିଶ ଗବେଷକମାନେ ନିଜ ପୁସ୍ତକରେ ସ୍ଥାନ ଦେଇଛନ୍ତି। ଏନ୍‌ସିଇଆର୍‌ଟି ପୁସ୍ତକରୁ ବାଦ୍ ପଡ଼ିବା ଦ୍ୱାରା ଏହାର ଅସ୍ତିତ୍ୱ ହଜିଯିବ।
**– କୃଷ୍ଣଚନ୍ଦ୍ର ହରିଚନ୍ଦନ, ସମ୍ପାଦକ, କଳିଙ୍ଗ ପାଇକ ସଙ୍ଗଠନ**



➥ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ଏ ଜାତି ପାଇକ ବୀରଙ୍କ ବୀରତ୍ୱ ପାଇଁ ସର୍ବଦା ସେମାନଙ୍କ ନିକଟରେ ଚିର ଋଣୀ ହୋଇ ରହିବ। ପାଇକ ବୀରଙ୍କ ପାଇଁ ଜାତୀୟ ସ୍ତରରେ ଓଡ଼ିଆଙ୍କ ଗୌରବ ବୃଦ୍ଧି ପାଇଛି। ସ୍ୱାଧୀନତା ସଂଗ୍ରାମର ଇତିହାସକୁ ମନେ ପକାଇବାବେଳେ ଦେହରେ ଶିହରଣ ଖେଳିଯାଉଛି। ଏନ୍‌ସିଇଆର୍‌ଟି ପୁସ୍ତକରୁ ଏହାକୁ ବାଦ୍ ଦିଆଯାଇଥିବା ନେଇ ଜାଣିବା ପରେ କ୍ଷୋଭଜାତ ହେଉଛି। ସରକାର ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ।
**– ଭୀମସେନ ପ୍ରଧାନ, ଶିକ୍ଷାବିତ୍, ବରିଷ୍ଠ ବୁଦ୍ଧିଜିବୀ**



➥ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନର ମାନ୍ୟତା ମିଳିଛି। ପାଇକଙ୍କ ଯୋଗୁ ଏ ମାଟି ଧନ୍ୟ ହୋଇଛି। ଦ୍ୱିଶତ ବାର୍ଷିକୀ ଅବସରରେ ସାରା ଦେଶ ପାଇକ ବିଦ୍ରୋହ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ବ୍ରିଟିଶ ବିରୋଧରେ କେବଳ ଏହା ଏକ ସଂଗ୍ରାମ ନ ଥିଲା ବରଂ ଜାତୀୟତା ଏବଂ ଦେଶମାତୃକା ପ୍ରତି ରହିଥିବା କର୍ତ୍ତବ୍ୟର ଭାବକୁ ପ୍ରକାଶ କରେ। ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରୁଛି।
**– ମେଜର କ୍ଷୀରେଦ ମହାନ୍ତି, ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**



➥ଯେଉଁମାନେ ଏଦେଶ ପାଇଁ ସଶକ୍ତ ସଂଗ୍ରାମ କରି ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେହିମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ହେଉଛି ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ସ୍ୱାଧୀନତା ସଂଗ୍ରାମ କଥା ଆସିଲେ, ଆଗଧାଡ଼ିରେ ପାଇକ ବୀରଙ୍କ ବୀରତ୍ୱର ଗାଥା ଆସିବ। ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ଆଗାମୀ ପିଢ଼ିଙ୍କୁ ଉତ୍ସାହିତ କରିବ। ଏନ୍‌ସିଇଆର୍‌ଟିରୁ ଏହାକୁ ବାଦ୍ ଦିଆଯିବା ଦ୍ୱାରା ଓଡ଼ିଶା ସଂସ୍କୃତି ପ୍ରତି କୁଠାରଘାତ ସଦୃଶ୍ୟ। ଏହାକୁ ପୁନଃ ତର୍ଜମା କରାଯାଉ।
**– ସତ୍ୟବାଦୀ ବଳିଆରସିଂ, ଗବେଷକ**



➥ ବ୍ରିଟିଶ ବିରୋଧରେ ପାଇକମାନେ ଏକ ସଶସ୍ତ୍ର ଆନ୍ଦୋଳନର ବୀଜ ବୁଣିଥିଲେ। ବକ୍ସି ଏବଂ ପାଇକଙ୍କ ବୀରତ୍ୱର ଗାଥା, ସୋମନଙ୍କ ସୌର୍ଯ୍ୟ ଆଗରେ କିପରି ବ୍ରିଟିଶ ସରକାର ମଥା ନୂଆଇଁବାକୁ ବାଧ ହୋଇଥିଲା ସେ ସମ୍ପର୍କ ଜାଣିବାକୁ ଯୁବପିଢ଼ିଙ୍କୁ ଜାଣିବାର ସୁଯୋଗ ରହିଥିଲା। ଏନସିଇଆରଟି ପୁସ୍ତକରୁ ବାଦ ଦିଆଯିବା ଦ୍ୱାରା ଏହା ଗୌରବମୟ ଇତିହାସ ହଜିଯିବ।
**– ଗୋପାଳକୃଷ୍ଣ ଦାସ, ଅଧ୍ୟାପକ**



ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଓଭରବ୍ରିଜ୍ ଉପରୁ ସୋମବାର ସନ୍ଧ୍ୟାରେ ମେଘୁଆ ଆକାଶର ଦୃଶ୍ୟ। (ଫଟୋ– ବିକାଶ ନାୟକ)

## ୩୦ ମଧ୍ୟରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଖାତା ରିଚେକିଂ ଆବେଦନ

**ଭୁବନେଶ୍ୱର,୨୧।୭(ସୁଚିସ୍ମିତା ସାହୁ)**

ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାର ଖାତା ପୁନଃ ଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିଶନ୍) ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଆଶାୟୀମାନେ ଏନେଇ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କୁହାଯାଇଛି। ଆବେଦନ କରିବା ପାଇଁ ୨୦୦ଟଙ୍କା ପୈଠ କରିବାକୁ ସ୍ଥିର କରାଯାଇଛି। ବ୍ୟାଙ୍କ ଚାଲାଣ ମାଧ୍ୟମରେ ଛାତ୍ରୀଛାତ୍ର ଫି' ପୈଠ କରିପାରିବେ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍‌ରେ ଛାତ୍ରୀଛାତ୍ର ଆବେଦନ କରିବାକୁ କୁହାଯାଇଛି। ସୂଚନା ଅନୁସାରେ, ଚଳିତ ବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ଜଣ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଏଲ୍‌ଏଲ୍‌ବି ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

**ଭୁବନେଶ୍ୱର,୨୧।୭(ସୁଚିସ୍ମିତା ସାହୁ)**

**ୟୁନିଭର୍ସିଟି ଲ କଲେଜର ସର୍ବାଧିକ କଟ୍ ଅଫ ମାର୍କ ୮୨.୨୩%**

ତିନି ବର୍ଷିଆ ଏଲ୍‌ଏଲ୍‌ବି ନାମଲେଖା ପାଇଁ ପ୍ରଥମ ରାଉଣ୍ଡ୍ ମେଧା ତାଲିକା ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ବାଣୀବିହାରସ୍ଥିତ ୟୁନିଭର୍ସିଟି ଲ କଲେଜର ସର୍ବାଧିକ ୮୨.୨୩% କଟ୍ ଅଫ ମାର୍କ ରହିଛି। ସେହିପରି କଟକର ମଧୁସୂଦନ ଲ କଲେଜରେ ୭୯.୪୨% ଏବଂ ବ୍ରହ୍ମପୁର ଲ କଲେଜରେ ୭୫.୧୩% କଟ୍ ଅଫ୍ ମାର୍କ ରହିଛି।

ସୂଚନା ଅନୁସାରେ, ତିନି ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଏହି ୩ଟି ଲ' କଲେଜରେ ନାମଲେଖାଇବା ପାଇଁ ମୋଟ ୩୬୦ ସିଟ୍ ରହିଛି। ଚଳିବବର୍ଷ ଲ ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ୨୨୦୭ଜଣ ଛାତ୍ରୀଛାତ୍ର ନାମଲେଖିବା ପାଇଁ ଆବେଦନ କରିଥିବାବେଳେ ମୋଟ ୩୬୦ଜଣ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦୬ଜଣ ଛାତ୍ର ରହିଥିବା ବେଳେ ୧୫୪ଜଣ ଛାତ୍ରୀ ରହିଛନ୍ତି। ଯେଉଁ ଛାତ୍ରୀଛାତ୍ର ଫ୍ରିଜ୍ ଅପ୍ସନ ଦେଇଛନ୍ତି, ସେମାନେ ଅନ୍‌ଲାଇନ ମାଧ୍ୟମରେ ଫି' ଜମା କରିପାରିବେ। ଏହାପରେ ଇଣ୍ଟିମେଶନ ଲେଟର ନେଇ ୨୨ରୁ ୨୪ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖାଇ ପାରିବେ। ସେହିପରି ଯେଉଁ ଛାତ୍ରୀଛାତ୍ର ସ୍ଲାଇଡ୍ ଅପ୍ କରିଛନ୍ତି, ସେମାନେ ଅନଲାଇନ ଜରିଆରେ ନାମଲେଖା ଟଙ୍କା ଜମା କରିପାରିବେ। ଏନେଇ କୌଣସି ରିପୋର୍ଟିଂ କିମ୍ବା ଇଣ୍ଟିମେଶନ ରିପୋର୍ଟର ଆବଶ୍ୟକତା ନାହିଁ। ସେମାନେ ୱେଟିଂ ଲିଷ୍ଟକୁ ଅପେକ୍ଷା କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ପ୍ରିୟଙ୍କା



@ ସଲିମ୍



@ ବୁବୁ



@ ଅଶ୍ୱିନୀ



@ ଦୀପାଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦଲାଲ ସାଜିଥିବା ୨ କର୍ମଚାରୀ ଗିରଫ

**ଏସ୍‌ସିବିରେ ଦଲାଲ ରୋକିବାକୁ ନୂଆ ପ୍ରୟାସ**

■ପୋଲିସ ଜାରି କଲା ୩ ହେଲ୍‌ପ ଲାଇନ ନମ୍ବର

**କଟକ,୨୧।୭(କାର୍ତ୍ତିକ ସାହୁ)**

ଏସ୍‌ସିବି ମେଡିକାଲରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ କର୍ମଚାରୀ ସାଜିଛନ୍ତି ଦଲାଲ। ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟାସେବା ଯୋଗାଇବା ପ୍ରତିଶ୍ରୁତି ଦେଇ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରୁଛନ୍ତି। ମଙ୍ଗଳାବାଗ ଥାନା ପୋଲିସ ଏଭଳି ଦୁଇ କର୍ମଚାରୀଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଙ୍ଗଳାବାଗ ତେଲି ସାହିର ପ୍ରସନ୍ନ ନାୟକ (୨୭) ଓ ମହ୍ଲା ସାହିର ଅରୁଣ ନାୟକ (୨୪)। ପ୍ରସନ୍ନ ଓ ଅରୁଣଙ୍କ ସମେତ





ଗିରଫ ୨ କର୍ମଚାରୀ।

ଏହି ଗ୍ୟାଙ୍ଗରେ ଆହୁରି କେତେଜଣ ସହଯୋଗୀ ସକ୍ରିୟ ଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ସେମାନଙ୍କୁ ଧରିବା ନିମନ୍ତେ ପୋଲିସ ଏକ ସ୍ୱତନ୍ତ୍ର ନମ୍ବର ଜାରି କରିଛି। ମଙ୍ଗଳାବାଗ ଥାନା ପୋଲିସ ୮୨୮୦୩୩୮୩୦୩, ୮୨୮୦୩୩୮୩୪୦ ଏବଂ ୮୨୮୦୩୩୮୧୧୨ରେ ସୂଚନା ଦେବାକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

ସୂଚନା ଅନୁସାରେ, ମଙ୍ଗଳାବାଗ ଥାନା ଏଏସ୍‌ଆଇ ସେକ ଫକିରୁଦ୍ଦିନ ଏସ୍‌ସିବି ମେଡିକାଲରେ ଦଲାଲ ସକ୍ରିୟ ହେବା ନେଇ ସୂଚନା ପାଇଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଦଲାଲଙ୍କୁ ଧରିବା ନିମନ୍ତେ ଏକ ଟିମ ଗଠନ ହୋଇଥିଲା। ପୋଲିସ ସାଦା ପୋଷାକରେ ମେଡିକାଲରେ ପ୍ରବେଶ କରି ଅଭିଯୁକ୍ତ ଦଲାଲଙ୍କୁ ଧରିଥିଲା। ଜିଲା ତଥା ରାଜ୍ୟ ବାହାରୁ ଆସୁଥିବା ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇବାର ଆଶା ଦେଖାଇ ନିର୍ଦ୍ଦିଷ୍ଟ ଘରୋଇ ଡାକ୍ତରଖାନା ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସେମାନେ ପଠାଉଥିଲେ। ଆମ୍ବୁଲାନ୍ସ ଡ୍ରାଇଭରମାନେ ଏଭଳି ରୋଗୀ ଚାଲାଣ ପଛରେ ମଧ୍ୟସ୍ଥତା କରୁଛନ୍ତି। ତେବେ ପ୍ରତି ରୋଗୀ ପିଛା ଏହି ୱାର୍ଡ ଆଟେଣ୍ଡାଣ୍ଟମାନେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ନିକଟରୁ କମିଶନି ବି ପାଉଛନ୍ତି। ଆମ୍ବୁଲାନ୍ସ ଡ୍ରାଇଭରମାନେ ନିର୍ଦ୍ଦିଷ୍ଟ ଘରୋଇ ଡାକ୍ତରଖାନାରୁ ମଧ୍ୟ କମିଶନି ପାଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

## ଓଡ଼ିଶାରେ ମିଳିବ ଏମ୍‌ଆରଓ ସୁବିଧା

**ଭୁବନେଶ୍ୱର, ୨୧।୭(ଅନୁରାଧା ମହାରଣା)**

ରାଜ୍ୟ ସରକାରଙ୍କ 'ନୂଆ ଗନ୍ତବ୍ୟନୀତି' ଦ୍ୱାରା ପରିଚାଳିତ ତଥା ବାଣିଜ୍ୟ ଓ ପରିବହନ ବିଭାଗର ନେତୃତ୍ୱରେ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ବିମାନ ସଂଯୋଗକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା (ଏମ୍‌ଆରଓ) ସୁବିଧା ସ୍ଥାପନ କରାଯିବ। ଏଥିପାଇଁ ସମସ୍ତ ଆନୁଷ୍ଠାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏହା ବିମାନ ଚଳାଚଳ ସହ ଜଡ଼ିତ ଅର୍ଥନୈତିକ ଇକୋସିଷ୍ଟମ ଗଢ଼ି ତୋଳିବାରେ ଏକ ବଡ଼ ଅଗ୍ରଗତି ହେବ ବୋଲି ଆଶା କରାଯାଉଛି।

ବାଣିଜ୍ୟ ଓ ପରିବହନ ବିଭାଗର ସୂଚନାନୁସାରେ, ଅଳ୍ପ ସମୟ ମଧ୍ୟରେ 'ନୂଆ ଗନ୍ତବ୍ୟ ନୀତି' ଓଡ଼ିଶାକୁ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ସଂଯୋଗରେ ଏକ ନୂଆ ପରିଚୟ

**ବିମାନ ଚଳାଚଳରେ ନୂଆ ମାଇଲଖୁଣ୍ଟ**



ଦେଇଛି। ଏହି ନୀତି ଅଧୀନରେ ୧୩ଟି ନୂଆ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ସେବା ଆରମ୍ଭ ହୋଇଛି। ଏହା ବାଣିଜ୍ୟ, ପର୍ଯ୍ୟଟନ ଓ ଆଞ୍ଚଳିକ ସମନ୍ୱୟକୁ ନୂଆ ଦିଗ ଦେଇଛି। ଅନ୍ତର୍ଜାତୀୟ ସ୍ତରରେ ଭୁବନେଶ୍ୱରରୁ ଦୁବାଇ ଓ ଆବୁଧାବିକୁ ସିଧାସଳଖ ବିମାନ ସେବା ଓଡ଼ିଶାକୁ ବିଶ୍ୱ ବିମାନ ମାନଚିତ୍ରରେ ସ୍ଥାନିତ କରିବା ସହ ପ୍ରବାସୀ ସମ୍ପର୍କକୁ ମଜଭୁତ କରି ବିଶ୍ୱ ବଜାରରେ ପ୍ରବେଶକୁ ସହଜ କରିଛି। ଘରୋଇ ସ୍ତରରେ ଝାରସୁଗୁଡ଼ା–ମୁମ୍ବାଇ, ଝାରସୁଗୁଡ଼ା–ହାଇଦ୍ରାବାଦ, ଭୁବନେଶ୍ୱର–ଗୋଆ, ଭୁବନେଶ୍ୱର–ଡେରାଡୁନ୍ ଏବଂ ଭୁବନେଶ୍ୱର–ପୋର୍ଟ ବ୍ଲେୟାର ଆଦି ରୁଟ୍‌ଗୁଡ଼ିକୁ ଆଦିବାସୀ ଅଞ୍ଚଳ, ଶିଳ୍ପ କ୍ଷେତ୍ର ଏବଂ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡିକୁ ସଂଯୋଗ କରିଛି। ଉଡାନ ଯୋଜନା ଅଧୀନରେ ଜୟପୁର, ରାଉରକେଲା, ଉତ୍କେଳା ଓ ରଙ୍ଗେଇଲୁଣ୍ଡାରେ ଆଞ୍ଚଳିକ ଏୟାରଷ୍ଟ୍ରିପ୍‌ଗୁଡ଼ିକର କାର୍ଯ୍ୟକାରିତା ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ପ୍ରସ୍ତାବିତ ପୁରୀ ବିମାନବନ୍ଦର ପ୍ରକଳ୍ପ ନୋକାସ୍ ୨.୦ରେ ଇଣ୍ଟରଆକ୍ଟିଭ କଲର କୋଡେଡ ଜୋନିଂ ମ୍ୟାପ (ସିସିଜେଡ୍‌ଏମ୍) ଲଞ୍ଚ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ ହାସଲ କରିଛି। ଏହି ଡିଜିଟାଲ ଉପକରଣ ଅନ୍‌ଲାଇନ ଉଚ୍ଚତା ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରି ବିମାନ ଯୋଜନାକୁ ନିରାପଦ ସହରୀ ବିକାଶ, ନିୟନ୍ତ୍ରିତ ଭିତ୍ତିଭୂମି ଏବଂ ପରିବେଶ ସୁରକ୍ଷା ସହ ସମନ୍ୱୟ ରକ୍ଷା କରୁଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ସହ ସମନ୍ୱିତ ଭବିଷ୍ୟତମୁଖୀ ଭିତ୍ତିଭୂମି ପ୍ରତି ପ୍ରତିବଦ୍ଧତା ଦ୍ୱାରା ଓଡ଼ିଶା ଏକ ଉଦୀୟମାନ ବିମାନ ହବ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି।

# ସମ୍ପତ୍ତି ତାଲିକାରେ ଲୁଚାଇଥିଲେ ଜମି ତଥ୍ୟ

## ଡିଏଫ୍‌ଓଙ୍କ ସରକାରୀ ବାସଭବନରୁ ମିଳିଲା ଆଉ ୮.୫ ଲକ୍ଷ

■୯ଟି ବ୍ୟାଙ୍କ ଆକାଉଣ୍ଟରେ ୫୦ ଲକ୍ଷ ଜମାରାଶି

■ମଙ୍ଗଳବାର ଚଢ଼ାଉ ଜାରି ରହିବ

ଭୁବନେଶ୍ୱର/ କେନ୍ଦୁଝର, ୨୧।୭ (ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଜ୍ଜନାୟକ)



କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କ ଘରେ ଭିଜିଲାନ୍ସ ଯେତେ ଯାଞ୍ଚ କରୁଛି ସେତେ ସମ୍ପତ୍ତି ଠାବ ହେଉଛି। ସୋମବାର ଚଢ଼ାଉର ଦ୍ୱିତୀୟ ଦିନ ବହୁ ସମ୍ପତ୍ତି ଠାବ ହୋଇଛି। ଏପରିକି ସମ୍ପତ୍ତି ତାଲିକାରେ ନିତ୍ୟାନନ୍ଦ ଜମି କିଣା ତଥ୍ୟ ଲୁଚାଇଥିଲେ ବୋଲି ଜଣାପଡ଼ିଛି। ନିତ୍ୟାନନ୍ଦଙ୍କୁ ଭିଜିଲାନ୍ସ ଟିମ୍ କେନ୍ଦୁଝରସ୍ଥିତ ଫରେଷ୍ଟ କଲୋନୀରେ ଥିବା ସରକାରୀ ବାସଭବନରେ ଯାଞ୍ଚ କରିଥିଲା। ବ୍ୟାଗରୁ ସୋମବାର ୮.୫ ଲକ୍ଷ ଟଙ୍କା ଠାବ ହୋଇଛି। ଫଳରେ ମୋଟ ଜବତ ଟଙ୍କାର ପରିମାଣ ୧୦ ଲକ୍ଷରେ ପହଞ୍ଚିଛି। ନିତ୍ୟାନନ୍ଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୯ଟି ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଥିବାବେଳେ ଏସବୁଥିରେ ୫୦ଲକ୍ଷ ଟଙ୍କା ଜମା ରହିଛି। ଏଥିସହ ତାଙ୍କ ପାଖରୁ ଆହୁରି ଜମି ଦସ୍ତାବିଜ୍, ବ୍ୟାଙ୍କ ପାସବୁକ୍ ଓ ଜୀବନବୀମା ଜମା ଦସ୍ତାବିଜ୍ ଆଦି ଠାବ ହୋଇଥିବାବେଳେ ଏସବୁ ସମ୍ପର୍କରେ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ ଚଳାଇଛି। ତେବେ ବଡ଼ କଥା ହେଲା, ନିତ୍ୟାନନ୍ଦ ସରକାରଙ୍କୁ ଦେଇଥିବା ସମ୍ପତ୍ତି ତାଲିକାରେ ମାତ୍ର ୧୨ଟି ପ୍ଲଟ ଥିବା ଦର୍ଶାଇଥିବା ବେଳେ ଅନ୍ୟ ପ୍ଲଟ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ତାଙ୍କ ଅଫିସ ଚାମ୍ବର ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯାଞ୍ଚ ହେବ। ତେଣୁ ଆହୁରି ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରବିବାର ନିତ୍ୟାନନ୍ଦଙ୍କ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚବେଳେ ୧୧୫ଟି ପ୍ଲଟ୍, ଅନୁଗୋଳ ଟାଉନରେ ୪ମହଲାର ଏକ ଆଲିଶାନ୍ କୋଠା, ଘରୁ ୨୦୦ ଗ୍ରାମ ସୁନା ଅଳଙ୍କାର, କାଠ ନିର୍ମିତ ବିଭିନ୍ନ ଆକର୍ଷଣୀୟ କଳାକୃତି ଓ ତୀର, ବନ୍ଧୁକ, ଟାଙ୍ଗିଆ ଆଦି ଜବତ ହୋଇଛି। ଏଥିସହ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ଦୁଇଟି ଚାରିଚକିଆ ଯାନ ଓ ୪ଟି ଦୁଇଚକିଆ ଯାନ ଠାବ ହୋଇଥିଲା। ମଙ୍ଗଳବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି।

# ଜମି ବିବାଦରୁ ଭଉଣୀଙ୍କୁ ହାଣିଦେଲେ ଭାଇ

ବଉଣ୍ଡା, ୨୧।୭ (ପରିକ୍ଷିତ ସାହୁ)

ପୈତୃକ ସମ୍ପତ୍ତିରେ ଘର କରିବାକୁ ଭଉଣୀ ଯୋଜନା କରିଥିବା ବେଳେ ଏହାକୁ ନେଇ ଭାଇଙ୍କ ସହ ବିବାଦ ବଢ଼ିଥିଲା। ସୋମବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଉତ୍ତକ୍ଷିପ୍ତ ହୋଇ ଭାଇ ଏକ ଟାଙ୍ଗିଆରେ ହାଣି ଭଉଣୀଙ୍କ ଜୀବନ ନେଇଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତା ହେଲେ କଳ୍ପନା ସାହୁ (୪୫)। ଏହି ହତ୍ୟାକାଣ୍ଡ ପରେ ଟାଙ୍ଗିଆ ଧରି ଅଭିଯୁକ୍ତ ଭାଇ ଗୟାଧର ପ୍ରଧାନ ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, କଳ୍ପନା ପାପସରା ଗ୍ରାମରେ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କ ପରଲୋକ ହୋଇଯାଇଥିବାରୁ ସେ କିଛି ମାସ ହେବ ବାପଘର ସୋଲଣ୍ଡା ଗ୍ରାମରେ ରହୁଥିଲେ। ସେ ବାପାଙ୍କ ସମ୍ପତ୍ତିରେ ଏକ ଘର ନିର୍ମାଣ କରିବାକୁ ଯୋଜନା କରିଥିବାରୁ ଏହାକୁ ନେଇ ଭାଇ ଗୟାଧରଙ୍କ ସହ ବିବାଦ ଦେଖାଦେଇଥିଲା। ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଝଗଡ଼ା ହେଉଥିଲା। ଅପରାହ୍ନ ପ୍ରାୟ ୨ଟାରେ କଳ୍ପନା ଘରେ ଥିବାବେଳେ ଗୟାଧର ମଦ୍ୟପାନ କରି ଘରକୁ ଆସିଥିଲେ। ପରେ ଘର ନିର୍ମାଣକୁ ନେଇ ଭଉଣୀ-ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଗୟାଧର ଥିବା ଟାଙ୍ଗିଆରେ କଳ୍ପନାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଛତୁ ଚୋରିରୁ ଡବଲ ମର୍ଡର

■ମା, ଝିଅ ମୃତ

■ପୁତୁରାଙ୍କ ଆତ୍ମସମର୍ପଣ

ପଦ୍ମପୁର, ୨୧।୭ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ପଥୁରୀ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଛତୁଚୋରିରୁ ପାରିବାରିକ କଳହ ହେବା ଏବଂ ପରେ ଏହା ଡବଲ ମର୍ଡର ରୂପ ନେବା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରି ପକାଇଛି। ଏଥିରେ ଗ୍ରାମର ବେଳମତୀ ନାଗ ଏବଂ ତାଙ୍କ ଝିଅ ସାବିତ୍ରୀଙ୍କ ମୃତ୍ୟୁ ହୋଇଛି। ସେହିପରି ମୃତ ବେଳମତୀଙ୍କ ସ୍ୱାମୀ ବିଶିକେଶନ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡ ପରେ ମୃତ ବେଳମତୀଙ୍କ ପୁତୁରା ଶଶିଭୂଷଣ ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଏ ନେଇ ଏକ ହତ୍ୟା ମାମଲା(ନଂ-୨୦୧/୨୫) ରୁଜୁ କରିବା ସହିତ ଅଭିଯୁକ୍ତ ଶଶିଭୂଷଣଙ୍କୁ ଅଟକ ରଖି ପଚରାଉଚରା କରୁଛି।


ସୂଚନା ଅନୁଯାୟୀ, ମୃତ ବେଳମତୀଙ୍କ ପୁତୁରା ଶଶିଭୂଷଣ ଛତୁଚାଷ କରିଥିଲେ। ବିଭିନ୍ନ ସମୟରେ ତାଙ୍କର ଛତୁ ଚୋରି ହେଉଥିଲା। ଏହି ଛତୁଚୋରି ନେଇ ବେଳମତୀ ଓ ଶଶୀଭୂଷଣଙ୍କ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଶଶୀଭୂଷଣ ରାଗିଯାଇ ବେଳମତୀଙ୍କ ଘରକୁ ଯାଇଥିଲେ। ସେଠାରେ ବେଳମତୀ ଓ ସାବିତ୍ରୀ ଏବଂ ବିଶିକେଶନଙ୍କୁ ସେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବେଳମତୀ ଓ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ଡକାୟତି

■ବନ୍ଧୁକ ଦେଖାଇ ନେଇଗଲେ ୧ ଲକ୍ଷ ଟଙ୍କା

■ନାହାନ୍ତି ସୁରକ୍ଷା କର୍ମୀ

ଲଖନପୁର, ୨୧।୭ (ଗୌତମ ସାହୁ)



ସିସିଟିଭି ଫୁଟେଜରେ କଏଦ ହୋଇଥିବା ଲୁଟ୍‌ର ଦୃଶ୍ୟ।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ ଅଞ୍ଚଳ ଚିଖଲାପାଲି ଜାତୀୟ ରାଜପଥ ପାର୍ଶ୍ୱ ନାଥ କମ୍ପ୍ଲେକ୍ସସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ସୋମବାର ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍‌ରେ ଡକାୟତି ହୋଇଛି। ୩ ଜଣ ଦୁର୍ବୃତ୍ତ ଉକ୍ତ ବ୍ୟାଙ୍କରୁ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରେଙ୍ଗାଲୀ ଥାନାଠାରୁ ପ୍ରାୟ ସାଢେ ୩ କିମି ଦୂର ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ସୀମାଠାରୁ ୪ କିମି ଦୂରରେ ଏହି ବ୍ୟାଙ୍କ ରହିଛି। ୩ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ବାଇକ୍‌ରେ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟାଙ୍କ ଫାଟକ ନିକଟରେ ଜଗି ରହିଥିବାବେଳେ ଅନ୍ୟ ୨ ଜଣ ବନ୍ଧୁକ ଧରି ଭିତରେ ପଶିଥିଲେ। ସେମାନେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରିବା ସହ ବ୍ୟାଙ୍କ ଡ୍ରୟରରୁ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବ୍ୟାଙ୍କରେ ସୁରକ୍ଷା କର୍ମୀ ନିୟୋଜିତ ନଥିବାରୁ ଦୁର୍ବୃତ୍ତମାନେ ଲୁଟ୍ କରିବା ସହଜ ହୋଇଛି। ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରେ ଲୁଟ୍‌ବେଳର ଦୃଶ୍ୟ କଏଦ ହୋଇଛି। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ବେଲପାହାଡ଼, ବ୍ରଜରାଜନଗର ଓ ରେଙ୍ଗାଲୀ ଥାନାର ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଏଥିସହ ବ୍ୟାଙ୍କର ବିଭିନ୍ନ ସାମଗ୍ରୀ ଓ ହାର୍ଡଡିକ୍ସ ଜବତ କରାଯାଇଛି। ଏନେଇ ଏସ୍‌ଡିପିଓ ପ୍ରଧାନ କହିଛନ୍ତି, ବ୍ୟାଙ୍କରୁ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ବନ୍ୟପ୍ରାଣୀ ଦେହାବଶେଷ ଜବତ, ୨ ଗିରଫ

ବାରିପଦା, ୨୧।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ବନବିଭାଗ ମିଳିତ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଠାକୁରମୁଣ୍ଡା ଥାନା ଅଧିନ ଅଶନକୁଦର ଗ୍ରାମର ଫକୀର ଚାକିଆ(୪୪) ଓ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସେମାନଙ୍କ ଘରୁ ବନ୍ୟପ୍ରାଣୀ ଦେହାବଶେଷ, ଧନୁ, ତୀର ଓ ଶିକାର ସରାମକୁ ଜବତ କରିଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି। ତେବେ ଏଆଇ କ୍ୟାମେରାରୁ ଉକ୍ତ ଶିକାରୀଙ୍କୁ ଠାବ କରାଯାଇ କରିଆ ଡିଭିଜନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଓ ଉତ୍ତର ଡିଭିଜନର କର୍ମଚାରୀ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ୨ ଶିକ୍ଷକ ଗିରଫ, ପ୍ରଧାନ ଶିକ୍ଷକ ଅଟକ

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଜଳେଶ୍ୱର, ୨୧।୭ (ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବିଭାଗୀୟ ଏଚ୍ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇ ଶେଷରେ ଆତ୍ମାହୁତି ଦେବା ଘଟଣାର ୧୦ଦିନ ନ ପୂରୁଣୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଗିରଫ କରିଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ଅସଦାଚରଣ କରିବା ସହ ଅଶ୍ଳୀଳ ଇଙ୍ଗିତ ଦେଇ ଆସୁଥିଲେ। କଥା ନ ମାନିଲେ ପରୀକ୍ଷାରେ ଫେଲ୍ କରିଦେବେ ବୋଲି ଧମକ ଦେଉଥିଲେ। ଏ ନେଇ ଛାତ୍ରୀ ଜଣକ ମାନସିକ ଚାପରେ ରହୁଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲ୍‌ଙ୍କଠାରେ ୮ ଦିନ ପୂର୍ବେ ଅଭିଯୋଗ କରିଥିଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ମା' ରବିବାର ରାତିରେ ଘଟଣା ସମ୍ପର୍କରେ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ସୋମବାର ଏକ ମାମଲା (ନଂ. ୬୩/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀଙ୍କ ବୟାନକୁ ନେଇ ସହକାରୀ ଶିକ୍ଷକ କୈଳାସ ବେଜ ଓ କାଳିଚରଣ ମାଝୀ, ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲ୍‌ଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲେ। ଦୁଇ ଶିକ୍ଷକ କୈଳାସ ବେଜ ଓ କାଳିଚରଣ ମାଝୀଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ରାଇବଣିଆ ଥାନା ଓଆଇସି ଲୋପାମୁଦ୍ରା ପଣ୍ଡା ସୂଚନା ଦେଇଛନ୍ତି।

# ବାପା ସାଙ୍ଗଙ୍କୁ ହତ୍ୟା କଲା ପୁଅ

କଟକ, ୨୧।୭ (କାର୍ତ୍ତିକ ସାହୁ)

ଅସୁସ୍ଥ ବାପାଙ୍କୁ ନିୟମିତ ମଦ ପିଇବାକୁ ଡାକି ନେଉଥିବା ବାପା ସାଙ୍ଗଙ୍କୁ ହତ୍ୟା କରିଛି ପୁଅ। ସାମନ୍ତ ସାହି ଅଞ୍ଚଳରେ ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ଜଣକ ହେଲେ ରବୀନ୍ଦ୍ର କୁମାର ସାହୁ(୪୭)। ମୃତକଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୁରୀଘାଟ ଥାନା ପୋଲିସ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସମେତ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସୁରଜ ପ୍ରଧାନ(୨୮)ଙ୍କ ସମେତ ପପୁ ପ୍ରଧାନ, ସୁନୀଲ ବେହେରା, ବିଶ୍ୱଜିତ ଦାସ, ଗୋପୀ ଦାସ। ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ସୁରଜଙ୍କୁ ଧରିଛନ୍ତି। ପଚରାଉଚରା ପରେ ଅନ୍ୟ ୪ଜଣ ସାମିଲ ଥିବା ଜଣାପଡ଼ିଥିଲା। ଫେରାର ଅନ୍ୟ ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ସାମନ୍ତ ସାହିର ରବୀନ୍ଦ୍ର କୁମାର ସାହୁ ଜଣେ ଶ୍ରମିକ ଶ୍ରେଣୀର ବ୍ୟକ୍ତି। ହରିପୁର ଅଞ୍ଚଳର ଶଙ୍କର ପ୍ରଧାନଙ୍କ ସହ ତାଙ୍କର ଭଲ ସାଙ୍ଗ। ଉଭୟେ ଅଧିକାଂଶ ସମୟ ଏକାଠି ମଦ ପିଅନ୍ତି। ଗତ କିଛି ଦିନ ତଳେ ଶଙ୍କରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାରୁ ଡାକ୍ତର ତାଙ୍କୁ ମଦ ପିଇବାକୁ ବାରଣ କରିଥିଲେ। ମାତ୍ର ରବୀନ୍ଦ୍ର ତାଙ୍କ ଘରକୁ ଆସି ଶଙ୍କରଙ୍କୁ ମଦ ପିଇବା ପାଇଁ ଡାକି ନେଉଥିଲେ। ଏହାକୁ ନେଇ ଶଙ୍କରଙ୍କ ପରିବାର ଲୋକେ ଅସନ୍ତୁଷ୍ଟ ହେଉଥିଲେ। ଗତ ରବିବାର ସନ୍ଧ୍ୟାରେ ଦୁହେଁ ଏକାଠି ମଦ ପିଇବାକୁ ଦୋଳମୁଣ୍ଡାଇ ଅଞ୍ଚଳକୁ ଯାଇଥିଲେ। ଅଟୋ ଚଳାଉଥିବା ଶଙ୍କରଙ୍କ ପୁଅ ସୁରଜ ଏ କଥା ଜାଣିବା ପରେ କ୍ରୋଧାନ୍ୱିତ ହୋଇଥିଲେ। ସେ ତୁରନ୍ତ ନିଜର କେତେକ ସାଙ୍ଗଙ୍କୁ ଧରି ବାପାଙ୍କୁ ଖୋଜିବା ବେଳେ କେନାଲ ପାର୍ଶ୍ୱରାସ୍ତାରେ ରବୀନ୍ଦ୍ର ଚାଲିଚାଲି ଯାଉଥିବା ସୁରଜ ଦେଖିଲେ। ସେଠାରେ

## ଅଭିଯୁକ୍ତ ପୁଅ ସମେତ ୫ ଗିରଫ

ରବୀନ୍ଦ୍ରଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ବଚସା ହେବାରୁ ସୁରଜ ଉତକ୍ଷିପ୍ତ ହୋଇ ସାଙ୍ଗମାନଙ୍କ ସହ ମିଶି ମାରପିଟ୍ କରିବାରୁ ରକ୍ତାକ୍ତ ହୋଇ ରବୀନ୍ଦ୍ର ତଳେ ପଡ଼ିଯାଇଥିଲେ। ଏହାଦେଖି ସୁରଜ ଓ ତାଙ୍କ ସାଙ୍ଗମାନେ ସେଠାରୁ ଚାଲିଯାଇଥିଲେ। ଆହତ ରବୀନ୍ଦ୍ର ଘରକୁ ଫେରି ଶୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେଇଯିବା ପାଇଁ କହିବାରୁ ସେ ଯିବାକୁ ମନା କରିଥିଲେ। ସୋମବାର ସକାଳୁ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। କିଛି କ୍ଷଣ ଭିତରେ ସ୍ୱାସ୍ଥ୍ୟାବସ୍ଥା ପୂରା ବିଗିଡ଼ି ଯାଇଥିଲା। ପରିବାର ଲୋକେ ତାଙ୍କୁ ଏସସିବି ମେଡିକାଲ ନେଇଯାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୀଘାଟ ପୋଲିସ ମେଡିକାଲରେ ପହଞ୍ଚି ମୃତହେଦ ଜବତ କରି ତଦନ୍ତ ଚଳାଇଛି।


ଜଳ ସମ୍ପଦ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିକାଶ ବିଭାଜନ, ଭଦ୍ରକ

**OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK**

email id: eeddbdk@gmail.com, Tel. No.: 06784-451031

**QUOTATION CALL NOTICE No. 06/2025-26**

No. A-424: Sealed quotations/tenders are invited from interested reputed Travel Agencies/Tour Operators/Individuals for providing vehicles for official use in the Office of Superintending Engineer, Drainage Division, Bhadrak in monthly basis. The details of terms and condition of tender, general information, documents will be made available in the office of the Superintending Engineer, Drainage Division, Bhadrak, Sub-Divisional Officer, Drainage Sub-Division No.-II, Akhuapada & Sub-Divisional Officer, Drainage Sub-Division No.-IV, Markona between 11.00 A.M. to 5.00 P.M. in any working day or can be downloaded from the website of Govt. of Odisha i.e. www.odisha.gov.in/www.dowrodisha.gov.in and submit the tender documents after duly filled and along with other requisite documents in a sealed envelope in marked tender box in the office of the Superintending Engineer, Drainage Division, Bhadrak.

- Date of sale of Tender Paper - From 23.07.2025 to 29.07.2025 upto 5.00 P.M.
- Date of receipt of Tender - From 23.07.2025 to 29.07.2025 upto 5.00 P.M.
- Date of Opening of Tender - 30.07.2025 at 11.00 A.M.

OIPR-32057/11/0007/2526

Sd./- Superintending Engineer
Drainage Division, Bhadrak

GOVERNMENT OF ODISHA

**HEALTH & FAMILY WELFARE DEPARTMENT**

**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017**

E-mail: vimsarsuptd24@gmail.com

No. 10368/VIMSAR Dated, Burla, the 18th July, 2025

**TENDER CALL NOTICE**

No. E-246: Sealed tenders are hereby invited by the undersigned from the reputed Authorized Dealers & Registered firms under GST Act for supply of different minor instruments required for this hospital so as to reach this office of the Superintendent, VSS Institute of Medical Sciences & Research, Burla on or before Dt.13.08.2025 upto 5.00 P.M. through Regd. Post/Speed Post only and that will be opened in the next working day at 11.30 A.M.

The detail terms and conditions of this Tender Call Notice can be downloaded from Dist. website "http://sambalpur.odisha.gov.in" & www.vimsar.ac.in. The undersigned/committee reserves the full right to accept in full or reject any or all the tenders without assigning any reason thereof.

OIPR-10187/11/0040/2526

Sd./- Superintendent
VSS Inst. of Med. Sc. & Research, Burla

GOVERNMENT OF ODISHA

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER SAMBALPUR IRRIGATION DIVISION, SAMBALPUR**

E-mail id - sidsambalpur@gmail.com

e-Procurement Notice No. SESID-02/2025-26

Bid Identification No. SESID-02 (01-12)/2025-26

No. 3271 Date: 18.07.2025

No. A-406: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal, Road and Flood Works |
| 2. | Nos. of Works | : | 12 Nos. |
| 3. | Bid Identification No. | : | SESID-02 (01-12)/2025-26 |
| 4. | Estimated Cost | : | 6.67 - 42.35 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.29.07.2025 at 11.00 A.M. to Dt.08.08.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.08.08.2025 upto 17.00 P.M. |
| 10. | Date of Bid Opening | : | Dt.11.08.2025 at 11.00 A.M. |
| 11. | Clarification seeking date | : | Dt.29.07.2025 at 11.00 A.M. to Dt.08.08.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

OIPR-32530/11/0010/2526

Sd./- Superintending Engineer
Sambalpur Irrigation Division, Sambalpur

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ

**OFFICE OF THE DIVISIONAL FOREST OFFICER RAIRANGPUR DIVISION**

Tel.No.(06794)- 222036 (O), 222008 (R),
Fax No:- (06794)- 222836, e-mail: dforrp@gmail.com

**Office Order No.75/DFO, RRP-1F/2025-26, Dt.21.07.2025**

**TENDER CANCELLATION NOTICE**

No.MM-136:The Tender Call Notice vide Identification No.73/DFO, RRP-1F/2025-26 Dt.16.07.2025 published by the Divisional Forest Officer, Rairangpur Forest Division for Creation of Water Body at Hatbadra (Sl.No. 1 Nature of Work-2) pertaining to Rairangpur Forest Division is hereby cancelled due to unavoidable circumstances.

Sd./-
Divisional Forest Officer
Rairangpur Division

OIPR-08055/11/0023/2526

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

Identification No.Online Tender-Bridge N.C.B. No.19 for 2025-26
Letter No.2491, Date:18.07.2025

No.O-467:1. Name of the Work: Balance road works under PMGSY-III (2022-23). 2. Total No. of Work : 01 No. 3. Estimated Cost : Rs.278.89 Lakhs (Approximately). 4. Eligible Class of Contractor: 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion: As per Annexure. 6. Other details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-18 of 2025-26 | Dt.24.07.2025 at 11.00 A.M. | Dt.04.08.2025 upto 5.00 P.M. | Dt.02.08.2025 upto 5.00 P.M. | Dt.05.08.2025 at 11.00 A.M. | Will be intimated later |

• Further details can be seen from the website: www.pmgsytenders.gov.in

OIPR-25105/11/0065/2526 Sd./- Chief Construction Engineer, R.W. Circle, Balasore

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**

eerw_kpd@yahoo.com

**INVITATION FOR BIDS**

**'E' PROCUREMENT NOTICE NO. RWD/KPD-01/2025-26, DT.17.07.2025**

No.O-460:1. Name of Work: Building Work in the District of Kendrapara for the year 2025-26. 2. Total No.of Work: 01 Numbers of Building Work. 3. Estimated Cost: Rs.75.58 lac approximately. 4. Period of Completion: As Specified in the Annexure. 5. Class of Contractors: As specified in the Annexure. 6. Cost of Tender Paper: Cost of tender paper is to be remiited ONLINE for Rs.10000.00 per set. 6. Detail projects: As per Annexure attached. Further details can be seen from the Govt. website www.tendersorissa.gov.in.

Other details as follows:-

| Procurement Officer | Place of Opening | Availability of tender On-line for bidding | | Last date & Time of seek-ing Tender Clarification | Date and Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 25.07.2025 At 5.00 P.M. | 07.08.2025 Upto 5.00 P.M. | Upto 5.00 PM on 06.08.2025 | 08.08.2025 At 11.00 A.M. | The date will be intimated to the technically qualified bidders lateron. |

Sd./- Suraj Biswal
Superintending Engineer, Rural Works Division, Kendrapara

OIPR-25064/11/0018/2526

**Government of Odisha**

**OFFICE OF THE ASSISTANT DIRECTOR OF TEXTILES, KORAPUT**

Near Special Circuit House, Koraput
e.mail id-adtkpt@gmail.com, Phone.06852 296218

**QUOTATION FOR HIRING OF VEHICLE**

No. Dt.21.07.2025

No.PP-Sealed quotation/Tenders are invited from interested reputed Travel Agencies/Tour operators or private individuals for providing one no. of Petrol/Diesel driven Vehicle (likeTiago/ Bolt/Celerio/ Swift Dizire etc.) having seating capacity not more than five including driver for official use in office of the Assistant Director of Textiles, Koraput on monthly rent basis.

Details information eligibility criteria, terms & condition and application form are available in the website www.sadhacodisha.org. The bidders may also contact to the Office of the Assistant Director of Textiles, Koraput in the above address.

The quotation completed in all respect may submit in a sealed envelope supplier scribing on the top of the envelope as "tender for hiring of private vehicle" should reach the undersigned by post and by hand on or before Dt.04.08.2025 by 5.00 P.M & shall be opened on dt.06.08.2025 at 11.00A.M. in presence of the bidders or their authorized representatives.

The authority/Committee reserve the right to reject any tender without assigning any reason thereof.

Sd/- Sri Manas Ranjan Panigrahi
Assistant Director of Textiles,
Koraput

OIPR-31017/11/0002/2526

GOVERNMENT OF ODISHA

**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

No. 7919/SSEPD Dated: 18.07.2025

**CORRIGENDUM TO THE EXPRESSION OF INTEREST (EoI)**

No. gg-17: The last date of submission of Expression of Interest (EoI) invited from reputed and interested Corporate Houses for supervision and overall management of Integrated Infrastructure Complexes (IIC) in Khordha, Cuttack, Puri, Bhadrak, Sambalpur, Kandhamal, Ganjam and Sundargarh districts, directly or through any executing agency in this Department Notice No. 6712/SSEPD, Dated 20.06.2025 is hereby extended to 31.07.2025 (4.00 P.M.).

The following corrections shall be applied to the EoI:

**Page No. 3 "Section-IV" (Scope of the Work)**

**5th Line of Para - 1:**
"The Corporate House shall not be responsible for upkeep of sports Complex"

**3rd Line of Para - 5:**
"The Corporate House will not be responsible for purchase of playing and other instruments".

**4th Line of Para - 5:**
"The Corporate House will not be responsible for maintenance of all construction of sports complex".

**1st Line of Para - 3:**
"Operational Costs upto a maximum of Rs.2,10,72,000/- per annum will be provided to the selected Corporate House or its executing agency as per actual expenditure for overall management, maintenance and supervision of each IIC".

All other terms and conditions of the EoI will remain unaltered.

Sd./- Director, SSEPD
SSEPD Department
OIPR-46001/11/0055/2526

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନଲାଇନ୍ କାରବାରରେ ନୂଆ ମାଇଲଷ୍ଟୋନ୍

## ପ୍ରତି ମିନିଟରେ ୧୮,୦୦୦ ଅର୍ଡର



ଭୁବନେଶ୍ୱର,୨୧।୭

ବର୍ତ୍ତମାନ ସବୁବର୍ଗର ଗ୍ରାହକ ଅନ୍‌ଲାଇନ ପ୍ଲାଟଫର୍ମରେ କାରବାର କରିବାକୁ ପସନ୍ଦ କରୁଥିଲାବେଳେ ପ୍ଲାଟଫର୍ମର ଚାହିଦା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଆମାଜନ ପ୍ରାଇମ ଡେ-୨୦୨୫ ସେଲରେ ଏକ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଫଳରେ ଉପଭୋକ୍ତ ପ୍ରତି ମିନିଟ୍‌ରେ ୧୮,୦୦୦ ଅର୍ଡର ଅନଲାଇନ ପ୍ଲାଟଫର୍ମରେ କରି ଏକ ନୂଆ ମାଇଲଷ୍ଟୋନ ତିଆରି କରିଛନ୍ତି। ଏହି ଅର୍ଡର ସହରାଞ୍ଚଳ ଅପେକ୍ଷା ଟାୟାର-୨ ସହରଗୁଡିକରେ ଦେଖିବାକୁ ମିଳିଛି। ସେହିଭଳି ଏହି ସେଲର ଅବଧି ମଧ୍ୟରେ ଆମାଜନ ଫ୍ରେସ ସର୍ବାଧିକ ୯୦% ଅର୍ଡର ଟାୟାର-୨ ସହରରୁ ଗ୍ରହଣ କରିଥିଲାବେଳେ ସେଥିମଧ୍ୟରୁ ୭୦% ଅର୍ଡର ଅତ୍ୟାବଶ୍ୟକ ସାମଗ୍ରୀର ଥିଲା ରହିଥିଲା। ଏହି ଅର୍ଡର ଦେଶର ପ୍ରମୁଖ ସହରର ଟାୟାର ୨ଓ ୩ ବଜାରରେ ହୋଇଥିଲା ବୋଲି ପ୍ଲାଟଫର୍ମ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଏହି ସେଲ ସମସ୍ତ ରେକର୍ଡ ଭଙ୍ଗ କରି ନୂଆ ରେକର୍ଡ ହାସଲ ସହ ଅନଲାଇନ କାରବାରରେ ନୂଆ ମାଇଲଷ୍ଟୋନ ହାସଲ କରିଛି। ୨୦୨୪ରେ ଏହି ସେଲ ୫୦% ପାରକରିଥିଲାବେଳେ ୭୦% ଗ୍ରାହକ ଏହି ସେଲରେ ସାମିଲ ଥିଲେ। ବର୍ତ୍ତମାନ ସମୟରେ ପ୍ଲାଟଫର୍ମର ନେଟୱର୍କ ବୃଦ୍ଧି ସହ ଡେଲିଭରି ଓ ପହଞ୍ଚଯୋଗ୍ୟ ସେବାର ସମ୍ପ୍ରସାରଣ ଯୋଗୁ ଅର୍ଡରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଫଳରେ ବାର୍ଷିକଭିତ୍ତିରେ ଏହି ଅର୍ଡର ବୃଦ୍ଧି ପାଇ ୮୦%ରେ ପହଞ୍ଚିଛି। ଅପରପକ୍ଷରେ ପ୍ଲାଟଫର୍ମର ପ୍ରାଇମ ମେମ୍ବରମାନେ ଅଧିକ ସୁବିଧା ଓ ରିହାତି ପାଇପାରିଥିବାରୁ କାରବାର ପ୍ରାୟ ୨ ଗୁଣା ବୃଦ୍ଧି ଘଟିଛି। ପ୍ଲାଟଫର୍ମର ସମସ୍ତ ସେବାକୁ ସମ୍ପ୍ରସାରଣ କରାଯାଇଛି। ଏ ନେଇ ପ୍ଲାଟଫର୍ମ ପ୍ରାୟ ୨୦୦୦ କୋଟି ଟଙ୍କା ନିକଟରେ ନିବେଶ କରିଥିଲା ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱ



ଭୁବନେଶ୍ୱର,୨୧।୭

ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକମାନଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧ୍ୟରେ ଶେଷ କରିବା ସହ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଗଭୀର କରିବା ଏବଂ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବାର ପ୍ରୟାସକୁ ଆହୁରି ବ୍ୟାପକ କରିବା ଲାଗି ଏସଏଲବିସି ନିଷ୍ପତ୍ତି ନେଇଛି। ଏହି ସମ୍ମିଳନୀରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଅଗ୍ରଗତି ଏବଂ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ଏହି ଅଭିଯାନର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ୨୦୨୫ ଜୁନ୍ ୨୧ ରେ ରାଜ୍ୟସ୍ତରୀୟ ରଣନୀତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ, ଲିଡ୍ ଜିଲ୍ଲା ପରିଚାଳକ (ଏଲଡିଏମ୍), ନାବାର୍ଡ, ଆରବିଆଇର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ଭୁବନେଶ୍ୱର ଜୋନ ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ଭାଗବତ ସିଂହ ଭାଲୁନି, କଟକ ଜୋନର ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ସୁଶ୍ରୀ ବର୍ଷା ଏବଂ ଏସଏଲବିସି ଓଡ଼ିଶାର ପ୍ରଭାରୀ ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ।

# ଏଲ୍‌ଆଇସି ସହ ଡିଓଆର୍‌ଡିର ବୁଝାମଣା




ଏମ୍‌ଓୟୁ ଅବସରରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୧।୭ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ଏବଂ ଡିପାର୍ଟମେଣ୍ଟ ଅଫ ରୁରାଲ ଡେଭଲପମେଣ୍ଟ (ଡିଓଆର୍‌ଡି), ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସାରା ଦେଶରେ ଏଲ୍‌ଆଇସିର ବହୁ ପ୍ରତୀକ୍ଷିତ ଯୋଜନା 'ବୀମା ସଖୀ ସ୍କିମ୍'ର ପ୍ରଚାର-ପ୍ରସାରକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଉଭୟ ଏଲ୍‌ଆଇସି ଏବଂ ଡିଓଆରଡି ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି।

ଉଲ୍ଲେଖଯୋଗ୍ୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗୋଆଠାରେ ଆୟୋଜିତ ୩ ଦିନିଆ ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀ 'ଅନୁଭୂତି' ଅବସରରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଯାଇଛି।

ସେହିଭଳି ଏହି ଯୋଜନାର ପ୍ରଚାର ଓ ପ୍ରସାରକୁ ଉଭୟ ସରକାର ଓ ଏଲ୍‌ଆଇସି ଗୁରୁତ୍ୱ ଦେଉଥିଲାବେଳେ ବୀମା ସଖୀ ସ୍କିମ୍ ବିଶେଷ କରି ମହିଳାମାନଙ୍କ ପାଇଁ ଡିଜାଇନ କରାଯାଇଛି। ଏହାଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ମାସିକ ରୂପେ ୭୦୦୦ ଟଙ୍କାର ଆର୍ଥିକ ସୁବିଧା ମଧ୍ୟ ଏହାର ବିକ୍ରୟ ବାବଦକୁ ବୃତ୍ତି ଆକାରରେ ପାଇବେ। ସେହିପରି ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାକୁ ଏହାକୁ ବିଶେଷ ଭାବେ ଡିଜାଇନ କରାଯାଇଛି।

# ଏଫ୍‌ଡବ୍ଲ୍ୟୁଏ ସେବା କ୍ଷେତ୍ରରେ ଜିଓ ବିଶ୍ୱର ଅଗ୍ରଣୀ

ଭୁବନେଶ୍ୱର,୨୧।୭

ଫିକ୍ସଡ୍ ୱୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା କ୍ଷେତ୍ରରେ ରିଲାଏନ୍ସ ଜିଓ ବିଶ୍ୱର ଏକ ନମ୍ବର ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଭାବେ ଉଭା ହୋଇଛି। ଏପରିକି ୭୪ ଲକ୍ଷରୁ ଅଧିକ ଗ୍ରାହକ ଜିଓର ଏଫଡବ୍ଲ୍ୟୁଏ ସେବା ସହ ଯୋଡି ହୋଇଛନ୍ତି। ଏହା ବିଶ୍ୱରେ ସର୍ବାଧିକ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବର୍ତ୍ତମାନ ରିଲାଏନ୍ସ ଜିଓ ଆମେରିକାର ଟି-ମୋବାଇଲ କମ୍ପାନୀକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ରିଲାଏନ୍ସ ଜିଓ ଏଫଡବ୍ଲ୍ୟୁଏ ଅଧୀନରେ ଜିଓଏୟାରଫାଇବର ସେବା ପ୍ରଦାନ କରୁଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କମ୍ପାନୀର ତ୍ରୈମାସିକ ଫଳାଫଳ ଘୋଷଣା ଅବସରରେ ଏ ନେଇ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସେ କହିଛନ୍ତି, ଜିଓ ଏୟାରଫାଇବର ସହ ଜିଓଫାଇବର ମଧ୍ୟ ବେଶ ଭଲ ପ୍ରଦର୍ଶନ କରୁଛି। ଜିଓ ଦୁଇ କୋଟିରୁ ଅଧିକ ଘର ଓ ପରିସରକୁ ହାଇସ୍ପିଡ ହୋମ ବ୍ରଡବ୍ୟାଣ୍ଡ ସଂଯୋଗ କରିଛି। କମ୍ପାନୀ ୫ଜି କ୍ଷେତ୍ରରେ ମଧ୍ୟ ବେଶ ଦ୍ରୁତ ଗତିରେ ଗ୍ରାହକଙ୍କୁ ଯୋଡିଛି। ବର୍ତ୍ତମାନ ୨୧କୋଟି ୩୦ଲକ୍ଷରୁ ଅଧିକ ଗ୍ରାହକ ଜିଓ ଟ୍ରୁ ୫ଜି ନେଟୱର୍କ ସହ ସଂଯୁକ୍ତ ହୋଇଛନ୍ତି। ଆର୍ଥିକ ପ୍ରଦର୍ଶନରେ ମଧ୍ୟ କମ୍ପାନୀ ଅନେକ ରେକର୍ଡ ସ୍ଥାପନ କରିଛି। ଜିଓର ଗ୍ରାହକ ପିଛା ମାସିକ ହାରାହାରି ରାଜସ୍ୱ ୨୦୮.୭ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ କମ୍ପାନୀର ତ୍ରୈମାସିକ ନେଟ୍ ଲାଭ ଗତବର୍ଷ ତୁଳନାରେ ୨୪.୮ % ବୃଦ୍ଧି ପାଇ ୭,୧୧୦କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କହିଛନ୍ତି, ଆମର ଡିଜିଟାଲ୍ ସେବା ବ୍ୟବସାୟ ନିରନ୍ତର ଦୃଢ଼ ଆର୍ଥିକ ଏବଂ ପରିଚାଳନାଗତ ପ୍ରଦର୍ଶନ ସହିତ ଏହାର ବଜାର ସ୍ଥିତିକୁ ଆହୁରି ମଜଭୁତ କରିଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୧।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୪୪୩ (୪୪୨.୬୧) ପଏଣ୍ଟ ବୃଦ୍ଧି ଘଟି ୮୨,୨୦୦ (୮୨,୨୦୦.୩୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨୨ (୧୨୨.୩୦) ପଏଣ୍ଟ ବଢି ୨୫,୦୯୧ (୨୫,୦୯୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଏଲ୍‌ଆଇର ନୂତନ ଉତ୍ପାଦ

ଭୁବନେଶ୍ୱର,୨୧।୭

ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ (ବିଏଲ୍‌ଆଇ)ର ନୂତନ ଉତ୍ପାଦ ତଥା ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା ପ୍ରିମିୟମ୍ ପୈଠର ୫ରୁ ୭ ଦିନ ମଧ୍ୟରେ ତୁରନ୍ତ ଆୟ ଦେବା ଆରମ୍ଭ ସହ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନ ସୁରକ୍ଷା ମଧ୍ୟ ପ୍ରଦାନ କରିଥାଏ। ଏହି ଆୟରେ ସୁନିଶ୍ଚିତ ଦେୟ ସହିତ ସମ୍ଭାବ୍ୟ ନଗଦ ବୋନସ୍ ଅନ୍ତର୍ଭୁକ୍ତ ରହିଛି। ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସର ଏମଡି ତଥା ସିଇଓ ସତୀଶ୍ୱର ବି କହିଛନ୍ତି, ଆମେ ବାସ୍ତବ ଜୀବନର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ଅଧିକାଂଶ ଭାରତୀୟ ଯାହା ଆୟ କରନ୍ତି, ତାହା ଖର୍ଚ୍ଚରେ ସାରିଦେଇଥାନ୍ତି ଏବଂ ସଞ୍ଚୟ ପାଇଁ ସେମାନଙ୍କ ପାଖରେ କିଛି ବଳକା ରହେ ନାହିଁ, ଏପରିକି ସାମାଜିକ ସୁରକ୍ଷା ପାଇଁ ଅର୍ଥର ଅଭାବ ରହିଥାଏ। ଅପରପକ୍ଷରେ ଅନେକ ବ୍ୟକ୍ତି, ଜରୁରୀ ମାସିକ ଖର୍ଚ୍ଚ ଉଠାଇବା ପାଇଁ ମଧ୍ୟ ଋଣ କରିଥାନ୍ତି। ଚାକିରୀ ହରାଇବା କିମ୍ବା ଜରୁରୀକାଳୀନ ଚିକିତ୍ସା ପରିସ୍ଥିତି ପରିବାରକୁ ଆର୍ଥିକ ସଙ୍କଟରେ ପକାଇପାରେ ଏବଂ ଆଇଇନକମ୍ ୱେଲଥ୍ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି।


# Classified Everyday

0674-2580101, 9692975378



REAL ESTATE

SALE

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241




Newly open health benefits SPA by expert therapist. Contact- 8280961126. D-76928

Full body massage experience, good looking therapist @999 (Bhubaneswar). 9078484455. D-1325

Newly open SPA positively health benefits (expert therapist). Contact- 7327030529. D-76929

Newly open Jyoti SPA positively health benefits (expert therapist). 8458067955. D-76927

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Sanjukta Kumari Acharya, aged about 51 years, W/o- Arvind Tripathy, Resident of Plot No.- 803-P, Jaydev Vihar, near May Fair Lagoon, Bhubaneswar, P.S.- Nayapalli, Dist.- Khurda, PIN- 751013, Odisha declared by this affidavit No.- 28825, dtd- 08.07.2025. That now onwards I shall be known as Sanjukta Tripathy for all future purposes. D-1377

ମୁଁ, ସୋନାଲି, ସ୍ୱାମୀଙ୍କ ନାମ ପ୍ରବୀଣ ଦିଙ୍କର ଚନ୍ନେ, ବାସିନ୍ଦା- ୬୦୮, ବ୍ଲକ୍-୫, କ୍ଲବ୍ ଟାଉନ ଆପାର୍ଟମେଣ୍ଟ, ଡମଣା ଛକ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୧୬, ଏହିପରି ଘୋଷଣା କରୁଛି ଯେ, ଏହା ପରଠାରୁ ମୋ ନାମ ସୋନାଲି ପ୍ରବୀଣ ଚନ୍ନେ ବୋଲି ପରିଚିତ ହେବ। ଏହି ସମ୍ପର୍କରେ ମୁଁ ଏକ ଶପଥପତ୍ର (Affidavit) ସି.ଇ.ନମ୍ବର ୪୨, ଯାହା ୧୧।୦୭।୨୦୨୫ ତାରିଖରେ ଭୁବନେଶ୍ୱରରେ କାର୍ଯ୍ୟରତ ଏକ୍‌ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ନେଇ ସ୍ୱୀକୃତ କରିଛି। ଧ-୧୩୭୦

By virtue of an affidavit No.- 5569, dtd. 31.05.25 sworn before Executive Magistrate, Bhadrak, I, Basanti Nayak, W/o- Bhagaban Charan Nayak, Vill- Sananda, P.O.- Haripur, P.S.- Khaira, Dist.- Balasore, PIN- 756115, Odisha declare that I have changed my name Basant Manjari Nayak to Basanti Nayak. Henceforth, I shall be known as Basanti Nayak for all future purposes. D-1369

By virtue of an affidavit sworn before Executive Magistrate, Bijepur, dated 18/07/2025, I Bhubaneswar Bhue, Address: At/P.O.- Saipali, P.S.- Bijepur, Dist.- Bargarh, PIN- 768032 declare that I have changed my name from Beda Dharua to Bhubaneswar Bhue. Henceforth, I shall be known as Bhubaneswar Bhue for all purposes. D-1374

I, Sofiya Khanam, W/o- Hussain Mohammad Khan, resident of Bada Shankarpur, Puruna Bazar, Bhadrak-756100, Odisha, India, declare by this affidavit No.-1566, dated - 16.07.2025. That now onwards I shall be known as SOFIA KHANAM for all future purposes. D-1373

ମୁଁ, ଶ୍ରୀ ଲୋକନାଥ ପଟ୍ଟନାୟକ, ବୟସ: ୫୭ ବର୍ଷ, ପିତା: ସ୍ୱର୍ଗତ ସୀତାକାନ୍ତ ପଟ୍ଟନାୟକ, ଗ୍ରାମ: ସିଂହାରସାହି ହାଜିପୁର, ତହସିଲ/ଥାନା: ଏରସମା, ଜିଲ୍ଲା: ଜଗତସିଂହପୁର, ଶପଥ କରି କହୁଅଛି କି, ଆମ୍ଭର ପିତା ସ୍ୱର୍ଗତ ସୀତାକାନ୍ତ ପଟ୍ଟନାୟକ, ତା.୦୮।୦୧।୨୦୧୯ରେ ସ୍ୱର୍ଗାରୋହଣ କଲେ। ସେତେବେଳେ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନ କରିବାକୁ ମୋର ଆଧାର କାର୍ଡର ନକଲ ଦେଇଥିଲି। ଏବେ ଜାଣିବାକୁ ପାଇଲି ଯେ, ଜାଲ୍ ଦସ୍ତଖତ କରି ମୋର ଆଧାର କାର୍ଡର ଅପବ୍ୟବହାର କରାଯାଉଛି। ଇତିମଧ୍ୟରେ ଯଦି ପୈତୃକ ସମ୍ପତ୍ତି ବନ୍ଧକ/ଲିଜ/ବିକ୍ରିବଟା, ବ୍ୟାଙ୍କ ଲୋନ ଅବା ଅନ୍ୟ କିଛି କରାଯାଇଥାଏ / ଭବିଷ୍ୟତରେ କରାଯିବ, ସେଥିପାଇଁ ମୁଁ ଆଇନଗତ ଭାବେ ଦାୟୀ ରହିବି ନାହିଁ। ଉପରୋକ୍ତ ବିଷୟ ସମ୍ପୂର୍ଣ୍ଣ ସତ୍ୟ ଅଟେ। ଧ-୧୩୭୧

By virtue of an affidavit sworn before Executive Magistrate, Nabarangpur, on 16th July 2025, I, K Shiva Prasad resident of Gadabaguda, Nabarangpur, P.O./P.S./ Dist.- Nabarangpur, Odisha, PIN-764059, declare that I have changed my name from Korada Shiva Prasad to K Shiva Prasad. Henceforth, I shall be known as K Shiva Prasad for all purposes.
K Shiva Prasad
D-1372

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଏକବିଂଶତମ ଶ୍ରାଦ୍ଧବାର୍ଷିକୀ



୰ ବିଷ୍ଣୁପ୍ରିୟା ମହାନ୍ତି

ଆବିର୍ଭାବ : ୨୫.୦୪.୧୯୩୦
ତିରୋଧାନ : ୧୩.୦୮.୨୦୦୪

ମା' ତୁ ଯିବାର ୨୧ବର୍ଷ ହୋଇଗଲାଣି। ତୋ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ପୁତ୍ର : ମୁନ୍ନା, ବୋହୂ: ରିନି, ଝିଅ: ରୁନି, ରୁଚି, ରେବା ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍

ଧ-୧୨୬୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଜ୍ୟୋତ୍ସ୍ନାମୟୀ ରାଉତ

ପୂର୍ବତନ ସରପଞ୍ଚ, ସନ୍ତପୁର
ଗଁଦିଆ ବ୍ଲକ, ଢେଙ୍କାନାଳ

ଆବିର୍ଭାବ-୦୧।୦୧।୧୯୬୮
ତିରୋଧାନ-୦୨।୦୮।୨୦୨୪

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ସ୍ୱାମୀ-ପ୍ରତାପ, ଦିଅର-ନିର, ସୁଧିର, ଶିଶିର,ଝିଅ-ଚିକି, ରିଙ୍କି, ପୁତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ।

ସୌଜନ୍ୟ-ଶେଷଦେବ ରାଉତ, ସମାଜସେବୀ-ସମ୍ପାଦକ (ନ୍ୟୁ ଇଣ୍ଡିଆ)

ଧ-୧୩୬୫

# ଘରୁ ଦୂରାନ୍ତୁ ଝିଟିପିଟି

ଝିଟିପିଟି ପ୍ରାୟ ଅଧିକାଂଶଙ୍କ ଘରେ ଥିବା ଦେଖିବାକୁ ମିଳିଥାଏ। କେହି କେହି ଏହାକୁ ଦେଖିଲେ ଭୟ ମଧ୍ୟ କରିଥାନ୍ତି। ଯଦି ଆପଣଙ୍କ ଘରେ ବି ଅଧିକ ଝିଟିପିଟି ଅଛନ୍ତି ଏବଂ ତାଙ୍କୁ ନ ମାରି ଘରୁ ବାହାର କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...




★କର୍ପୂରର ଗନ୍ଧ ଝିଟିପିଟିକୁ ପସନ୍ଦ ନୁହେଁ। ତେଣୁ ୪ଟି କର୍ପୂରକୁ ଗୁଣ୍ଡକରି ୧୫୦ମି.ଲି. ପାଣିରେ ମିଶାନ୍ତୁ। ସେଥିରେ ଅଳ୍ପ ଡେଟଲ ମିଶାଇ ସ୍ପ୍ରେ ବଟଲରେ ରଖି ଘରର ସବୁ କାନ୍ଥରେ ସ୍ପ୍ରେ କରନ୍ତୁ, ଝିଟିପିଟି କିମ୍ବା ଅନ୍ୟ ପୋକ ମଧ୍ୟ ଆସିବେ ନାହିଁ।

★ଯଦି କେମିକାଲ ବ୍ୟବହାର ପସନ୍ଦ ନୁହେଁ ତେବେ ପିଆଜ ଏବଂ ରସୁଣ ଆପଣଙ୍କ ପାଇଁ ସବୁଠୁ ସହଜ ପ୍ରାକୃତିକ ଉପାୟ। ଗୋଟିଏ ବଡ଼ ପିଆଜକୁ କାଟି ଦିଅନ୍ତୁ। ସେଥିରେ ଗୋଟିଏ ରସୁଣର ୧୦-୧୨ କୋଳା ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ କପଡ଼ାରେ ଚିପୁଡ଼ି ରସ ବାହାର କରନ୍ତୁ। ସେଥିରେ ସମ ପରିମାଣର ପାଣି ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଘରେ ସ୍ପ୍ରେ କରନ୍ତୁ। ଏହାର ତୀବ୍ର ଗନ୍ଧରେ ଘରୁ ଝିଟିପିଟି ଚାଲିଯିବେ।

★ସେହିପରି ପିପରମିଣ୍ଟ ଅଏଲ ୧୦-୧୫ ଟୋପା ନେଇ ପାଣିରେ ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଝିଟିପିଟି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ଦେଖିବେ ଝିଟିପିଟି ଆଉ ଆସିବେ ନାହିଁ।

★ଘରର ବିଭିନ୍ନ ସ୍ଥାନରେ ଅଣ୍ଡା ଖୋଳ ରଖିଲେ ବି ଝିଟିପିଟି ଘରକୁ ଆସି ନ ଥାନ୍ତି।

★ଝିଟିପିଟି ନ ଆସିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘରକୁ ସଫା ରଖିବା। ତେଣୁ ନିୟମିତ ସମୟ ଅନ୍ତରାଳରେ ଘରର ଛାତ, ଆଲମିରା ଓ କପ୍‌ବୋର୍ଡ ପଛପଟ, ବିଭିନ୍ନ ଫର୍ନିଚରର ପଛପଟ ଆଦିକୁ ସଫା କରନ୍ତୁ।



ଖାଦ୍ୟରୁଚି

## ମଖାନା ରାଇତା



**ଆବଶ୍ୟକ ସାମଗ୍ରୀ:** ୨ କପ୍ ମଖାନା, ୨ କପ୍ ଦହି, ଅଧା ଚାମଚ ଲେଖାଏ ଜିରା ଏବଂ ଧନିଆ ପାଉଡର, ଗୋଟିଏ କଞ୍ଚାଲଙ୍କା(ଛୋଟ ଛୋଟ କଟାହୋଇଥିବା), କଳା ଲୁଣ, ଧନିଆ ପତ୍ର( ଛୋଟ ଛୋଟ କଟାହୋଇଥିବା)।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଖାନା ଭିଜାଇ ଦିଅନ୍ତୁ। ୨ମିନିଟ୍ ପରେ ଏହାକୁ ଭଲ ଭାବେ ଧୋଇ ଛାଣିଦିଅନ୍ତୁ। ଆଉ ଏକ ପାତ୍ରରେ ଦହି ନେଇ ସେଥିରେ ଜିରା ଏବଂ ଧନିଆ ପାଉଡର ପକାନ୍ତୁ। ସେଥିରେ କଟା ଲଙ୍କା ଏବଂ ସ୍ୱାଦ ଅନୁସାରେ କଳା ଲୁଣ ପକାଇ ମିଶାନ୍ତୁ। ବର୍ତ୍ତମାନ ସେଥିରେ ମଖାନା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ ୧୫-୨୦ମିନିଟ୍ ଫ୍ରିଜ୍‌ରେ ରଖନ୍ତୁ। ଏହା ଉପରେ କଟା ଧନିଆପତ୍ର ପକାଇ ଗାର୍ନିସ୍ କରି ଖାଇବାର ମଜା ନିଅନ୍ତୁ।





# ଗୋଲ୍ଡ ଲୋନ୍

ମହିଳାମାନେ ସାଧାରଣତଃ ସୁନାଗହଣା ପ୍ରିୟ। ତେଣୁ ସୁନା ଦର ଦିନକୁ ଦିନ ବଢୁଥିଲେ ସୁଦ୍ଧା ଅନେକେ ଏହାକୁ କିଣିବାକୁ ଆଦୌ ପଛଘୁଞ୍ଚା ଦିଅନ୍ତି ନାହିଁ। ଏହା ପଛର ମୁଖ୍ୟ କାରଣ ହେଉଛି ସୁନା ଏଭଳି ଏକ ମୂଲ୍ୟବାନ୍ ଧାତୁ ଯାହାକି ଇନ୍‌ଭେଷ୍ଟମେଣ୍ଟ ପାଇଁ ମଧ୍ୟ ଏକ ଭଲ ବିକଳ୍ପ ସାଜିପାରେ। ତେବେ ହଠାତ୍ ଟଙ୍କା ଆବଶ୍ୟକ ସମୟରେ ପାଖରେ ସୁନା ଥିଲେ ଏହାକୁ ନିବେଶକରି ସହଜ ଏବଂ ସୁରକ୍ଷିତ ଭାବେ ଲୋନ୍ ଅଣାଯାଇପାରିବ। ବର୍ତ୍ତମାନ ଆମ ଦେଶରେ ମଧ୍ୟ ଗୋଲ୍ଡ ଲୋନ୍ ନେବା ପାଇଁ ଅନେକ ସୁବିଧା ଉପଲବ୍ଧ ହେଲାଣି ; ଯେଉଁଥିପାଇଁ ଅସମୟରେ ଲୋକଙ୍କୁ ଆଉ ସୁନା ବିକ୍ରି କରିବାକୁ ପଡୁନାହିଁ। ବିବାହ, ଚିକିତ୍ସା, ପିଲାଙ୍କ ହାୟର ଷ୍ଟଡି ଏମିତିକି କେହି କେହି ଗାଡ଼ି କିଣିବା ଲାଗି ମଧ୍ୟ ସୁଧ ହାର କମ୍ ଥିବାରୁ ଗୋଲ୍ଡ ଲୋନ୍ ନେଉଛନ୍ତି। ତେବେ ଗୋଲ୍ଡ ଲୋନ୍ କିପରି ମିଳିଥାଏ, ଏଥିରେ କ'ଣ ସୁବିଧା ବା ଅସୁବିଧା ରହିଛି, ସମ୍ପୂର୍ଣ୍ଣ ଋଣ ଶୁଝିବା ପରେ ସୁନା ମିଳିବା କଷ୍ଟକର ନୁହେଁ ତ ଇତ୍ୟାଦି ଭଳି ପ୍ରଶ୍ନ ଅନେକଙ୍କ ମନରେ ଆସୁଥାଇପାରେ। ଜାଣନ୍ତୁ ଏହା ସମ୍ପର୍କରେ...


**ଗୋଲ୍ଡ ଲୋନ୍ ମିଳେ କିପରି:** ଏହି ପ୍ରକ୍ରିୟା ଆଦୌ କଷ୍ଟକର ନୁହେଁ। ଯଦି କୌଣସି ବ୍ୟାଙ୍କ୍ , ଗୋଲ୍ଡ ଲୋନ୍ ଦେଉଥିବା କମ୍ପାନୀ ବା ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ(ଏନ୍‌ବିଏଫ୍‌ସି)ରେ ନିଜର ସୁନାଗହଣା, ବାର୍, କଏନ୍ ଆଦି ବନ୍ଧକ ରଖି ଲୋନ୍ ନେବାକୁ ଚାହୁଁଥାନ୍ତି ତେବେ ସେଠାରେ ସେମାନେ ପ୍ରଥମେ ଏହାର କ୍ୱାଲିଟି ଯାଞ୍ଚ କରିଥାନ୍ତି। ଏହାକୁ ଆଧାରକରି ବର୍ତ୍ତମାନର ମାର୍କେଟ୍ ରେଟ୍ ବା ବଜାର ମୂଲ୍ୟ ଅନୁଯାୟୀ କେତେ ଲୋନ୍ ମିଳିପାରିବ ତାହା ନିର୍ଦ୍ଧାରଣ କରିଥାନ୍ତି। ଏହି ଦାମ୍ ନିବେଶକାରୀଙ୍କୁ ପସନ୍ଦ ଆସିଲେ କେତେକ ଅଫିସିଆଲ୍ କାଗଜପତ୍ର କାମ ବା ଡକ୍ୟୁମେଣ୍ଟେଶନ କରାଯିବା ପରେ ଲୋନ୍ ମିଳିଥାଏ। ଅନ୍ୟ ଲୋନ୍ ପରି ଏଥିପାଇଁ ଦିନ ଦିନ ବ୍ୟାଙ୍କକୁ ଧାଇଁବାର ଟେନ୍‌ସନ ନ ଥାଏ। ମାତ୍ର କେତେଘଣ୍ଟାରେ ଏହା ମିଳିଯାଏ। ଯଦି ଲୋନ୍ ରାଶି ଅଳ୍ପ ଥାଏ ତେବେ କ୍ୟାଶ୍ ଆକାରରେ ମିଳିଯାଉଥିବା ବେଳେ ଅଧିକ ହୋଇଥିଲେ ଅନ୍‌ଲାଇନରେ ଆକାଉଣ୍ଟକୁ ଟ୍ରାନ୍ସଫର କରିଦିଆଯାଇଥାଏ।

### ଜାଣିରଖନ୍ତୁ

➔ଗୋଲ୍ଡ ଲୋନ୍ ନେଉଥିଲେ ଯଦି ମଝିରେ ମଝିରେ କିଛି ମାସ ଆଦୌ ସୁଧ ନ ଦିଅନ୍ତି ତେବେ ବ୍ୟାଙ୍କ କିମ୍ବା ଉକ୍ତ କମ୍ପାନୀ ପକ୍ଷରୁ ନୋଟିସ ଆସିଥାଏ। ତଥାପି ସୁଧ ନ ଦେଲେ ଉକ୍ତ ବ୍ୟାଙ୍କ୍‌ର ଅଧିକାର ଅଛି ଯେ ସେ ଆପଣଙ୍କ ସୁନାଗହଣାକୁ ନିଲାମ କରିଦେଇପାରିବ। କେବଳ ଏତିକି ନୁହେଁ, ଠିକ୍ ସମୟରେ ସୁଧ ନ ଦେଲେ ସିଭିଲ ସ୍କୋର ଡାଉନ୍ ହୋଇଯାଇଥାଏ।

➔ଲୋନ୍ ସେତିକି ନିଅନ୍ତୁ ଯେତିକି ଶୁଝିପାରିବେ। ଅର୍ଥାତ୍ ଇଏମ୍‌ଆଇ ଯେପରି ନିଜ ମାସିକ ରୋଜଗାରର ୪୦%ରୁ କମ୍ ହୁଏ ସେଥିପ୍ରତି ଧ୍ୟାନଦିଅନ୍ତୁ।

**ସୁନା କେବଳ ଏକ ଦାମୀ ଆଭୂଷଣ ଭାବେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧିକରି ନ ଥାଏ ବରଂ ପାଖରେ ସୁନା ଥିଲେ ଅସମୟରେ ଏହାକୁ ବନ୍ଧକ ରଖି ଲୋନ୍ ଆଣିବା, ଆର୍ଥିକ ସଙ୍କଟ ଦୂରକରିବାର ସବୁଠୁ ଭଲ ବିକଳ୍ପ ବି ସାଜିପାରେ ...**






ସବୁଠୁ ଭଲ କଥା ହେଉଛି ଅନ୍ୟ ଲୋନ୍ ତୁଳନାରେ ଏଥିରେ ସୁଧହାର କମ୍ ରହିଥାଏ।

**କେତେ ମିଳେ ଲୋନ୍:** ରିଜର୍ଭ ବ୍ୟାଙ୍କର ଗୋଲ୍ଡଲୋନ୍ ଗାଇଡ୍‌ଲାଇନ ଅନୁଯାୟୀ ଲୋନ୍ ଟୁ ଭାଲ୍ୟୁ(ଏଲ୍‌ଟିଭି) ବା ସୁନାର ଦାମ୍ ଅନୁଯାୟୀ ଲୋନ୍‌ର ଅନୁପାତ ସର୍ବାଧିକ ୭୫% ରହିଥାଏ। ଅର୍ଥାତ୍ ଯଦି ଜଣେ ୧୦୦୦ ଟଙ୍କାର ସୁନା ବନ୍ଧକ ରଖେ ତେବେ ତାଙ୍କୁ ସର୍ବାଧିକ ୭୫୦ ଟଙ୍କା ପର୍ଯ୍ୟନ୍ତ ଲୋନ୍ ମିଳିପାରିବ। ତେବେ ନିକଟରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁନା ପାଇଁ ୮୫% ପର୍ଯ୍ୟନ୍ତ ଲୋନ୍ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଗୋଲ୍ଡ ଲୋନ୍‌ରେ କେତେ ହଜାର ଟଙ୍କାରୁ ଲକ୍ଷ ଲକ୍ଷ ଟଙ୍କା ଲୋନ୍ ନେଇପାରିବେ। ଯେଉଁଥିରେ ଲୋନ୍ ଶୁଝିବାର ସମୟ ସୀମା ୩ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ରହିଥାଏ।

**କିପରି କରିବେ ଗଣନା:** କେତେ ସୁନା ପାଇଁ କେତେ ଟଙ୍କା ଲୋନ୍ ପାଇପାରିବେ ଜାଣିବା ଲାଗି ବ୍ୟାଙ୍କ୍ କିମ୍ବା ଗୋଲ୍ଡ ଲୋନ୍ କମ୍ପାନୀ ସହ ଯୋଗାଯୋଗ କରିପାରିବେ। ଯଦି ଘରେ ରହି ଏହା ଅନୁମାନ ଲଗାଇବାକୁ ଚାହାନ୍ତି ତେବେ ବ୍ୟାଙ୍କ୍ କିମ୍ବା କମ୍ପାନୀର ୱେବ୍‌ସାଇଟ୍‌ରେ ଦିଆଯାଇଥିବା କାଲକୁଲେଟରର ସାହାଯ୍ୟ ନେଇପାରିବେ। ଏଥିରୁ ଆପଣଙ୍କୁ ପ୍ରତି ମାସରେ କେତେ ଟଙ୍କା ପର୍ଯ୍ୟନ୍ତ ଇଏମ୍‌ଆଇ ଦେବାକୁ ପଡ଼ିବ ମଧ୍ୟ ଜାଣିପାରିବେ।

**ସୁଧ ହାର:** ବିନା ସିକ୍ୟୁରିଟି ଥିବା ପର୍ସନାଲ ଲୋନ୍ କିମ୍ବା କ୍ରେଡିଟ୍ କାର୍ଡରେ ନେଉଥିବା ଲୋନ୍‌ରେ ସୁଧ ହାର ୯%ରୁ ଆରମ୍ଭକରି ୪୫% ପର୍ଯ୍ୟନ୍ତ ରହୁଥିବା ବେଳେ ଗୋଲ୍ଡ ଲୋନ୍‌ରେ ଏହି ସୁଧ ହାର ଅପେକ୍ଷାକୃତ କମ୍ ଅର୍ଥାତ୍ ବିଭିନ୍ନ ବ୍ୟାଙ୍କ ତଥା କମ୍ପାନୀ ଅନୁଯାୟୀ ୮.୮%ରୁ ୨୭% ପର୍ଯ୍ୟନ୍ତ ରହିଥାଏ। ଏହାକୁ ଚାହିଁଲେ ପ୍ରତି ମାସରେ ଇନ୍‌ଷ୍ଟାଲ୍‌ମେଣ୍ଟରେ ଶୁଝିପାରିବେ କିମ୍ବା ଏକକାଳୀନ ମଧ୍ୟ ଶୁଝିପାରିବେ।

**ଲୋନ୍ ନେବାର ଯୋଗ୍ୟତା:** ଯେକେହି ଚାହିଁଲେ ଗୋଲ୍ଡ ଲୋନ୍ ନେଇପାରିବେ ନାହିଁ। ଏଥିପାଇଁ ବୟସ ସୀମା ୧୮ରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ହୋଇଥିବା ଦରକାର। ପାଖରେ ପ୍ୟାନ୍ କାର୍ଡ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡି, ପାସ୍‌ପୋର୍ଟ ଭଳି କୌଣସି ଆଇଡି ପ୍ରୁଫ୍ ଦରକାର। ଏହାସହ ଇଲେକ୍ଟ୍ରି ବିଲ୍, ପୋଷ୍ଟପେଡ୍ ଫୋନ୍ ବିଲ୍, ୱାଟର ବିଲ୍ ଭଳି ଆଡ୍ରେସ୍ ପ୍ରୁଫ୍ ଏବଂ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହ ବନ୍ଧା ରଖିବା ଲାଗି ସୁନା ଥିବା ଦରକାର।





ସୌନ୍ଦର୍ଯ୍ୟ

# ବର୍ଷାରେ କେଶ ଝଡୁଥିଲେ...

ବର୍ଷାଦିନେ କେଶ ଝଡ଼ିବା ସମସ୍ୟା ସାଧାରଣତଃ ବଢ଼ିଯାଏ। ବର୍ଷାପାଣି ସଂସ୍ପର୍ଶରେ ଆସି କେଶ ନ ଶୁଖିବା, ଫଙ୍ଗାଲ୍ ଇନ୍‌ଫେକ୍ସନ ହେବା ଆଦି ଏହାର ମୁଖ୍ୟ କାରଣ। ତେଣୁ ଏଦିନେ କିପରି ଯତ୍ନ ନେଲେ କେଶ ଝଡ଼ିବ ନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...

❖ଏହିଦିନେ କେଶକୁ ବର୍ଷାପାଣି ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁ ନାହିଁ। କାରଣ ବର୍ଷାପାଣି ସାଧାରଣତଃ ସାମାନ୍ୟ ଅମ୍ଳଯୁକ୍ତ ହୋଇଥିବା ବେଳେ ଏଥିରେ ଅନେକ ଧୂଳିକଣା ମଧ୍ୟ ମିଶାଥାଏ, ଯାହାକି କେଶକୁ କ୍ଷତି ପହଞ୍ଚାଇଥାଏ। ଯଦି ହଠାତ୍ ବର୍ଷାରେ ଓଦାହୋଇଯାଏ ତେବେ ତୁରନ୍ତ ଶୁଖିଲା ଟାୱେଲ୍‌ରେ ଭଲ ଭାବେ କେଶ ପୋଛିଦିଅନ୍ତୁ। ମାଇଲ୍ଡ, ସଲ୍‌ଫେଟ୍ ଫ୍ରି ଶାମ୍ପୁରେ ଧୋଇପାରିଲେ ଖୁବ୍ ଭଲ। ନଚେତ୍ ପାଣି ଜମି ରହିବା ଯୋଗୁ ଫଙ୍ଗାଲ୍ ଇନ୍‌ଫେକ୍ସନ ହୋଇ କେଶ ଝଡ଼ିପାରେ।



❖ବର୍ଷାଦିନେ ସପ୍ତାହରେ ଅତି କମ୍‌ରେ ୨-୩ ଥର ମାଇଲ୍ଡ ହର୍ବାଲ ଶାମ୍ପୁ ଲଗାଇ କେଶ ଧୁଅନ୍ତୁ। ନିୟମିତ ନଡ଼ିଆତେଲ, ଅଁଳା, ଆଲମଣ୍ଡ ତେଲ କିମ୍ବା ବ୍ରାହ୍ମି ତେଲ ଲଗାଇ ସ୍କାଲ୍ପ ଏବଂ କେଶକୁ ଭଲ ଭାବେ ମସାଜ କରନ୍ତୁ, କେଶ ମଜଭୁତ ହେବ। ତା'ଛଡ଼ା ଏପରି କଲେ କେଶରେ ଫଙ୍ଗାଲ ଇନ୍‌ଫେକ୍ସନ ହେବ ନାହିଁ ଏବଂ କେଶ ଝଡ଼ିବା ସମସ୍ୟା ମଧ୍ୟ ଦେଖାଦେବ ନାହିଁ।

❖ଅନେକେ ବର୍ଷାପାଣି ପଡ଼ିଲେ ହେୟାର ଡ୍ରାୟର, ଷ୍ଟ୍ରେଟ୍‌ନର ଆଦି ସାହାଯ୍ୟରେ କେଶ ଶୁଖାଇଦିଅନ୍ତି। ହେଲେ କେଶକୁ ଅଧିକ କ୍ଷତି ପହଞ୍ଚାଇଥାଏ। ତେଣୁ ଏପରି ଆଦୌ କରନ୍ତୁ ନାହିଁ।

❖ଏଦିନେ ଖାଦ୍ୟପେୟରେ ଅବହେଳା ମଧ୍ୟ କେଶ ଝଡ଼ିବାର ଅନ୍ୟତମ ମୁଖ୍ୟ କାରଣ। ତେଣୁ ଯଥା ସମ୍ଭବ ବାହାର ଖାଦ୍ୟ, ଜଙ୍କ୍‌ଫୁଡ୍, ଷ୍ଟ୍ରିଟ୍‌ଫୁଡ୍ ବଦଳରେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କେଶ ଝଡ଼ିବା ସମସ୍ୟା ବି କମାଇବ।

❖ବର୍ଷାଦିନେ ଅନେକେ ପାଣି ପିଇବା କମ୍ କରିଦିଅନ୍ତି। ହେଲେ ଏପରି ନ କରି ଅତି କମ୍‌ରେ ଦିନକୁ ୩-୪ ଲିଟର ପାଣି ପିଅନ୍ତୁ, ଯାହା କେଶ ଏବଂ ସ୍କାଲ୍ପକୁ ଭିତରୁ ମଶ୍ଚରାଇଜ୍ ରଖିବ ଏବଂ ଝଡ଼ିବାକୁ ଦେବ ନାହିଁ।

❖ବର୍ଷାରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯାଉଥିବାରୁ କେଶ ଝଡିବା ସମସ୍ୟା ବୃଦ୍ଧିପାଇଥାଏ। ଚର୍ମ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଯଦି ଏହିଦିନେ ୧୦୦ରୁ ୧୫୦ଟି କେଶ ଝଡୁଥାଏ ତେବେ ତାହା ସାଧାରଣ କଥା। ହେଲେ ଯଦି ଏହାଠାରୁ ଅଧିକ କେଶ ଝଡୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।



# ବର୍ଷାରେ ଗର୍ଭବତୀଙ୍କ ଯତ୍ନ

ବର୍ଷାଦିନେ ସାଧାରଣତଃ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଗର୍ଭବତୀ ନାରୀମାନଙ୍କୁ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ...

➔ବର୍ଷା ସମୟରେ ଗର୍ଭବତୀ ନାରୀମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଝାଡ଼ା, ବାନ୍ତି, ଜଣ୍ଡିସ୍, ଜ୍ୱର ଆଦି ଅନେକ ଖାଦ୍ୟଜନିତ ସଂକ୍ରମଣ ରୋଗ ହୋଇଥାଏ। ତେଣୁ ନିଜ ସହ ଗର୍ଭସ୍ଥ ଶିଶୁର ଶରୀରକୁ ଶକ୍ତି ଯୋଗାଇ ଦେବା ଭଳି ସୁଷମ ତଥା ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ବେଶି ତେଲ ମସଲାଯୁକ୍ତ, ବାସିଖାଦ୍ୟ, ବଜାରରେ ମିଳୁଥିବା ଖାଦ୍ୟ ଖାଇବା ଅନୁଚିତ।

➔ ବର୍ଷା ଅଧିକ ହେଲେ ଅନେକେ ଜଳବାୟୁ ଆର୍ଦ୍ର ଥିବାରୁ ପାଣି ପିଇବାରେ ଅବହେଳା କରି ବସନ୍ତି। ହେଲେ ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେଶନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ। ତେଣୁ ସେମାନେ ଫଳରସ, ପଇଡ଼, ପାଣି, ଲେମ୍ବୁ ସରବତ, ସୁପ୍ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର।

➔ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ। ଖାଇବା ଆଗରୁ ଡିସ୍-ଇନ୍‌ଫ୍ୟାକ୍ଟାଣ୍ଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ।

➔ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୋଇବା ଦରକାର।

➔ଗର୍ଭବତୀ ମହିଳା ବର୍ଷାଦିନେ ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖିବା ନିହାତି ଆବଶ୍ୟକ।

➔ଏଦିନେ ଶୋଇବା ପୂର୍ବରୁ ପାଦରେ ଉଷୁମତେଲ ମାଲିସକଲେ ଉପକୃତ ହେବେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୨/୨୦୨୫ Bhubaneswar, Tuesday, July 22/ 2025

# ଭାରତୀୟ ଦଳର ଜୋରଦାର ଅଭ୍ୟାସ




ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ପ୍ରାକ୍ଟିସ ସେସନରେ ଯଶସ୍ୱୀ ଜୟସ୍ୱାଲ ଓ ଯଶପ୍ରୀତ ବୁମ୍‌ରା । ଅଂଶୁଲ କାମ୍ବୋଜ ।

ମାଞ୍ଚେଷ୍ଟର,୨୧।୭(ପି.ଟି.)

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ପୂର୍ବରୁ ଆହତ ସମସ୍ୟାରେ ଘେରି ହୋଇ ରହିଥିବା ଭାରତୀୟ ଦଳ ସୋମବାର ଓଲ୍ଡ ଟ୍ରାଫୋର୍ଡରେ ପ୍ରାକ୍ଟିସ୍ ଆରମ୍ଭ କରିଛି। ଆକାଶ ଦୀପ ଓ ଅର୍ଶଦୀପ ସିଂ ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ଆଣ୍ଠୁଜନିତ ସମସ୍ୟା ଲାଗି ନୀତୀଶ କୁମାର ରେଡ୍ଡୀ ବଳକା ଦୁଇ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏଥିଯୋଗୁ କଭର ବୋଲର ଭାବେ ଦଳରେ ସ୍ଥାନ ପାଇଥିବା ଅଂଶୁଲ

## ଅର୍ଶଦୀପ ଚତୁର୍ଥ ଟେଷ୍ଟ ପାଇଁ ଅନୁପଲବ୍ଧ

କାମ୍ବୋଜ ଓ ତୃତୀୟ ଟେଷ୍ଟରୁ ବାଦ୍ ପଡ଼ିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ତୃତୀୟ ପେସର ଭାବେ ଖେଳାଯାଇପାରେ। ଏଣୁ ଏହି ଦୁଇ ଖେଳାଳି ଭାରତୀୟ ଦଳର ପ୍ରଥମ ଆଉଟ୍‌ଡୋର ଟ୍ରେନିଂ ସେସନରେ ଦୀର୍ଘସମୟ ଧରି ନେଟ୍ସରେ ବୋଲିଂ କରିଥିଲେ। ହରିୟାଣା ପେସର ପ୍ରାୟ ଏକ ଘଣ୍ଟା ଧରି ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୂଳ ଠାକୁରଙ୍କ ସହ ବୋଲିଂ କରିଥିଲେ। ବୋଲିଂ ପରେ ଠାକୁରଙ୍କ ସହ କାମ୍ବୋଜ ବ୍ୟାଟିଂ ଅଭ୍ୟାସ ମଧ୍ୟ କରିଥିଲେ। ନୀତୀଶ ଦଳରୁ ବାଦ୍ ପଡ଼ିଥିବାରୁ ଶାର୍ଦ୍ଦୂଳଙ୍କ ଖେଳିବାର ବିଶେଷ ସମ୍ଭାବନା ରହିଛି। ସିରାଜ ତୀବ୍ରତା ସହିତ ଅଧିନାୟକ ଶୁବମନ ଗିଲ୍, ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କୁ ବୋଲିଂ କରିଥିଲେ। ହେଲେ ପ୍ରାକ୍ଟିସ୍ ଏରିଆରେ ଗୋଡ଼ ଖସୁଥିବାରୁ ବୁମ୍‌ରା କମ୍ ବୋଲିଂ କରିଥିଲେ।

## ପନ୍ତ ଯନ୍ତ୍ରଣାମୁକ୍ତ

ଲର୍ଡ୍ସ ଟେଷ୍ଟର ପ୍ରଥମ ଦିନରେ ଉଇକେଟ୍‌କିପର ରିଷଭ ପନ୍ତଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଏଣୁ ସେ ମ୍ୟାଚ୍‌ରେ କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ଏଥିଯୋଗୁ ପନ୍ତ ଉଇକେଟ୍‌କିପର ଭାବେ ଓଲ୍ଡ ଟ୍ରାଫୋର୍ଡଠାରେ ଖେଳିବେ କି ନାହିଁ, ସେନେଇ ଅନିଶ୍ଚିତତା ଦେଖାଦେଇଥିଲା। ହେଲେ ପନ୍ତ ସୋମବାର ବିନା କୌଣସି ଯନ୍ତ୍ରଣାରେ ଡ୍ରିଲ୍ କରିବା ସହ ବ୍ୟାଟିଂ ଓ ଉଇକେଟ୍ କିପିଂ କରିଥିଲେ। ସେ ବିନା ଅସୁବିଧାରେ ସିରାଜ, କାମ୍ବୋଜ ଓ କ୍ରିଷ୍ଣାଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ।

## ଓଲ୍ଡ ଟ୍ରାଫୋର୍ଡରେ ଇଞ୍ଜିନିୟରଙ୍କ ନାମରେ ନାମିତ ହେବ ଷ୍ଟାଣ୍ଡ

ଭାରତର ପୂର୍ବତନ ଉଇକେଟ୍‌କିପର-ବ୍ୟାଟର ଫାରୁଖ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜ୍ ଲିଜେଣ୍ଡ କ୍ଲାଇଭ୍ ଲୟଡଙ୍କ ନାମରେ ଆଇକନିକ୍ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଷ୍ଟାଣ୍ଡ୍ସ ନାମିତ କରାଯିବ। ଉଭୟଙ୍କର ପୂର୍ବତନ କାଉଣ୍ଟି କ୍ଲବ ଲଙ୍କାଶାୟାର ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଷ୍ଟାଣ୍ଡର ନାମକରଣ ଉତ୍ସବ ଆୟୋଜନ ହୋଇପାରେ। ଇଂଲଣ୍ଡ ଏବେ ୫ ମ୍ୟାଚ୍‌ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିଟି) ସିରିଜ୍‌ରେ ୨-୧ରେ ଆଗରେ ରହିଛି।

ଫାରୁଖ୍ ୧୯୬୮ରୁ ୧୯୭୬ ମଧ୍ୟରେ ଲଙ୍କାଶାୟାର ପାଇଁ ୧୭୫ ମ୍ୟାଚ୍ ଖେଳି ୫,୯୪୨ ରନ୍ କରିବା ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଦୁଇଥରର ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଲୟଡ୍ ୧୯୭୦ ଦଶକରେ ଦଳରେ ଯୋଗଦେବା ପରେ କ୍ଲବର ଭାଗ୍ୟ ବଦଳାଇ ଦେଇଥିଲେ। ୮୭ ବର୍ଷୀୟ ଫାରୁଖ୍ ଲଙ୍କାଶାୟାର ପକ୍ଷରୁ ଖେଳିବା ପୂର୍ବରୁ ଏହି କ୍ଲବ କଦାପି କୌଣସି ଟାଇଟଲ ଜିତି ନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ଏହି କ୍ଲବ ୧୯୭୦ରୁ ୧୯୭୫ ମଧ୍ୟରେ ୪ଥର ଜିଲେଟ୍ କପ୍ ଜିତିଛି। ଅବସର ନେବା ପରେ ଇଞ୍ଜିନିୟର ମାଞ୍ଚେଷ୍ଟରରେ ରହୁଛନ୍ତି। ଇଂଲଣ୍ଡରେ ଥିବା ଭାରତର ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର ଓ କ୍ଲବର ଅନ୍ୟ ସିନିୟର ସଦସ୍ୟ ଷ୍ଟାଣ୍ଡ ନାମକରଣ ଉତ୍ସବରେ ଯୋଗଦେବେ।

# ଅନୁଶ ଜିତିଲେ ଡ୍ରେସେଜ ଇଭେଣ୍ଟ



ଘୋଡ଼ା ଫ୍ଲୋରିଆନା ସହ ଅନୁଶ ଅଗ୍ରୱାଲ।

ବର୍ଲିନ,୨୧।୭(ପି.ଟି.)

ଭାରତର ଅନୁଶ ଅଗ୍ରୱାଲ ଲୁବିଲୌମଷ୍ଟରନିୟର ହଫଗେସ୍ମାର ଓପନ୍‌ର ଡ୍ରେସେଜ ଇଭେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଅନୁଶ ୬୯.୮୯୧ ପ୍ରତିଶତ ପଏଣ୍ଟ ସହ ୬ ପ୍ରତିଯୋଗୀବିଶିଷ୍ଟ ଫାଇନାଲରେ ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ ସମସ୍ତ ପ୍ରତିଯୋଗୀ ଜର୍ମାନୀର ଥିଲେ। ପିଆ ପିଓଟ୍ରୋୱସ୍କି ଓ କାଥାରିନା ହେମର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅନୁଶ ଓ ତାଙ୍କ ୭ ବର୍ଷର ଘୋଡ଼ା ଫ୍ଲୋରିଆନାଙ୍କ ଲାଗି ଏସ୍ ଲିଭେଲରେ ପ୍ରଥମ ସଫଳତା ହାସଲ କରିଛନ୍ତି।

# ଭାରତ ଆସିବାକୁ ପାକିସ୍ତାନ ଅରାଜି

**କରାଚୀ, ୨୧।୭(ପି.ଟି.):** ଆସନ୍ତା ମାସରେ ଭାରତରେ ଏସିଆ କପ୍ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁରକ୍ଷାଜନିତ କାରଣରୁ ପାକିସ୍ତାନ ଏଥିରେ ଅଂଶଗ୍ରହଣ କରିବାକୁ ରାଜି ନ ଥିବା ପାକିସ୍ତାନ ହକି ମହାସଂଘ(ପିଏଚ୍‌ଏଫ୍) କହିଛି। ଏ ବିଷୟ ସେମାନେ ଅନ୍ତର୍ଜାତୀୟ ହକି ମହାସଂଘ(ଏଫ୍‌ଆଇଏଚ୍) ଓ ଏସିଆନ ହକି ଫେଡେରେଶନ (ଏଏଚ୍‌ଏଫ୍)କୁ ଅବଗତ କରାଇଥିବା ପିଏଚ୍‌ଏଫ୍ ମୁଖ୍ୟ ତାରିକ୍ ବୁଗଟି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଇଭେଣ୍ଟ ସମ୍ପର୍କରେ ଏଫ୍‌ଆଇଏଚ୍ ଓ ଏଏଚ୍‌ଏଫ୍ ଯାହା ନିଷ୍ପତ୍ତି ନେବେ। ପାକିସ୍ତାନ ଏହାର ମ୍ୟାଚ୍‌ଗୁଡ଼ିକ କେଉଁଠାରେ ଖେଳିବ ତାହା ସେମାନେ ସ୍ଥିର କରିବେ।

# ରାଜ୍ୟସ୍ତରୀୟ ସ୍କୁଲ ଚେସ୍: ଶ୍ରଦ୍ଧା ସ୍ମରଣିକା ଚାମ୍ପିୟନ

ଭୁବନେଶ୍ୱର, ୨୧।୭ (ବିଜୟ ରଣା)

କଟକ ତ୍ରିଶୁଳିଆସ୍ଥିତ ସେରିମୋନିୟମ ମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ ଏସ.ଆର ଦିନିକିଆ ରାପିଡ୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଡିଏଭି ସ୍କୁଲ ଛାତ୍ରୀ ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬.୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ଦିବସ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍.ଆର୍ ଚେସ୍ ସେଣ୍ଟର ଓ କ୍ରୀଡ଼ା ସଂଗଠନ ଡି ୱେଟ୍‌ବିୱର୍ବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୭ଟି ଜିଲାରୁ ୩୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସମେତ ମୋଟ ୧୯୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ ଅର୍ଜନ କରି ରନରଅପ୍ ହୋଇଥିବା ବେଳେ ଓଡ଼ିଏମ୍ ପବ୍ଲିକ ସ୍କୁଲର ସାୟାଂଶ ଦାସ ତୃତୀୟ ଏବଂ ଆୟାଶା ମହାନ୍ତି ୪ର୍ଥ, ଆଦଭିକ୍ ଆଦିତ୍ୟ ସ୍ୱାଇଁ ୫ମ, ସତ୍ୟ ସ୍ୱରୂପ ସାହୁ ୬ଷ୍ଠ ଏବଂ ଲଳିତ ରଞ୍ଜନ ସାହୁ ୭ମ ସ୍ଥାନରେ ରହିଥିଲେ। ଏମାନେ ସମସ୍ତେ ୬ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ। ସେହିପରି ୬ ବର୍ଷରୁ କମ୍, ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍ ବିଭାଗରେ ପ୍ରତିଯୋଗିତା ମାନ ହୋଇଥିଲା। ଏସ୍.ଆର୍ ଚେସ୍‌ର ସଭାପତି ସୁଭାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ ଓ ପୂର୍ବତନ ରାଜ୍ୟ ଚେସ୍ ସଂଘର ଆଡହକ୍ କମିଟି ଅଧ୍ୟକ୍ଷ ଅସିତ ମୁଖାର୍ଜୀ ଚେସ୍ ବୋର୍ଡରେ ପ୍ରଥମ ଚାଲ୍ ଚଳାଇ ପ୍ରତିଯୋଗିତାର ଉଦ୍‌ଘାଟନ କରି ଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଶ୍ରେଷ୍ଠ ୧୫ ଖେଳାଳିଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ବିଭିନ୍ନ ବୟସବର୍ଗର ୬୫ ଜଣଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ସିଦ୍ଧାର୍ଥ ଦାସ, କଟକ ଜିଲା ଚେସ୍ ସଂଘର ମେଣ୍ଟର ହେମନ୍ତ କୁମାର ନାୟକ ଏବଂ ବଲାଙ୍ଗୀର ଚେସ୍ ଜିଲା ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିଙ୍କ ସହ କୃତୀ ଖେଳାଳି।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷଣା

ମାଞ୍ଚେଷ୍ଟର,୨୧।୭(ପି.ଟି.)

ଆସନ୍ତା ବୁଧବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଲାଗି ସୋମବାର ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଥିବା

## ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ

ଶୋଏବ ବଶିରଙ୍କ ବଦଳରେ ବାମହାତୀ ସ୍ପିନର ଲିଆନ ଡସନଙ୍କୁ ଦଳରେ ସାମିଲ କରାଯାଇଛି। ଏହା ଛଡ଼ା ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ବଶିରଙ୍କ ବିଦାୟ ଯୋଗୁ ୩୫ ବର୍ଷୀୟ ଡସନ ୮ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ଫେରିଛନ୍ତି। ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରୀ ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟ କିପର), ଲିଆନ ଡସନ, କ୍ରିସ ୱକ୍ସ, ବ୍ରାଇଡନ କାର୍ସ ଓ ଜୋଫ୍ରା ଆର୍ଚ୍ଚର।

# ଅଷ୍ଟ୍ରେଲିଆକୁ ଜିତାଇଲେ ଓୱେନ୍



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମିଚେଲ ଓୱେନ (ବାମ)।

ଜାମାଇକା,୨୧।୭

ପଦାର୍ପଣକାରୀ ମିଚେଲ ଓୱେନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ଉଇକେଟରେ ଜିତିନେଇଛି। ଏହି ବିଜୟ ସହ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧-୦ର ଅଗ୍ରଣୀ ହାସଲ କରିଛି। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ଓୱେନ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ ହୋଇଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସମାନ ଭେନ୍ୟୁରେ ମଙ୍ଗଳବାର ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୯ ରନ୍ କରିଥିଲା। ଦଳ ପକ୍ଷରୁ ରୋଷ୍ଟନ ଚେଜ୍ ୬୦(୯ ଚୌକା ଓ ୨ ଛକା), ଅଧିନାୟକ ଶାଇ ହୋପ୍ ୫୫(୪ ଚୌକା ଓ ୩ ଛକା) ଓ ସିମରନ ହେଟମେୟର ୩୮(୨ ଚୌକା ଓ ୩ ଛକା) ରନ୍ କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୮.୫ ଓଭରରେ ୭ ଉଇକଟ ହରାଇ ୧୯୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ଲାଗି କାମେରନ ଗ୍ରୀନ୍ ୨୬ ବଲରେ ୫୧(୨ ଚୌକା ଓ ୫ ଛକା) ଓ ଓୱେନ ୨୭ ବଲରେ ୫୦(୬ ଛକା) ରନ୍ କରିଥିଲେ।

# ଅର୍ଜୁନ ୬ଷ୍ଠ, ପ୍ରଜ୍ଞାନନ୍ଦ ୭ମ

**ଲାସଭେଗାସ, ୨୧।୭ (ପି.ଟି.):** ଭାରତର ଷ୍ଟାର ଖେଳାଳି ଅର୍ଜୁନ ଏରିଗେସି ଓ ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ୍‌ରେ ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ) ଗ୍ରାଣ୍ଡମାଷ୍ଟର ଲେଭନ ଆରୋନିଆନ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ ସେ ତାଙ୍କ ଦେଶର ହାନ୍ସ ମୋକ୍ ନିମାନ୍‌ଙ୍କୁ ୧.୫-୦.୫ରେ ହରାଇ ଦେଇଛନ୍ତି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ବିଶ୍ୱର ନମ୍ବର ୱାନ୍ ନରୱେର ମାଗ୍ନସ କାର୍ଲସେନ ୟୁଏସ୍‌ଏର ହିକାରୁ ନାକାମୁରାଙ୍କୁ ହରାଇ ଦେଇଛନ୍ତି। ଏରିଗେସି ୟୁଏସ୍‌ଏର ଫାବିଆନୋ ନାକାମୁରାଙ୍କଠାରୁ ୦-୨ରେ ପରାଜିତ ହୋଇଥିବା ବେଳେ ପ୍ରଜ୍ଞାନନ୍ଦ ଅନ୍ୟ ଜଣେ ଆମେରିକୀୟ ୱେସ୍‌ଲି ସୋଙ୍କୁ ୧.୫-୦.୫ରେ ପରାସ୍ତକରି ୭ମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟର ଟାଇଟଲ ବିଜେତା ହିସାବରେ ଆରୋନିଆନ ୨୦୦,୦୦୦ ଆମେରିକୀୟ ଡଲାର ପାଇଥିବା ବେଳେ ଅର୍ଜୁନ ୪୦,୦୦୦ ଏବଂ ଫାଇନାଲ ରାଉଣ୍ଡ ଜିତିବା ପରେ ପ୍ରଜ୍ଞାନନ୍ଦ ୩୦,୦୦୦ ଡଲାର ପକେଟସ୍ଥ କରିଛନ୍ତି।

# ସାହାଣୀ କପ୍ ଫୁଟ୍‌ବଲ: ଖୋର୍ଦ୍ଧା, କଟକ ବିଜୟୀ

ରାଜକନିକା, ୨୧।୭
(ରବୀନ୍ଦ୍ର କୁମାର ଦାସ)

ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ

## ଅନ୍ୟ ଜୋନ୍ ଫଳାଫଳ

**କେନ୍ଦୁଝର ଜୋନ୍**
ବାଲେଶ୍ୱର-୦, ସୁନ୍ଦରଗଡ଼-୧
ଢେଙ୍କାନାଳ-୦, ସୁବର୍ଣ୍ଣପୁର-୦
**ବ୍ରହ୍ମପୁର ଜୋନ୍**
କୋରାପୁଟ-୪, ରାୟଗଡ଼ା-୦
ମାଲକାନଗିରି-୦, ମୟୂରଭଞ୍ଜ-୫।
ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ୨୩ ତାରିଖରୁ ଆରମ୍ଭ ହେବ। ରାୟଗଡ଼ା ଜୋନ୍‌ରେ ସେଦିନ କଟକ ବନାମ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ବନାମ କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ବନାମ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ମ୍ୟାଚ୍ ଖେଳାଯିବ। ବୌଦ୍ଧ ଜୋନ୍‌ରେ ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ପାଇଁ ଦିନ ଧାର୍ଯ୍ୟ ହେବ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

ସିନିୟର ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରର ୬ଷ୍ଠ ଦିନ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଖୋର୍ଦ୍ଧା ଓ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ଖୋର୍ଦ୍ଧା ୫ -୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏଶନର ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଦସ୍ୟ ବେଣୁଧର ପରିଡା, ରଙ୍ଗାଧର ବେହୁରା ଓ ଶରତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କଟକ ଓ ପାରାଦୀପ ମଧ୍ୟରେ ହୋଇଥିଲା। ଏଥିରେ କଟକ ୬-୦ ଗୋଲରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚରେ ଖୋର୍ଦ୍ଧା ଦଳର ଜଳଧର ନାୟକ ଓ ଦ୍ୱିତୀୟ ମ୍ୟାଚରେ କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ରିଫେରି ଭାବେ ଆଲୋକ ଦେହୁରୀ, ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ।

ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଉପସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡା, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ଭୂୟାଁ ଓ ଅକ୍ଷୟ କୁମାର ନାଥ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପଦେଷ୍ଟା ଆଦିକନ୍ଦ ଦାସ, ବାସୁଦେବ ବେହେରା, କେତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋଲକ ବିହାରୀ ମଲ୍ଲିକ, ପର୍ଶୁରାମ ସାହୁ, ଶରତ ଜେନା, ସୋମ୍ୟକାନ୍ତ ନାୟକ, ବିଶ୍ୱନାଥ ଦାଶ, ବିଶ୍ୱ ରଞ୍ଜନ ପଢ଼ିଆରୀ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡବ୍ଲ୍ୟୁୟୁଜିରୁ ୬ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ବାଦ୍

ନୂଆଦିଲ୍ଲୀ,୨୧।୭(ପି.ଟି.)

ଜର୍ମାନୀର ରାଇନ-ରୁହର୍‌ଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ (ଡବ୍ଲ୍ୟୁୟୁଜି)ର ମିକ୍ସଡ୍ ଟିମ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳକୁ ନେଇ ବିବାଦ ଦେଖାଦେଇଛି। ଏହି ପ୍ରତିଯୋଗିତା ଲାଗି ୧୨ ଖେଳାଳିଙ୍କୁ ଚୟନ କରାଯିବା ସହ ଭାରତର ପ୍ରତିନିଧିତ୍ୱ କରିବାକୁ ପଠାଯାଇଥିଲା। ହେଲେ ପ୍ରଶାସନିକ ତ୍ରୁଟି କାରଣରୁ ୬ ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରେ ଭାଗନେବାରୁ ବାରଣ କରାଯାଇଥିଲା। ଗତ ୧୬ ତାରିଖରେ ଅନୁଷ୍ଠିତ ମ୍ୟାନେଜର୍ସ ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଠିକ୍ ଭାବେ ସମସ୍ତ ଖେଳାଳିଙ୍କ ନାମ ଦାଖଲ କରିବାରେ ବିଫଳ ହୋଇଥିଲେ। ଯାହାଫଳରେ ଖେଳାଳିଙ୍କୁ ଏଭଳି ଦଶା ଭୋଗିବାକୁ ପଡ଼ିଛି।

'ଏହା କେବଳ ଏକ ପରିଚାଳନାଗତ ତ୍ରୁଟି ନୁହେଁ। ଏହା କ୍ୟାରିୟର ନଷ୍ଟ କରିବାକୁ ଉଦ୍ୟମ। ଆମକୁ ଉତ୍ତର ଦରକାର ଏବଂ ଆମ ସ୍ୱରକୁ ଶୁଣାଯିବା ଜରୁରୀ। ଆମେ କୌଣସି ମ୍ୟାଚ୍‌ରେ

## ପ୍ରଶାସନିକ ତ୍ରୁଟି



ପରାଜିତ ହୋଇନାହୁଁ। ଆମେ ଅଂଶଗ୍ରହଣ କରିବାର ଅଧିକାର ହରାଇଛୁ। ଏହା କେବଳ ଏକ ଭୁଲ୍ ନୁହେଁ। ଭାରତୀୟ ୟୁନିଭର୍ସିଟି ମହାସଂଘ(ଏଆଇୟୁ) ଓ ଦଳୀୟ ଅଧିକାରୀ ଆମ କ୍ୟାରିୟର ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଆମକୁ ନ୍ୟାୟ ଦରକାର' ବୋଲି ଆଲିଶା ଖାନ୍ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

ଏଆଇୟୁର ପ୍ରତିନିଧି ଭାବେ ବିଭି ରାଓ ଓ ଅଜିତ୍ ମୋହନ ଉକ୍ତ ବୈଠକରେ ଯୋଗଦେଇଥିଲେ। ଏହି ଘଟଣା ସମ୍ପର୍କରେ ଏଆଇୟୁ ସମ୍ପାଦକ ଡ. ପଙ୍କଜ ମିତ୍ତଲ କହିଛନ୍ତି, ଆମକୁ ଏ ବିଷୟରେ ସୂଚନା ମିଳିଛି ଏବଂ ବର୍ତ୍ତମାନ ଏହା ଉପରେ ତଦନ୍ତ ଚାଲିଛି। ତେବେ ସୂତ୍ରରୁ କୁହାଯାଇଛି ଯେ, କେବଳ ଏକ ଭୁଲ୍ ଯୋଗୁ ଏହି ଘଟଣା ଘଟିନାହିଁ। ଭୁବନେଶ୍ୱରସ୍ଥିତ କିଟ୍‌ରେ ଚୟନ ଶିବିର ଆୟୋଜନଠାରୁ ବ୍ୟବସ୍ଥିତ ଅନିୟମିତତା ହୋଇଛି। ମ୍ୟାନେଜରଙ୍କ ମିଟିଂ ବେଳେ ଅଧିକାରୀଙ୍କୁ ଭାରତର ସମସ୍ତ ୧୨ ଖେଳାଳିଙ୍କ ନାମ ଲେଖିବାକୁ ଏକ ଚିଠି ଦିଆଯାଇଥିଲା। ସେଠାରେ ସେମାନଙ୍କ ଦାୟିତ୍ୱ ଥିଲା ଚିଠିକୁ ଭଲଭାବେ ପଢ଼ିବା, ଆହତ ଓ ଦଳରୁ ବାଦ୍ ପଡ଼ିଥିବା ଖେଳାଳିଙ୍କୁ ଛାଡ଼ି ସ୍ପଷ୍ଟ ଭାବେ ଖେଳାଳିଙ୍କ ନାମ ଲେଖିବା। କିନ୍ତୁ ସେମାନେ ଏହାକୁ ହାଲୁକା ଭାବେ ନେଇଥିଲେ। ଟ୍ରାଏଲ୍ସରେ ସ୍ଥାନ ପାଇ ନ ଥିବା ଖେଳାଳିଙ୍କ ନାମ ତାଲିକାରେ ଥିଲା। ଅଧିକାରୀମାନେ କେବଳ ଏଞ୍ଜୟ କରିବାକୁ ସେଠାକୁ ଯାଇଥିଲେ। ବୈଠକରେ ସେମାନେ ସାଧାରଣ ଭୁଲ୍ କରିଥିଲେ। ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସରେ ଖେଳିବାକୁ ଥିବା ଖେଳାଳିଙ୍କ ନାମ ଘୋଷଣା କରିବା ସେମାନଙ୍କ ଦାୟିତ୍ୱ ଥିଲା। କିନ୍ତୁ ସେମାନେ ଏହାକୁ ଠିକ୍ ରୂପେ କରିପାରି ନ ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ